# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮ (୧୬ ପୃଷ୍ଠା+ ମନ୍ ମିଜାଜ୍ ) Sambalpur, Thursday, September 13/ 2018 ★★

୧୪ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ରୋଷେଇ ପ୍ରିୟ ହ୍ରିତିକ୍

ଯେତେବେଳେ ବି ଅବସର ମିଳେ ନିଜ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରିବାକୁ କିଚେନ୍‌କୁ ମୁହାଁଇଥାନ୍ତି ବଲିଉଡ ଅଭିନେତା ହ୍ରିତିକ୍ ରୋଶନ । ୧୨

୧୫

## ହକିରୁ ସର୍ଦ୍ଦାରଙ୍କ ସନ୍ନ୍ୟାସ

ଆନ୍ତର୍ଜାତିକ ହକିରୁ ପୂର୍ବତନ ଭାରତୀୟ ଅଧିନାୟକ ସର୍ଦ୍ଦାର ସିଂ ବୁଧବାର ଅବସର ଘୋଷଣା କରିଛନ୍ତି।




DADLS-102

# କଳିଙ୍ଗ ଶିକ୍ଷା ସାଥୀ ଯୋଜନା

KALINGA SIKSHYA SATHI YOJANA · GOVERNMENT OF ODISHA

ଉଚ୍ଚ ଶିକ୍ଷା ପାଇଁ ୧% ସୁଧରେ ମିଳୁଥିବା ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପରିଶୋଧ କରିବାର ସମୟ ସୀମା ଏବେ ୧୫ ବର୍ଷକୁ ବୃଦ୍ଧି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର

'ମୁଁ ଚାହୁଁଛି ମୋ ରାଜ୍ୟର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ହେବେ ନାହିଁ କିମ୍ବା କାହାରି ପିତାମାତାଙ୍କ ମୁଣ୍ଡ ଉପରେ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଋଣ ବୋଝ ରହିବ ନାହିଁ।'

ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0219/1819




## ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ପରଲୋକ



ଯାଜପୁରରୋଡ,୧୨।୯(ନି.ପ୍ର.)

ଯାଜପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ କୋରେଇ ବ୍ଲକ ଅନ୍ତର୍ଗତ ☞ପୃଷ୍ଠା–୪

# ବିଜେଡିରୁ ଦାମୋଦର ରାଉତ ବହିଷ୍କୃତ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ପାରାଦୀପ ବିଧାୟକ ଡାକ୍ତର ଦାମୋଦର ରାଉତଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦଳରୁ ବହିଷ୍କୃତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦାମ କିଛିଦିନ ହେବ ଗଣମାଧ୍ୟମରେ ଯେଉଁଭଳି ବିବୃତି ରଖି ଦଳୀୟ ନେତା, ମନ୍ତ୍ରୀ ଏବଂ ସରକାରୀ କଳକୁ ହରଡଘଣାରେ ପକାଉଥିଲେ, ତାହା ତାଙ୍କୁ ଶେଷରେ ମହଙ୍ଗା ପଡିଛି। ଏହି ବରିଷ୍ଠ ନେତା ଜଣକ ନିଜର ବିବାଦୀୟ ମନ୍ତବ୍ୟ ପାଇଁ ସବୁବେଳେ ବିଜେଡିକୁ ଅଡୁଆରେ ପକାଇଆସୁଥିଲେ। ଦୁଇଦିନ ତଳେ ତାଙ୍କ ବିରୋଧରେ ଜଗତସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁଚରଣ ଦାସ ଏବଂ ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଶତାଧିକ କର୍ମୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଦାମଙ୍କ ଆଚରଣ, ଉଚ୍ଚାରଣ ରାଜ୍ୟସ୍ତରରେ ବିଶେଷକରି ଜିଲାରେ ବିଜେଡିକୁ କ୍ଷତିଗ୍ରସ୍ତ କରୁଥିବା ଯୁକ୍ତି ବଢାଯାଇଥିଲା।



ସୋମବାର ଜିଲା ସମୀକ୍ଷା ବୈଠକ ଏବଂ ମଙ୍ଗଳବାର ଦଳୀୟ ନେତା ଲଗାତର ଭାବେ ଦାମଙ୍କ ବିରୋଧରେ ବିଜେଡି ସଭାପତିଙ୍କ ନିକଟରେ ଫେରାଦ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଦିଲ୍ଲୀଗସ୍ତ ପୂର୍ବରୁ ଦାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ପରୋକ୍ଷରେ ସୂଚନା ଦେଇଥିଲେ। ଦାମଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି। ସେଗୁଡିକୁ ଅନୁଧ୍ୟାନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ। ବୁଧବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ନୂଆଦିଲ୍ଲୀରେ

### ମହଙ୍ଗା ପଡ଼ିଲା ଦଳ ବିରୋଧୀ ମନ୍ତବ୍ୟ

ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରୁ ମୁଖ୍ୟମନ୍ତ୍ରୀ ନ ଫେରୁଣୁ ଦାମଙ୍କ ଉପରେ ହୋଇଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ତାଙ୍କୁ ଦଳରୁ ବିଦା କରାଯାଉଥିବା ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ କୁମାର ନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଦଳରୁ ବହିଷ୍କାର ନେଇ ଦାମ ରାଉତଙ୍କୁ ପୂର୍ବରୁ କୌଣସି କାରଣ ଦର୍ଶାଅ ନୋଟିସ ଦିଆଯାଇ ନ ଥିବା ଜଣାପଡିଛି। ବହିଷ୍କୃତ ହେବା ପରେ ଦାମ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଁ ଦଳରେ ଥିଲି ବୋଲି ଭାବୁନାହିଁ। ଏଣୁ ଦୁଃଖ କରିବାର କିଛି ନାହିଁ। ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ହିଁ ଦାମଙ୍କୁ କାଳ ହୋଇଛି। ରାଜ୍ୟ ସରକାର ଚତୁର୍ଥଥର କ୍ଷମତାକୁ ଆସିବା ପରେ ତାଙ୍କୁ ମନ୍ତ୍ରୀ କରାଯାଇଥିଲା। ନିଜ ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ☞ପୃଷ୍ଠା–୪

■ ନୂଆଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍

# ଦେଶର ଷ୍ଟିଲ୍ ହବ୍ ପାଲଟିଛି ଓଡ଼ିଶା

ନୂଆଦିଲ୍ଲୀ,୧୨।୯(ପି.ଟି.)

ଦେଶର ମୋଟ ଇସ୍ପାତ୍ ଉତ୍ପାଦନର ପ୍ରାୟ ୨୫% କେବଳ ଓଡ଼ିଶାରେ ହେଉଛି। ଏଥିଯୋଗୁ ଓଡ଼ିଶା ଭାରତର ଷ୍ଟିଲ୍ ହବ୍‌ରେ ପରିଣତ ହୋଇଛି। ନୂଆଦିଲ୍ଲୀରେ ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି।

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ସମ୍ପର୍କରେ ଅବତାରଣା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଦକ୍ଷିଣ ଏସିଆର ଆଲୁମିନିୟମ୍ ରାଜଧାନୀ। ଦେଶର ୫୪%ରୁ ଊର୍ଦ୍ଧ୍ୱ ଆଲୁମିନିୟମ୍ ଉତ୍ପାଦନ

### ପୁଞ୍ଜିନିବେଶ ପାଇ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ



ଓଡ଼ିଶାରେ ହେଉଛି। ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ ଭାବେ ଓଡ଼ିଶା ଦ୍ରୁତଗତିରେ ଉଭାହେବାକୁ ଯାଉଛି। ବିଗତ ୧୮ ବର୍ଷରେ ରାଜ୍ୟର ବନ୍ଦର କ୍ଷମତା ୨୦.୫ ଏମ୍‌ଏମ୍‌ଟିରୁ ୧୯୦ ଏମ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ କ୍ଷମତା ତିନିଗୁଣାରୁ ଅଧିକ ବୃଦ୍ଧିପାଇ ୧୭,୬୯୦ ମେଗାୱାଟ୍‌ରେ ପହଞ୍ଚିଛି। ଏଥିସହ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଛି। ଏହାବ୍ୟତୀତ ରାଜ୍ୟର ରୋଡ୍ ନେଟ୍‌ୱର୍କରେ ୫୦%ରୁ ଊର୍ଦ୍ଧ୍ୱ ବୃଦ୍ଧିପାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଷ୍ଟାର୍ଟଅପ୍ ଓଡ଼ିଶା ଇନିସିଏଟିଭ୍ ଆରମ୍ଭ ହେବାର ଅଳ୍ପ କିଛିମାସ ମଧ୍ୟରେ ☞ପୃଷ୍ଠା–୪

### ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ମାନସିକ ରୋଗ ଓ ଖାଦ୍ୟ

### ଆଜିର ମନ୍ତବ୍ୟ

"ଲୁଣ୍ଠନକାରୀଙ୍କୁ ବିଦେଶରେ ଥଇଥାନ କରିବାକୁ ଟ୍ରାଭେଲ୍ ଏଜେନ୍ସି ଖୋଲିଛି ଭାଜପା।
–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର


NATIONAL EGG CO-ORDINATION COMMITTEE 12.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


■ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଲା କେନ୍ଦ୍ର

ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର (ବ୍ୟୁରୋ) ୧୨।୯

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଚିଠିର ଜବାବ ରଖିଛନ୍ତି କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି, ମତାମତ ନେଇ ତଥା ଜାଗା ନିରୂପଣ କରି କେନ୍ଦ୍ର ସରକାରଙ୍କ ନିକଟକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାନ୍ତୁ ବୋଲି କେନ୍ଦ୍ର ଆଇନମନ୍ତ୍ରୀ ☞ପୃଷ୍ଠା–୪



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

# ସରକାର–ଶିକ୍ଷକ ଆଲୋଚନା ବିଫଳ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

■ ସୁପ୍ରିମକୋର୍ଟ ଆଳ
■ ଆଉ ୩ ମାସ ମାଗିଲେ ସରକାର
■ ଆନ୍ଦୋଳନ ଚାଲୁ ରଖିବାକୁ ମିଳିତ ମଞ୍ଚର ଚେତାବନୀ
■ ବିଧାନସଭା ପରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଯୋଜନା

ବିରୋଧୀ ଦଳଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ସରକାର ଶିକ୍ଷକ ସଂଗଠନ ନେତାଙ୍କ ସହ ଆଲୋଚନା କଲେ। ହେଲେ କୌଣସି ଦାବି ପୂରଣ କଲେ ନାହିଁ। କେବଳ ପ୍ରତିଶ୍ରୁତିରେ ସୀମିତ ହୋଇଗଲା ଆଲୋଚନା। ଦାବି ପୂରଣ ପାଇଁ ଆଉ ୩ ମାସ ଦିଅ। ପୁଣି ଏକ ବୈଷୟିକ କମିଟି ଗଠନ ହେବ। ଦାବିଗୁଡିକ ଉପରେ ତର୍ଜମା କରି ସରକାର ଆବଶ୍ୟକ ପଦକ୍ଷେପ ନେବେ। ବୁଧବାର ମଧ୍ୟାହ୍ନରେ ବସିଥିବା ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ସଂଗଠନର ନେତାମାନଙ୍କୁ ସରକାର ଏମିତି ଶୁଣାଇ ଦେଲେ। ୨ ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଆଲୋଚନା ହୋଇଥିଲେ ମଧ୍ୟ ☞ପୃଷ୍ଠା–୪

# ମିସ୍ ଟିଟିଲାଗଡ଼ଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୧୨।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଥିବା ସେଣ୍ଟଆନ୍ସ ସ୍କୁଲର ୨ମହଲା ଛାତରୁ ବୁଧବାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଂପୃକ୍ତା ଛାତ୍ରୀ ଗତ ୨ ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତି ଥିଲେ । ସ୍ଥାନୀୟ ଜେସିଆଇ କ୍ଲବ ପକ୍ଷରୁ ମିସ୍ ଟିଟିଲାଗଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସିନିୟର ବିଭାଗରେ ଛାତ୍ରୀ ଜଣକ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏହି ଟାଇଟଲ ହାସଲ କରିବାର ମାତ୍ର ୨ଦିନ

### ବଲାଙ୍ଗୀରରେ ଚର୍ଚ୍ଚା

■ସ୍କୁଲର ୨ମହଲା ଛାତରୁ ଡେଇଁଲେ
■ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
■୨ଦିନ ତଳେ ମିସ୍ ଟିଟିଲାଗଡ଼ ଟାଇଟଲ ଜିତିଥିଲେ
■ଘଟଣା ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ପରେ ସେ ସ୍କୁଲ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କେଉଁ ପରିସ୍ଥିତି ଓ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି । ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ, ଛାତ୍ରୀଙ୍କ ପରିବାର ଲୋକେ କେହି ଟିଟିଲାଗଡ଼ ଥାନାରେ ରିପୋର୍ଟ କରି ନ ଥିବାରୁ ଘଟଣାଟି ରହସ୍ୟଜନକ ହୋଇପଡିଛି । କିଭଳି ଓ କେଉଁ ପରିସ୍ଥିତିରେ ଛାତ୍ରୀ ଜଣକ ସ୍କୁଲ ଛାତରୁ ତଳକୁ ଖସିପଡିଲେ ସେନେଇ ତଦନ୍ତ କରିବାକୁ ଏସ୍‌ପି କେ. ଶିବା. ସୁବ୍ରମଣି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଅଷ୍ଟମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ଜଣକ ସବୁଦିନ ଭଳି ବୁଧବାର ସକାଳେ ସ୍କୁଲକୁ ଆସିଥିଲେ। ଦିନ ପ୍ରାୟ ୧୨ଟା ବେଳେ ତାଙ୍କ ମା' ସ୍କୁଲର ଜଣେ ଶିକ୍ଷକଙ୍କ ମୋବାଇଲକୁ ଫୋନ୍ କରି ତାଙ୍କ ଝିଅକୁ ଦେବାକୁ କହିଥିଲେ। ସମ୍ପୃକ୍ତ ଶିକ୍ଷକ ଉକ୍ତ ଛାତ୍ରୀଙ୍କୁ ମୋବାଇଲ ଫୋନ୍ ଦେଇଥିଲେ। ଛାତ୍ରୀ ଜଣକ ତାଙ୍କ ମାଆ ସହ ୨ରୁ୪ ମିନିଟ୍ କଥା ହେବା ପରେ ହଠାତ୍ ସ୍କୁଲର ୨ ମହଲା ଛାତ ଉପରକୁ ଚଢ଼ି ସେଠାରୁ କୁଆଡେ ତଳକୁ ଡେଇଁ ପଡିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଟିଟିଲାଗଡ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଖୁବଶୀଘ୍ର ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ହେଲେ ତାଙ୍କ ସ୍ୱାଇନାଲ ☞ପୃଷ୍ଠା–୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବିଜ୍ଞାପନ

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ସମ୍ପୃକ୍ତ ବସ୍ ମାଲିକମାନେ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କ Website : - www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା ୨୪.୦୯.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ।
ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ।
ଉପରୋକ୍ତ ଦରଖାସ୍ତ ଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୬୦ | ୨୭.୦୯.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୨୮.୦୯.୨୦୧୮ | |
| ୧୨୧ ରୁ ୧୮୦ | ୦୩.୧୦.୨୦୧୮ | |
| ୧୮୧ ରୁ ୨୪୦ | ୦୪.୧୦.୨୦୧୮ | |
| ୨୪୧ ରୁ ୨୭୦ | ୦୫.୧୦.୨୦୧୮ | |

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ। ଦରଖାସ୍ତ କରିଥିବା ବସ୍‌ର Operational Status ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା।

ସଚିବ
ପରିବହନ କମିଶନର
ଓଡିଶା



"ଆର୍‌ଏସ୍‌ଏସ୍ ଦେଶ ଉପରେ ନିଜ ବିଚାରଧାରାର କାର୍ଯ୍ୟସୂଚୀ ଲଦିଦେଇଛି। ତାକୁ କାର୍ଯ୍ୟକାରୀ କରିବାର ସଂସ୍ଥା ହେଉଛି ଭାଜପା। ସଂଘ ବିରୋଧରେ ଲଢ଼େଇ କରିବା ଏବଂ ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରତିଶ୍ରୁତିବଦ୍ଧ।

- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା

## ସଂକ୍ଷେପରେ

### ଶରିଫ୍, ମରିୟମଙ୍କୁ ପାରୋଲ



**ଲାହୋର,୧୨।୯(ପି.ଟି.):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ କ୍ୟାପଟେନ୍(ଅବସରପ୍ରାପ୍ତ) ମହମ୍ମଦ ସଫଦରଙ୍କୁ ବୁଧବାର ୧୨ ଘଣ୍ଟିଆ ପାରୋଲ ମିଳିଛି। ଶରିଫଙ୍କ ସ୍ତ୍ରୀ କୁଲ୍‌ସୁମଙ୍କ ମଙ୍ଗଳବାର ପରଲୋକ ହୋଇଥିଲା। ତାଙ୍କର ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଶରିଫ୍ ତାଙ୍କ ଝିଅ ଏବଂ ଜ୍ୱାଇଁ ରାୱଲପିଣ୍ଡିର ଆଦଲାଲା ଜେଲରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅପରାହ୍ନ ୩ଟା୧୫ ମିନିଟ୍‌ରେ ଲାହୋରରେ ପହଁଞ୍ଚିଛନ୍ତି। ଶରୀଫ୍ ସାନଭାଇ ଶେହବାଜ୍ ଶରିଫ୍ ପଞ୍ଜାବ ସରକାରଙ୍କ ନିକଟରେ ଏମାନଙ୍କ ପାଇଁ ୫ ଦିନିଆ ପାରୋଲ ଆବେଦନ କରିଥିଲେ। ତେବେ ସେମାନଙ୍କୁ ୧୨ ଘଣ୍ଟାର ପାରୋଲ ଅନୁମତି ମିଳିଛି।

### ତ୍ୟାଗୀଙ୍କୁ ଜାମିନ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାରେ ପୂର୍ବତନ ବାୟୁସେନା ମୁଖ୍ୟ ଏସ୍.ପି.ତ୍ୟାଗୀଙ୍କୁ ଦିଲ୍ଲୀର ଏକ କୋର୍ଟରୁ ବୁଧବାର ଜାମିନ ମିଳିଛି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଏହା



ସହ ତ୍ୟାଗୀ ଏବଂ ତାଙ୍କର ସମ୍ପର୍କୀୟ ଭାଇ ଏହି ମାମଲାରେ ସମ୍ପୃକ୍ତ ଥିବାର ବୁଧବାର ସେ ମଧ କୋର୍ଟରେ ହାଜର ହୋଇଥିଲେ। ୧ ଲକ୍ଷ ଟଙ୍କାର ବେଲ୍ ବଣ୍ଡରେ ତାଙ୍କୁ ଜାମିନ୍ ମିଳିଛି। ଜୁଲାଇ ୨୪ରେ ଏହି ମାମଲାରେ ଅଗଷ୍ଟା ୱେଷ୍ଟଲାଣ୍ଡ ଏବଂ ଫିନମେକାନିକାର ନିର୍ଦ୍ଦେଶକ ଏବଂ ତ୍ୟାଗୀଙ୍କ ସହ ଅନ୍ୟମାନଙ୍କୁ ନୋଟିସ ହୋଇଥିଲା।

### ଅନଶନ ଭାଙ୍ଗିଲେ ହାର୍ଦ୍ଦିକ

**ଅହମ୍ମଦାବାଦ,୧୨।୯(ପି.ଟି.):** ପଟିଦାର ସଂରକ୍ଷଣ ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ୧୯ ଦିନ ପରେ ଅନଶନରୁ ଓହରିଛନ୍ତି। ତେବେ ଗୁଜରାଟ ସରକାରଙ୍କ ସହ ହାର୍ଦ୍ଦିକଙ୍କ କୌଣସି



ପ୍ରକାର ଆଲୋଚନା ହୋଇନାହିଁ। ଅନଶନ ଶେଷ କରିବା ପରେ ହାର୍ଦ୍ଦିକ କହିଛନ୍ତି, ପଟିଦାର ସମାଜ ଓ କୃଷକଙ୍କ ରଣଛାଡ ନେଇ ଆଗାମୀ ଦିନରେ ଲଢେଇ ଜାରି ରହିବ। ଉଲ୍ଲେଖଯୋଗ୍ୟ ଯେ, ହାର୍ଦ୍ଦିକ ଅଗଷ୍ଟ ୨୫ରୁ ତାଙ୍କ ବାସଭବନରେ ଅନଶନରେ ବସିଥିଲେ।

### ଫ୍ୟାକ୍ଟ୍ରିରେ ବିସ୍ଫୋରଣ
### ୬ ଶ୍ରମିକ ମୃତ

**ବିଜ୍‌ନୋର,୧୨।୯(ପି.ଟି.):** ଉତ୍ତରପ୍ରଦେଶର ବିଜ୍‌ନୋର ଅଞ୍ଚଳରେ ବୁଧବାର ଏକ ପେଟ୍ରୋ-କେମିକାଲ ଫ୍ୟାକ୍ଟ୍ରି ବଏଲର୍‌ରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ଶ୍ରମିକ ପ୍ରାଣ ହରାଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏବେ ବି ଜଣେ ଶ୍ରମିକ ନିଖୋଜ ଥିବା ସ୍ଥାନୀୟ ଏସ୍‌ପି ଉମେଶ କୁମାର ସିଂ ସୂଚନା ଦେଇଛନ୍ତି।

### [ଇତିହାସର ଆଇନାରେ]
### ସେପ୍ଟେମ୍ବର ୧୩ର ପ୍ରମୁଖ ଘଟଣା

୧୯୪୮ ସେପ୍ଟେମ୍ବର ୧୩ରେ ତତ୍କାଳୀନ ଭାରତର ଉପପ୍ରଧାନମନ୍ତ୍ରୀ ବଲ୍ଲଭଭାଇ ପଟେଲ ଭାରତୀୟ ସେନାକୁ ହାଇଦ୍ରାବାଦ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରେଶନ୍ ପୋଲୋ ଜରିଆରେ ହାଇଦ୍ରାବାଦର ଶେଷ ନିଜାମଙ୍କୁ କ୍ଷମତାଚ୍ୟୁତ କରି ହାଇଦ୍ରାବାଦକୁ ଭାରତରେ ମିଶାଇ ଦିଆଗଲା।

୨୦୦୮ ସେପ୍ଟେମ୍ବର ୧୩ରେ ଦିଲ୍ଲୀରେ ଏକସମୟରେ ୫ଟି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ କରୋଲବାଗ୍‌ରେ ଥିବା ଗଫରମାର୍କେଟରେ ସନ୍ଧ୍ୟା ୬ଟା ୭ମିନିଟ୍‌ରେ ହୋଇଥିଲା। ଏଥିରେ ୩୦ ଜଣ ନିହତ ଓ ୧୦୦ ଆହତ ହୋଇଥିଲେ।

■ ପିଏଲ୍‌ଏର ଔଦ୍ଧତ୍ୟ: ମାସକ ମଧ୍ୟରେ ୩ ଥର ଅନୁପ୍ରବେଶ

# ମାଡ଼ିଆସିଥିଲା ଚାଇନା

**ନୂଆଦିଲ୍ଲୀ,୧୨।୯**



ମାନୁନାହିଁ ଚାଇନା ସେନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଔଦ୍ଧତ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଡୋକ୍‌ଲାମ୍ ବିବାଦ ପରେ କୌଣସି ନା କୌଣସି ଆଳକରି ପିଏଲ୍‌ଏ ଭାରତୀୟ ସୀମାକୁ ଅତିକ୍ରମଣ କରିବାକୁ ବାରମ୍ବାର ଉଦ୍ୟମ କରୁଛି। କେବଳ ଅଗଷ୍ଟ ମାସରେ ଉତ୍ତରାଖଣ୍ଡରେ ଚାଇନା ସେନା ତିନି ତିନିଥର ସୀମା ଲଂଘିଛି। ଭାରତ-ଚାଇନା ସୀମା ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ମୁତୟନ ଭାରତ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ବୁଧବାର ଏନେଇ ରିପୋର୍ଟ ଜାରି କରାଯିବା ପରେ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ ପିଏଲ୍‌ଏ ଗତମାସ ଉତ୍ତରାଖଣ୍ଡର ଚାମୋଲି ଜିଲା ବରହୋତି ଗ୍ରାମରୁ ୪ କି.ମି. ଭିତରକୁ ମାଡ଼ିଆସିଥିଲା। ଅଗଷ୍ଟ ୬, ୧୪ ଓ ୧୫ ତାରିଖରେ ପୃଥକ୍ ଭାବେ ତିନିଥର ଏଭଳି ଦୁଃସାହସ କରିଥିଲା ଚାଇନା ସେନା। ଏହା ପୂର୍ବରୁ ପିଏଲ୍‌ଏ ସୈନ୍ୟମାନେ ପୂର୍ବ ଲଦାଖ ସୀମା ଲଂଘି ଡେମ୍‌ଚୋକ୍ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ସେମାନେ ୩୦୦ ମିଟର ଭିତରକୁ ମାଡ଼ିଆସି ସେଠାରେ ୪ଟି ତମ୍ବୁ ପକାଇଥିଲେ। ଭାରତ-ଚାଇନା ମଧ୍ୟରେ ଥିବା ୪,୦୫୭ କି.ମି. ବ୍ୟାପି ଏଲ୍‌ଏସିରେ ହିମବାହ, ତୁଷାର ମରୁଅଞ୍ଚଳ, ପର୍ବତ ଓ ନଦୀ ରହିଛି। ଏହାକୁ ଅତିକ୍ରମ କରି ପିଏଲ୍‌ଏ ବାରମ୍ବାର ଭାରତୀୟ ସୀମାକୁ ଆସୁଛି। ଉଭୟ ଦେଶର ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧ୍ୟରେ ଏନେଇ ଏକାଧିକ ଥର ଆଲୋଚନା ହୋଇଥିଲେ ହେଁ ତାହା ଫଳପ୍ରଦ ହେଉନାହିଁ।

## ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ସହାୟକ ହୋଇଥିଲା ଚିତାବାଘ ମଳମୂତ୍ର

**ପୁଣେ,୧୨।୯(ପି.ଟି.)**

ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ କେବଳ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୋଇ ନ



ଥିଲା, ବରଂ ଚିତାବାଘର ମଳ ଓ ମୂତ୍ର ଏହି ଅପରେଶନରେ ଭାରତୀୟ ସେନାକୁ ସହାୟକ ହୋଇଥିଲା। ଏହି ସୀମାପାର ଅଭିଯାନକୁ ଦୁଇବର୍ଷ ପୂରିବାକୁ ଯାଉଥିବାବେଳେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ବୁଧବାର ଏନେଇ ସୂଚନା ଦେଇଛନ୍ତି।

୨୦୧୬ ସେପ୍ଟେମ୍ବର ୨୮ ମଧ୍ୟରାତ୍ରିରେ ଭାରତୀୟ ସେନାର ପାରା କମାଣ୍ଡୋ ବାହିନୀ ପାକ୍-ଅଧିକୃତ କଶ୍ମୀର (ପିଓକେ) ଯାଇ ଆତଙ୍କବାଦୀଙ୍କ ଅନେକ ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ କରିଥିଲେ। ଏହାସହ ଯବାନଙ୍କ ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିବା ସେତେବେଳେ ସେନା ଓ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ନଗ୍ରୋଟା କର୍ପସର ପୂର୍ବତନ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍.ଆର୍. ନିମ୍ଭୋରକର ପୁଣେର ଏକ କାର୍ଯ୍ୟକ୍ରମରେ ଭାଗନେଇ କହିଛନ୍ତି, ସେମାନେ ଯେଉଁ ବାଟ ଦେଇ ଯାଇଥିଲେ ସେଠାରେ କୁକୁର ଭୁକିବା ଆଶଙ୍କା ଥିଲା। କୁକୁରଙ୍କ ଶବ୍ଦ ଶୁଣିଲେ ଆତଙ୍କବାଦୀମାନେ ସଜାଗ ହୋଇଯିବେ ବୋଲି ସେମାନେ ଚିତାବାଘର ମଳ ଓ ମୂତ୍ରକୁ ସାଙ୍ଗରେ ନେଇ ଯାଇଥିଲେ। ଏଥିଯୋଗୁ ଚିତାବାଘ ଆସୁଛି ମନେକରି କୁକୁରମାନେ ଭୟରେ ଦୂରକୁ ଚାଲିଯାଇଥିଲେ। ଫଳରେ ସର୍ଜିକାଲ୍ ଷ୍ଟ୍ରାଇକ୍ ସଫଳ ହୋଇପାରିଥିଲା ବୋଲି ନିମ୍ଭୋରକର ଅପରେଶନ ବେଳର ନିଜ ଅନୁଭୂତି ବାଣ୍ଟିଛନ୍ତି।

## ଥରିଲା କଶ୍ମୀରରୁ ଆସାମ

**କୋଲକାତା,୧୨।୯(ପି.ଟି.)**

ଦେଶର ଉତ୍ତର ଏବଂ ଉତ୍ତର-ପୂର୍ବାଞ୍ଚଳରେ ବୁଧବାର ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଆସାମ, ମେଘାଳୟ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ମୁତାବକ, ପୂର୍ବାହ୍ନ ୧୦ଟା ୨୦ ମିନିଟ୍‌ରେ ୧୫ରୁ ୨୦ ସେକେଣ୍ଡ ପାଇଁ ଝଟକା ଅନୁଭୂତ ହୋଇଥିଲା। ଭୂକମ୍ପର ଉତ୍ପତ୍ତିସ୍ଥଳ ଆସାମର କୋକ୍ରାଝରର ସହରଠାରୁ ୨ କି.ମି. ଦୂର ଏବଂ ଏହାର ଗଭୀରତା ୧୦ କି.ମି. ରହିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ରିପୋର୍ଟ ସାମ୍ନାକୁ ଆସିନାହିଁ। କିନ୍ତୁ ଭୂକମ୍ପ ଝଟକା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାପୂର୍ବରୁ ଭୋର ୫ଟା ୧୫ ମିନିଟ୍‌ରେ ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳରେ ମୃଦୁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାର ଉତ୍ପତ୍ତିସ୍ଥଳ କାର୍ଗିଲ ସହରଠାରୁ ୧୯୯ କି.ମି. ଦୂର ବୋଲି ଜଣାପଡ଼ିଛି।

## ୫ ରାଜ୍ୟରେ ହୋଇପାରେ ଏକସଙ୍ଗେ ନିର୍ବାଚନ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

### ଡିସେମ୍ବର ୧୫ ସୁଦ୍ଧା ଶେଷ ହେବ ପ୍ରସ୍ତୁତି



ମଧ୍ୟପ୍ରଦେଶ, ମିଜୋରାମ, ରାଜସ୍ଥାନ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ଏକସଙ୍ଗେ ବିଧାନସଭା ନିର୍ବାଚନ କରିବା ଲାଗି ନିର୍ବାଚନ କମିଶନ ଯୋଜନା କରୁଥିବା ଜଣାପଡ଼ିଛି। ଏ ନେଇ ସବୁ ପ୍ରକାର ପ୍ରସ୍ତୁତି ଡିସେମ୍ବର ୧୫ ସୁଦ୍ଧା ଶେଷ ହୋଇଯିବ ବୋଲି ନିର୍ବାଚନ କମିଶନ୍‌ର ଜଣେ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବଭଳି ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇପାରେ। କିନ୍ତୁ ବାକି ୪ ରାଜ୍ୟରେ ଗୋଟିଏ ଲେଖାଏ ପର୍ଯ୍ୟାୟରେ ମତଦାନ କରାଯାଇପାରେ।

ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶିତ ହେବ ବୋଲି ଶନିବାର କମିଶନ ସୂଚନା ଦେଇଥିଲେ। ତେଲେଙ୍ଗାନା ବିଧାନସଭା ଭଙ୍ଗ ହେବା ପରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ପୋଲ୍ ପ୍ୟାନେଲ୍ ବାତିଲ କରି ପୁନଃ ଯାଞ୍ଚ ପାଇଁ ଏକ ନୂଆ ସମୟସାରଣୀ ଘୋଷଣା କରିଥିଲେ। ଏହି ନୂଆ ସମୟ ସାରଣୀ ଅନୁସାରେ ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲ ସେପ୍ଟେମ୍ବର ୧୦ରେ ପ୍ରକାଶ ପାଇବ। ଭୋଟର ତାଲିକା ସମ୍ପର୍କିତ ଅଭିଯୋଗ ସେପ୍ଟେମ୍ବର ୧୦ରୁ ସେପ୍ଟେମ୍ବର ୨୫ ମଧ୍ୟରେ ହେବ। ଅକ୍ଟୋବର ୪ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଡାଟାବେସ୍ ଅପ୍‌ଡେଟ୍ ଏବଂ ସପ୍ଲିମେଣ୍ଟ ପ୍ରିଣ୍ଟିଂ ଅକ୍ଟୋବର ୭ ସୁଦ୍ଧା ସରିବ। ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶ ପାଇବ ଏବଂ ଏହା ପରେ ଯେକୌଣସି ସମୟରେ ନିର୍ବାଚନ ହୋଇପାରେ। କାରଣ ନୂଆ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ଘୋଷଣା କରିବା ପାଇଁ ନିର୍ବାଚନ କମିଶନକୁ ଆଇନତଃ କ୍ଷମତା ମିଳିଥାଏ।

୨୦୧୯ ଜୁନ୍‌ରେ ତେଲେଙ୍ଗାନା ବିଧାନସଭା କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଗତ ଗୁରୁବାର ରାଜ୍ୟ କ୍ୟାବିନେଟ୍ ଏହାକୁ ଆଗତୁରା ଭଙ୍ଗ କରିଥିଲା। ଡିସେମ୍ବର ୧୫ରେ ମିଜୋରାମ ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ମିଆଦ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ଜାନୁୟାରୀ ୭ ଏବଂ ଜାନୁୟାରୀ ୨୦ରେ ସମ୍ପୂର୍ଣ୍ଣ ହେବ। ମିଜୋରାମକୁ ମିଶାଇ ଏକାଠି ନିର୍ବାଚନ କରିବାକୁ ହେଲେ ଡିସେମ୍ବର ୧୫ ସୁଦ୍ଧା ସବୁ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଫୁର୍‌ସତ

### ନିଜାମଙ୍କ ଟିଫିନ୍‌ରେ ଖାଉଥିଲେ ଚୋର

**ହାଇଦ୍ରାବାଦ:** ହାଇଦାବାଦ୍ ସ୍ଥିତ ନିଜାମୁଦ୍ଦିନ୍ ମ୍ୟୁଜିୟମରୁ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତଙ୍କଠାରୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମହମ୍ମଦ ଘୋଷି ପାସା ଏବଂ ମହମ୍ମଦ ମୁବିନ୍‌ଙ୍କଠାରୁ ୭ମ ନିଜାମ ନୱାବ ମୀର ଓସମାନ ଅଲ୍ଲୀଖାନ୍ ବାହାଦୁରଙ୍କ ହୀରା ଖଚିତ ୧୯୫୦ ଗ୍ରାମର ତିନି ଥାକିଆ ଟିଫିନ, ଚା କପ୍ ଏବଂ ସୁନାର ଚାମଚ ଜବତ କରାଯାଇଛି। ଦୁଇ ଚୋର ସୁନାର ଟିଫିନରେ ଖାଦ୍ୟ ଖାଉଥିଲେ। ନିଜାମ ଏଥିରେ ଖାଦ୍ୟ ଖାଉଥିଲେ କି



ନାହିଁ କେହି ଦେଖି ନ ଥିବେ, କିନ୍ତୁ ସୁବର୍ଣ୍ଣ ଟିଫିନ୍‌ରେ ଦୁଇଚୋରଙ୍କ ଖାଦ୍ୟ ଗ୍ରହଣ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆତ୍ମହତ୍ୟାରେ ଭାରତ ଆଗୁଆ

**ନୂଆଦିଲ୍ଲୀ:** ବିଶ୍ୱରେ ବାର୍ଷିକ ପାଖାପାଖି ୮ ଲକ୍ଷ ଲୋକ ଆତ୍ମହତ୍ୟା କରନ୍ତି। ୧୫-୨୯ ବର୍ଷ ବୟସ୍କଙ୍କ ମଧ୍ୟରେ ଆତ୍ମହତ୍ୟା ହିଁ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ବୋଲି ମଙ୍ଗଳବାର ମିଳିତ ଜାତିସଂଘ ନିଜର ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା। ଏହାର ଦିନକ ପରେ ଲାନ୍‌ସେଟ୍ ପବ୍ଲିକ୍ ହେଲ୍‌ଥ ଜର୍ନାଲ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ଆତ୍ମହତ୍ୟାର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। 'ଦି ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍ ଷ୍ଟଡିଜ୍ ୧୯୯୦-୨୦୧୬' ଶୀର୍ଷକରେ ପ୍ରକାଶିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱବ୍ୟାପୀ ଘଟୁଥିବା ଆତ୍ମହତ୍ୟାର ୩୭% ପୁରୁଷ କେବଳ ଭାରତୀୟ ଏବଂ ୨୪% ମହିଳା ଚରମ ପଦକ୍ଷେପ ନେଇଥାନ୍ତି। ଏହି ଆତ୍ମହତ୍ୟାକାରୀଙ୍କ



ବୟସ ୧୫-୩୯ ବର୍ଷ। ବିଶ୍ୱରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ଆଗରେ ଭାରତୀୟ। କିନ୍ତୁ ୧୫-୩୯ ବର୍ଷ ବୟସ୍କଙ୍କ ଆତ୍ମହତ୍ୟାରେ ଦେଶ ବିଶ୍ୱସ୍ତରରେ ତୃତୀୟ। ୧୯୯୦ରୁ ୨୦୧୬ ମଧ୍ୟରେ ଦେଶରେ ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟା ୪୦% ବଢ଼ିଛି। କେବଳ ୨୦୧୬ରେ ଭାରତରେ ୨,୩୦,୩୧୪ ଲୋକ ଆତ୍ମହତ୍ୟା କରିଛନ୍ତି, ଯାହା ଦେଶର ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚିନ୍ତାର ବିଷୟ ବୋଲି ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆର ପ୍ରାଧ୍ୟାପକ ରାଖୀ ଡଣ୍ଡୋନା ପ୍ରକାଶ କରିଛନ୍ତି। ସେ କହିଛନ୍ତି, କର୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ଉଭୟ ପୁରୁଷ ଏବଂ ମହିଳାଙ୍କ କ୍ଷେତ୍ରରେ ଆତ୍ମହତ୍ୟା ହାର ସବୁଠାରୁ ଅଧିକ। କେରଳ, ଛତିଶଗଡ଼ରେ ଅଧିକ ପୁରୁଷ ଆମହତ୍ୟା କରିଥାନ୍ତି। ଭାରତରେ ପ୍ରତି ୧ଲକ୍ଷରେ ୧୫% ମହିଳା ଆତ୍ମହତ୍ୟା କରିଥାନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୪.୫ |
| ଚାନ୍ଦବାଲି | ୩୪.୪ | ୨୬.୦ |
| କଟକ | ୩୪.୨ | ୨୩.୦ |
| ପାରାଦ୍ୱୀପ | ୩୩.୯ | ୨୪.୪ |
| ଭୁବନେଶ୍ୱର | ୩୪.୨ | ୨୫.୧ |
| ଗୋପାଳପୁର | ୩୨.୦ | ୨୬.୦ |
| ପୁରୀ | ୩୪.୨ | ୨୬.୮ |
| ଅନୁଗୋଳ | ୩୪.୭ | ୨୬.୦ |
| ବାରିପଦା | ୩୪.୨ | ୨୫.୬ |
| ଝାରସୁଗୁଡ଼ା | ୩୩.୪ | ୨୫.୦ |
| କେନ୍ଦୁଝର | ୩୧.୬ | ୨୨.୮ |
| ସମ୍ବଲପୁର | ୩୩.୯ | ୨୩.୭ |
| ସୁନ୍ଦରଗଡ଼ | ୩୫.୫ | ୨୧.୦ |
| ହୀରାକୁଦ | ୩୪.୬ | ୨୪.୬ |
| ତାଳଚେର | ୩୪.୧ | ୨୫.୦ |
| ଭବାନୀପାଟଣା | --- | ୨୫.୨ |
| ବଲାଙ୍ଗୀର | ୩୪.୫ | ୨୫.୦ |
| କୋରାପୁଟ | ୨୯.୬ | ୨୦.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୫.୦ | ୨୩.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### 'ଲଭ୍‌ରାତ୍ରି' ପାଇଁ ଅଡୁଆରେ ସଲ୍‌ମାନ

**ମୁଜାଫରପୁର:** ଫିଲ୍ମ 'ଲଭ୍‌ରାତ୍ରି' ପାଇଁ ବଢ଼ିଲା ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଅଡୁଆ। ସଲ୍‌ମାନଙ୍କ ବିରୋଧରେ ଏତଲା ଦାଏର କରିବା ଲାଗି ବିହାରର ମୁଜାଫରପୁର କୋର୍ଟ ବୁଧବାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ଟାଇଟଲ୍ ହିନ୍ଦୁ ଧର୍ମୀୟ ଭାବନାକୁ କୁଠାରାଘାତ କରୁଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ଅଭିନେତା ଏବଂ ଏହାର ସମସ୍ତ କଳାକାରଙ୍କ ବିରୋଧରେ ମାମଲା ଦାଏର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ନାମ 'ଲଭରାତ୍ରି' ରଖାଯାଇ ପବିତ୍ର ହିନ୍ଦୁପର୍ବ 'ନବରାତ୍ରି'ର ବ୍ୟଙ୍ଗ କରାଯାଇଥିବା ଅଭିଯୋଗ ଆଣି ଓକିଲ ସୁଧୀର କୁମାର ଓଝା ମୁଜାଫରପୁର ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମାମଲା ଦାଏର କରିଥିଲେ। ଏହାପରେ ଅଦାଲତ ମିଥନ୍‌ପୁରା ପୋଲିସକୁ ମାମଲା ଦାଏର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୫ରେ ରିଲିଜ୍ ହେବାକୁ ଥିବା 'ଲଭ୍‌ରାତ୍ରି'ର ପ୍ରଯୋଜକ ହେଉଛନ୍ତି ସଲ୍‌ମାନ ଏବଂ ଏହା ଜରିଆରେ ସେ ନିଜ ଭିଣୋଇ ଆୟୁଷ ଶର୍ମାଙ୍କୁ ବଲିଉଡ୍‌ରେ ଲଞ୍ଚ କରିବାକୁ ଯାଉଛନ୍ତି। ଏହି ଫିଲ୍ମ ଜରିଆରେ ଅଭିନେତ୍ରୀ ୱରିନା ମଧ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



“ ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ
ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ






# ୨୨ରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ

**ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଆସନ୍ତା ୨୨ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ ହେବ। ଏହି ବିମାନବନ୍ଦରକୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ତଥା ସେହି ମାଟିର ପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ଏ ନେଇ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଅନୁରୋଧ କରି ଚିଠି ଲେଖିଛନ୍ତି। ଏଭଳି ନାମକରଣ ହୋଇପାରିଲେ ମାଟିର ବରପୁତ୍ରଙ୍କ ପ୍ରତି ଯଥୋଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଝାରସୁଗୁଡ଼ା ବିମାନବନ୍ଦର ଉନ୍ନତୀକରଣ ଶେଷ ହେବା ସହିତ ୨୨ତାରିଖରେ ଏହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବ ଏବଂ ଜାତି ପାଇଁ ଉତ୍ସର୍ଗୀକୃତ ହେବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଚିଠିରେ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଲେଖିଛନ୍ତି ଯେ, ଓଡ଼ିଶାର ଶିଳ୍ପାଞ୍ଚଳ ଓ ମାଇନିଂ ବେଲ୍ଟରେ ଝାରସୁଗଡ଼ା ଅବସ୍ଥିତ। ପଶ୍ଚିମ ଓଡ଼ିଶାରେ ଏହି ସହରର ଉନ୍ନତୀକରଣକୁ ନଜରରେ ରଖି ଝାରସୁଗୁଡ଼ା ବିମାନବନ୍ଦରକୁ କମର୍ସିଆଲ ବିମାନ ସେବା ପ୍ରଦାନ କରାଯାଉ। ଏହାକୁ ଆରମ୍ଭ କରିବା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଝାରସୁଗୁଡ଼ା ଦେଇ ଚଳାଚଳ କରାଯାଇପାରନ୍ତା ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।




■ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ବିଭାଗର ରୋଡ୍ ଶୋ'

# ପିପିପି ମୋଡ୍‌ରେ ସ୍ୱାସ୍ଥ୍ୟସେବାର ବିକାଶ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

**ନିବେଶକଙ୍କୁ ଆକୃଷ୍ଟ କରିବାକୁ ଯୋଜନା**

ସରକାରୀ ଘରୋଇ ସହଭାଗିତା(ପିପିପି) ମୋଡ୍‌ରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ କରାଯିବ। ଘରୋଇ ନିବେଶକମାନଙ୍କୁ ହସ୍ପିଟାଲ ସ୍ଥାପନ ଲାଗି ପୁଞ୍ଜିନିବେଶ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସରକାର ୨୦୧୬ରେ ଆଣିଥିବା ରାଜ୍ୟ ସ୍ୱାସ୍ଥ୍ୟସେବା ପୁଞ୍ଜିନିବେଶ ପ୍ରୋତ୍ସାହନ ନୀତିରେ ପ୍ରତିଯୋଗିତାମୂଳକ ମୂଲ୍ୟରେ ଜମି ଯୋଗାଇ ଦେଉଛନ୍ତି। ଘରୋଇ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ରାଜ୍ୟ ସରକାର ହୃଦବୋଧ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦିଲ୍ଲୀରେ ଚାଲିଥିବା ପୁଞ୍ଜିନିବେଶ ରୋଡ୍ ଶୋ'ରେ ଯୋଗଦେଇ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୧୮ରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ନୂଆଦିଲ୍ଲୀଠାରେ ଏକ ପୁଞ୍ଜିନିବେଶ ରୋଡ୍ ଶୋ'ର ଆୟୋଜନ କରିଛନ୍ତି। ନୂଆଦିଲ୍ଲୀରେ ମେକ୍ ଇନ୍ ଓଡ଼ିଶାର ଶିଳ୍ପ ପାର୍ଟନର ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ସହଯୋଗିତାରେ ଏହି ରୋଡ୍ ଶୋ' ବୁଧବାର ଅପରାହ୍ନରେ ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା ଯୋଗଦେଇ ଆହୁରି କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଅଧୀନରେ ନିମ୍ନ ଆୟବର୍ଗର ଲୋକମାନେ ଅଧିକ ଦୂରକୁ ନ ଯାଇ ଆଗକୁ ସେମାନଙ୍କ ନିକଟ ଅଞ୍ଚଳରେ ସ୍ଥାପନ ହେବାକୁ ଥିବା ହସ୍ପିଟାଲ୍‌ରେ ବିନାମୂଲ୍ୟରେ ଚିକିତ୍ସା ସୁବିଧା ପାଇବେ। ଏହି ଅବସରରେ ନିବେଶକମାନଙ୍କୁ ପିପିପି ମୋଡ୍‌ରେ ଝାରସୁଗୁଡ଼ାରେ ପ୍ରସ୍ତାବିତ କ୍ୟାନ୍‌ସର ହସ୍ପିଟାଲ୍‌ର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଥିବା ନିବେଶ ସୁଯୋଗକୁ ପ୍ରଦର୍ଶନ କରାଯାଇଥିଲା। ଏହି ରୋଡ୍ ଶୋ' ଅବସରରେ ନିବେଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଫର୍ଟିସ୍, ନାରାୟଣ ହୃଦୟାଳୟ, ମେଡିକା ସିନର୍ଜିଜ୍, ଜିଇ, ଫିଲିପ୍‌ସ, ଏସ୍‌ଆର୍‌ଏଲ୍ ଡାଏଗ୍ନୋଷ୍ଟିକ୍ସ, ଡ. ଲାଲ୍‌ସ ପାଥୋଲାବ୍‌ସ ଲିମିଟେଡ୍ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଏବଂ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ।





ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର






## ସଂକ୍ଷେପରେ

### ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖ ପରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସ୍ୱରୂପ କିଭଳି ହେବ ସେନେଇ ଆସନ୍ତା ସପ୍ତାହରେ ଜଣାପଡିବ। ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡରେ ୧୭.୬ ମିଲିମିଟର ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁର ୧୪.୪ ଏବଂ ବାଲେଶ୍ୱରରେ ୧୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୧୮ଟି ଜିଲାରେ ୧୦ ମିଲିମିଟରରୁ କମ ବର୍ଷା ହୋଇଛି। କଳାହାଣ୍ଡି, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଏବଂ ସୁବର୍ଣ୍ଣପୁର ଜିଲାରେ ଆଦୌ ବର୍ଷା ହୋଇନାହିଁ।

### ସରକାରଙ୍କ ସହ ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା

ଧାରଣା ଅବ୍ୟାହତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଗଣଧାରଣା ବୁଧବାର ଅଷ୍ଟମ ଦିନରେ ପହଞ୍ଚିଛି। ୬ ଦଫା ଦାବି ନେଇ ଧାରଣାସ୍ଥଳରେ ମହାସଂଘର ଆବାହକ ବଙ୍କିମ ଚନ୍ଦ୍ର ସାଗରଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଚାଲିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସରକାରଙ୍କ ସହ ଆଲୋଚନା ପାଇଁ ଡାକରା ଆସିଥିଲା। ମହାସଂଘର ୮ ଜଣିଆ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ପ୍ରାଥମିକ ଶିକ୍ଷା ସୌଧ ସମ୍ମିଳନୀ କକ୍ଷରେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଅନ୍ୟ ୨୦ଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ୬ଟି ଦାବି ଉପରେ ଆଲୋଚନା କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ଦାବି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ଏବଂ ବିଭିନ୍ନ ଦିଗ ଉପରେ କୌଣସି ସ୍ପଷ୍ଟ ମତ ଦିଆଯାଇ ନ ଥିଲା। ଫଳରେ ଏହାକୁ ନେଇ ମହାସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମୁଖ୍ୟ ଆବାହକ ସାଗର ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ପ୍ରତିନିଧି ମଣ୍ଡଳୀର ବଙ୍କିମ ଚନ୍ଦ୍ର ସାଗର, ମଳୟ କୁମାର ଜେନା, ସୁଶାନ୍ତ ବେହେରା, ଜାମିନୀକାନ୍ତ ପଣ୍ଡା, ଜ୍ଞାନରଞ୍ଜନ ମହାନ୍ତି, ଜ୍ୟୋତି ଦାସ, ମାଳବିକା ଦାସ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିମେଳା ଜଳଭଣ୍ଡାର ଡଙ୍ଗାବୁଡ଼ି ଘଟଣା

### ନିଖୋଜ ୪ ଜଣଙ୍କ ମୃତଦେହ ଉଦ୍ଧାର

୪ଲକ୍ଷ ଟଙ୍କା ସହାୟତା ଘୋଷଣା

ମାଲକାନଗିରି,୧୨।୯(ଡି.ଏନ.ଏ.): ଗତ ସୋମବାର ରାତିରେ ଡଙ୍ଗା ବୁଡି ବାଲିମେଳା ଜଳଭଣ୍ଡାରରେ ନିଖୋଜ ହୋଇଥିବା ୪ ଜଣଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି । ଅଗ୍ନିଶମବାହିନୀ, ଗ୍ରାମବାସୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ମଙ୍ଗଳବାରଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ସକାଳୁ ଏହି ୪ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି । ଏନେଇ ମୃତ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଜିଲା ପ୍ରଶାସନ ସହାୟତା ଘୋଷଣା କରିଛି। ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାକୁ ଜିଲାପାଳ ମନୀଷ ଅଗ୍ରୱାଲ ଘୋଷଣା କରିଛନ୍ତି। ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ୭ଜଣ ବ୍ୟକ୍ତି ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ମଧ୍ୟରେ ଥିବା ଏକ ପାହାଡରେ ସେମାନେ ଚାଷ କରିଥିବା ଜମିରୁ ଘାସ ବାଛିବା ପାଇଁ ଯାଇ ରାତିରେ ଫେରୁଥିଲେ । ହେଲେ ଡଙ୍ଗା

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ବଲାଙ୍ଗୀର ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ।




ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସମ୍ବଲପୁର ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲ ଛାତ୍ରୀମାନେ ସାମିଲ ହୋଇଛନ୍ତି ।




ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଉଛନ୍ତି ବଲାଙ୍ଗୀର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର। (ଫଟୋ: ସୁନୀଲ)

# ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଗୃହୀତ

■ ବିଭିନ୍ନ ଅନିୟମିତତା ନେଇ ବିରୋଧୀ ସଦସ୍ୟଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗକୁ ନେଇ ଆସିଥିବା ଆପତ୍ତି ଅଭିଯୋଗର ତଦନ୍ତ କରାଯିବ। ତଦନ୍ତ ପରେ ଖିଲାପ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଅଧିକାରୀମାନେ ଏଥିରେ ଅବହେଳା କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ବିଧାନସଭାରେ ବୁଧବାର ହୋଇଥିବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତରରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହି କଥା କହିଛନ୍ତି। ମୋଟ ୩୧୨୬,୭୪,୨୭,୦୦୦ ଟଙ୍କାର ଅତିରିକ୍ତ ବଜେଟ୍‌କୁ ଗୃହର ଅନୁମୋଦନ ମିଳିଛି। ପ୍ରଦୀପ କହିଛନ୍ତି ଯେ, ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ୧୯,୧୬,୬୪୮ ଗ୍ରାମୀଣ ପରିବାରଙ୍କ ପକ୍କାଗୃହ ନିର୍ମାଣ କରାଯାଇଛି। ୨୦୧୮-୧୯ ଆର୍ଥିକବର୍ଷରେ ଏଯାବତ୍ ୨,୫୧,୧୭୨ଟିଗୃହ ସମ୍ପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୩୫୯୨.୩୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୨୪୪୩.୦୫କୋଟି ଖର୍ଚ୍ଚ ହୋଇଛି। ଏଥିସହିତ ଅତିରିକ୍ତ ବ୍ୟୟ ଅଟକଳରେ ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଜାତୀୟ ଜୀବିକା ମିଶନ୍ ଯୋଜନା ବାବଦରେ ୩୩୦.୪୯ କୋଟି ଟଙ୍କା ରହିଛି। ତନ୍ମଧ୍ୟରୁ ୪୩ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ୨୧୦.୮୨ କୋଟି ଟଙ୍କାର ଅତିରିକ୍ତ ବଜେଟ ଅଟକଳର ବ୍ୟବସ୍ଥା କରାଯାଇଛି। ବସୁଧା ଯୋଜନାରେ ପୂର୍ବ ଅଟକଳରେ ଥିବା ଟଙ୍କାର ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଅତିରିକ୍ତ ବଜେଟରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ବସୁଧା ଯୋଜନା ବାବଦକୁ ଅତିରିକ୍ତ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମହାରଥୀ ଗୃହରେ ଉତ୍ତର ରଖିଛନ୍ତି।

ରାଜ୍ୟର ୨୦ ବ୍ଲକ ଓ ୨ ଜିଲା ଖୋଲା ମଳମୁକ୍ତ ଅଞ୍ଚଳ(ଓଡିଏଫ୍) ହୋଇସାରିଛି। ପୂର୍ବରୁ ଅଟକଳ କରାଯାଇଥିବା ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଥିସହ ଅତିରିକ୍ତ ୧୦୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ କରାଯାଇଛି। ସେଥିପାଇଁ କଣ୍ଟିଜେଣ୍ଟ ଫଣ୍ଡରୁ ୭୫୬.୯୦ କୋଟି ଟଙ୍କା ଭରଣା କରାଯିବ ବୋଲି ଜଣାପଡିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟୟବରାଦ ହୋଇଥିବା ୯୯୯.୪୧ କୋଟିରୁ ୮୧୦.୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୩,୩୬,୦୪୦ ଗୋଟି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ୯୫୦ ଲକ୍ଷ ମାନବ ଦିବସ ସୃଷ୍ଟି କରାଯିବା ସହ ୧୨୮୧.୮୪ କୋଟି ଟଙ୍କା ବ୍ୟୟବରାଦ କରାଯିବା ନିମନ୍ତେ ମନ୍ତ୍ରୀ ମହାରଥୀ ପ୍ରସ୍ତାବ ରଖିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା କହିଥିଲେ ଯେ, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦଳୀୟ କର୍ମୀଙ୍କୁ ଗୁରୁତ୍ୱ ଦିଆଯାଉଛି। ପଲ୍ଲିସଭାର ଗୁରୁତ୍ୱ ରହୁନାହିଁ, ବିରୋଧୀ ଦଳର ପଞ୍ଚାୟତ ପ୍ରତିନିଧିଙ୍କୁ ଡକାଯାଉନାହିଁ। ବିଭିନ୍ନ ଅଭିଯୋଗ ନେଇ ସଚିବଙ୍କୁ ଅବଗତ କରାଯାଇଛି, ସଚିବ ରିପୋର୍ଟ ମାଗୁଥିଲେ ତାହା ତାଙ୍କ ପାଖରେ ପହଞ୍ଚୁ ନ ଥିବା ଦେବେନ୍ଦ୍ର କହିଥିଲେ। ଶାସକ ସଭ୍ୟ ପଦ୍ମନାଭ ବେହେରା କହିଥିଲେ ଯେ, ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ ମଜଭୁତ ହୋଇଛି। ଗାଁ ଲୋକେ ସିଧାସଳଖ ପ୍ରଶାସନ ସହ ଯୋଡି ହୋଇପାରୁଛନ୍ତି।

ନିମାପଡା ବିଧାୟକ ସମୀର ରଞ୍ଜନ ଦାସ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବିଭାଗକୁ ବିଗତ ଦିନରେ ସମୃଦ୍ଧ କରାଯାଇଛି। ଭାଜପା ବିଧାୟକ ରବି ନାଏକ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ପଲ୍ଲିସଭା ଦ୍ୱାରା ନିୟମଗିରି ବେଦାନ୍ତକୁ ଦିଆଯିବ କି ନାହିଁ ବିଚାର ହୋଇଥିଲା। ବର୍ତ୍ତମାନ ପଲ୍ଲିସଭାର କୌଣସି ଗୁରୁତ୍ୱ ନାହିଁ। ସରକାର ଗ୍ରାମସଭାକୁ ଡରୁଛନ୍ତି। ପଞ୍ଚାୟତିରାଜକୁ ନେଇ ବିଜୁବାବୁ ଦେଖିଥିବା ସ୍ୱପ୍ନ ରାଜ୍ୟ ସରକାର ସାକାର କରି ନ ଥିବା ରବି କହିଛନ୍ତି। କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ରାଜନଗର ବ୍ଲକରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ଘୋଷିତ ବିଧାୟକଙ୍କ କୋଟାରେ ଥିବା ୨୦୦ ପକ୍କାଘର ବିରୋଧୀ ବିଧାୟକଙ୍କୁ ଦିଆଯାଉନାହିଁ। ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିଆଇ)ରେ ବିରୋଧୀ ବିଧାୟକଙ୍କ ପ୍ରସ୍ତାବ ରହୁ ନ ଥିବାରୁ କମିଟିରୁ ବାଦ୍ ଦିଆଯାଉ ବୋଲି ଅଂଶୁମାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ମହାକୁଡ ଓ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ତାରାପ୍ରସାଦ ବାହିନୀପତି, କେ.ଭି. ସିଂଦେଓ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଥିବା ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ମନ୍ତ୍ରୀ ମହାରଥୀ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

# ପୁଣି ପ୍ରଶ୍ନକାଳ ବାତିଲ

ଭୁବନେଶ୍ୱର,୧୨।୯(ବ୍ୟୁରୋ)



■ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀଙ୍କ ହଙ୍ଗାମା, ଗୃହ ମୁଲତବୀ

ଗତ ୬ ଦିନ ହେବ ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି। କେତେବେଳେ ବିରୋଧୀ ତ ଆଉ କେତେବେଳେ ଶାସକ ଦଳ ବିଧାନସଭାକୁ ଅଚଳ କରୁଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ବିଧାନସଭା ମଧ୍ୟଭାଗକୁ ମାଡି ଆସି ହଙ୍ଗାମା କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ଶିକ୍ଷକ ଆନ୍ଦୋଳନ, ଚାରା ଦୁର୍ନୀତି ଆଦି ପ୍ରସଙ୍ଗ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଆରମ୍ଭରୁ ପ୍ରତିବାଦ କରି ଗୃହକୁ ଅଚଳ କରି ଦେଉଛନ୍ତି। ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇଥିବା ବିଧାନସଭାରେ ପ୍ରଶ୍ନକାଳ ବେଳେ ଏଭଳି ଅଚଳାବସ୍ଥା ଲାଗି ରହିଛି। ବୁଧବାର ବିଧାନସଭାରେ ମଧ୍ୟ ସେଇ ଏକା ଅବସ୍ଥା ଦେଖିବାକୁ ମିଳିଥିଲା।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ । ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତି କୃଷି ମନ୍ତ୍ରୀ ସ୍ୱୀକାର କରିଥିବା ଅଭିଯୋଗ ଆଣି କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ ପ୍ରମୁଖ କଂଗ୍ରେସ ସହ ତାଳ ମିଳାଇବା ସହ ଓମ୍‌ଫେଡ ଓ ଅନ୍ୟାନ୍ୟ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରି ପାଟିତୁଣ୍ଡ କରିଥିଲେ। ଫଳରେ ଗୃହରେ କିଛି ସମୟ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ମାତ୍ର ଅଧ ମିନିଟ ପରେ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ ମିନିଟରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ପୁଣି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଚାରା ଦୁର୍ନୀତିକୁ ନେଇ ସରକାରଙ୍କ ବିରୋଧରେ ନାରାବାଜି କଲେ। ଚାରା ଘୋଟାଲା କଲା କିଏ... ନବୀନ ସରକାର ଆଉ କିଏ... ସ୍ଲୋଗାନ ଦେଇ ବିଧାନସଭାକୁ କମ୍ପାଇ ଦେଲେ। ଭାଜପା ସଦସ୍ୟମାନେ ମଧ୍ୟ ଗୃହର ମଧ୍ୟଭାଗରେ ହଙ୍ଗାମା କଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବାଚସ୍ପତି ବିଜେଡି ସଭ୍ୟ ସଞ୍ଜୟ ଦାସବର୍ମାଙ୍କୁ କହିବାକୁ ଡାକିଲେ। ଶିଳ୍ପ କରିଡରରେ ଓଡିଶାକୁ ସାମିଲ କରି ନ ଥିବା ନେଇ ସେ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। ହଙ୍ଗାମା ପ୍ରବଳ ହେବାରୁ ବାଚସ୍ପତି ୧୧ଟା ୩୫ ମିନିଟରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

# ରାସ୍ତାକଡ଼ରେ କୁଢ଼କୁଢ଼ ଅବଧିଶେଷ ଔଷଧ

ବଲାଙ୍ଗୀର ଅଫିସ, ୧୨।୯

ବଲାଙ୍ଗୀର ଜିଲା ପୁଇଁତଲା-ବିଷ୍ଣୁମୁଣ୍ଡା ରାସ୍ତା କଡରେ କୁଢ଼କୁଢ଼ ଏକ୍ସପାରୀ ମେଡିସିନ୍ ଫିଙ୍ଗା ଯାଇଛି । ଏହି ଏକ୍ସପାରୀ ମେଡିସିନ୍ ଗୁଡିକ ସରକାରୀ ଯୋଗାଣ କରାଯାଇଥିବା ଉଲ୍ଲେଖ ରହିଛି । ଫିଙ୍ଗାଯାଇଥିବା ମେଡିସିନ୍‌ରେ ଆଇରନ୍ ଟାବ୍‌ଲେଟ୍ ଓ ଭିଟାମିନ୍ ରହିଛି । କିଏ ଏଠାରେ ଏହି ମେଡିସିନ୍ ଫିଙ୍ଗିଛି ତାହା ଜଣାପଡି ନ ଥିଲେ ମଧ୍ୟ ସରକାରୀ ଯୋଗାଣ ପାଇଁ ଉଦ୍ଦିଷ୍ଟ ଲେଖାଥିବାରୁ ଏହା କୌଣସି ହସପିଟାଲ ବା ଅଙ୍ଗନୱାଡି ସେଣ୍ଟରରୁ ଫିଙ୍ଗାଯାଇଥିବା ସନ୍ଦେହ କରାଯାଉଛି । ସେଠାରେ ମେଡିସିନ୍ ଫିଙ୍ଗାଯିବା ପରେ ଜଳାଇ ଦେବାକୁ ଚେଷ୍ଟା କରାଯାଇଛି । ଏ ନେଇ ସିଡିଏମ୍‌ଓ ଡାକ୍ତର ସୁଜ୍ଞାନେନ୍ଦ୍ର ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ଫୋନ ରିଂ ହେବା ସତ୍ତ୍ୱେ ସେ ରିସିଭ ନକରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଏକାଧିକ ବିଭାଗର ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ଗିଲୋଟିନ୍ ମାଧ୍ୟମରେ ଏକାଧିକ ବିଭାଗର ଖର୍ଚ୍ଚଦାବି ବୁଧବାର ବିଧାନସଭାରେ ଗୃହୀତ ହୋଇଯାଇଛି। ଏହା ମଧ୍ୟରେ ରହିଛି ଗୃହ ବିଭାଗର ପ୍ରଶାସନିକ ବ୍ୟୟ ୧୬୧,୯୧,୭୭,୦୦୦ କୋଟି ଟଙ୍କା, ସାଧାରଣ ପ୍ରଶାସନ ବିଭାଗର ୩,୦୩,୨୩,୦୦୦ କୋଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୮,୭୩,୦୦୦ କୋଟି , ସ୍ୱାସ୍ଥ୍ୟ ବିଭାଗର ୪୮,୬୬,୭୦,୦୦୦ ଟଙ୍କା । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବିଭାଗର ମଧ୍ୟ ଖର୍ଚ୍ଚ ଦାବି ମଧ୍ୟ ବୁଧବାର ଏକକାଳୀନ ଆଗତ କରାଯାଇ ଗୃହୀତ କରାଯାଇଥିଲା। ବୁଧବାର ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ରାଜ୍ୟ ସରକାର ଅଙ୍ଗନୱାଡି, ଆଶା କର୍ମୀମାନଙ୍କ ଦରମା ବୃଦ୍ଧି କରିବା ପାଇଁ ବାଚସ୍ପତିଙ୍କ ଜରିଆରେ ପ୍ରସ୍ତାବ ରଖିଥିଲେ। ଏହାପରେ ଶାସକ ସଭ୍ୟ ମହେଶ ସାହୁ ରେଙ୍ଗାଲି ଡ୍ୟାମରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ହୋଇଥିଲେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ନ ଯିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ADMISSION OPEN

GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years

ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year

Clinical Training at : □ District Head Quarter Hospital, SBP □ VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

“ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ , ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ। ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି- ଅସୁରର ଉଦ୍ୟମ। ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ଦିବ୍ୟଜ୍ଞାନ !! -ଶ୍ରୀଅରବିନ୍ଦ



# ମାନସିକ ରୋଗ ଓ ଖାଦ୍ୟ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆପଣଙ୍କ ଜାଣିବାରେ କେହି ପାଗଳ ପରି, ସନ୍ଦେହଜନକ, ଉଦାସ, ଅତି ସକ୍ରିୟ, ନିଦ୍ରାହୀନତାଗ୍ରସ୍ତ ଓ ବିନା କାରଣରେ ରାଗିବା ପରି ଲକ୍ଷଣମାନ ପ୍ରକାଶ କରୁଛନ୍ତି କି? ଦେଖନ୍ତୁ ସେ କେତେ ମାଂସ ଖାଉଛନ୍ତି। ବିଶେଷତଃ ପୂର୍ବରୁ ପ୍ୟାକେଜ୍ ହୋଇଥିବା ବା ହୋଟେଲର ମାଂସ ଯଥା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ପ୍ରଭୃତି ସେ କେତେ ଖାଉଛନ୍ତି ଦେଖନ୍ତୁ। ସମାନ ବୟସର ବିଭିନ୍ନ ଗ୍ରୁପ୍‌ର ଲୋକଙ୍କ ଉପରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏପରି ସମସ୍ୟା ସହ ମାଂସାହାର, ବିଶେଷତଃ ପ୍ରକ୍ରିୟାକୃତ ମାଂସାହାରର ସମ୍ପର୍କ ଅଛି।

୧୮୭୬ ମସିହାରେ ଜନ୍ ହପ୍‌କିନ୍ସ ବାଲ୍‌ଟିମୋର୍‌ରେ ଆମେରିକାର ପ୍ରଥମ ରିସର୍ଚ୍ଚ ୟୁନିଭର୍ସିଟି ପ୍ରତିଷ୍ଠା କରିଥିଲେ, ଯାହାର ଗବେଷଣା ବିଶ୍ୱମାନର ବୋଲି ବିବେଚନା କରାଯାଏ। ଖାଦ୍ୟାଭ୍ୟାସ ସହ ଉପରୋକ୍ତ ମାନସିକ ରୋଗର ସମ୍ପର୍କ ଉପରେ ସେ ଯେଉଁ ଗବେଷଣା କରିଥିଲେ ତାହା ମଲିକ୍ୟୁଲାର ସାଇକିଆଟ୍ରି ପତ୍ରିକାରେ ପ୍ରକାଶ ପାଇଛି। ପୂର୍ବରୁ ଏ ରୋଗର କାରଣ ଭାବେ ଜେନିଟିକ୍ସ, ଡ୍ରଗ୍ସ ଏବଂ ମଲ୍ଟିପ୍‌ଲ ସ୍କ୍ଲେରୋସିସ୍ ଓ ହର୍ମୋନ୍ ଅସନ୍ତୁଳନ ପରି ରୋଗକୁ ଦାୟୀ କରାଯାଉଥିଲା। କିନ୍ତୁ ଏହା ସହ ଯେ ଖାଦ୍ୟର ସମ୍ପର୍କ ଅଛି ତାହା ନୂତନ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନେ ଦେଖିଲେ ଯେ, ଯେଉଁମାନେ ବେଶି ନାଇଟ୍ରେଟେଡ୍ ଶୁଷ୍କମାଂସ ଖାଇଛନ୍ତି, ସେମାନଙ୍କଠାରେ ଏଭଳି ମାନସିକ ରୋଗ ଦେଖାଯିବାର ସମ୍ଭାବନା ଅଧିକ ଥାଏ। ନ୍ୟୁରୋଭାଇରୋଲୋଜିର ପ୍ରଫେସର ଡ. ରବର୍ଟ ୟୋଲ୍‌କେନଙ୍କ ନେତୃତ୍ୱରେ ଜନ୍ ହପ୍‌କିନ୍ସ ମେଡିସିନ୍‌ର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ। ସେମାନେ ୨୦୦୭ରୁ ୨୦୧୭ ମଧ୍ୟରେ ମାନସିକ ରୋଗ ଥିବା ଓ ଏହି ରୋଗ ନ ଥିବା ୧,୧୦୧ ଜଣ ଲୋକଙ୍କୁ ଗବେଷଣାରେ ସାମିଲ କରିଥିଲେ। ମାନସିକ ରୋଗ ନ ଥିବା ଲୋକଙ୍କ ତୁଳନାରେ ମାନସିକ ରୋଗ ଥିବା ଲୋକମାନେ ପ୍ରାୟ ସାଢ଼େ ତିନିଗୁଣ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇଥିଲେ। ପ୍ରକ୍ରିୟାକୃତ ମାଂସକୁ ସଂରକ୍ଷଣ କରି ଅଧିକ ଦିନ ରଖିବା ଲାଗି ସୋଡିୟମ୍ ନାଇଟ୍ରେଟ୍ ବା ପୋଟାସିୟମ୍ ନାଇଟ୍ରେଟ୍ ଆଦି ନାଇଟ୍ରୋଜେନ୍ ଯୌଗିକ ବ୍ୟବହାର କରାଯାଏ। ଏହାକୁ କୁହାଯାଏ କିଓରିଂ ମିଟ୍। ଏହା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ଆଦି ପ୍ରକ୍ରିୟାକୃତ ମାଂସରେ ଦେଖିବାକୁ ମିଳେ। ଉକ୍ତ ନାଇଟ୍ରେଟ୍‌ଯୁକ୍ତ ଖାଦ୍ୟର କ୍ୟାନ୍‌ସର ଓ ସ୍ନାୟୁରୋଗ ସହ ମଧ୍ୟ ସମ୍ବନ୍ଧ ରହିଛି।

ବୈଜ୍ଞାନିକମାନେ ମୂଷା ଉପରେ ମଧ୍ୟ ନାଇଟ୍ରେଟ୍‌ର ପ୍ରୟୋଗ କରି ସମାନ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ମୂଷାମାନଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦେବାରୁ ଦୁଇ ସପ୍ତାହ ଭିତରେ ସେମାନଙ୍କଠାରେ ଅତିଶୟ କ୍ରିୟାଶୀଳତା, ଅନିଦ୍ରା, ପାଗଳାମି ଆଦି ଦେଖିବାକୁ ମିଳିଥିଲା। ଏହି ମୂଷାମାନଙ୍କର ଖାଦ୍ୟନଳୀରେ ଥିବା ଅଣୁଜୀବଙ୍କଠାରେ ମଧ୍ୟ ପରିବର୍ତ୍ତନ ଦେଖାଯିବା ସହ ସେମାନଙ୍କ ମସ୍ତିଷ୍କର ପାଥ୍‌ୱେ (ପଥ)ରେ ମଧ୍ୟ ପରିବର୍ତ୍ତନ ଦେଖାଗଲା, ଯାହା ମଣିଷଙ୍କ ଦ୍ୱିଧ୍ରୁବୀୟ ବିଶୃଙ୍ଖଳା କ୍ଷେତ୍ରରେ ଘଟିଥାଏ। ଯେଉଁ ମୂଷାଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦିଆଯାଇ ନ ଥିଲା, ସେମାନଙ୍କଠାରେ ଏପରି ବିଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା।

ଜିନୀୟ କାରଣ ଛଡ଼ା ମାନସିକ ସ୍ୱାସ୍ଥ୍ୟ ଲାଗି ଖାଦ୍ୟର ମଧ୍ୟ ଭୂମିକା ରହିଛି ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରିବାକୁ ଆରମ୍ଭ କରିଛନ୍ତି। ଜନ୍ ହପ୍‌କିନ୍ସ ଗବେଷକମାନଙ୍କ ମତରେ ପାଗଳାମି ଓ ଅନ୍ୟ ମସ୍ତିଷ୍କ ବିଭ୍ରାଟ ପାଇଁ ଖାଦ୍ୟନଳୀରେ ଥିବା ଅଣୁଜୀବମାନେ ଦାୟୀ ହୋଇପାରନ୍ତି। କାରଣ ସେମାନେ ଉଦର ପ୍ରଦାହ ସୃଷ୍ଟି କରନ୍ତି। ତେଣୁ ଯେଉଁମାନଙ୍କଠାରେ ଏଭଳି ପାଗଳାମି ଦେଖାଯାଉଛି, ସେମାନେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଗବେଷକମାନେ ମତ ଦେଇଛନ୍ତି।

ଖାଦ୍ୟରେ ନାଇଟ୍ରେଟ୍ ରହିଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ, ଯାହାର ଉଦର ପ୍ରଦାହ ସହ ସମ୍ବନ୍ଧ ଅଛି। ଅନ୍ୟ ଗବେଷଣାରୁ ମଧ୍ୟ ଜଣାପଡ଼ିଛି ଯେ, ପାଗଳାମିର ଲକ୍ଷଣ ଥିବା ଲୋକମାନଙ୍କ ଶରୀରରେ ପ୍ରଦାହ ଦେଖିବାକୁ ମିଳେ। ୟୋଲ୍‌କେନ୍‌ଙ୍କ ଦଳ ପୂର୍ବରୁ କରିଥିବା ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ମାନିଆ (ଉନ୍ମାଦ) ରୋଗୀମାନଙ୍କୁ ପ୍ରୋବାୟୋଟିକ୍ସ (ଉପକାରୀ ବୀଜାଣୁଯୁକ୍ତ ଔଷଧ) ଦିଆଯାଏ, ସେମାନେ ପୁନଶ୍ଚ ହସ୍ପିଟାଲ ଆସିବାର ଆବଶ୍ୟକତା ପଡ଼େ ନାହିଁ କାରଣ ଏହା ପେଟରେ ଥିବା ଅଣୁଜୀବଙ୍କ ଉପରେ ପ୍ରଭାବ ପକାଏ। ପେଟରେ ଥିବା ଅଣୁଜୀବ ମସ୍ତିଷ୍କକୁ ପ୍ରଭାବିତ କରୁଥିବାର ଦିନକୁ ଦିନ ନୂଆ ନୂଆ ପ୍ରମାଣ ମିଳିବାରେ ଲାଗିଛି ବୋଲି ୟୋଲ୍‌କେନ୍ ପ୍ରକାଶ କରିଛନ୍ତି। ୨୦୧୬ର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମାଇଗ୍ରେନ୍ ମୁଣ୍ଡବିନ୍ଧା ଥିବା ଲୋକଙ୍କ ପାକସ୍ଥଳୀରେ ନାଇଟ୍ରେଟ୍ ଅବଶୋଷଣ କରୁଥିବା ବୀଜାଣୁ ସଂଖ୍ୟା ଅଧିକ ଥାଏ। ନାଇଟ୍ରୋଜେନ୍ ଯୌଗିକ ହିଁ ପାକସ୍ଥଳୀରେ ଜୀବାଣୁଙ୍କୁ ପ୍ରଭାବିତ କରେ। ପରିବର୍ତ୍ତିତ ବୀଜାଣୁ ଅଧିକ ନାଇଟ୍ରେଟ୍ ହଜମ କରିବାରେ ସାହାଯ୍ୟ କରନ୍ତି। ତାହା ଅଧିକ ରକ୍ତ ଛାଣିବା କାମ କରିବାରୁ ମାଇଗ୍ରେନ୍ ମୁଣ୍ଡବିନ୍ଧା ହୋଇଥାଏ।

ଆଉ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦ୍ୱିଧ୍ରୁବୀୟ ସମସ୍ୟା ଥିବା ଲୋକମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯିବାରୁ ସେମାନଙ୍କ ସମସ୍ୟାରେ ସୁଧାର ଆସିଛି। ଏହି ଆଣ୍ଟିବାୟୋଟିକ୍ସ ପେଟରେ ଥିବା ବୀଜାଣୁଙ୍କୁ ମାରିଦେବା ଫଳରେ ଏହା ସମ୍ଭବ ହୋଇଛି। ଏଥିରୁ ମାନସିକ ସ୍ୱାସ୍ଥ୍ୟ ସହ ଯେ ବୀଜାଣୁମାନଙ୍କର ସମ୍ପର୍କ ଅଛି ତାହା ପ୍ରମାଣିତ ହୋଇଛି।

ଜନ୍ସ ହପ୍‌କିନ୍ସ ବୈଜ୍ଞାନିକ ଗବେଷଣାରୁ ଯାହା ପ୍ରମାଣ କରିଛନ୍ତି, ତାହା ମାତାପିତାମାନେ ସ୍ୱାଭାବିକ ଭାବେ ଜାଣିପାରନ୍ତି। ପିଲାଙ୍କୁ ସେମାନେ ଦେଉଥିବା ଖାଦ୍ୟ ପିଲାଙ୍କ ମନୋଭାବରେ ପରିବର୍ତ୍ତନ ଆଣୁଥିବା ସେମାନେ ଜାଣିଥାନ୍ତି। ପିଲାମାନଙ୍କୁ ଅଧିକ ମିଠା ଖାଇବାକୁ ଦେଲେ ସେମାନଙ୍କଠାରେ ମାତ୍ରାଧିକ ସକ୍ରିୟତା, ମାନ୍ଦାପଣ ଓ ଶୋଇବାରେ ସମସ୍ୟା ଦେଖାଯାଏ। କ୍ଷୀର ବା କ୍ଷୀରଜାତ ଖାଦ୍ୟ ଖାଇବାକୁ ଦେଲେ ପିଲାଙ୍କଠାରେ ଚିଡ଼ିଚିଡ଼ା, ବିରକ୍ତି ଓ ଆକ୍ରମଣାତ୍ମକ ଭାବ ଦେଖିବାକୁ ମିଳିପାରେ। କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ପିଲାଙ୍କଠାରେ ଏଡିଏଚ୍‌ଡି (ବ୍ୟବହାରଗତ ବିଶୃଙ୍ଖଳା), ଉଦ୍‌ବେଗ, ଅଧିକ ସକ୍ରିୟତା ଓ ମୁଣ୍ଡବିନ୍ଧା ସୃଷ୍ଟି କରିଥାଏ। ମିଠାରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଏ। ମାଆବାପାମାନେ ଭାବନ୍ତି ଯେ ମିଠା ଖାଇବା ଯୋଗୁ ପିଲାଠାରେ ଏପରି ଲକ୍ଷଣ ପ୍ରକାଶ ପାଉଛି। କିନ୍ତୁ ପ୍ରକୃତରେ ମିଠା ନୁହେଁ, କୃତ୍ରିମ ରଙ୍ଗ ହିଁ ଏହାର କାରଣ। ବିଭିନ୍ନ ପାଉଁରୁଟି ଓ ଦହିରେ ବି କୃତ୍ରିମ ରଙ୍ଗ ଛଦ୍ମରୂପରେ ଥାଏ, ଯାହା ଆମେ ଜାଣିପାରୁ ନାହିଁ। ପିଲାର ବ୍ୟବହାରଗତ ପରିବର୍ତ୍ତନ ପାଇଁ ଯଦି ଆପଣ ଚିନ୍ତିତ, ତା'ହେଲେ ତାକୁ ୟେଲୋ ନଂ ୫, ରେଡ୍ ନଂ ୪୦ ଓ ବ୍ଲୁ ନଂ ୧ ପରି ରଙ୍ଗଯୁକ୍ତ ଖାଦ୍ୟ ଦିଅନ୍ତୁ ନାହିଁ। ନାଇଟ୍ରେଟ୍, ନାଇଟ୍ରାଇଟ୍, ସୋଡିୟମ୍ ବେଞ୍ଜୋଏଟ୍ (ପିଲାଙ୍କ ଜୁସ୍‌ରେ ଥାଏ) ପିଲାମାନଙ୍କଠାରେ ବ୍ୟବହାରଗତ ପରିବର୍ତ୍ତନ ପାଇଁ ଦାୟୀ। ମନୋସୋଡିୟମ୍ ଗ୍ଲୁଟାମେଟ୍ (ଏମ୍‌ଏସ୍‌ଜି) ହେଉଛି ଏକ ପ୍ରକାର ସ୍ୱାଦ ବୃଦ୍ଧିକାରକ, ଯାହା ବ୍ୟବହାରଗତ ପରିବର୍ତ୍ତନ, ଅଧିକ ସକ୍ରିୟତା, ମୁଣ୍ଡବିନ୍ଧା ପ୍ରଭୃତି ସୃଷ୍ଟି କରିଥାଏ। ଯଦି ଆପଣ ନିଜ ପିଲାଙ୍କଠାରେ ବ୍ୟବହାର ଓ ମିଜାଜରେ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି, ତେବେ ଏକ ଫୁଡ୍ ଜର୍ନାଲ ପାଖରେ ରଖନ୍ତୁ। ପିଲାଙ୍କୁ କି କି ଖାଦ୍ୟ ଦେଉଛନ୍ତି ଓ ତାହା କି ପ୍ରଭାବ ପକାଉଛି ଲକ୍ଷ୍ୟ ରଖନ୍ତୁ। ମାନସିକ ରୋଗଠାରୁ ଦୂରରେ ରହିବାର ମୂଳସୂତ୍ର ହେଉଛି ରଙ୍ଗଯୁକ୍ତ ଖାଦ୍ୟ ଓ ପ୍ରକ୍ରିୟାକୃତ ମାଂସ ନ ଖାଇବା। ଆଦୌ ମାଂସ ନ ଖାଇବା ସବୁଠାରୁ ଭଲ।

Email: gandhim@nic.in

## ଏଇ ଭାରତରେ

ପରିସ୍ଥିତିରେ ପଡ଼ି ମଣିଷ କିପରି ଅପରାଧ କରେ ତାହା ମଧ୍ୟପ୍ରଦେଶ ଭୋପାଳ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କଠାରୁ ଜଣାପଡ଼ିଛି। ଟେଲରିଂ କାମ କରୁଥିବା ଜଣେ ବ୍ୟକ୍ତି ପୋଲିସ ହାତରେ ଧରାପଡ଼ିବା ପରେ ତାଙ୍କର ଅପରାଧ କାର୍ଯ୍ୟକଳାପର ଲମ୍ବା ତାଲିକା ପ୍ରକାଶ ପାଇଛି। ପ୍ରଥମେ କିଛି ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଅପରାଧ କାର୍ଯ୍ୟରେ ସାମିଲ ହୋଇଥିବା ଆଦେଶ ଖମ୍ରା ନାମକ ଜଣେ ବ୍ୟକ୍ତି ପରେ ନିଜ ପୁଅର ଚିକିତ୍ସା ନିମନ୍ତେ ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୦୧୦ରୁ ଇତିମଧ୍ୟରେ ଖମ୍ରା ୩୦ଜଣ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ହତ୍ୟା କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ରାଜପଥରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଅଟକାଇ ପ୍ରଥମେ ଟ୍ରକ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କ ସହ ବନ୍ଧୁତା ସ୍ଥାପନ କରିଥାନ୍ତି। ପରେ ସେମାନଙ୍କୁ ନିଶା ଦେଇ ନିଜର ସହଯୋଗୀଙ୍କ ସହ ମିଶି ଡ୍ରାଇଭର ଓ ହେଲ୍‌ପରଙ୍କୁ ଜଙ୍ଗଲ ମଧ୍ୟକୁ ନେଇ ସେଠାରେ ହତ୍ୟା କରି ପୋତି ଦେଉଥିଲେ। ପରେ ଟ୍ରକ୍ ଏବଂ ସେଥିରେ ଥିବା ଜିନିଷକୁ ଚୋରାରେ ବିକ୍ରି କରିଦେଉଥିଲେ। ଏଥିପାଇଁ ଖମ୍ରାଙ୍କୁ ଥରକୁ ୫୦ହଜାର ଟଙ୍କା ଲେଖାଏ ମିଳୁଥିଲା। ନିକଟରେ ଏକ ଟ୍ରକ୍ ଲୁଟ୍ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ପଚରାଉଚରା କରିବାବେଳେ ଉକ୍ତ ଲୁଟ୍‌ରେ ଖମ୍ରାଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପରେ ଖମ୍ରାଙ୍କୁ ଗିରଫ କରିବା ପରେ ସମସ୍ତ କଥା ଜଣାପଡ଼ିଥିଲା। ପୁଅର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଅପରାଧ କରୁଥିଲେ ବୋଲି ବୋଲି ଖମ୍ରା କହିଛନ୍ତି।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | 7 | | | | 5 | B | | D | | |
| | | 2 | | A | | 0 | | 5 | | | 9 | | | B |
| | | A | 3 | | B | | | | | | | | | E |
| | 3 | | | | | | C | | 1 | 8 | | | | 2 |
| E | 1 | | | C | 5 | 6 | 8 | 7 | 3 | | | | | |
| | 2 | | 1 | B | | | | C | | | | | | |
| | 0 | | | | | 7 | | | E | 2 | | | | |
| | | | | | 4 | 8 | | | | | A | | 0 | |
| B | D | 4 | C | 2 | 0 | A | | | 6 | 3 | | 1 | | |
| C | | | | 3 | | | | 4 | 0 | | | 6 | | 9 |
| 1 | E | | | 6 | | | | 8 | | | | | | |
| | | | | 9 | 1 | E | | | | | 4 | | | 6 |
| | | D | | | 2 | | 7 | | | E | | C | A | |
| 9 | 8 | | 7 | | | | | 2 | | | | 3 | | 5 |
| A | | 0 | 4 | | | | 3 | | | C | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 2 | 9 | A | 8 | 0 | B | 3 | C | 6 | E | 5 | 4 | 1 | D |
| 5 | 0 | B | 6 | 7 | 2 | E | 9 | A | 4 | D | 1 | 3 | 8 | C |
| 3 | C | D | B | 1 | 5 | 4 | 7 | 8 | 0 | A | 2 | 6 | 9 | E |
| 6 | 1 | 8 | 3 | 4 | E | D | 5 | 0 | B | 9 | C | 2 | 7 | A |
| E | 4 | A | C | D | 9 | 2 | 6 | 1 | 7 | 3 | 8 | 5 | B | 0 |
| B | 8 | 6 | E | C | A | 0 | 2 | D | 1 | 7 | 3 | 9 | 5 | 4 |
| 1 | 7 | 2 | 4 | 5 | 6 | 8 | E | 9 | A | 0 | B | C | D | 3 |
| 4 | A | 5 | 8 | 9 | 3 | 1 | C | B | D | 6 | E | 0 | 2 | 7 |
| 0 | 9 | E | D | 2 | 1 | 3 | A | 7 | C | 5 | 4 | 8 | 6 | B |
| C | D | 3 | 7 | 0 | B | 5 | 4 | 6 | 8 | 2 | 9 | E | A | 1 |
| 9 | 3 | 0 | 1 | E | C | A | 8 | 2 | 5 | B | 7 | D | 4 | 6 |
| A | B | 4 | 5 | 3 | D | 7 | 0 | E | 9 | 8 | 6 | 1 | C | 2 |
| D | 5 | 7 | 2 | A | 8 | 6 | 1 | 4 | E | C | 0 | B | 3 | 9 |
| 8 | 6 | C | 0 | B | 4 | 9 | D | 3 | 2 | 1 | A | 7 | E | 5 |
| 2 | E | 1 | 9 | 6 | 7 | C | B | 5 | 3 | 4 | D | A | 0 | 8 |

ଗତକାଲିର ଉତ୍ତର

# ଚକ୍ରି ଦୋଳି

ବିଚିତ୍ର ବିଶ୍ୱାଳ

ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନର ବାସ୍ତବ ପରିଣତି ଓ ସରକାରଙ୍କ ଘୋଷଣା ଭିତରେ ଥିବା ଆକାଶପାତାଳ ପ୍ରଭେଦ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ମାମେଲାକାଙ୍କ ଅଭିଜ୍ଞତାରୁ ଭଲଭାବେ ବୁଝି ହେବ। ସମ୍ପ୍ରତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ନରେଗା)କୁ ସବୁଠାରୁ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଭାବେ ପରିଗଣିତ କରାଯାଉଥିବା ବେଳେ ତାହାର ବାସ୍ତବ ପରିସ୍ଥିତି ଯେତିକି ହାସ୍ୟାସ୍ପଦ ସେତିକି ଦୁର୍ଭାଗ୍ୟଜନକ। ବେକାରମାନଙ୍କ କର୍ମନିଯୁକ୍ତି କଥା ଉଠିବା ମାତ୍ରେ ସରକାରରେ ଥିବା ନେତା, ମନ୍ତ୍ରୀ ଓ ଅଫିସରମାନେ ସଙ୍ଗେ ସଙ୍ଗେ ନରେଗା ଯୋଜନାରେ କେତେକୋଟି ଟଙ୍କା ଖର୍ଚ୍ଚ ହେଉଛି, ସେ ହିସାବ ଦେବାକୁ ବାହାରି ପଡୁଛନ୍ତି। କିନ୍ତୁ ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ନରେଗା ଏବେ କେବଳ ଧନୀ ଜେସିବି ମାଲିକମାନଙ୍କୁ ହିଁ ରୋଜଗାର ଯୋଗାଇ ଦେଉଥିବା ବେଳେ ଗାଁର ଗରିବ ଲୋକମାନଙ୍କର ନାଁ ଓ ପାସ୍‌ବୁକ୍ ହିଁ କେବଳ ସେଥିପାଇଁ ବ୍ୟବହାର ହେଉଛି। ପରିସ୍ଥିତି ଏପରି ହୋଇଛି ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ନରେଗା ଜବ୍‌କାର୍ଡକୁ ଲୋକମାନେ ତିନିଶହ ଟଙ୍କାରେ ଠିକାଦାରକୁ ଦେଉଛନ୍ତି। ଲୋକମାନେ ଭାବୁଛନ୍ତି କିଛି ନ ମିଳିବା ଅପେକ୍ଷା ତିନିଶହ ଟଙ୍କା ମିଳିଯିବା ଭଲ। ମେଶିନ୍‌ରେ ହେଉଥିବା କାର୍ଯ୍ୟକୁ ଠିକାଦାର ଲୋକମାନଙ୍କ ଜବ୍‌କାର୍ଡରେ ଚଢ଼ାଉଛି। ବ୍ୟାଙ୍କ୍‌ରେ ଟଙ୍କା ଜମା ହେବା ପରେ ଠିକାଦାର ଉପସ୍ଥିତିରେ ଲୋକମାନେ ଟଙ୍କା ଉଠାଉଛନ୍ତି ଓ ଠିକାଦାର ସେମାନଙ୍କୁ ଜବ୍‌କାର୍ଡ ପିଛା ତିନିଶହ ଟଙ୍କା ଦେଇ ବାକି ଟଙ୍କା ନିଜେ ନେଉଛି। ଏକଥା ପ୍ରଶାସନିକ ଅଧିକାରୀଙ୍କୁ ଜଣା ନ ଥାଇପାରେ। ସମ୍ପ୍ରତି ଦ୍ରୁତଗତିରେ ଲୋକମାନେ ନରେଗା କାମରୁ ମୁହଁ ଫେରାଉଛନ୍ତି। କାରଣ ନରେଗା, ସ୍ଥାନୀୟ ଭାଷାରେ ଯାହାକୁ କୁଲିକାମ କୁହାଯାଉଛି, ତା'ର ମଜୁରି ପାଇବା ପାଇଁ ଲୋକମାନଙ୍କୁ ୬ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ଏହା ବର୍ଷକରୁ ମଧ୍ୟ ଗଡ଼ି ଯାଉଛି। ଏପରି ପରିସ୍ଥିତିରେ ଲୋକମାନେ ଏଭଳି ସରକାରୀ କାମକୁ ଯିବା ଅପେକ୍ଷା କମ୍ ମଜୁରିରେ ସାହୁକାର କାମକୁ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଷମକଟକ ବ୍ଲକ୍‌ର ତାଡ଼ ଗ୍ରାମର ମାମେଲାକାଙ୍କ କୁଲିକାମକୁ ନେଇ ଅଙ୍ଗେନିଭା ଅନୁଭୂତି ସରକାରଙ୍କ ନରେଗା ଯୋଜନାର ଅସଲ ଚେହେରାକୁ ପରିପ୍ରକାଶ କରୁଛି।

ଜବ୍‌କାର୍ଡ ପାଇବାର ପ୍ରାୟ ଦୁଇବର୍ଷ ପରେ ପ୍ରଥମ କରି କାମ ମିଳିଲା ମାମେଲାକାଙ୍କୁ। ତା' ସହିତ ତାଙ୍କ ଗାଁର ଆହୁରି ପଚିଶ ତିରିଶ ଜଣ ବି ସେହି କାମରେ ଲାଗିଲେ। କାମ ସରିବାର ପ୍ରାୟ ଚାରିମାସ ପରେ ବି ମାମେଲାକା ଓ ଅନ୍ୟ ଲୋକମାନଙ୍କୁ ମଜୁରି ମିଳିଲା ନାହିଁ। ଗରିବ ଆଦିବାସୀ ଲୋକ। ବଞ୍ଚିବା ପାଇଁ ସଞ୍ଜ ବେଳକୁ ମଜୁରି ଦରକାର। ନ ହେଲେ ଖାଇବେ କ'ଣ ? ଚାରିମାସ ଧରି ମଜୁରି ନ ମିଳିଲେ ସେମାନେ ବଞ୍ଚିବେ କେମିତି! ଫଳରେ ବାଧ୍ୟ ହୋଇ ମାମେଲାକା ସରପଞ୍ଚ ବାବୁଙ୍କ ପାଖରେ ପହଞ୍ଚିଲେ। ବିଚରା ସରପଞ୍ଚ ବା କରିବେ କ'ଣ! ମାମେଲାକା ଓ ଅନ୍ୟ ଲୋକମାନଙ୍କର ବ୍ୟସ୍ତତାକୁ ଦେଖି ସରପଞ୍ଚ କହିଲେ, ମୁଁ କ'ଣ କରିବି, ବ୍ଲକ୍ ଅଫିସ୍ ଯାଇ ବିଡିଓଙ୍କୁ ଦେଖା କର।

ଦୀର୍ଘ ତିରିଶ କିଲୋମିଟର ବାଟ ବ୍ଲକ୍ ଅଫିସ। ଦି ତିନି ଥର ବ୍ଲକ୍‌କୁ ଯିବା ପରେ ମାମେଲାକା ବିଡିଓଙ୍କ ଭେଟ ପାଇଲେ। ବିଡିଓ ସବୁ ଶୁଣିଲେ ଓ ତା'ପରେ କହିଲେ, କମ୍ପ୍ୟୁଟର ରୁମ୍‌ରେ ବସିଥିବା ବାବୁଙ୍କ ପାଖକୁ ଯାଇ କୁହ। ମାମେଲାକା କାକୁତି ମିନତି ମୁଦ୍ରାରେ ହାତଯୋଡ଼ି କମ୍ପ୍ୟୁଟର ବାବୁଙ୍କ ଆଗରେ ଡରିମରି ଠିଆ ହେଲେ। ମାଉସ୍ ଉପରେ ଆଙ୍ଗୁଠି ଗଡ଼େଇ ଗଡ଼େଇ ପ୍ରାୟ ପାଞ୍ଚ ମିନିଟ୍ ପରେ କମ୍ପ୍ୟୁଟର ବାବୁ ଚାହିଁଲେ ମାମେଲାକା ଆଡ଼କୁ। ତା'ପରେ କହିଲେ, ଏଠି କ'ଣ ମଜୁରି ମିଳିବ! କ୍ୟାଶିୟର୍ ବାବୁଙ୍କୁ ପଚାର।

ସେହିପରି ତିନି ଚାରି ଥର ଯିବା ପରେ ଅନେକ ଚେଷ୍ଟା କରି ମାମେଲାକା ଭେଟିଲେ କ୍ୟାଶିୟର ବାବୁଙ୍କୁ। ସେ କେତେଗୁଡ଼ାଏ କାଗଜପତ୍ର ଦେଖି କହିଲେ ମଜୁରି ଟଙ୍କା ତ ବ୍ୟାଙ୍କ୍ ଖାତାରେ ଡିପୋଜିଟ୍ ହୋଇଯାଇଛି। ବ୍ୟାଙ୍କ୍‌କୁ ଯାଅ। ମାମେଲାକା ଓ ତା' ସହିତ ଯାଇଥିବା ଗାଁର ଅନ୍ୟ ଲୋକମାନେ ଦୌଡ଼ିଲେ ବ୍ୟାଙ୍କ୍‌କୁ। ବ୍ୟାଙ୍କ୍‌ରେ ଲମ୍ବା ଲାଇନ୍ ଟପି ତାଙ୍କ ପାଳି ଆସିବା ପରେ ବ୍ୟାଙ୍କ୍ ଅଫିସର ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଲୋକମାନଙ୍କୁ ଓ କହିଲେ, ଟଙ୍କା ତ ଖାତାକୁ ଆସିନି। ମୁଁ କେଉଁଠୁ ଦେବି! ସରପଞ୍ଚଙ୍କୁ ଦେଖା କର। ସାଥୀ ଓ ଅନ୍ୟମାନେ ମୁଣ୍ଡରେ ହାତ ଦେଇଦେଲେ ଓ ମନ ଦୁଃଖରେ ଘରକୁ ଫେରିଲେ।

ମଜୁରି ନ ମିଳିଲେ ବଞ୍ଚିବେ କେମିତି! ଫଳରେ ମାମେଲାକା ଓ ଗାଁର ଅନ୍ୟଲୋକମାନେ ତା' ପରଦିନ ପୁଣି ଥରେ ସରପଞ୍ଚଙ୍କ ପାଖକୁ ଗଲେ। ସରପଞ୍ଚ ପୂର୍ବ ପରି ନିରାଶବାଣୀ ଶୁଣାଇଲେ ଓ କହିଲେ ବିଡିଓଙ୍କୁ ଭେଟ। ମାମେଲାକା ଓ ଅନ୍ୟମାନେ ବିଡିଓଙ୍କୁ ଭେଟିଲେ। ପୁଣି ବିଡିଓ କହିଲେ, କମ୍ପ୍ୟୁଟର ବାବୁଙ୍କ ପାଖକୁ ଯାଅ...।

କୁଲି ମଜୁରି ପାଇଁ ମାମେଲାକା ଓ ଗାଁର ଅନ୍ୟ ଲୋକମାନେ ଏମିତି ଏ ଅଫିସ୍ ସେ ଅଫିସ୍ ହୋଇ ଚକ୍ରି ଦୋଳିରେ ବୁଲୁଥିବା ବେଳେ, ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କଠାରୁ ସାବାସି ପାଉଥିଲେ। ଅଞ୍ଚଳରେ ଜେସିବିର ସଂଖ୍ୟା ବଢୁଥିଲା। ବିଚରା ଗରିବ ଆଦିବାସୀମାନେ ଆଉ ସରକାରୀ କାମକୁ ଯିବେନି ବୋଲି ନିଷ୍ପତ୍ତି ନେଲେ। ଏହା ବି ପରୋକ୍ଷରେ ଠିକାଦାରମାନଙ୍କ ପାଇଁ ଲାଭଦାୟକ ହେଲା। ଲୋକମାନେ ଆଉ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ନ ଗଲେ ବି ଏହାର ପ୍ରଭାବ ସରକାରଙ୍କ ଉପରେ ପଡୁ ନ ଥିଲା। କାରଣ ଯୋଜନାର ଟଙ୍କା ଠିକ୍‌ଠାକ୍ ଖର୍ଚ୍ଚ ହେଉଥିଲା। ଅବଶ୍ୟ ତାହା ଲୋକଙ୍କ ପାଖକୁ ଯାଉଥିଲା କି ଯାଉ ନ ଥିଲା, ତାହା ଭିନ୍ନ ପ୍ରସଙ୍ଗ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

# ନାନା ଧର୍ମ, ନାନା ଦେଶରେ ବିନାୟକ

ବ୍ରହ୍ମାନନ୍ଦ ପଣ୍ଡା

ପୁରାଣ ମତରେ ଭାଦ୍ର କୃଷ୍ଣ ଚତୁର୍ଥୀରେ ଗଣେଶଙ୍କର ଜନ୍ମ ଏବଂ ଭାଦ୍ର ଶୁକ୍ଳ ଚତୁର୍ଥୀରେ ତାଙ୍କର ଗଜାନନ ରୂପରେ ଜୀବନ୍ୟାସ ହୋଇଥିଲା। ଏଥିପାଇଁ ମତାନ୍ତର ସହ ବିଭିନ୍ନ ସ୍ଥାନରେ ଭାଦ୍ର କୃଷ୍ଣ ଓ ଶୁକ୍ଳ ଚତୁର୍ଥୀରେ ଗଣେଶଙ୍କର ପୂଜା କରାଯାଏ। ଭିନ୍ନ ମତ ଅନୁସାରେ ମାଘ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଏ। ଗଣେଶଙ୍କ ଷୋଡ଼ଶ ଉପଚାର ପୂଜାରେ ଜଳ, ଦଧି, କୁଶ, ଦୂବ, ପୁଷ୍ପ, ଅକ୍ଷତ, କୁଙ୍କୁମ, ହଳଦିଆ ସୋରିଷ ଏବଂ ସୁପାରି ମିଶ୍ରଣ ଅର୍ଘ୍ୟ ରୂପେ ଦିଆଯାଏ। ପ୍ରିୟ ଦ୍ରବ୍ୟ ଦୂବ। ଗଣେଶ ସମସ୍ତ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ କର୍ମରେ ବିଘ୍ନନାଶକ ଓ ସଂକଟ ମୋଚନକାରୀ ହୋଇଥିବାରୁ ପ୍ରତ୍ୟେକ ମାସ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଇଥାଏ, ଯାହାକୁ ବିନାୟକ ଚତୁର୍ଥୀ ବା ଗୌରୀଗଣେଶ ଚତୁର୍ଥୀ କୁହାଯାଏ।

ବିନାୟକଙ୍କ ବୃହତ୍ କର୍ଣ୍ଣ ଯୁଗଳ ଦ୍ୱାରା ସେ ବହୁତ ଶୁଣନ୍ତି ଏବଂ କମ୍ କୁହନ୍ତି। ସେଥିପାଇଁ କୁହାଯାଏ- Listener is gold, talker is silver. ହାତୀର ଆଖି ଛୋଟ। ଛୋଟ ଆଖିରେ ବିନାୟକ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖନ୍ତି।

ଏକଦା ଦେବତାମାନଙ୍କ ମଧ୍ୟରେ 'କିଏ ଅଗ୍ରପୂଜ୍ୟ' ହେବେ, ତା' ଉପରେ ବିତର୍କ ହେଲା। ସେଥିପାଇଁ ଦେବ ସେନାପତି କାର୍ତ୍ତିକେୟ ଓ ଗଣେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା। ସର୍ତ୍ତ ଥିଲା, ଯିଏ ତିନିଥର ବିଶ୍ୱ ପରିକ୍ରମଣ କରି ଭଗବାନ ଶିବଙ୍କ ପାଖରେ ପ୍ରଥମେ ପହଞ୍ଚିବ, ସେ ହିଁ ଅଗ୍ରପୂଜ୍ୟ ହେବ। କାର୍ତ୍ତିକେୟ ତାଙ୍କ ମୟୂର ବାହନରେ ତିନିଥର ବିଶ୍ୱ ପରିକ୍ରମଣ କରି ଶିବଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବୁଦ୍ଧିମାନ ଗଣେଶ ତାଙ୍କ ମୂଷିକ ବାହନରେ ତିନିଥର ଜଗତର ପିତାମାତା ଶିବପାର୍ବତୀଙ୍କୁ ପରିକ୍ରମଣ କରିଥିଲେ। ଗଣେଶ ବିଜେତା ବୋଲି ଦାବି କରନ୍ତେ କ୍ରୋଧୀ କାର୍ତ୍ତିକେୟ ତାଙ୍କର ଏକ ଦାନ୍ତ ଭାଙ୍ଗି ଦେଇଥିଲେ। ମାତ୍ର ଧୀ ଓ ଧୈର୍ଯ୍ୟବନ୍ତ ଗଣେଶଙ୍କର ଯୁକ୍ତି ଥିଲା, ପିତାମାତା ବିଶ୍ୱ ବ୍ରହ୍ମାଣ୍ଡରେ ସବୁଠାରୁ ଶ୍ରେଷ୍ଠ। ବିଶ୍ୱ ବ୍ରହ୍ମାଣ୍ଡର ସବୁ ଦେବ ପିତା ଶିବଙ୍କର ଆଶ୍ରିତ। ପଦ୍ମ ପୁରାଣ ପ୍ରମାଣ ଦିଏ- ''ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ।'' ପିତାଙ୍କଠାରୁ ମାତା ଶତଗୁଣ ବଡ଼- 'ପିତୁଃ ଶତଗୁଣଂ ମାତା'। ପିତାମାତା ରୂପକ ବ୍ରହ୍ମାଣ୍ଡ ଚତୁଃପାର୍ଶ୍ୱରେ ତ୍ରିବାର ଘୂର୍ଣ୍ଣନ କରି ସେ ପ୍ରଥମେ ସର୍ତ୍ତ ପୂରଣ କରିଛନ୍ତି। ଶେଷରେ କାର୍ତ୍ତିକେୟଙ୍କର ଶକ୍ତି, ସାମର୍ଥ୍ୟ, ଗର୍ବ ଓ ଅହଂକାର ଉପରେ ଗଣେଶଙ୍କର ବିଦ୍ୟା, ବୁଦ୍ଧି, ଧୈର୍ଯ୍ୟ ଓ ପିତୃଭକ୍ତିର ବିଜୟ ହେଲା। ସମସ୍ତ ଦେବତା ଏକମତ ହୋଇ ଏକଦନ୍ତ ଗଣେଶଙ୍କୁ ଅଗ୍ରପୂଜ୍ୟ ଦେବତା ରୂପେ ଘୋଷଣା କଲେ।

ବିବାହାଦି ସମସ୍ତ ମାଙ୍ଗଳିକ କର୍ମରେ ପ୍ରଥମେ ବିଘ୍ନନାଶକ ଗଣେଶ ଓ ପରେ ଅନ୍ୟ ଦେବତାଙ୍କର ଆବାହନ ଓ ପୂଜା କରାଯାଏ। ମହାଲକ୍ଷ୍ମୀ ଆଦି ଅନ୍ୟ ଦେବଦେବୀଙ୍କ ପୂଜାରେ ମଧ୍ୟ ଗଣେଶଙ୍କୁ ଆବାହନ କରାଯାଏ। ଗଣେଶ ପ୍ରମାଣ କଲେ ଯେ, ବିଶ୍ୱବ୍ରହ୍ମାଣ୍ଡରେ ପିତାମାତା ହିଁ ସର୍ବଶ୍ରେଷ୍ଠ ଓ ପୂଜ୍ୟ। ଏଣୁ ସମସ୍ତ କର୍ମରେ ପିତୃପୁରୁଷଙ୍କ ଆଶୀର୍ବାଦ ପାଇବା ପାଇଁ ନାନ୍ଦିମୁଖୀ ଶ୍ରାଦ୍ଧ କରାଯାଏ। ତା'ପରେ ପିତାମାତାଙ୍କ ଆଶୀର୍ବାଦ ନେଇ ଶୁଭକର୍ମ ଆରମ୍ଭ ହୁଏ। ଶାସ୍ତ୍ରରେ ଅଛି- କଲୌ ଚଣ୍ଡିବିନାୟକୌ। ଅର୍ଥାତ୍ କଳିଯୁଗରେ ଚଣ୍ଡୀ ଓ ବିନାୟକ ଶ୍ରେଷ୍ଠ ଓ ଶୀଘ୍ର ଫଳଦାତା। ପ୍ରାୟ ସମସ୍ତ ମନ୍ତ୍ରରେ ଭଗବାନ ଗଣେଶ ଓଁ ରୂପରେ ପ୍ରଥମେ ବିଦ୍ୟମାନ।

ଗଣେଶ ମିଠା ବା ମୋଦକପ୍ରିୟ। ଆଧୁନିକ ଯୁଗରେ ତାହା ମଧୁମେହର କାରଣ। ମାତ୍ର ଗଣେଶ କଇଥ ଓ ଜାମୁକୋଳି ପ୍ରିୟ, ଯାହା ମଧୁମେହ ରୋଗର ଅବ୍ୟର୍ଥ ଔଷଧ। ଗଣେଶଙ୍କ ପ୍ରଣାମ ମନ୍ତ୍ରରେ ଅଛି- ''ଗଜାନନ ଭୂତଗଣାଦି ସେବିତମ୍ କପିତ୍ଥଜମ୍ବୁଫଳ ଚାରୁ ଭକ୍ଷଣମ୍, ଉମାସୁତଂ ଶୋକବିନାଶକାରକଂ ନମାମି ବିଘ୍ନେଶ୍ୱରପାଦପଙ୍କଜମ୍।'' ଗଣେଶଙ୍କର ବାହନ ମୂଷିକ ଅଜ୍ଞାନ, ଅନ୍ଧକାର ଓ ଅବିଦ୍ୟାର ସୂଚକ। ତା' ଉପରେ ଆରୋହଣ କରି ଗଣେଶ ଭକ୍ତଙ୍କର ଅଜ୍ଞାନ, ଅନ୍ଧକାର ଏବଂ ମାୟାମୋହରୂପକ ଅବିଦ୍ୟା ନାଶ କରନ୍ତି। ଗଣେଶ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ମମତା ଓ ଅହଂକାର ରୂପକ ଅଷ୍ଟ ଅସୁରଙ୍କୁ ଦମନ କରିଥିଲେ।

ଅଥର୍ବ ଶୀର୍ଷ ଓ ମୁଦ୍‌ଗଲ ପୁରାଣ ଅନୁସାରେ ଓଁ ସ୍ୱରୂପ ଭଗବାନ ଗଣେଶଙ୍କର ଚିହ୍ନ ଏପରି ଅଙ୍କିତ ହୁଏ ଯେ ପ୍ରତ୍ୟେକ ଦିଗରୁ ଦେଖିଲେ ଓଁ ଅକ୍ଷର ଦୃଶ୍ୟ ହୁଏ। ଏହାର ଅଙ୍କନ କ୍ଲିଷ୍ଟ ହୋଇଥିବାରୁ ଏଥିରୁ ସ୍ୱସ୍ତିକ୍ ଚିହ୍ନର ଉଦ୍ଭବ ହେଲା। ଜର୍ମାନ ଲୋକମାନେ ସ୍ୱସ୍ତିକ୍‌ରେ ଥିବା ବିନ୍ଦୁ ଲୋପ କରି ଆର୍ଯ୍ୟତ୍ୱର ପ୍ରତୀକ ଭାବେ ଗ୍ରହଣ କଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସ୍ୱସ୍ତିକ୍‌ରୁ କ୍ରସ୍ ସୃଷ୍ଟି କଲେ। ଇସ୍‌ଲାମ ଧର୍ମାବଲମ୍ବୀମାନେ ଭାଲଚନ୍ଦ୍ର ରୂପେ ଗଣ୍ୟ ଗଣେଶଙ୍କ ମସ୍ତକରେ ଥିବା ଚନ୍ଦ୍ରକଳାକୁ ଧର୍ମର ପ୍ରତୀକ ଭାବରେ ଗ୍ରହଣ କରିନେଲେ। ବୌଦ୍ଧଧର୍ମର ମହାଜନ ପନ୍ଥଙ୍କ ଦ୍ୱାରା ଭାରତ ଓ ଭାରତ ବାହାରେ ବିନାୟକ ପୂଜାର ପ୍ରସାର ହେଲା। ନେପାଳରେ ବିନାୟକ ଓ ହେରମ୍ବ ରୂପରେ, ଚାଇନାରେ ବିନାୟକ ଓ କାଙ୍ଗିନେନ୍ ନାମରେ ଗଣେଶ ପୂଜା ହୁଏ। ମୁସଲମାନ ଦେଶ ଇଣ୍ଡୋନେସିଆର ମୁଦ୍ରାରେ ମଧ୍ୟ ବିନାୟକଙ୍କ ଛବି ସ୍ଥାନ ପାଇଛି। ଗଣଦେବତା ଗଣେଶଙ୍କ ପୂଜା ଗଣପୂଜା ଭାବରେ ବିଶ୍ୱବ୍ୟାପ୍ତ ହୋଇଛି। ହିନ୍ଦୁ ଧର୍ମରେ ଶାକ୍ତ ବୈଷ୍ଣବ, ସୌର, ଶୈବ ଓ ଗାଣପତ୍ୟ ପାଞ୍ଚ ଗୋଷ୍ଠୀ ଥିଲେ ବି ସିଦ୍ଧି ଓ ଋଦ୍ଧିଦାତା ଗଣେଶ ସର୍ବଜନ ପୂଜିତ। ମନୁଷ୍ୟ ଯେତେ ସଭ୍ୟ, ଶିକ୍ଷିତ, ଉନ୍ନତ, ବିକଶିତ ଓ ସଫଳ ମାର୍ଗରେ ଗତି କରୁଛି ତତୋଽଧିକ ବାଧା, ବିଘ୍ନ, ଆଧି ଓ ବ୍ୟାଧିର ସମ୍ମୁଖୀନ ହେଉଛି ଏବଂ ବିଘ୍ନନାଶକ, ଦୁଃଖଶୋକହାରକ ଗଣେଶଙ୍କ ପୂଜାର ମାହାତ୍ମ୍ୟ ସେତେ ବଢ଼ିଚାଲିଛି। ଗଣେଶ ପୂଜା ଜାତୀୟ ଐକ୍ୟ ଓ ସଂହତି ରକ୍ଷାକାରୀ ଏକ ଜାତୀୟ ପର୍ବର ମର୍ଯ୍ୟାଦା ହାସଲ କରିଛି।

୩ବି/୩୦୨, ଏସ୍‌ଆର୍ ରେସିଡେନ୍ସି, ଓରକଳ,
ଭୁବନେଶ୍ୱର, ମୋ-୮୨୪୯୬୯୭୯୪୪

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବକ୍ଷମା ଯୋଜନା କାହା ସ୍ୱାର୍ଥରେ

ମହାଶୟ,

ଓଡ଼ିଶା ସରକାର ଜବରଦଖଲକାରୀଙ୍କ ନାମରେ ସ୍ଥାୟୀ ରେକର୍ଡ କରାଇବା ପାଇଁ ସର୍ବକ୍ଷମା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପ୍ରଭାବଶାଳୀ, ଧନୀ ଶ୍ରେଣୀର ଲୋକେ ଏଥିରୁ ଅଧିକ ଲାଭ ପାଇବେ। ସରକାରୀ ଜାଗା, ମଠ ମନ୍ଦିର, ଧର୍ମଶାଳା ଆଦିର ଜାଗା ଦଖଲ କରି ନିଜ ନାମରେ ରେକର୍ଡ କରାଇବା ଦେଶଦ୍ରୋହୀ କାର୍ଯ୍ୟ, ଏଥିରେ ଆଦୌ କ୍ଷମା ଦେବା ଅନୁଚିତ। ଯଦି ସର୍ବକ୍ଷମା ନାମରେ ସାରା ରାଜ୍ୟର ମୂଲ୍ୟବାନ ଜମି, ଜାଗା ବାଣ୍ଟି ଦିଆଯାଏ, ତେବେ ଏହାଠାରୁ ବଳି ଜଘନ୍ୟ ଅପରାଧ କିଛି ନାହିଁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### କଠୋର ଦଣ୍ଡ ଦିଆଯାଉ

ପ୍ରତ୍ୟହ ଗଣମାଧ୍ୟମରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଅନେକ ସରକାରୀ ଚାକିରିଆଙ୍କ କୁଶଳୀ କାରନାମା ପ୍ରକାଶିତ ହେଉଛି। ବିଗତ ଦିନରେ ବହୁ ପ୍ରତିଷ୍ଠିତ ନେତା ଓ ଅଫିସର ଭିଜିଲାନ୍ସ ଜାଲରେ ଫସି ଜେଲ୍‌ଖାନାରେ ଦିନ ବିତାଉଥିବାର ନଜିର ଅଛି। ବଡ଼ ବଡ଼ ଧଳାହାତୀଙ୍କ କଥା ଛାଡ଼, କିଛିଦିନ ତଳେ ଜଣେ ସାଧାରଣ କନଷ୍ଟେବଳଙ୍କ ଘରୁ ଆୟବହିର୍ଭୂତ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହେବା ଅତି ଆଶ୍ଚର୍ଯ୍ୟର କଥା। ଆଉ ଏକ ଖବରରେ ଛତ୍ରପୁର ତହସିଲଦାର ବିଜୟ କେତନ ସାହୁ ଏବଂ ତାଙ୍କ ସ୍ତ୍ରୀ ଓପେପାର ଆକାଉଣ୍ଟ୍‌ସ ଅଫିସର ନଳିନୀ ପୃଷ୍ଟିଙ୍କଠାରୁ ଭିଜିଲାନ୍ସ ଦ୍ୱାରା ପ୍ରାୟ ସାଢ଼େ ଛଅକୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟବହିର୍ଭୂତ ସମ୍ପତ୍ତି ଜବତ ହେବା ଅତ୍ୟନ୍ତ ଲଜ୍ଜାର ବିଷୟ। ଏଭଳି ଆର୍ଥିକ ଅପରାଧୀଙ୍କ ପାଇଁ ବହିଷ୍କାର ସହ ଜେଲଦଣ୍ଡ ଏବଂ ଜବତ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବା ବୋଧେ କମ୍ ଦଣ୍ଡ ହେବ।

କାଶୀନାଥ ଦାସ,
ଖଣ୍ଡପଡ଼ା ଗଡ଼, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୩

- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଣେ ବରିଷ୍ଠ କଂଗ୍ରେସ(ଇ) ନେତା ହିତେନ୍ଦ୍ର ଦେଶାଇଙ୍କ ପରଲୋକ।
- ଓଡ଼ିଶା ସମେତ ୮ଟି ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନିନ କରିବା ନିମନ୍ତେ ଚଳିତବର୍ଷ ନୂଆ କାର୍ଯ୍ୟକ୍ରମ ଆରମ୍ଭ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ହାଣି ଦେଢ଼ ଲକ୍ଷ ଲୁଟ୍

ଭଦ୍ରକ ଅଫିସ,୧୨।୯-ବାଇକ୍ ଯୋଗେ ଘରକୁ ଫେରୁଥିବା ଜଣେ ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଲୁଟେରାମାନେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଭଦ୍ରକ ବାଗୁରାଇ ଅଞ୍ଚଳର ଦୀନବନ୍ଧୁ ନାୟକ ମଦ ଦୋକାନ ବନ୍ଦ କରି ଟଙ୍କା ନେଇ ଘରକୁ ଯାଉଥିଲେ। ଭଦ୍ରକ ଡିଆର୍‌ଡିଏ ଅଫିସ ନିକଟରେ ମୁହଁରେ କଳା କପଡ଼ା ଗୁଡ଼ାଇଥିବା ୩ ଜଣ ଲୁଟେରା କଳା ପଲସରରେ ଆସି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଡାହାଣ ହାତ ଓ ପେଟକୁ ଭୁଜାଲିରେ ହାଣି ତାଙ୍କ ପାଖରେ ଥିବା ଟଙ୍କା ନେଇ ପଳାଇଯାଇଥିଲେ। ଦୀନବନ୍ଧୁଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

### ବଜ୍ରପାତରେ ଜଳିଗଲା ବସ୍ତା ବିଦ୍ୟୁତ୍ ଷ୍ଟ୍ରକ୍ଚରର ଯନ୍ତ୍ରାଂଶ

ବସ୍ତା,୧୨।୯ (ସ୍ୱ.ପ୍ର.): ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରେ ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଦୀର୍ଘ ସମୟ ଧରି ଲଗାତର ବଜ୍ରପାତ ହେବା ଯୋଗୁଁ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଥିଲେ। ସ୍ଥାନୀୟ ଗାନ୍ଧିଛକଠାରେ ଥିବା ବିଦ୍ୟୁତ୍ ଷ୍ଟ୍ରକ୍ଚର ଉପରେ ବଜ୍ରପା ହେବାରୁ ଏହାର କେତେକ ଯନ୍ତ୍ରାଂଶ ଜଳି ଯାଇଥିଲା। ଏଥିଲାଗି ବିଦ୍ୟୁତ୍ ସରବରାହ ବ୍ୟାହତ ରହିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଛି। ବଜ୍ରପାତ କାରଣରୁ ଅକାମୀ ହୋଇପଡିଥିବା ବିଦ୍ୟୁତ୍ ଷ୍ଟ୍ରକ୍ଚରକୁ ଯୁଦ୍ଧକାଳୀନ ଭିତ୍ତିରେ କାମଚଳା ମରାମତି କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ନ ସମୟରେ ଝଡ ବର୍ଷା ଯୋଗୁ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିଲା। ଅନ୍ୟତ୍ର କେଉଁଠି କିଛି କ୍ଷତି ଘଟିଥିବାର ସୂଚନା ମିଳି ନାହିଁ। କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ପରେ ବୁଧବାର ବର୍ଷା ଓ ବଜ୍ରପାତ ଚାଷୀଙ୍କ ଚିନ୍ତା ବଢାଇଛି। ଖରିଫ ଫସଲରେ ଏଥିଲାଗି ବ୍ୟାପକ କ୍ଷତି ଘଟିଥିବା ଚାଷୀମାନେ କହିଛନ୍ତି।

### ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ପଦ୍ମପୁର,୧୨।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ସ୍ତ୍ରୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ ଅଭିଯୋଗରେ ଦଧିବାମନପୁର ଗ୍ରାମର ସୁବଳ ମାଝୀଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୪/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବାସୁଦେବପୁର ଥାନା ଅଧୀନ ଅଗାପୁର ଗ୍ରାମର ବୁଧିରାମ ମାଝୀଙ୍କ ଝିଅ ସୁଭଦ୍ରା ନାୟକାଣିଡିହୀ ଥାନା ଅଧୀନ ଦଧିବାମନପୁର ଗ୍ରାମର ସୁବଳ ମାଝୀଙ୍କୁ ବିବାହ କରିଥିଲେ। ବିବାହ ପରେ ସୁବଳ ଅଧିକ ଯୌତୁକ ଦାବି କରି ସୁଭଦ୍ରାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୧୦ ତାରିଖରେ ସୁବଳ ଘରେ ଝଗଡ଼ା କରିବା ସହ ସୁଭଦ୍ରାଙ୍କୁ କିରୋସିନ ଢାଳି ନିଆଁରେ ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ। ସୁଭଦ୍ରାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ସୁଭଦ୍ରାଙ୍କ ଭାଇ ଶୁକଦେବ ନାୟକାଣିଡିହୀ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତ ସୁବଳଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଦିଲୀପ କୁମାର ଦେହୁରୀ ସୂଚନା ଦେଇଛନ୍ତି।

# ପର୍ଶୁରାମ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ସମ୍ବଲପୁର,୧୨।୯(ବ୍ୟୁରୋ)

ଗାଁ ଦାଣ୍ଡରେ ସଂଘବଦ୍ଧ ଆକ୍ରମଣ ଆଉ ହତ୍ୟା। ଅଗଷ୍ଟ ୨୭ ତାରିଖ ସନ୍ଧ୍ୟାରେ ଘଟିଥିଲା ଏହି ଘଟଣା। ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଫଲସାଗୁଡ଼ି ଗ୍ରାମ ଏଥିରେ ଥରି ଉଠିଥିଲା। ସୂଚନା ଅଧିକାର ବଳରେ ସାଲେଭଟା ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ପର୍ଦ୍ଦାଫାଶ୍ କରିଥିବା ଚେମେର୍ଡା ଗ୍ରାମର ପର୍ଶୁରାମ ପ୍ରଧାନଙ୍କୁ ଭୁଜାଲି, ଟାଙ୍ଗିଆ ଆଦି ମାରଣାସ୍ତ୍ରରେ ଗୋଡ଼ାଇ ହଣା ଯାଇଥିଲା। ଏହି ଜଘନ୍ୟ ଅପରାଧକୁ ଇତିମଧ୍ୟରେ ୧୫ ଦିନ ବିତିଯାଇଛି। ପୋଲିସ କିନ୍ତୁ ମୁଖ୍ୟ ଅଭିଯୁକ୍ତ ସାଲେଭଟା ସମବାୟ ସମିତି ସମ୍ପାଦକ ଦଶରଥ ଧଳ ଓ ଅନ୍ୟମାନଙ୍କ ନିକଟରେ ପହଞ୍ଚିପାରି ନାହିଁ। ସାଧାରଣରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫେରାର୍ ଥିବା ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଗିରଫ ଦାବି ଦିନକୁ ଦିନ ଜୋର୍‌ଦାର୍ ହେବାରେ ଲାଗିଛି। ଅଞ୍ଚଳବାସୀଙ୍କ ଅସନ୍ତୋଷ ନେତାମାନଙ୍କୁ ମଧ ଚାପଗ୍ରସ୍ତ କରିଛି। ଦଳମତ ନିର୍ବିଶେଷରେ ବିଜେଡ଼ି, ଭାଜପା ଓ କଂଗ୍ରେସ ଦଳର ନେତାମାନେ ଏକ ସ୍ୱରରେ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ପୋଲିସର ଦୁର୍ବଳତାକୁ ପ୍ରସଙ୍ଗ କରି କ୍ଷୁବ୍ଧ ଶତାଧିକ ଗ୍ରାମବାସୀଙ୍କ ସହ ଏସ୍‌ପି ସଞ୍ଜିବ ଆରୋରାଙ୍କୁ ଭେଟି ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯିବ ବୋଲି ଏସ୍‌ପି ଆରୋରା କହିଛନ୍ତି। ଜିଲା ବିଜେଡି ସଭାପତି ପ୍ରମୋଦ ରଥ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, କଂଗ୍ରେସ ନେତା ଆସଫ ଅଲ୍ଲି ଖାନ୍, ସୁରେଖା ସାହୁ, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ ।



ବୁଧବାର ଏସପି ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ସହ ବିଭିନ୍ନ ଦଳର ନେତୃବୃନ୍ଦ ।

- ଶତାଧିକ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ
- ୩ ଦଳର ନେତା ସାମିଲ

ଏଠାରେ ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ୨ଜଣଙ୍କୁ ଗିରଫ କରାଯାଇଛି। ହେଲେ ଧଳଙ୍କ ସମେତ ୪ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି। ଅଗଷ୍ଟ ୨୭ ତାରିଖ ସନ୍ଧ୍ୟାରେ ପର୍ଶୁରାମ ନିଜ ଘରକୁ ଫେରୁଥିବା ସମୟରେ ଫଲଶାଗୁଡି ଗ୍ରାମ ନିକଟ ରାସ୍ତାରେ ତାଙ୍କୁ ଅଟକା ଯାଇଥିଲା। ପରେ ଲୁହାରଡ଼ ଓ ଟାଙ୍ଗିଆରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଆହତ ଅବସ୍ଥାରେ ପର୍ଶୁରାମ ଗାଁକୁ ଦୌଡ଼ି ଚାଲିଆସିଥିଲେ। ହେଲେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ମାରଣାସ୍ତ୍ରରେ ହାଣି ରକ୍ତାକ୍ତ କରିଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ତାଙ୍କ ପୁଅ ସେଠାରେ ପହଞ୍ଚି ଥିଲେ। ନିକଟସ୍ଥ ଡାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୨/୧୮) ରୁଜୁ କରି ଅଭିଯୋଗ ଆଧାରରେ ସାଲେଭଟା ସମିତି ସମ୍ପାଦକ ଦଶରଥ ଧଳଙ୍କ ଭାଇ ଗୋବିନ୍ଦ ଧଳ ଓ ତାଙ୍କ ଘରେ କାମ କରୁଥିବା କର୍ମଚାରୀ ହାସ୍ୟ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମିତି ସମ୍ପାଦକ ଦଶରଥ ଏହି ଅପରାଧର ଯେ ମୁଖ୍ୟ ଖଳନାୟକ ତଦନ୍ତରୁ ଜଣାପଡ଼ିଛି। ସେ ଜାଲିଆତି କରି ୯ଶହ ଚାଷୀଙ୍କୁ ଠକି ଥିଲେ। ଏ ସମ୍ପର୍କରେ ପର୍ଶୁରାମ ସୂଚନା ଅଧିକାର ବଳରେ ତଥ୍ୟ ହାସଲ କରିଥିଲେ। ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ । ଆରଟିଏ ତଥ୍ୟକୁ ଭିତ୍ତି କରି ଭିଜିଲାନ୍ସ ଚଢ଼ାଉ କରି ସମ୍ପାଦକ ଦଶରଥଙ୍କୁ ଗିରଫ କରିଥିଲା। ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଜବତ କରିଥିଲା। ବର୍ଷେ ହେଲା ଏହି ମାମଲା ବିଚାରାଧୀନ ରହିଛି । ପର୍ଶୁରାମ ଭିଜିଲାନ୍ସକୁ ଜାଲିଆତି ସମ୍ପର୍କିତ ଅଧିକ ତଥ୍ୟ ଯେ ପ୍ରଦାନ କରି ସମସ୍ୟା ସୃଷ୍ଟି କରିବେ ତାହା ସମ୍ପାଦକ ଦଶରଥଙ୍କୁ ଜଣା ଥିଲା। ଏଣୁ ତାଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇବାକୁ ଯାଇ ସେ ଓ ତାଙ୍କ ପରିବାରର ୬ ସଦସ୍ୟ ଏହି ନୃଶଂସ ହତ୍ୟାକାଣ୍ଡ କରିଥିବା ଛାନଭିନରୁ ସ୍ପଷ୍ଟ ହୋଇଛି।

### ପୋଖରୀରେ ବୁଡ଼ି ଦୁଇ ଛାତ୍ର ମୃତ

ବାଲିକୁଦା,୧୨।୯(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ ମୂଳଗାଁ ପଞ୍ଚାୟତ ସିଙ୍ଗିରି ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇ ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗ୍ରାମର ଶରତ ବିଶ୍ୱାଳଙ୍କ ପୁଅ ଓମ ବିଶ୍ୱାଳ(୯) ଓ ପ୍ରତାପ ରାଉତଙ୍କ ପୁଅ ଆର୍ଯ୍ୟ ସୁମନ ରାଉତ(୧୦)। ଓମ୍ ଚତୁର୍ଥ ଓ ଆର୍ଯ୍ୟସୁମନ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଦୁଇ ଜଣ ସ୍କୁଲ ଯିବା ପୂର୍ବରୁ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଜଣଙ୍କ ଗୋଡ଼ ଖସି ଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ପୋଖରୀ ନିକଟରେ କେହି ନ ଥିବାରୁ ସେମାନଙ୍କୁ ବୁଡ଼ିଯିବା ସମୟରେ ଉଦ୍ଧାର କରାଯାଇ ପାରି ନ ଥିଲା। ତେବେ ଫେରିବା ବିଳମ୍ବ ହେବାରୁ ଘର ଲୋକ ପୋଖରୀ ନିକଟକୁ ଖୋଜିବାକୁ ଯାଇଥିଲେ। ଏତିକିବେଳେ ସେମାନେ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ସଙ୍ଗେସଙ୍ଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରଥିଲେ। ଉଭୟ ସିଙ୍ଗିରି ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଇନାବେ ଗୋଡ଼ ଦିଅଇ
ମଝି ଦରିଆରେ ବୁଡ଼ି ମରଇ ।**

ଦୁଇ ନାଆରେ ଯିଏ ଗୋଡ଼ ରଖେ ସେ କୋଇ କୂଳର ହୋଇ ପାରି ନ ଥାଏ। କେଉଁ ପଟକୁ ଯାଇ ନ ପାରି ମଝି ଦରିଆରେ ବୁଡ଼ି ମରିବା ସାର ହୋଇଥାଏ। ତେଣୁ ଯେକୌଣସି ଦ୍ୱନ୍ଦ୍ୱ ମଧ୍ୟରେ ନିଜକୁ ଜଡ଼ିତ ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାରୁଆ, ଧାରୁଆ, ଭାଡୁଆ ଯିଏ
ତାଙ୍କ ବଚନରେ ସତ ନ ଥାଏ ।**

ଦାରୁ ବା ମଦ ପିଉଥିବା ବ୍ୟକ୍ତି, ଉଧାର ନେଇ ଶୁଝି ପାରୁ ନ ଥିବା ବ୍ୟକ୍ତି ଏବଂ ଭାଣ୍ଡାମି କଥା କହୁଥିବା ବ୍ୟକ୍ତି ଜୀବନରେ କେବେ ସତକଥା କହି ନ ଥାନ୍ତି। ତାଙ୍କ କଥାକୁ ସତମଣି ବିଶ୍ୱାସ କରି ବସିରହିଲେ ଆଶା କେବେ ଫଳବତୀ ହୋଇ ପାରି ନ ଥାଏ। କେବଳ ମିଛ ଆଶ୍ୱାସନା ପାଇ ମନ ଖରାପ କରି ବସିବା ସାର ହୋଇଥାଏ। ତେଣୁ ଏପରି ବ୍ୟକ୍ତିଙ୍କଠାରୁ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବା ଉଚିତ ବାଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

■ ୩ୟ ପତ୍ନୀଙ୍କୁ ହତ୍ୟା ଅଭିଯୋଗ

### ସ୍ୱାମୀ, ଦୁଇ ସଉତୁଣୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦାଅଫିସ/ବଡ଼ସାହି(ସ୍ୱ.ପ୍ର),୧୨।୯-୨୦୧୫ ମସିହାରେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅର୍ନ୍ତଗତ ଆମ୍ବଡିହା ଗ୍ରାମର ବିଜୟ ମୁର୍ମୁଙ୍କ ତୃତୀୟ ପତ୍ନୀ ଚମ୍ପୋ ହାଁସଦାଙ୍କୁ ସ୍ୱାମୀ ସମେତ ତାଙ୍କ ଦୁଇ ସଉତୁଣୀ ହତ୍ୟା କରି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ଜିଲା ଦୌରାଜଜ ସଞ୍ଜୟ ରଞ୍ଜନ ବହିଦାର ସ୍ୱାମୀ ବିଜୟ ଏବଂ ତାଙ୍କର ଦୁଇ ପତ୍ନୀ ରାଣ୍ଡେ ଏବଂ ଫୁଲମଣୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାବ୍ୟତୀତ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମୃତା ମହିଳାଙ୍କ ଭାଇ ଯୋଗେନ୍ଦ୍ର ହାଁସଦା ଉଦଳା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଉଦଳା ଥାନା ଅନ୍ତର୍ଗତ ଆମ୍ବଡିହା ଗ୍ରାମର ବିଜୟ ମୁର୍ମୁ ତାଙ୍କ ଭଉଣୀ ଚମ୍ପୋଙ୍କୁ ୩ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ। ଏହା ପୂର୍ବରୁ ବିଜୟ ରାଣ୍ଡେ ମୁର୍ମୁ ଏବଂ ଫୁଲମଣି ମୁର୍ମୁ ନାମ୍ନୀ ୨ଜଣଙ୍କୁ ସେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ ଓ ୨ ସଉତୁଣୀ ମିଶି ଚମ୍ପୋଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ସେ ତାଙ୍କର ପରିବାର ଲୋକଙ୍କୁ ଜଣାଇଥିଲେ। ୨୦୧୫ ଜାନୁୟାରୀ ୧ତାରିଖରେ ତାଙ୍କ ଭଉଣୀ ଚମ୍ପୋଙ୍କର ମୃତ୍ୟୁ ହୋଇଥିବା ଖବର ପାଇ ଯୋଗେନ୍ଦ୍ର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏ ନେଇ ଉଦଳା ପୋଲିସ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଶରଦ ଚନ୍ଦ୍ର ସାମନ୍ତ ପରିଚାଳନା କରୁଥିଲେ।

# ୧୫,୦୫୩ କୋଟିର ନୂଆ ଫସଲ କ୍ରୟ ନୀତି

ନୂଆଦିଲ୍ଲୀ,୧୨।୯

**କେନ୍ଦ୍ର କ୍ୟାବିନେଟ ମୋହର**
- ଏମ୍‌ଏସ୍‌ପି ପ୍ରଦାନ ଉପରେ ଗୁରୁତ୍ୱ
- ଇଥାନଲ ଦର ୨୫% ବୃଦ୍ଧି

ଲୋକ ସଭା ନିର୍ବାଚନର ବର୍ଷକ ପୂର୍ବରୁ କେନ୍ଦ୍ର ସରକାର ୧୫,୦୫୩ କୋଟି ଟଙ୍କାର ଫସଲ କ୍ରୟ ନୀତି ଘୋଷଣା କରିଛନ୍ତି। ଏହି ନୀତିରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଯୋଜନା ବାଛିବାର ଅଧିକାର ପ୍ରଦାନ କରାଯାଇଛି। ଏହାଛଡା ଏମ୍‌ଏସ୍‌ପିରେ ଚାଷୀଙ୍କ ଠାରୁ ଫସଲ କ୍ରୟ ଲାଗି ଘରୋଇ ଏଜେନ୍ସିକୁ ନିୟୋଜିତ କରିବାକୁ ଅନୁମତି ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ନୂଆ ଫସଲ ନୀତି 'ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ'କୁ ଅନୁମୋଦନ କରାଯାଇଛି। ବଜେଟର ଘୋଷଣା ଅନୁଯାୟୀ ଚାଷୀ ଯେପରି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇବେ ସେ ନେଇ କ୍ୟାବିନେଟ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। କ୍ୟାବିନେଟ ବୈଠକ ପରେ କୃଷି ମନ୍ତ୍ରୀ ରାଧାମୋହନ ସିଂହ ଏଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, କ୍ୟାବିନେଟ ବୁଧବାର ଏକ ଐତିହାସିକ ନିଷ୍ପତ୍ତି ନେଇଛି। ସେ କହିଛନ୍ତି ଯେ, ଚାଷୀ ଯେପରି ଏମ୍‌ଏସ୍‌ପିରେ ନିଜର ଫସଲ ବିକ୍ରି କରିପାରିବ ସେନେଇ ରାଜ୍ୟଗୁଡିକ ୩ଟି ଯୋଜନା ପ୍ରାଇସ୍ ସର୍ପୋଟ ସ୍କିମ୍ ବା ମୂଲ୍ୟ ସହାୟକ ଯୋଜନା, ନୂଆ ପ୍ରାଇସ ଡେଫିସିଏନ୍ସି ପେମେଣ୍ଟ ସ୍କିମ ବା ଦର ପାର୍ଥକ୍ୟ ଦେୟ ଯୋଜନା ଏବଂ ପାଇଲଟ ଭିତ୍ତିରେ ପ୍ରାଇଭେଟ ପ୍ରୋକିଓରମେଣ୍ଟ ଷ୍ଟକିଷ୍ଟ ସ୍କିମ ବା ଘରୋଇ କ୍ରୟ ଷ୍ଟକିଷ୍ଟ ଯୋଜନା ମଧ୍ୟରୁ ଯେକୌଣସି ଗୋଟିକୁ ବାଛିପାରିବେ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ନୂଆ ନୀତି ପ୍ରଣୟନ ଲାଗି କେନ୍ଦ୍ର କ୍ୟାବିନେଟ ୧୫,୦୫୩ କୋଟି ଟଙ୍କାର ପାଣ୍ଠି ଗଠନକୁ ଅନୁମୋଦନ କରିଛନ୍ତି। ଏଥିମଧ୍ୟରୁ ଚଳିତ ବର୍ଷ ୬,୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡା କ୍ରୟ ଲାଗି ଋଣ ପ୍ରଦାନ ବାବଦରେ କେନ୍ଦ୍ର ସରକାର ୧୬,୫୫୦ କୋଟି ଟଙ୍କାର ଅତିରିକ୍ତ ଗ୍ୟାରେଣ୍ଟି ଦେବେ। ଫଳରେ ଏହା ୪୫,୫୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଚାଷୀ ଯେପରି ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇବେ ସେସଂକ୍ରାନ୍ତରେ ନୀତିରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ୨୨ପ୍ରକାର ଫସଲର ଏମ୍‌ଏସ୍‌ପି ବୃଦ୍ଧି ଘୋଷଣା କରିବା ପରେ ଜୁଲାଇରେ ପ୍ରଧାନମନ୍ତ୍ରୀ ନୂଆ ଫସଲ ନୀତି ଆସିବ ବୋଲି କହିଥିଲେ। ଏମ୍‌ଏସ୍‌ପି ଠାରୁ କମ ଦରରେ ତୈଳବୀଜ ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା ଲାଗୁ କରାଯିବ। ଏମ୍‌ଏସପି ନୀତିରେ ଉଭୟ ଖରିଫ ଓ ରବି ଋତୁରେ ଚାଷ ହେଉଥିବା ୨୩ ପ୍ରକାର ଶସ୍ୟ ଉପରେ ସରକାର ଦର ଧାର୍ଯ୍ୟ କରନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସିଂହ ପ୍ରକାଶ କରିଛନ୍ତି। ସେହିଭଳି କେନ୍ଦ୍ର କ୍ୟାବିନେଟ ଇଥାନଲ ଦରରେ ୨୫% ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି। ଆଖୁ ଓ ଇଣ୍ଟରମିଡିୟରି ମୋଲାସେସ୍(ବି-ହେଭି ମୋଲାସେସ୍)ରୁ ଉତ୍ପାଦିତ ଇଥାନଲ ଦରକୁ ଲିଟର ପିଛା ୪୭.୧୩ ଟଙ୍କାରୁ ୫୨.୪୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଶତପ୍ରତିଶତ ଆଖୁ ରସରୁ ଉତ୍ପାଦିତ ଇଥାନଲ ପାଇଁ ଲିଟର ପିଛା ଦରକୁ ୪୭.୧୩ ଟଙ୍କାରୁ ୫୯.୧୩ ଟଙ୍କାକୁ ବୃଦ୍ଧି କରାଯାଇଛି। ଡିସେମ୍ବରରୁ ଇଥାନଲ ଉତ୍ପାଦନ ଆରମ୍ଭ ହୋଇଥାଏ। ଚଳିତ ଆର୍ଥିକ ବର୍ଷରେ ଦେଶରେ ୨ରୁ ଅଢ଼େଇ ବିଲିୟନ ଲିଟର ଇଥାନଲ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ନିଷ୍ପତ୍ତି ଫଳରେ ବିଭିନ୍ନ କାମରେ ଆଖୁ ରସର ଅଧିକ ଖର୍ଚ୍ଚ କମିବ ଓ ଚାଷୀମାନଙ୍କୁ ସେମାନଙ୍କର ବକେୟା ମୂଲ୍ୟ ଦେବାରେ ଚିନି ମିଲଗୁଡିକର ତରଳତା ବଢ଼ିବ ଓ ଇଥାନଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ପାଇଁ ଅଧିକ ଇଥାନଲ ଉପଲବ୍ଧ ହୋଇପାରିବ। ଅନୁରୂପ ଭାବେ ତୈଳ ଓ ଗ୍ୟାସ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିନ ଦେବା ପାଇଁ ହାଇଡ୍ରୋ କାର୍ବନ ଭଣ୍ଡାରରୁ ରିକଭରିରେ ସୁଧାର ପାଇଁ ଏନହାନ୍ସଡ ରିକୋଭରି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ନୀତିଗତ ଢ଼ାଞ୍ଚାକୁ ମଧ ଅନୁମୋଦନ କରାଯାଇଛି।

### ସାପ କାମୁଡ଼ାରେ ଭଉଣୀଭାଇଙ୍କ ଜୀବନ ଗଲା

ବାଲିଚନ୍ଦ୍ରପୁର,୧୨।୯(ସ୍ୱ.ପ୍ର.)

ବିଷ ଧର ସାପ କାମୁଡ଼ାରେ ଭଉଣୀ ଓ ଭାଇଙ୍କ ଜୀବନ ଦୀପ ଲିଭିଯାଇଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଚ୍ୟୁତବସନ୍ତ ପଞ୍ଚାୟତ ଅନ୍ତର୍ଗତ ଅସିଆଗଡ ଗ୍ରାମରେ। ଏହି ଗ୍ରାମର ଅଜୟ କୁମାର ବଳସାମନ୍ତଙ୍କ ଝିଅ କ୍ରିଷ୍ଣା(୭) ଓ ପୁଅ ପ୍ରତାପ (୪)ନିଜ ମା'ଙ୍କ ସହିତ ମାମୁଘର ନେମାଳ ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁର ଗ୍ରାମକୁ ଯାଇଥଲେ। ମଙ୍ଗଳବାର ରାତିରେ ମାମୁଘରେ ମା'ଙ୍କ ସହିତ କ୍ରିଷ୍ଣା ଓ ପ୍ରତାପ ଶୋଇଥିଲେ। ତେବେ ହଠାତ୍ କ୍ରିଷ୍ଣା ଉଠପଡ଼ି କ'ଣ ଗୋଟେ କାମୁଡି ଦେଲା ବୋଲି ଚିତ୍କାର କରିଥିଲେ। କ୍ରିଷ୍ଣାଙ୍କ ଚିତ୍କାରରେ ମା'ଙ୍କ ସମେତ ପରିବାର ଅନ୍ୟ ସଦସ୍ୟ ଉଠିପଡିଥିଲେ। କ'ଣ ହେଲା ବୋଲି କ୍ରିଷ୍ଣାଙ୍କୁ ପଚାରିବାରେ ମୁଣ୍ଡ ବୁଲାଉଥିବା ସେ କହିଥିଲେ। ଏହି ସମୟରେ ବିଛଣା ନିକଟରେ ଏକ ବିଷଧର ସାପ ଦେଖିବାକୁ ମିଳିଥିଲା। ପରିବାର ଲୋକେ କ୍ରିଷ୍ଣାଙ୍କ ବାମହାତ ଏବଂ କାନରେ ସାପକାମୁଡିବାର କ୍ଷତ ମଧ ଦେଖିବାକୁ ପାଇଥିଲେ। ତୁରନ୍ତ କ୍ରିଷ୍ଣାଙ୍କୁ ପ୍ରଥମେ ନିକଟସ୍ଥ ନିଶ୍ଚିନ୍ତକୋଇଲି ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ଏହି ସମୟରେ ପ୍ରତାପଙ୍କ ପାଟିରୁ ମଧ ଲାଳ ବାହାରିଥିବା ଦେଖିବାକୁ ମିଳିଥିଲା। ମାମୁଘର ଲୋକେ ପ୍ରତାପଙ୍କୁ ମଧ ଚିକିତ୍ସାଳୟକୁ ନେଇଯାଇଥିଲେ। ମାତ୍ର ସେଠାରେ ଉଭୟ କ୍ରିଷ୍ଣା ଓ ପ୍ରତାପଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ତୁରନ୍ତ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଶିଶୁଭବନରେ ଚିକିତ୍ସା ଚାଲିଥିବାବେଳେ ବୁଧବାର ସକାଳ ପ୍ରାୟ ୬ଟାରେ ଉଭୟ କ୍ରିଷ୍ଣା ଓ ପ୍ରତାପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

IndianOil

ମାର୍କେଟିଙ୍ଗ୍ ଡ଼ିଭିଜନ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ

**ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଜମିର ପ୍ରୟୋଜନ
ପ୍ରସ୍ତାବର ଅଭିବ୍ୟକ୍ତି (EOI)**

ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଆଗ୍ରହୀ ବ୍ୟକ୍ତି/ବ୍ୟକ୍ତିମାନଙ୍କର ଦଳ/ସରକାରୀ/ବେସରକାରୀ ସଂସ୍ଥା/ଇଣ୍ଡଷ୍ଟ୍ରିଆଲ ପାର୍କ ଡେଭେଲପର ଗଣ/ସଂସ୍ଥା/ଟ୍ରଷ୍ଟ ଇତ୍ୟାଦିଙ୍କ ଠାରୁ ଜଉ ମୁଦା ପ୍ରସ୍ତାବ ଆହ୍ୱାନ କରାଯାଉଅଛି ।

ପ୍ରସ୍ତାବିତ ଜମିକୁ, ଏହି ବିଜ୍ଞାପନ ପ୍ରକାଶନ ତାରିଖ ପୂର୍ବରୁ ହସ୍ତାନ୍ତର ନିମନ୍ତେ ସ୍ୱଷ୍ଟ ମାଲିକାନାର ସ୍ୱତ୍ୱାଧିକାର ସହିତ ସଂପୂର୍ଣ୍ଣ ବିକ୍ରୟଯୋଗ୍ୟ/ଦୀର୍ଘ ମିଆଦି ଲିଜ୍/ ଉପ ଲିଜ୍(ଅତିକମ୍‌ରେ ୫୦ ବର୍ଷ) ଆଧାରରେ, ଇଣ୍ଡିଆନ ଅଏଲ କର୍ପୋରେସନଙ୍କୁ ପୁନଃ-ନବୀକରଣ ଭିତ୍ତିରେ ପିଓଏଲ ଷ୍ଟୋରେଜ୍ ଟର୍ମିନାଲ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବକ ହସ୍ତାନ୍ତର କରିବାକୁ ଇଚ୍ଛୁକ ଥିବେ ।

ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ ନିମନ୍ତେ ପ୍ରାୟ ୮୦-୧୨୦ ଏକର ଜମିର ପ୍ରୟୋଜନ ରହିଛି । ଏହି ସମ୍ବନ୍ଧରେ, କର୍ପୋରେସନର ନିର୍ଣ୍ଣୟ ଅନ୍ତିମ ଏବଂ ବାଧ୍ୟତାମୂଳକ ହେବ । ପ୍ରସ୍ତାବିତ ଜମି ଓଡ଼ିଶାର ଛତ୍ରପୁର ଏବଂ ଗିରିଶୋଲା ମଧ୍ୟରେ ଏନ୍‌ଏଚ୍-୧୬ ସଲଗ୍ନ ଅଥବା ୧୦୦ ଫୁଟ ଚଉଡ଼ା ପ୍ରବେଶ/ରାସ୍ତାର ସଂଯୋଗ ସହିତ ଅବସ୍ଥିତ ହୋଇଥିବା ଉଚିତ୍ । ଯଦି ପ୍ରବେଶ/ରାସ୍ତାଟି ବ୍ୟକ୍ତିଗତ ହୋଇଥାଏ, ତେବେ ପ୍ରସ୍ତାବକାରୀଙ୍କ ନିକଟରେ ଏହାର ସ୍ୱଷ୍ଟ ଏବଂ ବିକ୍ରୟଯୋଗ୍ୟ ମାଲିକାନା ଥିବା ବାଞ୍ଛନୀୟ ।

**ଆବେଦନପତ୍ର, ଇଣ୍ଡିଆନ ଅଏଲ ଭବନ, ଏ/୨, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୪, ୪ର୍ଥ ମହଲା(ସଂଗ୍ରହଣ ବିଭାଗ) ସ୍ଥିତ ଆମ୍ଭର କାର୍ଯ୍ୟାଳୟରେ ଉପଲବ୍ଧ ।**

ଆବେଦନକାରୀଙ୍କ ଦ୍ୱାରା ସଂପୂର୍ଣ୍ଣ ଆବେଦନ ପତ୍ର ଜମାଦେବାର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା:

**ଜମା ଦେବାର ଶେଷ ତାରିଖ : ୦୮.୧୦.୨୦୧୮ । ସମୟସୀମା : ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ ।**

**ଯୋଗାଯୋଗ କରନ୍ତୁ : ୯୭୩୫୪୨୦୨୨୨ / ୯୪୩୭୪୮୮୨୩୩**

## ମହତ୍ତ୍ୱପୂର୍ଣ୍ଣ ସୂଚନା

### ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ

ବାତିଲ୍ ହେଉଥିବା ଟ୍ରେନ୍ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ୍ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଦୁରନ୍ତୋ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଦୁରନ୍ତୋ ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |

ପୂର୍ବ ତଟ ରେଳପଥ

PR-346/J/18-19



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।
- ଲାଲ୍ ବାହାଦୁର ଶାସ୍ତ୍ରୀ



# ନୂଆଁଖାଇ ହାଟରେ ଭିଡ, ଧାନ କେଣ୍ଡାକୁ ୫ ଟଙ୍କା

ସମ୍ବଲପୁର,୧୨।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦିନକ ପରେ ଇଷ୍ଟଦେବୀ ମା' ସମଲେଇଠାରେ ନବାନ୍ନ ଭୋଗ ଲାଗିବ। ଏଥିପାଇଁ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ପ୍ରସ୍ତୁତିରେ ଲାଗିଛନ୍ତି। ସେହିପରି ସମ୍ବଲପୁର ସହରର ବିଭିନ୍ନ ଛକଗୁଡ଼ିକରେ ନୂଆଁଖାଇ ହାଟରେ ଗହଳି ଦେଖିବାକୁ ମିଳିଥିଲା। ମୁଖ୍ୟତଃ ଗୋଲବଜାର, ଅଇଁଠାପାଲି, ବୁଢ଼ାରଜା ଦୈନିକ ବଜାର, ବଡ଼ବଜାର ଛକ, କମଳିବଜାର, ଧନୁପାଲି, ଗୋବିନ୍ଦତୋଲା ଆଦି ସ୍ଥାନରେ ଗ୍ରାମାଞ୍ଚଳରୁ ମହିଳା ଓ ପୁରୁଷମାନେ ନୂଆଁଖାଇ ସାମଗ୍ରୀ ନେଇ ପସରା ଖୋଲିଥିଲେ। ନୂଆଁ ଧାନ କେଣ୍ଡାକୁ ୫ ଟଙ୍କାରେ ବିକ୍ରି ହୋଇଥିଲା। ସେହିପରି ସାରୁ ପତ୍ର, ସାରୁ, ସର୍ଗିପତ୍ର, କୁରେଇପତ୍ର, ମହୁଲପତ୍ର, ଦୂବ, ବେଲପତ୍ର, ଫୁଲ, ଆମ୍ବଡାଳ ମହିଳା, ପୁରୁଷମାନେ କିଣିଥିଲେ। ନୂଆଁଖାଇ ଭେଟଘାଟ ଆୟୋଜନ କରୁଥିବା ସଙ୍ଗଠନ କର୍ମକର୍ତ୍ତାମାନେ ପ୍ରେକ୍ଷାଳୟ ସଜ୍ଜ କରୁଛନ୍ତି। ଲୋକ ସଙ୍ଗୀତ, ଲୋକବାଦ୍ୟ ଏବଂ ଲୋକନୃତ୍ୟ କଳାକାରମାନେ ଆଖଡ଼ା ଶାଳାରେ ଶେଷ ଅଭ୍ୟାସ କରିଛନ୍ତି। ଏହି କ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଝାଡ଼ୁଆପଡ଼ା ବଡ଼ଦୁଆରଠାରେ ଭେଟଘାଟ ଉତ୍ସବ ହେବ। ଏଥିରେ ବିଭିନ୍ନ ସ୍କୁଲ କଲେଜ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିବେ। ସେହିପରି ଜମନକିରା ଟିଙ୍କିଲିପଡ଼ାର ସଂଘର୍ଷ ମହିଳା ଚାଷୀ ଜୟନ୍ତୀ ପଟେଲ ଓ ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁମାନେ ବାର୍ତ୍ତା ଦେବା କାର୍ଯ୍ୟକ୍ରମ ରହିଛି ବୋଲି ସାଧାରଣ ସମ୍ପାଦକ ବୋଧରାମ ଦାଶ ଜଣାଇଛନ୍ତି। ବଜନିଆଁ କଳାକାର ଚନ୍ଦ୍ରଶେଖର ଦୁବେ କହିଛନ୍ତି ଯେ, ନୂଆଁଖାଇ ଭେଟଘାଟରେ ୫ ନୃତ୍ୟ ଓ ୨୦ ଗୀତ ପ୍ରସ୍ତୁତ କରାଯାଇଛି। ଦଳରେ ୮ ଝିଅ ଓ ୧୦ ପୁଅ ରହିଛନ୍ତି। ଚଳିତବର୍ଷ ମାଲେଶ୍ରୀ ସ୍ୱରରେ ସମଲେଇ ଭଜନ ମୁଖ୍ୟ ଆକର୍ଷଣ ରହିଛି । ସାଂସ୍କୃତିକ ଅନୁଷ୍ଠାନ ଲହରୀ ନିର୍ଦ୍ଦେଶକ ମୋହିତ କୁମାର ସ୍ୱାଇଁ କହିଛନ୍ତି ଯେ, ପ୍ରତିବର୍ଷ ନୂଆଁଖାଇ ଭେଟଘାଟକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଉଁ। ଚଳିତ ବର୍ଷ ନୂଆଁଖାଇ ଗୀତ ଜୁହାର ଗୋ ଦଦା, ଜୁହାର ଗୋ ଭାଇ ଆଏଲା ଆମର୍ ନୁଆଁଖାଇ୍ ଲୋକଙ୍କୁ ଆକୃଷ୍ଟ କରିବ। ଏଥିପାଇଁ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଓ ବ୍ରହ୍ମାକୁମାର ଗତ ୧୫ ଦିନ ହେବ ଅଭ୍ୟାସ ଜାରି ରଖିଛନ୍ତି। ୭ ଝିଅ, ୧୨ ପୁଅ ଓ ୨ କଣ୍ଠଶିଳ୍ପୀଙ୍କୁ ନେଇ ନୂଆଁଖାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ।





ବୁଧବାର ଗୋଲବଜାର ନୁଆଁଖାଇ ହାଟରେ ନୁଆଁଧାନ ଓ ବିଭିନ୍ନ ପ୍ରକାର ପତ୍ର ପସରା ।

## ସଂକ୍ଷେପରେ

### ଭାଜପାର ବୈଠକ

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)-ରେଢ଼ାଖୋଲ ଭାଜପା ସନ୍ଥକବି ମଣ୍ଡଳ ଓ ଚାରମାଳ ମଣ୍ଡଳ ପକ୍ଷରୁ ବୁଧବାର କର୍ମକର୍ତ୍ତାମାନଙ୍କ ପୃଥକ ପୃଥକ ୨ଟି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତାପ କୁମାର ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ସମର ପ୍ରଧାନ, ଜୟରାମ ପୋଢ଼, ସୂର୍ଯ୍ୟନାରାୟଣ ଜେନା, ସରୋଜ ପ୍ରଧାନ, ସଞ୍ଜୀବ ପ୍ରଧାନ, ବଟକିଶୋର ବେହେରା, ଶାନ୍ତନୁ ବାରିକ, ସଂସାର ସାହୁଙ୍କ ସମେତ ଉଭୟ ମଣ୍ଡଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ବୁଥ୍‌ସ୍ତରରୁ ସାଂଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୨ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ଗସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ମଧ ଆଲୋଚନା ହୋଇଥିଲା।

### ଗୌରଚନ୍ଦ୍ର ହାଇସ୍କୁଲରେ ବିଜ୍ଞାନ ସେମିନାର

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)-ସ୍ଥାନୀୟ ଗୌରଚନ୍ଦ୍ର ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। 'ଔଦ୍ୟୋଗିକ କ୍ରାନ୍ତି' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଗୌରଚନ୍ଦ୍ର ହାଇସ୍କୁଲର ଶିବାନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୋଚିବାହାଲ ହାଇସ୍କୁଲର ସାଗରିକା ନାୟକ ଦ୍ୱିତୀୟ ସ୍ଥାନ ଓ ରେଙ୍ଗାଲି ହାଇସ୍କୁଲର ଶୁଭମ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରମଣି ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ନାକ୍ଟିଦେଉଳ କଲେଜର ଅଧ୍ୟାପକ ସଞ୍ଜୀବ କୁମାର ଦାସ, ରେଢ଼ାଖୋଲ ମହିଳା କଲେଜର ଭୁକେଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ଗୌରଚନ୍ଦ୍ର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜୀବ ଲୋଚନ ଚାନ୍ଦ, ସୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ।

### କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

ଧମା,୧୨।୯(ଡି.ଏନ.ଏ.)

ମାନେଶ୍ୱର ବ୍ଲକ ଜୋନ-୨ କଂଗ୍ରେସ ସଭାପତି ଧରଣୀଧର ସାହୁଙ୍କୁ ସୋମବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ରାତି ପ୍ରାୟ ୧୦ଟା ସମୟରେ ସେ ସାହାସପୁର ଛକରେ ଛିଡ଼ା ହୋଇଥିବା ବେଳେ ନିକଟସ୍ଥ ଅର୍ଡା ଗ୍ରାମର ଭବାନୀ ବେଶନ, ରାଜୁ ବାଗ, କେଶବ ଜାଲ ଏବଂ ମୁନି ବାଗ ପ୍ରମୁଖ ସେଠାରେ ପହଞ୍ଚି ଭୁଜାଲି ଓ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗ୍ରାମବାସୀଙ୍କ ସହାୟତାରେ ସେ ସମ୍ବଲପୁର ସିଟି ସ୍ୱର୍ଣ୍ଣ ହସ୍ପିଟାଲକୁ ଆସିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଧମା ଥାନାରେ ଏ ସମ୍ପର୍କିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

## କାମ୍‌ରେ ଲାଗୁନି ସ୍ୱାସ୍ଥ୍ୟବୀମା କାର୍ଡ, ରୋଗୀ ହଇରାଣ

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)

ସରକାର ବିଭିନ୍ନ ଯୋଜନାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରୁଛନ୍ତି। ଏହି ସ୍ୱାସ୍ଥ୍ୟ ବୀମା କାର୍ଡରେ ଲୋକେ ୨ ଲକ୍ଷରୁ ୫ଲକ୍ଷ ଟଙ୍କା ମଧ୍ୟରେ ମାଗଣାରେ ଚିକିତ୍ସା ସୁବିଧା ପାଇ ପାରିପାରିବେ। ହେଲେ ୫୦ହଜାର ଟଙ୍କା ଚିକିତ୍ସା ଖର୍ଚ୍ଚ ହେଉଥିବା ବେଳେ ଘରୋଇ ଚିକିତ୍ସାଳୟରେ ସ୍ୱାସ୍ଥ୍ୟବୀମା କାର୍ଡରୁ ଲକ୍ଷାଧିକ ଟଙ୍କା ନେଇ ଯାଉଥିବା ଅଭିଯୋଗ ହେଉଛି। ଏବେ ସରକାରୀ ଡାକ୍ତରଖାନାରେ ମଧ୍ୟ ସ୍ୱାସ୍ଥ୍ୟ ବୀମା କାର୍ଡ ଥାଇ ରୋଗୀ ଚିକିତ୍ସା ସେବା ପାଇ ନ ପାରି ହଇରାଣ ହେଉଥିବା ଅଭିଯୋଗ ହୋଇଛି। ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟବୀମା କାର୍ଡ ଥାଇ ମଧ୍ୟ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଭାଜପା ନଗର ସଭାପତି ଶିବରାମ ସାହୁ ଏ ସଂକ୍ରାନ୍ତରେ ଉପଜିଲାପାଳ ବିଶିକେସନ ଦେହୁରୀଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ୭ ଦିନ ହେବ ରେଢ଼ାଖୋଲ ଡାକ୍ତରଖାନାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଥିବା କାର୍ଡ କାମ କରୁ ନ ଥିବା ସେ ଜଣାଇଛନ୍ତି। ଏହି ଯୋଜନାର ଇଫକୋଟୋକିଓ ବୀମା କଂପାନୀର ଦାୟିତ୍ୱହୀନାତା ଯୋଗୁ ରୋଗୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ମିଳିପାରୁ ନାହିଁ। ଫଳରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଗରିବ ରୋଗୀ ହଇରାଣ ହେଉଛନ୍ତି। ଏପରିକି ଶରଧାପୁର ଗ୍ରାମର ଖେତି ବନଛୋର (୩୫) ନାମକ ଜଣେ ମହିଳା ସ୍ୱାସ୍ଥ୍ୟବୀମା କାର୍ଡ କାମ ନ କରିବାରୁ ମୃତ୍ୟୁ ମୁଖରେ ପଡିଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କ ଠାରେ ଦାବି କରାଯାଇଛି। ମୁରଲି ଦେ, ଲକ୍ଷ୍ମଣ ପୁରୋହିତ, ବବଲୁ ଦେବ, ବଳରାମ ପ୍ରଧାନ, ବିକ୍ରମ ସିଂ ପ୍ରମୁଖ ଦାବି ପ୍ରଦାନ ବେଳେ ଉପସ୍ଥିତ ଥିଲେ। ତେବେ ସଫ୍ଟୱେର କାମ କରୁ ନ ଥିବା ଯୋଗୁ ଏଭଳି ପରିସ୍ଥିତ ଉପୁଜିଛି। ବୀମା କମ୍ପାନୀର ହାଇଦ୍ରାବାଦ କାର୍ଯ୍ୟାଳୟରୁ ଏହାର ଆବଶ୍ୟକ କାର୍ଯ୍ୟ କରାଯାଉଥିବା ସିଡିଏମ ଓ କଲ୍ୟାଣ ଗୁପ୍ତା କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କୁ ଟଣାଓଟରା ଅଭିଯୋଗ: ଅଭିଯୁକ୍ତ ଗିରଫ

ଧମା,୧୨।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ଧମା ଥାନା ଅଧୀନ ସାହାସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତା ସାହୁଙ୍କୁ ଟଣାଓଟରା ଓ ଅସଭ୍ୟ ଭାଷାରେ ଗାଳିଗୁଳଜ ଅଭିଯୋଗରେ ପୋଲିସ ସେହି ଗ୍ରାମର ସଞ୍ଜୟ ସାହୁ (୪୫)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ପ୍ରାପ୍ତ ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ରଞ୍ଜିତା ତାଙ୍କ ସ୍ୱାମୀଙ୍କ ଘରକୁ ଫେରିବା ବାଟକୁ ଅପେକ୍ଷା କରି ରହିଥିଲେ। ଏହି ସମୟରେ ସଞ୍ଜୟ ଏକ ଅଟୋରେ ଘରକୁ ଯାଉଥିଲା ବେଳେ ଓହ୍ଲାଇ ପଡ଼ି ରଞ୍ଜିତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ତାଙ୍କ ହାତକୁ ଧରି ଟଣାଓଟରା କରିଥିଲେ। ପରେ ସ୍ୱାମୀ ଘରକୁ ଆସିବା ପରେ ତାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ବୁଧବାର ଅପରାହ୍ଣ ୧ଟାରେ ଏ ବାବଦରେ ଧମା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

## ସହକାରୀ ଯନ୍ତ୍ରୀଙ୍କ ବଦଳି ଦାବି



ବୁଧବାର ଜିଲାପାଳ ଅଫିସ ସମ୍ମୁଖରେ ଜମନକିରା ବ୍ଲକର ଜନପ୍ରତିନିଧି ।

ସମ୍ବଲପୁର,୧୨।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସମିତି ସଭ୍ୟା ସଭ୍ୟ, ସରପଞ୍ଚମାନେ ବୁଧବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟିଛନ୍ତି । ବ୍ଲକ ସହକାରୀ ଯନ୍ତ୍ରୀ ହରିବନ୍ଧୁ ପଣ୍ଡାଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି। ଯନ୍ତ୍ରୀ ପଣ୍ଡା ଦୁର୍ବ୍ୟବହାର ଓ ଗାଳିଗୁଳଜ କରୁଥିବା ସେମାନେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ ସହକାରୀ ଯନ୍ତ୍ରୀ ନାମରେ ଏ ସମ୍ପର୍କିତ ଅଭିଯୋଗ ହୋଇଛି। ଏଣୁ ତାଙ୍କୁ ବଦଳି କରା ନ ଗଲେ ବ୍ଲକକୁ ଅଚଳ କରିଦେବୁ ବୋଲି ଚେତାବନୀ ଦେଇଛନ୍ତି। ରଞ୍ଜନ କିସାନ, ସଞ୍ଜୟ ଧରୁଆ, ଜୟନ୍ତି ବାଗ, ସତ୍ୟନାରାୟଣ ନାୟକ, ହରିବନ୍ଧୁ ନାୟକ, ରୁକ୍ମଣୀ କିସାନ, ବିନତା ପଟେଲ, ପ୍ରତିମା ମହାନନ୍ଦ, ବିଷ୍ଣୁପ୍ରିୟା ମାଝୀ ପ୍ରମୁଖ ଏଥିରେ ସାମିଲ ଥିଲେ ।

## ପନିପରିବା ଚାଷ, ଛେଳି ପାଳନ ତାଲିମ




ବୁଧବାର ତାଲିମ ଶିବିରରେ ମୁଖ୍ୟଅତିଥିଙ୍କ ସହ ତାଲିମ ନେଇଥିବା ସଭ୍ୟାସଭ୍ୟ।

ସମ୍ବଲପୁର,୧୨।୯(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ରେଙ୍ଗାଲକାନୀ ଗ୍ରାମରେ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ପନିପରିବା ଚାଷ, ଛେଳି ପାଳନ ସମ୍ପର୍କରେ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ୭୦ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡିଏଫଓ ସଞ୍ଜିତ କୁମାର, ସମ୍ମାନିତ ଅତିଥି ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଦେବରାଜ ସାହୁ ଓ ଅନୁଷ୍ଠାନ ଅଧ୍ୟକ୍ଷ ଡ. କେ. ମିଲନ କୁମାର ପାତ୍ର ଉପସ୍ଥିତ ଥିଲେ। ମହିଳାମାନଙ୍କୁ ଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଷ୍ଟେଟ ବ୍ୟାଙ୍କ ତାଲିମ କେନ୍ଦ୍ରର ରବିନ୍ଦ୍ର କୁମାର ଦାଶ, ବିଜୟ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଅର୍ନ୍ତଯାମୀ ପାଣିଗ୍ରାହୀ ଶିବିରକୁ ପରିଚାଳନା କରିଥିଲେ ।

## ଅମୃତ ବିହାରରେ ବକ୍ତୃତାମାଳା

ସମ୍ବଲପୁର,୧୨।୯(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟସ୍ଥିତ ଅମୃତ ବିହାର ଅଧ୍ୟାପନା ପ୍ରକୋଷ୍ଠ-୧ରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ କିଶୋର ସୁନ୍ଦରରାୟ ବକ୍ତା ଭାବେ ଯୋଗଦେଇ ସ୍ଥିରକୃତ ମତବାଦ, ଅଯୁକ୍ତିକ, ଅନ୍ଧବିଶ୍ୱାସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପକୂଳସଚିବ ଉମାଚରଣ ପତି ଅତିଥି ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ। ସେହିପରି କୂଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ। ବକ୍ତୃତାମାଳାରେ ସହରର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍, ବରିଷ୍ଠ ନାଗରିକ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଏଲଆଇସି ସମ୍ବଲପୁର ମଣ୍ଡଳ ସମ୍ମିଳନୀ କକ୍ଷରେ ବୁଧବାର ଜୀବନଶାନ୍ତି ନୂଆପେନସନ୍ ଯୋଜନା ଶୁଭାରମ୍ଭ କରାଯାଉଛି ।

## ଫାଟକ ଦୁର୍ଗାପୂଜା କର୍ମକର୍ତ୍ତା ଚୟନ

ସମ୍ବଲପୁର,୧୨।୯(ବ୍ୟୁରୋ)

ବୁଢ଼ାରଜା (ଫାଟକ) ଦୁର୍ଗାପୂଜା କର୍ମକର୍ତ୍ତା ଚୟନ କରାଯାଇଛି। ଦିଲୀପ କୁମାର ଶତପଥି ସଭାପତି, ନିମାଇଁ ଜାଲ, ସୁଶାନ୍ତ ଡନସନା ଉପସଭାପତି, ଅମୃତ ମହାନ୍ତି ଓ ହର୍ଷଦ ସାହୁ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି। ସେହିପରି ସରୋଜ ମିର୍ଦ୍ଧା, ରାଜେଶ ବେହେରା କାର୍ଯ୍ୟକାରୀ ସମ୍ପାଦକ, ଦେବରାଜ ଓରାମ, ସାନୁ ରାଉତ, ବଳରାମ ମୁଣ୍ଡା, ଭାନୁ ବାଗ ସଂଯୁକ୍ତ ସମ୍ପାଦକ, ଚିତ୍ତ ଦାଶ, ବିଭୁତି ମିର୍ଦ୍ଧା କୋଷାଧ୍ୟକ୍ଷ, ଛନ୍ଦା ମେହେର, ଶିବ ନାଗ, ନନ୍ଦ ମୁଣ୍ଡ ଆଖଡା ସମ୍ପାଦକ, ଚିନ୍ମୟ ଦାଶ, ଦିନେଶ ଭୋଇ ସାଂସ୍କୃତିକ ସମ୍ପାଦକ, ଅମୀୟ ଗଡ଼ତିଆ, ପ୍ରକାଶ ଶର୍ମା, ଲିଙ୍ଗରାଜ ତ୍ରିପାଠୀ ପୂଜା ସମ୍ପାଦକ, ଦିଲୀପ ମୁଣ୍ଡା, ସନ୍ତୋଷ ସାହୁ, ରୂପେଶ ମୁଣ୍ଡା ଶୋଭାଯାତ୍ରା ସମ୍ପାଦକ ରହିଛନ୍ତି । ଭାଗବତ ପ୍ରସାଦ ନନ୍ଦ, ଅଶୋକ ଜାଲ, ପ୍ରଦୀପ ମିଶ୍ର, ଯତିନ ହୋତା, ରାଜେନ୍ଦ୍ର ନନ୍ଦ, ଦିପକ ଦାଶ, ସୌରୀନାରାୟଣ ପାଣିଗ୍ରାହୀ ଉପଦେଷ୍ଟା, ଦୀପକ କୁଅଁର ଆଇନ ପରାମର୍ଶଦାତା, ଦିଲୀପ ତ୍ରିପାଠୀ ମନୋଜ ଦାଶ, ସନ୍ତକ ପଣ୍ଡା ଓ ମହମ୍ମଦ ଆସିଫ୍ ଜାହିର ଲଟେରୀ ଦାୟିତ୍ୱରେ ରହିଛନ୍ତି ।

## ତହସିଲଦାରଙ୍କୁ ଭେଟିଲେ ବିକାଶ ପରିଷଦ ସଭ୍ୟ



ତହସିଲଦାର ଡା. ସୌମ୍ୟସ୍ୱରୂପା ରଥଙ୍କ ସହ ଆଲୋଚନାରତ ବିକାଶ ପରିଷଦ ସଭ୍ୟବୃନ୍ଦ।

ଜମନକିରା,୧୨।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ତହସିଲରେ ଆଜି ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଡା. ସୌମ୍ୟସ୍ୱରୂପା ରଥଙ୍କୁ ଜମନକିରା ବ୍ଲକ୍ ବିକାଶ ପରିଷଦ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ପରିଷଦର ସଭ୍ୟମାନେ ରଥଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିକାଶ ପରିଷଦ ପକ୍ଷରୁ ସଭାପତି ଗୋକୁଳାନନ୍ଦ ଦାନୀ, ଉପସଭାପତି ରବୀନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ସରୋଜ ପଟ୍ଟନାୟକ, ସହ ସମ୍ପାଦକ ସାଲେକରାମ ପଧାନ, କୋଷାଧ୍ୟକ୍ଷ ଅମରେଶ୍ୱର ସ୍ୱାଇଁ, ମାର୍ଗଦର୍ଶକ କମିଟି ମୁଖ୍ୟ ସନ୍ତୋଷ ପଟ୍ଟନାୟକ, ଲକ୍ଷ୍ମଣ ନାଏକ, ବିରେନ୍ଦ୍ର କାରୱାର, ବାବୁଲୁ ନାଏକ, ଆନନ୍ଦ ନାଏକ, ସତ୍ୟପ୍ରିୟ ମହାପାତ୍ର, ରବୀନ୍ଦ୍ର ଦାନୀ ପ୍ରମୁଖ ସଭ୍ୟ ତହସିଲଦାର ରଥଙ୍କୁ ସ୍ୱାଗତ କରିଥିଲେ।

## ମଜୁରି ସମସ୍ୟା : ପ୍ରଧାନମନ୍ତ୍ରୀଙ୍କୁ ୨୧୮ ଖଣ୍ଡ ଚିଠି

ଜମନକିରା,୧୨।୯(ଡି.ଏନ୍.ଏ.)

ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଜମନକିରା ମହିଳା ଜନ ସଂଘର୍ଷ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି କରାଯାଇଛି। ଜମନକିରା ଶାଖା ସଭାନେତ୍ରୀ ପୀରୋବତୀ ସିଂ ଓ ସମ୍ପାଦକ ଉମାକାନ୍ତ ପଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ମଜୁରୀ ପ୍ରଦାନରେ ରହିଥିବା ସମସ୍ୟା ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରିବା ପାଇଁ ସଦର ପୋଷ୍ଟ ଅଫିସକୁ ଯାଇ ୨୧୮ଟି ପୋଷ୍ଟ କାର୍ଡ଼ ପ୍ରେରଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, କେନ୍ଦ୍ର ସରକାର ମନରେଗା ଯୋଜନାରେ ଦୈନିକ ସର୍ବନିମ୍ନ ମଜୁରୀ ୧୮୨ ଟଙ୍କା ପ୍ରଦାନ କରୁଛନ୍ତି। ଅନ୍ୟପଟେ, ଓଡ଼ିଶା ରାଜ୍ୟ ସରକାର ୨୨୪ ଟଙ୍କା ଦେଉଛନ୍ତି। ଫଳରେ ମନରେଗାରେ ଜଣେ ଅଣ କୁଶଳୀ ଶ୍ରମିକ ଦିନକୁ ୪୨ ଟଙ୍କା କ୍ଷତି ସହୁଛନ୍ତି। ଯୋଜନା ଅନୁଯାୟୀ, ଜଣେ ଶ୍ରମିକ ୧୦୦ ଦିନ ନିଶ୍ଚିତ କାମ ପାଇବାକୁ ହକ୍‌ଦାର ଥିବା ବେଳେ ୧୦୦ ଦିନରେ ୪୨୦୦ ଶହ ଟଙ୍କା କମ୍ ମଜୁରୀ ପାଉଛି। ରାଜ୍ୟ ସରକାର ଦେଉଥିବା ମନରେଗା ଯୋଜନାରେ ମିଳୁଥିବା ଦୈନିକ ସର୍ବନିମ୍ନ ମଜୁରୀରେ ତାଳମେଳ ରହୁ ନ ଥିବା ଯୋଗୁ ରାଜ୍ୟ ଜବକାର୍ଡ଼ଧାରୀ ଯୋଜନା କାର୍ଯ୍ୟରୁ ମୁହଁ ଫେରାଇ ନେଉଥିବା ମହିଳାମାନେ ଚିଠିରେ ଉଲ୍ଲେଖ କରିଛନ୍ତି। ଜମନକିରା ବ୍ଲକ୍‌ର ଭୋଜପୁର, ଡିମିରିମୁଣ୍ଡା, କଟଙ୍ଗପାଣି, ଟିଙ୍କିଲିପଡ଼ା, ବଡ଼ମାଳ ଓ ବଡ଼ରମା ଆଦି ପଞ୍ଚାୟତରୁ ଶତାଧିକ ମହିଳା ଅଣ କୁଶଳୀ ଶ୍ରମିକମାନେ ଏହି ଚିଠି ପଠାଇଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ପ୍ରେରଣ କରିବାକୁ ଯାଇ ସଦର ପୋଷ୍ଟ ଅଫିସକୁ ଆସିଥିବା ମହିଳାମାନେ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।

- ହିଟ୍ଲର

## ସଂକ୍ଷେପରେ

### ଭତ୍ତା ବୃଦ୍ଧି ଦାବିରେ ସ୍ମାରକପତ୍ର

ବାରକୋଟ, ୧୨।୯ (ଡି.ଏନ.ଏ)- ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ପକ୍ଷରୁ ସାମାଜିକ ସୁରକ୍ଷା, ଭତ୍ତା ବୃଦ୍ଧି ସହ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ଦେବଗଡ଼ ଜିଲା ବାରକୋଟ ବ୍ଲକ ସଇଡ଼ା ପଞ୍ଚାୟତଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାର ସାମାଜିକ ସୁରକ୍ଷା ଯୋଜନାରେ ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗମାନଙ୍କୁ ଦିଆଯାଉଥିବା ଭତ୍ତା ଟଙ୍କା ବୃଦ୍ଧି ସହ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା। ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର ଦେବଗଡ଼ ଜିଲା ଶାଖା ଉପସଭାପତି ରାଜକିଶୋର ସାହୁ, ଜିଲା ସଚିବ ବିଭୁତିଭୂଷଣ ପାତ୍ର ଏବଂ ଆନ୍ଦୋଳନ ସଚିବ ଡୋଳାକର ଭୋଇ ପ୍ରମୁଖ ସଇଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଏବଂ ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଦେବଗଡ଼ ଗଣେଶପୂଜାର କଳସ ଶୋଭାଯାତ୍ରା

ଦେବଗଡ଼,୧୨।୯ (ସ୍ୱ.ପ୍ର)

ଦେବଗଡ ରାଜ୍ୟର ଅନ୍ୟତମ ଜିଲା ଭାବେ ଗଣେଶ ପୂଜା ପାଇଁ ପ୍ରସିଦ୍ଧ। ଗଣେଶ ପୂଜା ପାଇଁ ପବିତ୍ର କଳସ ଯାତ୍ରା ଓ ଅଧିବାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଡିବାଜା, ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ, ଆତସବାଜିର ଶବ୍ଦ ମଧ୍ୟରେ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପୂଜକ ମନୋରଞ୍ଜନ ଶତପଥୀଙ୍କ ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ସଭାପତି ଧର୍ମେନ୍ଦ୍ର ଦେବତା ଏବଂ ସ୍ତ୍ରୀ ସ୍ମିତାଞ୍ଜଳି ଦାଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଗଣେଶ ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରଧାନପାଟସ୍ଥିତ ଜଳପ୍ରପାତରୁ କଳସରେ ପବିତ୍ର ଜଳ ସଂଗ୍ରହ କରିଥିଲେ। ପରେ ମା' ପ୍ରଧାନୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ଗଣେଶଙ୍କ ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଏହି ଶୋଭାଯାତ୍ରା ପୋଷ୍ଟ ଅଫିସ ଛକ, ସଭାଗୋଲି ଛକ, ପ୍ରାଇଭେଟ ବସଷ୍ଟାଣ୍ଡ ଛକ ଦେଇ ପହଞ୍ଚିବା ପରେ ଟ୍ରାଫିକ ଛକଠାରେ ଥିବା ମୁଖ୍ୟ ତୋରଣରେ ପୂଜାର୍ଚ୍ଚନା କରିବା ପରେ ପୂଜା ମଣ୍ଡପ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପୁରୁଷ।

ପରେ ପରେ ଜିଲା ସଂସ୍କୃତି ଭବନ ପରିସରରେ ନିର୍ମିତ ଗଣେଶ ମୂର୍ତ୍ତିକୁ ଏକ ଶୋଭାଯାତ୍ରା ମାଧ୍ୟମରେ ପୂଜା ମଣ୍ଡପ ପର୍ଯ୍ୟନ୍ତ ଅଣାଯାଇଥିଲା । ସେହିପରି ସନ୍ଧ୍ୟାରେ ଦେବଗଡ ଏସ୍‌ପି ଅନୁପମା ଜେମସ୍ କଳସ ଶୋଭାଯାତ୍ରା, ପୂଜା ମଣ୍ଡପ ଏବଂ ବିଭିନ୍ନ ସ୍ଥାନ ପ୍ରବେଶ ପଥର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ । ଏଥିରେ କମିଟିର ସଦସ୍ୟଙ୍କ ସମେତ ବହୁ ସଂଖ୍ୟକ ପୋଲିସ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ୧୧ଦିନ ଧରି ହେବାକୁ ଥିବା ଏହି ପ୍ରସିଦ୍ଧ ପୂଜାରେ ଲକ୍ଷାଧିକ ଭକ୍ତଙ୍କ ଭିଡ ହେବା ସମ୍ଭାବନା ଥିବାରୁ ଭିଡ ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ଛକରେ ପୋଲିସ କର୍ମଚାରୀ ମୁତୟନ କରାଯାଇଛି । ଏହି ଶୋଭାଯାତ୍ରାରେ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ମିଡିଆ ସେଲର ମୋତିଲାଲ ଶର୍ମା, ଶଶାଙ୍କ ଶେଖର ନାଗ, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀ, ପିଲୁ ରାଜେଶ ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ତଥା ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ବିସ୍ଥାପିତଙ୍କ ରାଜପଥ ଅବରୋଧ

ବାରକୋଟ, ୧୨।୯ (ଡି.ଏନ.ଏ)

ରେଙ୍ଗାଲି ନଦୀ ବନ୍ଧ ଦ୍ୱାରା ବାସଚ୍ୟୁତ ଏବଂ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପ୍ରତି ସରକାର ବୈମାତୃକ ମନୋଭାବ କରୁଥିବା ଅଭିଯୋଗରେ ଦେବଗଡ଼ ଜିଲା ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ବାରକୋଟଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା । ସୁରକ୍ଷା ସମିତି ସଭାପତି ନେତ୍ରାନନ୍ଦ ସାମଲ, ସମ୍ପାଦକ ବିଶ୍ୱନାଥ ସ୍ୱାଇଁଙ୍କ ନେତୃତ୍ୱରେ ଜିଲାର ଶତାଧିକ କ୍ଷତିଗ୍ରସ୍ତ ଆନ୍ଦୋଳନରେ ସାମିଲ ହୋଇଥିଲେ। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୪୯ ନମ୍ବର ଜାତୀୟ ରାଜପଥ ଏବଂ ୨୩ ନମ୍ବର ରାଜପଥ ବନ୍ଦ କରି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ସମିତିର ଅଭିଯୋଗ ମୁତାବକ, ବାସଚ୍ୟୁତଙ୍କ ସମସ୍ୟାର ସମାଧାନ ପାଇଁ ୨୦୧୦ ଜୁଲାଇ ୯ତାରିଖରେ ରାଜସ୍ୱ, ଆଇନ, ଜଳସମ୍ପଦ, ଅର୍ଥ ବିଭାଗର ସଚିବମାନଙ୍କୁ ନେଇ ଏକ ବୈଠକ ବସିଥିଲା । ଏଥିରେ ଏକର ପିଛା ୫୦ ହଜାର ଟଙ୍କାର ଅନୁକମ୍ପା ମୂଳକ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ପ୍ରତିବାଦ ସ୍ୱରୂପ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିବା ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆମରଣ ଅନଶନ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ବାରକୋଟ ତହସିଲଦାର ରାଜୀବ ବେହେରା ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା।

# କଳାମାଟି ସରପଞ୍ଚଙ୍କ ଉପରୁ ନିଲମ୍ବନ ଉଠିଲା

ସମ୍ବଲପୁର/ବୁର୍ଲା,୧୨।୯ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଳାମାଟି ସରପଞ୍ଚ ହରିନାଥଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇଛି। ଓଡ଼ିଶା ସରକାର ପଞ୍ଚାୟତିରାଜ ବିଭାଗରୁ ପତ୍ର ୪୦୯ ଅନୁସାରେ ସମ୍ବଲପୁର ଜିଲାପାଳଙ୍କୁ ଏ ସମ୍ପର୍କିତ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସରପଞ୍ଚ ଶ୍ରୀହରିଙ୍କ ନାମରେ ମିଥ୍ୟା ଡାକ୍ତର ସାଜି ଚିକିତ୍ସା କରୁଥିବା ଅଭିଯୋଗ ହୋଇଥିଲା। ଏପରି କି ଜଣେ ମହିଳାଙ୍କ ଗର୍ଭପାତ ମଧ୍ୟ ହୋଇଥିବାକୁ ନେଇ ଅଭିଯୋଗ ହୋଇଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ତଦନ୍ତ କରିଥିଲେ। ରିପୋର୍ଟକୁ ଆଧାର କରି ତାଙ୍କୁ ନିଲମ୍ବନ କରାଯାଇଥିଲା।

## ଧାନ ନେଇ ପାର୍

# ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବାକିପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି , ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍ ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଚାଉଳ ପାଇଁ ସେମାନେ ୧,୩୫,୬୭୫ ମେଟ୍ରିକ୍ ଟନ୍ ଧାନ ନେଇଥିଲେ, ଯାହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ଟଙ୍କାରୁ ଅଧିକ। ଖିଲାପି ମିଲର୍‌ମାନଙ୍କଠାରୁ ସେମାନଙ୍କ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି। ୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲର୍‌ଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।

# ଜାଇଲୋ ଗାଡ଼ିରୁ ୪ କୁଇଣ୍ଟାଲ କାଜୁ, ୧୮ ଲକ୍ଷ ଟଙ୍କା ଜବତ

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)

ଚାରମାଳ ପୋଲିସ ବୁଧବାର ଏକ ଜାଇଲୋ ଗାଡ଼ି (ଓଡି ୧୫- ୫୬୨୨)ରୁ ୧୮ ଲକ୍ଷ ୩୭ ହଜାର ୫୬୦ ଟଙ୍କା ସହ ୪ କୁଇଣ୍ଟାଲ କାଜୁ ଜବତ କରିଛି। ଗାଡିରେ ଥିବା ସମ୍ବଲପୁର କ୍ଷେତରାଜପୁରର ଗଣେଶ ଅଗ୍ରୱାଲ ଓ ମନୋଜ କୁମାର ଗୋଏଲଙ୍କୁ ଏ ନେଇ ପୋଲିସ ଥାନାକୁ ଧରି ଆଣି ପଚରାଉଚୁରା ଚଳାଇଛି। ସେମାନେ ଏତେ ଟଙ୍କା କେଉଁଠୁ ଆଣିଲେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସମ୍ବଲପୁର ବିକ୍ରିକର ବିଭାଗ ଓ ଆୟକର ବିଭାଗକୁ ସୂଚନା ଦିଆଯିବା ପରେ ଉଭୟ ବିଭାଗୀୟ ଅଧିକାରୀମାନେ ଚାରମାଳ ଥାନାରେ ପହଞ୍ଚି ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି। ପୋଲିସ ସୂଚନାନୁଯାୟୀ, ବୁଧବାର ଚାରମାଳ ଥାନା ଏସଆଇ ବିଧୁଭୂଷଣ ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀମାନେ ୫୫ ନଂ ଜାତୀୟ ରାଜପଥରେ ଗାଡି ମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ (ଓଡି ୧୫-୫୬୨୨) ନମ୍ବର ବିଶିଷ୍ଟ ଏକ ଜାଇଲୋ କାର ଦ୍ରୁତଗତିରେ ରେଢ଼ାଖୋଲ ପଟରୁ ସମ୍ବଲପୁର ଆସୁଥିବା ନେଇ ସେମାନେ ସନ୍ଦେହ କରିଥିଲେ। ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରେ ତନ୍ମଧ୍ୟରୁ ୪ କୁଇଣ୍ଟାଲ୍ କାଜୁ, ୧୮ ଲକ୍ଷ ନଗଦ ଟଙ୍କା ମିଳିଥିଲା। ଆୟକର ବିଭାଗ ସହକାରୀ ନିର୍ଦ୍ଦେଶକ ଜେ. ବି. ମିଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଚାରମାଳ ଥାନାକୁ ଆସି ଅଟକ ଥିବା ଅଗ୍ରୱାଲ ଓ ଗୋଏଲଙ୍କୁ ଜେରା କରୁଥିବା ସୂଚନା ମିଳିଛି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# କେନ୍ଦ୍ର ଆଇନମନ୍ତ୍ରୀଙ୍କ ଚିଠିକୁ ପ୍ରତିବାଦ

ସମ୍ବଲପୁର,୧୨।୯ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଜାରି ରହିଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପତ୍ର ଲେଖିଥିଲେ । କିନ୍ତୁ ଚିରାଚରିତ ଢ଼ଙ୍ଗରେ ମନ୍ତ୍ରୀ ପ୍ରସାଦ ଗତ ୧୦ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତର ରଖିଛନ୍ତି। ଏହା ହାସ୍ୟାସ୍ପଦ ଓ ବିଭ୍ରାନ୍ତିକର ଅଟେ । ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉ ନଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହାକୁ ଦୃଢ଼ହସ୍ତରେ ନିନ୍ଦା କରାଯିବା ସହ ବୁଧବାର ରାତିରେ ଜିଲା ଓକିଲ ସଂଘ ପକ୍ଷରୁ ମନ୍ତ୍ରୀ ପ୍ରସାଦଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଂଘ ସଭାପତି ବିଜିତେନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଆଇନଜୀବୀ ସୁରେଶ୍ୱର ମିଶ୍ର ପଥପ୍ରାନ୍ତ ସଭାରେ କହିଥିଲେ ରବିଶଙ୍କର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ହାଇକୋର୍ଟ ସହ ଆଲୋଚନା କରନ୍ତୁ। ଆବଶ୍ୟକ ଭିତ୍ତିଭୂମି, ସ୍ଥାନ ନିରୁପଣ ଓ ବ୍ୟୟ ଅଟକଳ ବିଷୟରେ ଉଲ୍ଲେଖ କରନ୍ତୁ । ଏଭଳି ଦର୍ଶାଇ କେନ୍ଦ୍ର ଆଇନ ମନ୍ତ୍ରୀ ପଶ୍ଚିମ ଓଡ଼ିଶାବାସୀଙ୍କୁ ଠକିଥିବା ଅଭିଯୋଗ ହୋଇଛି। କେନ୍ଦ୍ର ଚାହିଁଲେ ଅଧ୍ୟାଦେଶ ବଳରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା କରିପାରିବେ । ମାତ୍ର ତାହା ନ କରି ଗଳାବାଟ ବାହାର କରି ଛଳନାପୂର୍ଣ୍ଣ ଢ଼ଙ୍ଗରେ ଚିଠି ଦେଇ କେନ୍ଦ୍ର ଆଇନମନ୍ତ୍ରୀ ତାଙ୍କ ଦାୟିତ୍ୱରୁ ଖସି ଯିବାକୁ ଉଦ୍ୟମ କରିଛନ୍ତି। ଏ ନେଇ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଚାହୁଁନାହାନ୍ତି। ଏଣୁ ଅଯୌକ୍ତିକ ଭାବେ ଚିଠିର ଉତ୍ତର ଦେଇଛନ୍ତି। ଏହାର ଜବାବ ଆନ୍ଦୋଳନ ମାଧ୍ୟମରେ ଦିଆଯିବ । ରାତି ୭ଟାରୁ କଚେରୀ ଛକଠାରୁ ଆଇନଜୀବୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗୋଲବଜାର ଛକଠାରେ ପହଞ୍ଚିଥିଲେ।



ବୁଧବାର ରାତିରେ ଗୋଲବଜାର ଛକରେ ସମ୍ବଲପୁର ଜିଲା ଓକିଲ ସଂଘ କର୍ମକର୍ତ୍ତାମାନେ କେନ୍ଦ୍ର ଆଇନମନ୍ତ୍ରୀଙ୍କୁ କୁଶପୁତ୍ତଳିକା ରଖି ବିକ୍ଷୋଭ କରୁଛନ୍ତି ।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

## ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର** ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ୍ଡେଲ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦାଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଢ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
ଇତି ମଧ୍ୟରେ ଚାରିବର୍ଷ ବିତିଗଲାଣି। ସେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବେ ବୋଲି ଗୋଡ଼ ଟେକି ବସିଛନ୍ତି। ହେଲେ କୌଣସି ପ୍ରଯୋଜକ ତାଙ୍କୁ ଆଡ଼ ଆଖିରେ ଅନାଉ ନାହାନ୍ତି। ତଥାପି ବଲିଉଡ୍‌ରେ ନିଜର ଆକ୍ଟିଂ କ୍ୟାରିୟରକୁ ନେଇ ଆଶାବାଦୀ ଅଛନ୍ତି କିଆରା ଆଡୱାନୀ। 'ଫୁଗଲି' (୨୦୧୪)ରେ ତାଙ୍କୁ ବ୍ରେକ୍ ମିଳିଥିଲା। ପ୍ରଥମ ସିନେମାକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିଥିଲେ, ହେଲେ ସବୁ କିଛି ପାଣି ଫୋଟକା ପରି ମିଳାଇଗଲା। ପ୍ରଥମ ଫିଲ୍ମ ଫ୍ଲପ ହେଲା ସେ ନେଇ ମନଦୁଃଖ ନାହିଁ, ହେଲେ ତା'ପରେ ତାଙ୍କୁ ଗୋଟିଏ ହେଲେ ଅଫର ମିଳିଲା ନାହିଁ। 'ଆକ୍ଟିଂକୁ ନେଇ ମୋ ନିଜ ଉପରେ ଭରସା ରହିଛି। ହେଲେ ମୋତେ କ'ଣ ପାଇଁ ପ୍ରଯୋଜକ ଅଫର ଦେଉନାହାନ୍ତି ତାହାର କାରଣ ମୁଁ ଜାଣିପାରୁନାହିଁ। ଅବଶ୍ୟ ୟା ଭିତରେ ମୋତେ ଗୋଟିଏ ଫିଲ୍ମ ଅଫର ମିଳିଥିଲା, ହେଲେ କେତୋଟି ସିନ୍‌କୁ ନେଇ ମୁଁ ରାଜି ହୋଇ ନ ଥିଲି। ଏଥିରେ ମୋତେ ଅଯଥାରେ ୨–୩ଟି ବୋଲ୍ଡ ଶଟ୍ ଦେବାକୁ କୁହାଯାଇଥିଲା। ଯେହେତୁ ଏହି ଶଟ୍‌ଗୁଡ଼ିକର କାହାଣୀ ସହ କୌଣସି ସଂଯୋଗ ନ ଥିଲା ତେଣୁ ମୁଁ ରାଜି ହୋଇ ନ ଥିଲି ବୋଲି କହିଛନ୍ତି କିଆରା।' ନିକଟରେ କିଆରା ତାଙ୍କର ୨୬ତମ ଜନ୍ମଦିନ ପାଳନ କରିଥିଲେ। ଏହି ବାର୍ଥ ଡେ' ଫଙ୍କଶନ୍‌ରେ ବଲିଉଡ୍‌ର କେତେଜଣ ନାମୀ ପ୍ରଯୋଜକଙ୍କୁ ଦେଖିବାକୁ ମିଳିଥିଲା। ତେବେ କାରିଆ ହିନ୍ଦୀ ସିନେମାରେ ତାଙ୍କର ଆକ୍ଟିଂ କ୍ୟାରିୟରକୁ କେତେ ଆଗକୁ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

କଥାରେ ଅଛି ବେଶ୍ ସମୟର କାଦାଠୁ କିଛି ମାସ ଦୂରେଇ ରହିବା ପରେ ପୁଣି ଥରେ ଏଣ୍ଟ୍ରି କଲେ ତାହା ଏକରକମ ଦମ୍‌ଦାର ହୋଇଥାଏ। ବାସ୍, ନିଜର ଆକ୍ଟିଂ ଲାଇଫରେ ଆଉ ଏକ ଟର୍ନିଂ ପଏଣ୍ଟ ଆଣିବାକୁ ପୂରା ଦମ୍‌ରେ ଲାଗିପଡିଛନ୍ତି। ସେ ହେଲେ ବିଜୁ ବଡଜେନା। ପୂର୍ବରୁ ବେଶ୍ କେତୋଟି ସିନେମାରେ ତାଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, କେତେକ ଚରିତ୍ରକୁ ଦର୍ଶକ ଏ ପର୍ଯ୍ୟନ୍ତ ମନେ ରଖିଛନ୍ତି। ଏବେ ଏକାଥରେ ତାଙ୍କ ହାତରେ ରହିଛି ୪ଟି ସିନେମା ଏବଂ ତିନୋଟି ସିନେମା ନେଇ କଥାବାର୍ତ୍ତା ଚାଲୁ ରହିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ଅନ୍ୟପକ୍ଷରେ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ସାଥୀ ତୁ ଫେରିଆ'ରେ ପଜିଟିଭ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଜୁ। ଏହାବ୍ୟତୀତ ସୁଧାଂଶୁ ଜେନାଙ୍କ ପ୍ରଯୋଜିତ ଏବଂ ଏନ୍. ପାଢ଼ୀ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପାଗଳ ମୁଁ ତୋ ପାଇଁ'ରେ ମୁଖ୍ୟ ଖଳନାୟକ ସାଜିଛନ୍ତି ସେ। ତେବେ କିଛି ମାସର ବ୍ୟବଧାନ ପରେ ବଡ ପରଦାରେ ବିଜୁ କି କମାଲ କରୁଛନ୍ତି ତାହା ଫିଲ୍ମଗୁଡିକ ରିଲିଜ ହେଲେ ହିଁ ଜଣାପଡିବ।



ବିଜୁ ବଡଜେନା

ମାରୁତି ସୁଜୁକିର ଗୁଡ୍‌ଗାଓଁ ପ୍ଲାଣ୍ଟକୁ ସ୍ଥାନାନ୍ତର କରାଯିବ। ଏହି କାର୍ଯ୍ୟକୁ ପର୍ଯ୍ୟାୟକ୍ରମେ ହାତକୁ ନିଆଯିବ। ପ୍ଲାଣ୍ଟକୁ କମ ଜନସଂଖ୍ୟା ଥିବା ସ୍ଥାନରେ ଅବସ୍ଥାପିତ କରାଯିବା ଛଡା ଅନ୍ୟ ଉପାୟ ନାହିଁ।
– ଆର୍.ସି. ଭାର୍ଗବ, ଅଧ୍ୟକ୍ଷ, ମାରୁତି ସୁଜୁକି



କ୍ଷୁଦ୍ର ପୁଞ୍ଜିନିବେଶକାରୀଙ୍କୁ ଶିକ୍ଷା ପ୍ରଦାନ ସହ ସେମାନଙ୍କ ପାଣ୍ଠିର ସୁରକ୍ଷା ପାଇଁ ଗଠିତ ଆଇଇପିଏଫର ନିୟମରେ ଆବଶ୍ୟକସ୍ଥଳେ କୋହଳ କରାଯିବ।
– ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ସଚିବ



## ସଂକ୍ଷେପରେ

### ୧୦ ମାସର ସର୍ବନିମ୍ନ ସ୍ତରରେ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୯:** ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଥିବା ବେଳେ ମୁଦ୍ରାସ୍ଫୀତି କ୍ଷେତ୍ରରେ ପ୍ରକାଶିତ ତଥ୍ୟ କେନ୍ଦ୍ର ସରକାରଙ୍କୁ ଆଶ୍ୱସ୍ତି ଆଣି ଦେଇଛି। ଅଗଷ୍ଟରେ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୧୦ ମାସର ସର୍ବନିମ୍ନ ସ୍ତର ୩.୬୯ ପ୍ରତିଶତରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡିଛି ଯେ, ଜୁଲାଇରେ ସିପିଆଇ ୪.୧୭% ରହିଥିଲା। ଗତବର୍ଷ ସମାନ ଅବଧିରେ ଏହା ୩.୨୮% ରହିଥିଲା ବେଳେ ଅକ୍ଟୋବରରେ ୩.୫୮% ଥିଲା। ଏହାପରଠାରୁ ମୁଦ୍ରାସ୍ଫୀତି ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ୪% ଉପରେ ସର୍ବଦା ରହିଆସିଛି। ଅକ୍ଟୋବର ୫ରୁ ରିଜର୍ଭ ବ୍ୟାଙ୍କର ଏମ୍‌ପିସି କମିଟି ବୈଠକ ବସି ଦ୍ୱିମାସିକ ମୁଦ୍ରାନୀତି ସ୍ଥିର କରାଯିବ।

### ଜୁଲାଇରେ ଶିଳ୍ପ ଉତ୍ପାଦନ ୬.୬%

**ନୂଆଦିଲ୍ଲୀ,୧୨-୯:** ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ(ସିଏସ୍‌ଓ) ବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଜୁଲାଇର ଶିଳ୍ପ ଉତ୍ପାଦନ ସୂଚକାଙ୍କ(ଇଣ୍ଡେକ୍ସ ଅଫ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ବା ଆଇଆଇପି) ବା ଜାରି କରାଯାଇଛି। ଜୁନ୍‌ରେ ଏହା ୬.୯% ଥିବା ବେଳେ ଜୁଲାଇରେ ଏହା ୬.୬%କୁ ହ୍ରାସ ପାଇଛି। ଆଇଆଇପି ୭% ରହିବ ବୋଲି ଗତ ମାସରେ ଅନୁମାନ କରାଯାଇଥିଲେ ହେଁ ଏହାର ଅନୁମାନକୁ ଏବେ ୬.୮%କୁ ହ୍ରାସ କରାଯାଇଛି। ଆଲୋଚ୍ୟ ମାସରେ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେକ୍ଟରରେ ୧୪.୪%ର ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଛି। ଗତ ବର୍ଷ ଏହି ସମୟରେ ଏଥିରେ ୨.୪% ଅଭିବୃଦ୍ଧି ଦେଖାଯାଇଥିଲା। ସେହିପରି ଗତବର୍ଷ କ୍ୟାପିଟାଲ ଗୁଡ୍ସରେ ଅଭିବୃଦ୍ଧି ୧.୧% ରହିଥିଲା ବେଳେ ଏବର୍ଷ ଜୁଲାଇରେ ଏହା ୩%ରେ ପହଞ୍ଚିଯାଇଛି। ଏପ୍ରିଲ-ଜୁଲାଇରେ ଆଇଆଇପି ବିକାଶ ୫.୪% ରହିଛି, ଯାହାକି ବର୍ଷକ ପୂର୍ବେ ୧.୭%ଥିଲା। ୨୩ ପ୍ରକାର ଶିଳ୍ପ ମଧ୍ୟରୁ ୨୨ଟିରେ ଅଭିବୃଦ୍ଧି ଦେଖାଯାଇଛି।

### ସୂଚନା କମିଶନଙ୍କ ନିର୍ଦ୍ଦେଶ ଜନଧନ ଆକାଉଣ୍ଟ୍‌ରେ ଅଚଳ ନୋଟ ଜମାର ହିସାବ ଦିଅ

**ନୂଆଦିଲ୍ଲୀ, ୧୨-୯(ପି.ଟି.):** ଜନଧନ ଆକାଉଣ୍ଟ୍‌ରେ କେତେ ପରିମାଣର ଅଚଳ ନୋଟ ଜମା ହୋଇଛି ତାହାର ତଥ୍ୟ ପ୍ରଦାନ କର। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଯେଉଁ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ସବୁ ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଛି, ତାହାରା ଟିକିନିଖି ହିସାବ ଦିଅ। କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁସାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ଜନଧନ ଆକାଉଣ୍ଟ୍‌ରେ ମୋଟ ଜମା ପରିମାଣ ପ୍ରାୟ ୮୦ ହଜାର କୋଟି ଛୁଇଁ ସାରିଛି। ସୂଚନା କମିଶନର ସୁଧୀର ଭାର୍ଗବ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଥିବା ସମସ୍ତ ଅଚଳ ନୋଟର ପରିମାଣ ଓ ମୂଲ୍ୟ ପ୍ରଦାନ କର। ଆର୍‌ବିଆଇ ଏହି ତଥ୍ୟ ଦେଇ ନ ପାରିଲେ ଏ ସମ୍ପର୍କିତ ତଥ୍ୟ ଉପଲବ୍ଧ ନାହିଁ ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବାକୁ ହେବ ବୋଲି କମିଶନର ଦର୍ଶାଇଛନ୍ତି।

### ଆର୍ଥିକ ନୀତିର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

# ଟଙ୍କା, ତେଲରେ ମିଳିପାରେ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୨-୯**



ଟଙ୍କାର କ୍ରମାଗତ ମୂଲ୍ୟହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଭାରତୀୟ ମୁଦ୍ରାର ମୂଲ୍ୟ କମିବା କାରଣରୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ଏହାକୁ ନେଇ ଚିନ୍ତିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ସପ୍ତାହରେ ଆର୍ଥିକ ନୀତିର ସମୀକ୍ଷା କରିବେ। ଏହି ବୈଠକ ପରେ କେନ୍ଦ୍ର ସରକାର ଟଙ୍କାକୁ ସମ୍ଭାଳିବା ଏବଂ ତୈଳ ମୂଲ୍ୟ ହ୍ରାସ ନେଇ ପଦକ୍ଷେପ ଘୋଷଣା କରିପାରନ୍ତି ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।
 ସୂଚନାଥାଉ କି, ଗତ ୩ ମାସ ହେଲା ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିବା ବେଳେ ଗତ କିଛି ସପ୍ତାହ ହେବ ଏହି ଧାରା ଦ୍ରୁତ ହୋଇଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଟଙ୍କାକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସମସ୍ତ ପଦକ୍ଷେପ ନେବ। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ, ଆଜି ଯାହା ଟଙ୍କାର ମୂଲ୍ୟ ରହିଛି ତାହା ପ୍ରକୃତ ମୂଲ୍ୟ ନୁହେଁ। ଚଳନ୍ତି ଜମା ନିଅଣ୍ଟ ବଢ଼ିବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି କାରଣରୁ ସମସ୍ତ ବିକାଶଶୀଳ ରାଷ୍ଟ୍ରର ମୁଦ୍ରା ଭଳି ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୫.୮ବିଲିୟନ ଡଲାର ରହିଛି ଯାହାକି ଜିଡିପିର ୨.୪%। ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଉଥିବା ନେଇ ସୂଚନା ମିଳିବା ପରେ ଟଙ୍କାର ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବୁଧବାର ଟଙ୍କାର ମୂଲ୍ୟ ଏକ ସମୟରେ ୭୨.୯୧ସ୍ତର ଛୁଇଁ ଆଉ ଏକ ସର୍ବକାଳୀନ ରେକର୍ଡ କରିଥିଲା। ତେବେ ଏଥିରେ ସୁଧାର ଆସିବା ଦେଖାଯାଇଥିଲା। ଏହା ଶେଷରେ ୭୨.୨୬ ସ୍ତରରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଟଙ୍କାର ମୂଲ୍ୟ ବୃଦ୍ଧି ବମ୍ବେ ଷ୍ଟକ ବଜାରରେ ଖୁସି ଆଣି ଦେଇଥିଲା। ବୁଧବାର ସେନସେକ୍ସ ୩୦୫ ପଏଣ୍ଟ ବୃଦ୍ଧି ସହ ୩୭,୭୧୭.୯୬ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ମଧ୍ୟ ୮୨.୪୦ ପଏଣ୍ଟ ବୃଦ୍ଧି ଦେଖାଯାଇଥିଲା ଓ ଏହା ୧୧,୩୬୯.୯୦ରେ ବନ୍ଦ ହୋଇଥିଲା। ତେବେ ଘରୋଇ ସଂସ୍ଥାଗତ ନିବେଶକ ୭୪୯.୬୨ କୋଟି ଟଙ୍କାର ଶେୟାର କିଣିଥିବା ବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ ୧,୪୫୪.୩୬କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ଗଣେଶ ଚତୁର୍ଥୀ କାରଣରୁ ଗୁରୁବାର ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ରହିବ।

## ଉଦ୍ୟୋଗ ବିକାଶ ସ୍ୱପ୍ନକୁ ସତରେ ରୂପାନ୍ତରିତ କରିଛି ଜେଏସ୍‌ପିଏଲ୍: ଜିନ୍ଦଲ

**ଭୁବନେଶ୍ୱର,୧୨-୯**



ମେକ୍ ଇନ୍ ଓଡିଶା ରୋଡ୍ ଶୋ'

ଓଡିଶାରେ ଉଦ୍ୟୋଗ ବିକାଶ ଲାଗି ଓ.ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କର ସ୍ୱପ୍ନ ରହିଥିଲା। ଏନେଇ ସେ ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସ୍ୱପ୍ନକୁ ବର୍ତ୍ତମାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ସତରେ ରୂପାନ୍ତରିତ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ 'ମେକ ଇନ୍ ଓଡିଶା' ରୋଡ ଶୋ' ଅବସରରେ ଅଭିଭାଷଣ ରଖି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହା କହିଛନ୍ତି। ଏକ ଦାୟିତ୍ୱଭିତ୍ତିକ ଉଦ୍ୟୋଗୀକରଣ ଦ୍ୱାରା ରାଜ୍ୟର ବିକାଶଧାରାକୁ ସରକାର ପ୍ରୋତ୍ସାହିତ କରୁଥିବାରୁ ଏହାକୁ ନେଇ ଜିନ୍ଦଲ ଏହାକୁ ଆସ୍ଥା ପ୍ରକଟ କରିଛନ୍ତି।
 ସେ କହିଛନ୍ତି, ଓଡିଶାରେ ଉଦ୍ୟୋଗ ବିକାଶ କ୍ଷେତ୍ରରେ ଜେଏସ୍‌ପିଏଲ୍ ଗତ ୭ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛି। ଗ୍ରୁପ ପକ୍ଷରୁ ଏଠାରେ ୪୫,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶ ହୋଇଛି। ଅନୁଗୋଳରେ ରହିଥିବା ବାର୍ଷିକ ୬ ନିୟୁତ ଟନ୍ ବିଶିଷ୍ଟ ଷ୍ଟିଲ ଉତ୍ପାଦନ ୟୁନିଟ ଓଡିଶାରେ ସର୍ବବୃହତ। ଅପରପକ୍ଷରେ କେନ୍ଦୁଝର ବଡବିଲସ୍ଥିତ ବାର୍ଷିକ ୯ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ କମ୍ପଲେକ୍ସ ଦେଶରେ ପ୍ରମୁଖ ସ୍ଥାନରେ ରହିଛି। ଅନୁଗୋଳ ଜେଏସ୍‌ପିଏଲ୍ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେସ ଏବଂ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ତଥା ତାଙ୍କ ଟିମ୍ ଯୋଗୁ ଏଭଳି ପଦକ୍ଷେପ ଲାଗି ସକ୍ଷମ ହୋଇଛୁ ବୋଲି ଜିନ୍ଦଲ କହିଛନ୍ତି।

## ଦୁରିଆନ୍ ଫର୍ନିଚରର ପାର୍ବଣ ଅଫର

**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

Durian® SINCE 1985

ଗୃହ ଏବଂ ଅଫିସ୍ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଆସବାବପତ୍ର ମାନୁଫ୍ୟାକ୍ଚରିଂ ତଥା ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଦୁରିଆନ୍ ଫର୍ନିଚର ପାର୍ବଣ ଅଫର ଘୋଷଣା କରିଛି। ବିଶେଷକରି ଗଣେଶ ପୂଜା ଓ ନୂଆଖାଇକୁ ଦୃଷ୍ଟିରେ ରଖି ଦୁରିଆନ୍ ବିଭିନ୍ନ ବର୍ଗର ଆସବାବପତ୍ର ଉପରେ ଅଫର ଘୋଷଣା କରିଛି। ଏହି ସମୟରେ ହୋମ୍ ଫର୍ନିଚରଗୁଡ଼ିକରେ ୩୫% ସହିତ ୧୫% ଅଫର ପ୍ରଦାନ କରାଯିବ। ସେଥି ମଧ୍ୟରେ ସୋଫା ସେଟ୍, ଡାଇନିଂ ସେଟ୍, ବେଡ୍, ଟିଭି ୟୁନିଟ୍, ଡ୍ରେସିଂ ଟେବୁଲ୍, ରିକ୍ଲାଇନର ଚେୟାର ଆଦି ରହିଛି। ସେହିପରି ସୋଫା କ୍ଷେତ୍ରରେ ଲେଦର, ଫେବ୍ରିକ୍, ପିଓର ଲେଦର ଆଦି ବିଭିନ୍ନ କଞ୍ଚାମାଲ୍‌ରେ ପ୍ରସ୍ତୁତ ଆସବାବପତ୍ର ଦୁରିଆନ ଉପଲବ୍ଧ କରୁଛି। ଷ୍ଟୋରେଜ୍ ସୁବିଧା ଥିବା କିଙ୍ଗ୍ ଆଣ୍ଡ କୁଇନ୍ ସାଇଜ୍ ବେଡ୍ ମଧ୍ୟ ରହିଛି। ସେହିପରି ଡାଇନିଂରେ ଗ୍ଲାସ୍, ମାର୍ବଲ ଏବଂ କାଠ ନିର୍ମିତ ଭଳିକି ଭଳି ବିକଳ୍ପ ରହିଛି। ଏହିସବୁ ଉତ୍ପାଦରେ କମ୍ପାନୀ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଥିବା ବେଳେ ଗ୍ରାହକଙ୍କ ପାଇଁ କିଛି ସୁବିଧା ମଧ୍ୟ ପ୍ରଦାନ କରୁଛି। ଭୁବନେଶ୍ୱରସ୍ଥିତ ସାମନ୍ତରାୟପୁରଠାରେ ଏହାର ଶୋ'ରୁମ୍ ରହିଥିବା ବେଳେ ଗ୍ରାହକଙ୍କ ସୁବିଧା ପାଇଁ ଫ୍ରି ଡେଲିଭରି ବ୍ୟବସ୍ଥା ରହିଛି ବୋଲି କମ୍ପାନୀର ମ୍ୟାନେଜର(ଓଡିଶା) ଅଜୟ ଶର୍ମା ପ୍ରକାଶ କରିଛନ୍ତି। ଏହି ଅଫର ସୀମିତ ସମୟ ପାଇଁ ରହିଥିବା ବେଳେ ଏହାର ଲାଭ ଉଠାଇବା ପାଇଁ କମ୍ପାନୀ ଘୋଷଣା କରିଛି।

## ବାଲେଶ୍ୱରରେ ଖୋଲିଲା ଅଶ୍ୱିନୀ ହସ୍ପିଟାଲ ସେଣ୍ଟର

ASHWINI HOSPITAL empowered to heal... (Unit of Cuttack Hospitals Pvt. Ltd.)

**ଭୁବନେଶ୍ୱର,୧୨-୯**

ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ଏକ ଶାଖା ବାଲେଶ୍ୱରରେ ଖୋଲିଛି। ରାସ୍ତା ଦୁର୍ଘଟଣା ସମେତ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ନିଆଯାଇଥିବା ହସ୍ପିଟାଲର ଅଧ୍ୟକ୍ଷ ଡ. ସୁବ୍ରତ ଜେନା ସୂଚନା ଦେଇଛନ୍ତି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନୂଆ ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରମୁଖ କର୍ପୋରେଟ ହସ୍ପିଟାଲଗୁଡିକ କଟକ ଓ ଭୁବନେଶ୍ୱରରେ ରହିଥିବାରୁ ଦୂରଦୂରାନ୍ତ ସ୍ଥାନର ରୋଗୀ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ଲାଗି ଅସୁବିଧାର ସାମ୍ନା କରୁଛନ୍ତି। ଜାତୀୟ ରାଜପଥ କଡରେ ଉକ୍ତ ଶାଖା ରୋଗୀଙ୍କୁ ଚିକିତ୍ସା ସେବାକୁ ସୁଗମ କରିବ। ଅନୁଗୋଳରେ ଏଭଳି ଏକ ଶାଖା ଖୋଲିବା ନେଇ ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ଅପରପକ୍ଷରେ କଟକର ସିଡିଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବା ନେଇ ଯୋଜନା ରହିଛି। ଏହା ପ୍ରଥମ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟରର ମାନ୍ୟତା ପାଇବ ବୋଲି ହସ୍ପିଟାଲ ପକ୍ଷରୁ ପ୍ରକାଶ।

## ବାଙ୍ଗାଲୋର୍‌ରେ ସାମ୍‌ସଙ୍ଗ ଉଦ୍‌ଘାଟନ କଲା 'ଅପେରା ହାଉସ୍'




**ଭୁବନେଶ୍ୱର, ୧୨-୯**

ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ବାଙ୍ଗାଲୋରସ୍ଥିତ ବ୍ରିଗେଡ୍ ରୋଡ୍‌ଠାରେ ଏହାର ସର୍ବବୃହତ୍ ମୋବାଇଲ୍ ଏକ୍ସପେରିଏନ୍ସ ସେଣ୍ଟର 'ଅପେରା ହାଉସ୍'କୁ ମଙ୍ଗଳବାର ଉଦ୍‌ଘାଟନ କରିଛି। ମୋବାଇଲ୍ ଫୋନ, ଟାବ୍‌ଲେଟ୍, କ୍ୟୁଏଲ୍‌ଇଡି ଟିଭି, ସ୍ମାର୍ଟ ଟିଭି, ରେଫ୍ରିଜିରେଟର ଠାରୁ ଆରମ୍ଭ କରି କମ୍ପାନୀର ବିଭିନ୍ନ ଅତ୍ୟାଧୁନିକ ଗ୍ୟାଜେଟ୍ ସବୁ ଏଠାରେ ପ୍ରଦର୍ଶିତ ହେବ। ସେହିପରି ଏଠାରେ ଥିବା ହୋମ୍ ଥିଏଟର ଜୋନ୍‌ରେ ପ୍ରି-ବୁକ୍ ମାଧ୍ୟମରେ ମାଗଣା ମୁଭି ଦେଖିବାର ସୁଯୋଗ ମଧ୍ୟ ମିଳିବ ବୋଲି ସାମ୍‌ସଙ୍ଗ ପକ୍ଷରୁ ପ୍ରକାଶ। ଏ ସମ୍ପର୍କରେ ସାମ୍‌ସାଙ୍ଗ ଇଣ୍ଡିଆର ମୋବାଇଲ୍ ବିଜ୍‌ନେସ୍ ବରିଷ୍ଠ ଉପସଭାପତି ମୋହନ୍ ଦୀପ୍ ସିଂ କହିଛନ୍ତି, ବାଙ୍ଗାଲୋର ପରେ ଆମେ ଆଉ ୭ରୁ ୮ ଟି ଏହିଭଳି ଏକ୍ସପେରିଏନ୍ସ ସେଣ୍ଟର ଉନ୍ମୋଚନ କରିବା ପାଇଁ ଯୋଜନା ରଖିଛୁ। ଅନ୍‌ଲାଇନ୍ ଗ୍ରାହକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଲକ୍ଷ ଲକ୍ଷ ଗ୍ରାହକ ଟଚ୍ ଆଣ୍ଡ୍ ଫିଲ୍‌ର ଏକ୍ସପେରିଏନ୍ସ ପାଇଁ ଅଫ୍‌ଲାଇନ୍ ଷ୍ଟୋରକୁ ପସନ୍ଦ କରୁଥିବାରୁ ଏଭଳି ଏକ୍ସପେରିଏନ୍ସ ସେଣ୍ଟର ବ୍ୟବସ୍ଥା କରାଯାଇଛି। ସେହିପରି ସାମ୍‌ସଙ୍ଗର ଦକ୍ଷିଣ ପଶ୍ଚିମ ଏସିଆର ସଭାପତି ତଥା ସିଇଓ ଏଚ୍.ସି. ହଙ୍ଗ୍ କହିଛନ୍ତି, ବର୍ତ୍ତମାନର ଯୁବପିଢି ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଅନୁଭୂତି ଆଶା କରୁଛନ୍ତି। ସାମ୍‌ସଙ୍ଗର ସମସ୍ତ ଇଲେକ୍‌ଟ୍ରୋନିକ୍ ଉତ୍ପାଦରେ ସେମାନଙ୍କୁ ଏହି ସ୍ୱତନ୍ତ୍ରତା ପ୍ରଦାନ କରିବା ପାଇଁ ଅପେରା ହାଉସ୍‌କୁ ବିକଶିତ କରାଯାଇଛି।

## ଟାଟା ମୋଟର୍ସ ପକ୍ଷରୁ ଲିମିଟେଡ ଏଡିଶନ ନେକ୍ସନ କ୍ରେଜ୍




**ଭୁବନେଶ୍ୱର,୧୨-୯**

ଟାଟା ମୋଟର୍ସ ପକ୍ଷରୁ ଏହାର ନେକ୍ସନ ବ୍ରାଣ୍ଡର ଏକ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଲିମିଟେଡ ଏଡିଶନ 'ନେକ୍ସନ କ୍ରେଜ୍'ବଜାରକୁ ଆସିଛି। ୱାର୍ଲଡ ଅଫ୍ ସ୍ପୋର୍ଟଭଳି ପ୍ରସଙ୍ଗକୁ ଆଧାର କରି କମ୍ପାନୀ ଏହି ମଡେଲକୁ ଆଣିଛି। ଯୁବବର୍ଗଙ୍କୁ ପ୍ରାଥମିକତା ଦେଇ ଏଥିରେ ନିୟୁ ଷ୍ଟାଇଲିଂ ଡିଜାଇନ ତଥା ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଆସିଥିବା କମ୍ପାନୀ ପ୍ରକାଶ କରିଛି। ଏହା କ୍ରେଜ୍ ଓ କ୍ରେଜ୍ ପ୍ଲସ ଭଳି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ମଡେଲଟିର ଭୁବନେଶ୍ୱର ଏକ୍ସଶୋ'ରୁମ ମୂଲ୍ୟ ୭.୩୯ ଲକ୍ଷ (ପେଟ୍ରୋଲ ମଡେଲ) ଏବଂ ୮.୩୯ ଲକ୍ଷ(ଡିଜେଲ ମଡେଲ) ରହିଛି। ଏହାର ଟ୍ରୋମସୋ ବ୍ଲାକ ବଡି କଲର, ସ୍ପୋର୍ଟି ସୋନିକ ସିଲ୍‌ଭର, କଲର ଡୁଆଲ ଟୋନ୍ ରୁଫ୍, ଶକ୍ତିଶାଳୀ ଏସ୍‌ୟୁଭି ପରଫରମାନ୍ସ, ୬ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ, ୪ ଷ୍ଟାର ସେଫଟି ରେଟିଂ, ଫାଷ୍ଟ ଇନ କ୍ଲାସ ଡ୍ରାଇଭ ମୋଡ ଏବଂ ବେଷ୍ଟ ଇନ୍ କ୍ଲାସ ଗ୍ରାଉଣ୍ଡ କ୍ଲିୟରାନ୍ସ ଲାଭ କରିପାରିବେ। ଗ୍ରାହକଙ୍କୁ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଭର୍ସନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଛୁ ବୋଲି କମ୍ପାନୀର ସଭାପତି (ପିଭିବିୟୁ) ମୟାଙ୍କ ପାରିକ ସୂଚନା ଦେଇଛନ୍ତି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER℠
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

## ଶୃଙ୍ଖଳିତ, ନିୟମିତ ନିବେଶରେ ହାସଲ ହେବ ଆର୍ଥିକ ଲକ୍ଷ୍ୟ

**ମୋର ବୟସ ୩୫ ବର୍ଷ ଓ ମୋ ସ୍ତ୍ରୀଙ୍କର ବୟସ ୩୧ ବର୍ଷ। ଆମ ଝିଅକୁ ବର୍ଷେ ପୂରଣ ହୋଇଛି। ଆମର ସମୁଦାୟ ବାର୍ଷିକ ରୋଜଗାର ମୋଟାମୋଟି ହିସାବ କଲେ ୨୫ ଲକ୍ଷ ଟଙ୍କାରୁ ଅଧିକ। ବର୍ତ୍ତମାନ ସ୍ଥିତିରେ ଆମର ୧.୫ ଲକ୍ଷ ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ରହିଛି। ମ୍ୟୁଚଆଲ ଫଣ୍ଡରେ ୧ଲକ୍ଷ ଟଙ୍କା ନିବେଶ ରହିଥିବା ବେଳେ ଏବେ ଏସ୍‌ଆଇପି ପ୍ରଡକ୍ଟରେ ମାସିକ ୧୦୦୦ ଟଙ୍କାର ପ୍ରିମିୟମ ପ୍ରଦାନ କରୁଛୁ। କିନ୍ତୁ ଜୀବନବୀମା, ସ୍ୱାସ୍ଥ୍ୟବୀମା ଓ ବାର୍ଦ୍ଧକ୍ୟ ସମୟ ପାଇଁ କୌଣସି ଯୋଜନାବଦ୍ଧ ସଞ୍ଚୟ ନାହିଁ। ଝିଅର ଭବିଷ୍ୟତ ପାଇଁ ମଧ୍ୟ ସଞ୍ଚୟ କରିବାକୁ ଚାହୁଁଛୁ। ଏସବୁ ପାଇଁ ଆପଣଙ୍କ ପରାମର୍ଶ ଦେବାକୁ ଅନୁରୋଧ।**
**– ପ୍ରଦୀପ କୁମାର ମାଝୀ, ବାଲେଶ୍ୱର**

ଯେକୌଣସି ଆର୍ଥିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆପଣଙ୍କୁ ଶୃଙ୍ଖଳିତ ଭାବରେ ନିୟମିତ ସଞ୍ଚୟ କରିବା ନିହାତି ଆବଶ୍ୟକ ଓ ଉଚିତ ମଧ୍ୟ। ଆପଣ ଅତି କମରେ ଆପଣଙ୍କ ବାର୍ଷିକ ଆୟର ୨୫ ରୁ ୩୦ ପ୍ରତିଶତ ସଞ୍ଚୟ କରିବା ଉଚିତ। ଆପଣ ଜାଣିରଖିବା ଉଚିତ ଯେ, ବ୍ୟାପକ ଆର୍ଥିକ ଯୋଜନାର ମୂଳ ଦିଗ ହେଉଛି ରିସ୍କ ପରିଚାଳନା। ପରିବାରକୁ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ରଖିବା ପାଇଁ ଆପଣ ଉଭୟଙ୍କ ପାଇଁ ଜୀବନବୀମା କ୍ରୟ କରି ସଞ୍ଚୟ ଆରମ୍ଭ କରନ୍ତୁ। ଯାହାକି ଅତିକମରେ ଆପଣଙ୍କ ବାର୍ଷିକ ଆୟର ୧୦ ରୁ ୧୫ ଗୁଣା ହେବା ଜରୁରୀ। ଏହା ପରେ ସ୍ୱାସ୍ଥ୍ୟବୀମା ନିଅନ୍ତୁ। ଏହା ୧ ଲକ୍ଷ ଟଙ୍କାର ଫ୍ୟାମିଲି ଫ୍ଲୋଟର ପଲିସି। ଆପଣ ଓ ଆପଣଙ୍କର ସ୍ତ୍ରୀଙ୍କ ପାଇଁ ଗୁରୁତର ରୋଗ ସୁବିଧା (କ୍ରିଟିକାଲ ଇଲନେସ୍ ରାଇଡର) ପଲିସିର ସଂଯୋଗ କରିବା ଠିକ୍ ହେବ। **ସଞ୍ଚୟ କରିବା ପାଇଁ କିଛି ସୂଚନା:** ପ୍ରଥମ କଥା ହେଉଛି ଘରର ଆୟ ବ୍ୟୟର ହିସାବ କରନ୍ତୁ। ଆଉ ଦେଖନ୍ତୁ ଆପଣଙ୍କ ହାତରେ କେତେ ଅର୍ଥ ବଳକା ରହୁଛି। ଯଦି ଖର୍ଚ୍ଚ ପରେ ଆପଣଙ୍କ ହାତରେ କିଛି ବି ବଳକା ଅର୍ଥ ରହୁନାହିଁ ତେବେ କିଛି ଖର୍ଚ୍ଚକାଟ କରନ୍ତୁ ଅଥବା ଅଧିକ ରୋଜଗାର କରିବା ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଘରର ମାସିକ ଖର୍ଚ୍ଚର ସର୍ବନିମ୍ନ ୬ ଗୁଣାର ଏକ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ। ଯାହାକି ବ୍ୟାଙ୍କ ସଞ୍ଚୟ ଜମାଖାତା କିମ୍ବା ମ୍ୟୁଚୁଆଲ ଫଣ୍ଡ ଲିକୁଇଡ୍ ଫଣ୍ଡରେ ନିବେଶ କରନ୍ତୁ। ଝିଅର ଭବିଷ୍ୟତ ଉଚ୍ଚଶିକ୍ଷା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଇଁ ଏବେଠୁ ସଞ୍ଚୟ ଆରମ୍ଭ କରନ୍ତୁ। ଯଦି ଝିଅ ନାମରେ ଚାଇଲଡ୍ ପ୍ଲାନ କରି ନାହାନ୍ତି, ତେବେ ଏକ ଚାଇଲଡ୍ ପ୍ଲାନ ଏବେ କିଣି ନିଅନ୍ତୁ। ଏହା କିଣିବା ଦ୍ୱାରା ଝିଅର ଭବିଷ୍ୟତ ସୁରକ୍ଷିତ କରିପାରିବେ। ଯଦି କିଛି ବଳକା ଅର୍ଥ ରହେ ତେବେ ଆପଣ ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ଆରମ୍ଭ କରନ୍ତୁ।

**ପ୍ର: ମୁଁ ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘକାଳୀନ ହିସାବରେ ନିବେଶ କରିବା ପାଇଁ ଚାହୁଁଛି। ପ୍ରାୟତଃ ସବୁ ଫଣ୍ଡ ହାଉସ ସମାନ ସ୍କିମ୍ ରଖୁଛନ୍ତି। କମ୍ ନେଟ୍ ଏସେଟ୍ ଭାଲ୍ୟୁ (NAV) ଥିବା ଫଣ୍ଡ ପସନ୍ଦ କରି ନିବେଶ କରିବା ଠିକ୍ ହେବ କି? ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ।**
**–ସୁମିତ୍ରା ସ୍ୱାଇଁ, ଛତ୍ରପୁର**

କୌଣସି ୨ଟି ମ୍ୟୁଚୁଆଲ ଫଣ୍ଡର ଏନ୍‌ଏଭି (NAV) ମୂଲ୍ୟ ଯଦି ୧୦ ଟଙ୍କା କିମ୍ବା ୫୦ ଟଙ୍କା ରହିଛି ତେବେ ଏହାର ଅର୍ଥ ନୁହେଁ ୫୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ଭଲ ଏବଂ ୧୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ମନ୍ଦ। ପ୍ରକୃତ କଥା ହେଲା ଫଣ୍ଡର ବିଗତ ବର୍ଷର ପ୍ରଦର୍ଶନକୁ ଦୃଷ୍ଟି ଦେବା ଉଚିତ। କାରଣ ଆପଣଙ୍କ ନିବେଶ ରାଶିର ସମୃଦ୍ଧି ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ର ନିବେଶ ପୋର୍ଟଫୋଲିଓରେ ଥିବା ଶେୟାରଗୁଡ଼ିକର ବିଗତ ବର୍ଷର କାର୍ଯ୍ୟଦକ୍ଷତା ଉପରେ ନିର୍ଭରେ କରେ। ଶେୟାର ବଜାରର ଦୋଳାୟିତ ଅବସ୍ଥାରେ ଅପରିବର୍ତ୍ତିତ ଲାଭ ପ୍ରଦାନର କ୍ଷମତା ଅନୁଯାୟୀ ଏକ ଫଣ୍ଡକୁ ପସନ୍ଦ କରିବା ଉଚିତ।

**ମୋ ଘରକୁ ବୀମାଭୁକ୍ତ କରିବା ପାଇଁ ଚାହୁଁଛି। ପ୍ରିମିୟମ ରାଶି ଉପରେ ଆୟକର ଛାଡ ଦାବି କରିପାରିବି କି? ଦୟାକରି ଏ ବିଷୟରେ ପରାମର୍ଶ ଦିଅନ୍ତୁ।**
**–ସୁବ୍ରତ ସାହୁ, ରାୟଗଡ଼ା**

ଆପଣଙ୍କ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ ଦାବି କରିପାରିବେ ନାହିଁ। କିନ୍ତୁ ଆପଣଙ୍କ ନିଜର ଜୀବନବୀମା ପଲିସି ପାଇଁ ପ୍ରିମିୟମ ରାଶିକୁ ଆୟକର ନିୟମ ୟୁ/ଏସ୍ ୮୦ସି ଅନୁଯାୟୀ ଛାଡ଼ ଦାବି କରିପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

## କୋବ୍‌ର ନୂତନ ଷ୍ଟୋର ଉଦ୍‌ଘାଟିତ



**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ ଭୁବନେଶ୍ୱରର ପାଲ୍‌ହାଇଟ୍ସ ଠାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ୫୪୦ ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ। ପଦ୍ମଶ୍ରୀ ରଘୁନାଥ ମହାପାତ୍ର , କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମୋହସିନ ସେଖ ତଥା ସମାଜସେବୀ ଡି.ପ୍ରକାଶ ରାଓ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହା ଓଡିଶାରେ କମ୍ପାନୀର ତୃତୀୟ ଷ୍ଟୋର। ପୂର୍ବରୁ ପୁରୀ ଓ କଟକଠାରେ ନୂଆ ଷ୍ଟୋର ଉନ୍ମୋଚନ ହୋଇଛି। ଏହି ଅବସରରେ କମ୍ପାନୀ ଓପନିଂ ଧମାକା ସେଲ୍ ଆରମ୍ଭ କରିଛି। ଏଥିରେ ଗ୍ରାହକ 'ବାଏ ଟୁ ଗେଟ୍ ୬'ଅଫର ପାଇପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ୨୦୨୦ ଶେଷ ସୁଦ୍ଧା ଏହା ଓଡିଶାରେ ୫୦ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛି। ଶୀଘ୍ର ଯାଜପୁରରେ ନୂଆ ଷ୍ଟୋର ଖୋଲିବ ବୋଲି ସେଖ୍ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ବର୍ତ୍ତମାନ ସୁଦ୍ଧା କୋବ୍ ୨୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ରୁ ଅଧିକ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପସ୍ଥିତି ଜାହିର କରିଛି। ଉକ୍ତ ଷ୍ଟୋରରେ ଗ୍ରାହକମାନେ ସାର୍ଟ, ଟ୍ରାଉଜର, ଡେନିମ, ଟି-ସାର୍ଟ, ସୁଟ୍ ଓ ବ୍ଲେଜର ପାଇପାରିବେ।



❝ ଟେଷ୍ଟ କ୍ରିକେଟ ଇତିହାସରେ ବିଶ୍ୱର ସବୁଠାରୁ ସଫଳ ଦ୍ରୁତ ହୋଇଥିବାରୁ ଜେମ୍ସ ଆଣ୍ଡରସନଙ୍କୁ ଅଭିନନ୍ଦନ। ସେ ସର୍ବଦା ବ୍ୟାଟ୍ସମ୍ୟାନଙ୍କ ପାଇଁ ଆତଙ୍କ ସାଜନ୍ତୁ ।

–ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



❝ ଟେଷ୍ଟ କ୍ରିକେଟକୁ ଭଲ ପାଉଥିବା ଖେଳାଳିଙ୍କ ମଧ୍ୟରେ ଆଲିଷ୍ଟର କୁକ୍ ଅନ୍ୟମାନଙ୍କ ଉଦାହରଣ ଏବଂ ଏହି ଫର୍ମାଟ୍ ପାଇଁ ସେ ଜଣେ ଆମ୍ବାସାଡର।

–ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ

## ସଂକ୍ଷେପରେ

### ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ ଭାଗନେବେ ଓଡ଼ିଶାର ୭୩

କଟକ ଅଫିସ,୧୨।୯- ବିହାରର ପାଟନାଠାରେ ସେପ୍ଟେମ୍ବର ୧୫ ଓ ୧୬ ଦୁଇ ଦିନ ଧରି ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ୧୪ବର୍ଷରୁ କମ୍, ୧୬ବର୍ଷରୁ କମ୍, ୧୮ବର୍ଷରୁ କମ୍ ଓ ୨୦ବର୍ଷରୁ କମ୍ ବୟସ ବର୍ଗରେ ରାଜ୍ୟର ମୋଟ୍ ୭୩ଜଣ ପ୍ରତିଯୋଗୀ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବେ । ଏମାନଙ୍କ ମଧ୍ୟରେ ୩୭ଜଣ ବାଳକ ଓ ୩୬ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି । ଦଳର ମ୍ୟାନେଜର ଭାବେ ଚିତ୍ତରଞ୍ଜନ ମହାପାତ୍ର, ଅନୁରାଧା ବିଶ୍ୱାଳ ଓ ଲିପିକା ମହାପାତ୍ର ପାଟନା ଯିବେ। ଗୁରୁବାର ପ୍ରତିଯୋଗୀ ମାନେ ବିହାର ଅଭିମୁଖେ ଯାତ୍ରା କରିବେ ବୋଲି ଓଡ଼ିଶା ଆଥ୍ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

### ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ



କଟକ ଅଫିସ,୧୨।୯- ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୦ତମ ସବଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ୧୪ବର୍ଷରୁ କମ୍ ବାଳିକା ସାବେର୍ ବିଭାଗ ଫାଇନାଲରେ ମହାରାଷ୍ଟ୍ରର କଶିକ ଦୀପକ ଭରଦ ୧୫-୬ରେ ମଣିପୁରର ଲାବି ଦେବୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି । ସେମିଫାଇନାଲରେ କଶିକ ୧୫-୫ରେ ଗୌରୀ ମଙ୍ଗଲସିଂଙ୍କୁ ଓ ଲାବି ୧୫-୧୩ରେ ଏନ ଜେସିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଫେନ୍ସିଂ ଆସୋସିଏଶନ ସଭାପତି ଅନଙ୍ଗ ଉଦୟ ସିଂଦେଓ, ଫେନ୍ସିଂ ଆସୋସିଏଶନ ଅଫ ଇଣ୍ଡିଆ ସଭାପତି ରାଜୀବ ମେହତା, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଅମୀୟ କୁମାର ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆନ୍ତଃ ଜିଲା ଫୁଟବଲ ଟେନିସ୍ ୨୨ରେ

କଟକ ଅଫିସ,୧୨।୯- ଓଡ଼ିଶା ରାଜ୍ୟ ଫୁଟବଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ କନ୍ଧମାଳର ସାରଙ୍ଗଗଡ଼ା ଠାରେ ଆନ୍ତଃ ଜିଲା ସିନିୟର ଫୁଟବଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଖେଳାଳି ପଞ୍ଜୀକରଣ ନିମନ୍ତେ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରତିଯୋଗିତାର ପ୍ରବେଶିକା ଶୁଳ୍କ ପୁରୁଷ ଖେଳାଳିଙ୍କ ନିମନ୍ତେ ୩୦୦ଟଙ୍କା ଓ ମହିଳା ଖେଳାଳିଙ୍କ ନିମନ୍ତେ ୨୦୦ଟଙ୍କା ରହିଛି । ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ନିମନ୍ତେ କନ୍ଧମାଳ ଜିଲା ଫୁଟବଲ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଜିଆଉଦ୍ଦିନଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ପକ୍ଷରୁ କୁହାଯାଇଛି ।

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

# କୋହଲି ଶୀର୍ଷରେ

ଦୁବାଇ, ୧୨।୯(ପି.ଟି.)



ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୪–୧ରେ ପରାସ୍ତ ହୋଇଥିଲେ ମଧ୍ୟ କୋହଲି ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ସିରିଜରେ ୫୯.୩ ରନ ହାରରେ ୫୯୩ ରନ ସଂଗ୍ରହ କରିଥିଲେ। ଏହି ସିରିଜ ପୂର୍ବରୁ କୋହଲି ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍‌ଙ୍କ ପଛକୁ ରହି କୋହଲି ୨୭ ହାସଲ କରିଥିଲେ। ତେବେ ବର୍ତ୍ତମାନ ସେ ସ୍ମିଥ୍‌ଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଛନ୍ତି। ଏଥି ସହିତ ସେ ତଙ୍କ ଶୀର୍ଷ ସ୍ଥାନକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଅକ୍ଟୋବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜରେ କୋହଲି ତାଙ୍କ ପ୍ରଦର୍ଶନ ବଜାୟ ରଖି ଶୀର୍ଷସ୍ଥାନକୁ ଆହୁରି ଦୃଢ କରିବେ ବୋଲି ଆଶା କରାଯାଉଛି।

ଭାରତର ରିଷଭ ପନ୍ତ ଓ ଲୋକେଶ ରାହୁଲ ବ୍ୟାଟିଂ ତାଲିକାରେ ଉନ୍ନତି କରିଛନ୍ତି। ରାହୁଲ ୧୬ଟି ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ତିମ ଟେଷ୍ଟରେ ସେ ୧୪୯ ରନର ପାଳି ଖେଳି ଉପରକୁ ଉଠିଛନ୍ତି। ସେହିପରି ୧୧୪ ରନର ଶତକୀୟ ପାଳି ଖେଳିଥିବା ରିଷଭ ୬୩ଟି ସ୍ଥାନ ଉପରକୁ ଉଠି ୧୧୧ ତମ ସ୍ଥାନ ଅଧିକାର କରିଛନ୍ତି। କ୍ୟାରିୟର ତୃତୀୟ ଟେଷ୍ଟରେ ସେ ଏହି ଶତକ ହାସଲ କରିଥିଲେ। ସେହିପରି ପ୍ରଥମ ଇନିଂସରେ ଅପରାଜିତ ୮୬ ରନର ପାଳି ଖେଳିଥିବା ରବୀନ୍ଦ୍ର ଜାଡେଜା ୧୨ଟି ସ୍ଥାନ ଉପରକୁ ଉଠି ୫୮ ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସେ ଅଲରାଉଣ୍ଡର ତାଲିକରେ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଅବସର ଘୋଷଣା କରିଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍ ଓଭାଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରି ଟପ୍–୧୦ରେ ସ୍ଥାନ ପାଇଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ସେ ୭୧ ଓ ଦ୍ୱିତୀୟ ଇନିଂସରେ ସେ ୧୪୭ ରନର ପାଳି ଖେଳିଥିଲେ। ସେ ୧୧ଟି ସ୍ଥାନ ଉପରକୁ ଉଠି ଦଶମ ସ୍ଥାନରେ ରହିଛନ୍ତି। ୨୦୧୧ ସେପ୍ଟେମ୍ବରରେ କୁକ୍ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭାରତ ବିପକ୍ଷ ଏଜବାଷ୍ଟନ ଟେଷ୍ଟରେ ସେ ୨୯୪ ରନର ଦ୍ୱିଶତକୀୟ ପାଳି ଖେଳି ଏହି ସଫଳତା ପାଇଥିଲେ। ଏହି ବର୍ଷ ସେ ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ।

ସେହିପରି ଇଂଲଣ୍ଡ ଅଧିନାୟକ ଜୋ ରୁଟ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୨୫ ରନର ଶତକୀୟ ପାଳି ଖେଳି ଏହି ସଫଳତା ହାସଲ କରିଥିଲେ। ସେହିପରି ଜୋଶ ବଟଲର ୯ଟି ସ୍ଥାନ ଉପରକୁ ଉଠି ୨୩ ଓ ମୋଇନ ଅଲୀ ୫ଟି ସ୍ଥାନ ଉପରକୁ ଉଠି ୪୩ତମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ବୋଲିଂ ତାଲିକାରେ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସ୍ପିନର ଆଦିଲ ରସିଦ ୬ଟି ସ୍ଥାନ ଉପରକୁ ଉଠି ୪୪, ସାମ କୁରାନ ୪ଟି ସ୍ଥାନ ଉପରକୁ ଉଠି ୫୧ତମ ସ୍ଥାନରେ ରହିଛନ୍ତି।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ହକି କ୍ୟାମ୍ପ୍ ୧୬ରୁ

ନୂଆଦିଲ୍ଲୀ, ୧୨।୯(ପି.ଟି.)

ଅନ୍ତର୍ଜାତୀୟ ହକି କାର୍ଯ୍ୟସୂଚୀରେ ଆଗାମୀ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳର ପ୍ରସ୍ତୁତି ଶିବିର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୫ ଜଣିଆ କୋର୍ ଗ୍ରୁପ୍ ତାଲିକା ଘୋଷଣା କରାଯାଇଛି। ଏସିଆନ ହକି ଚାମ୍ପିୟନଶିପ୍ ଆସନ୍ତା ଅକ୍ଟୋବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ଓମାନର ରାଜଧାନୀ ମସ୍କଭାଟ୍‌ରେ ଅନୁଷ୍ଠିତ ହେବ। ଏଥିରେ ଏସିଆନ ଗେମ୍ସର ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ହକିର ମେଗା ଇଭେଣ୍ଟ ବିଶ୍ୱକପ୍ ନଭେମ୍ବର ୨୬ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ସେମିଫାଇନାଲରୁ ପରାସ୍ତ ହୋଇ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ତେବେ ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲା। 'ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିବା ଆମ ପାଇଁ ସାନ୍ତ୍ୱନାମୂଳକ ସଦୃଶ। ପରାଜୟ ପରେ ପଛକୁ ଦେଖିବାର ଏବେ କୌଣସି କାରଣ ନାହିଁ। ବର୍ତ୍ତମାନ କିନ୍ତୁ ଆମକୁ ତାଜା ଓ ସକାରାତ୍ମକ ସହିତ ଆଗକୁ ବଢ଼ିବାର ଅଛି' ବୋଲି ଭାରତୀୟ ସିନିୟର ପୁରୁଷ ହକି ଦଳର କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଭାରତୀୟ ସିନିୟର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ଚାଲିବ। ଆଘାତ ସମସ୍ୟା ଲାଗି ଅଭିଜ୍ଞ ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଏହି କୋର୍ ଗ୍ରୁପ୍‌ରେ ସ୍ଥାନ ପାଇନାହାନ୍ତି।

**ଭାରତୀୟ କୋର୍ ଗ୍ରୁପ୍**

ପି.ଆର୍. ଶ୍ରୀଜେଶ, ସୂରଜ କେର୍‌କେରା ଓ କ୍ରିଷ୍ଣା ପାଠକ (ସମସ୍ତେ ଗୋଲକିପର), ହର୍‌ମନପ୍ରୀତ୍ ସିଂ, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଠଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଜର୍‌ମନପ୍ରୀତ୍ ସିଂ, ପ୍ରଦୀପ ସିଂ (ସମସ୍ତେ ଡିଫେଣ୍ଡର), ମନ୍‌ପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ବିବେକ ସାଗର ପ୍ରସାଦ (ସମସ୍ତେ ମିଡ୍‌ଫିଲ୍ଡର), ଏସ୍.ଭି. ସୁନୀଲ, ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲପ୍ରୀତ୍ ସିଂ ଓ ସୁମିତ୍ କୁମାର (ସମସ୍ତେ ଫରୱାର୍ଡ)।

### ପନ୍ତ ୪ର୍ଥ ଭାରତୀୟ

ନୂଆଦିଲ୍ଲୀ,୧୨।୯

ଛକା ମାରି କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ ଟେଷ୍ଟ ଦଳର ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଶବ ପନ୍ତ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ଓଭାଲ ଟେଷ୍ଟରେ ନିଜ କ୍ୟାରିୟରର ପ୍ରଥମ ଶତକ ମାରିଛନ୍ତି। ପନ୍ତ ଓଭାଲଠାରେ ଛକା ମାରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି। ଛକା ମାରି ଶତକ ପୂରଣ କରିବାରେ ସେ ୪ର୍ଥ ଭାରତୀୟ। ତାଙ୍କ ପୂର୍ବରୁ କପିଳ ଦେବ, ହରଭଜନ ସିଂ ଓ ଇର୍ଫାନ ପଠାନ ଛକା ସହ ଶତକ ପୂରଣ କରିଥିଲେ।

# ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ସ୍ପୋର୍ଟ୍ସ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଫାଓ ଲିଗ୍**

କଟକ ଅଫିସ,୧୨।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ବୁଧବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଲୱେ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଖେଳାଯାଇ ନଥିବା ମ୍ୟାଚ୍‌ଟି ବୁଧବାର ଖେଳାଯାଇଥିବା ବେଳେ ଏଥିରେ ସ୍ପୋର୍ଟସ ହଷ୍ଟେଲ ୧–୦ ଗୋଲରେ ବିଜୟୀ ହୋଇଛି । ଅତିରିକ୍ତ ୭୩ତମ ମିନିଟରେ ଭାବଗ୍ରାହୀ ପଡ଼ିହାରୀ ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ ବିଜୟସୂଚକ ଗୋଲଟି ଦେଇଥିଲେ। ଏସ୍‌ବିଆଇ ଓ ଆଜାଦ ହିନ୍ଦ କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ଟି ୨–୨ ଗୋଲରେ ଡ୍ର ରହିଥିଲା । ଆଜାଦ ହିନ୍ଦ କ୍ଲବ ପକ୍ଷରୁ ୮ମ, ୪୯ତମ ମିନିଟରେ କେଶବ ମାଝୀ ୨ଟି ଗୋଲ ଦେଇଥିବା ବେଳେ ଏସ୍‌ବିଆଇ ପକ୍ଷରୁ ସନ୍ତୋଷ ବେହେରା ୧୪ତମ ମିନିଟରେ ଓ ରାଜେନ୍ଦ୍ର ପ୍ରସାଦ ସିଂ ୬୬ତମ ମିନିଟରେ ଏକ ଗୋଲ ଦେଇଥିଲେ ।

# ବିଶ୍ୱ ଚାମ୍ପିୟନଶିପ୍ ନ ଖେଳିଲେ ଅଲିମ୍ପିକ ପ୍ରସ୍ତୁତି ପ୍ରଭାବିତ ହେବ: ରାକେଶ

ନୂଆଦିଲ୍ଲୀ,୧୨।୯ (ପି.ଟି.)



ରାକେଶ ପାତ୍ର।

ଆସନ୍ତା ମାସରେ ଆୟୋଜନ ହେବାକୁଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ ନ କଲେ ଅଲିମ୍ପିକ୍ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ତାରକା ଜିମ୍ନାଷ୍ଟ ରାକେଶ ପାତ୍ର କହିଛନ୍ତି। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ)କୁ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଅନୁସାରେ ବାସନ୍ଦ କରାଯାଇଛି ଓ ଫେଡେରେଶନଠାରୁ ସ୍ୱୀକୃତି ପ୍ରତ୍ୟାହାର କରିନିଆଯାଇଛି। ଫଳରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଜିମ୍ନାଷ୍ଟଙ୍କୁ ଅନୁମତି ଦେବାକୁ ମନା କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଆସନ୍ତା ଅକ୍ଟୋବର ୨୫ରୁ ନଭେମ୍ବର ୩ ତାରିଖ ମଧ୍ୟରେ ଦୋହାରେ ୪୮ତମ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ଗତ ଅଗଷ୍ଟରେ ତୁର୍କୀରେ ଅନୁଷ୍ଠିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ୍ କପ୍‌ର ରିଙ୍ଗ୍ ଇଭେଣ୍ଟରେ ରାକେଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଯଦି ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ନ କରେ ତେବେ ଅଲିମ୍ପିକ୍ ପ୍ରସ୍ତୁତିରେ ଜବରଦସ୍ତ ଝଟ୍‌କା ଲାଗିବ ଓ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଚାର୍ଟରେ ଆମେ କେଉଁଠି ରହିଛୁ ତାହା ଆମକୁ ଜଣାପଡିବ ନାହିଁ ବୋଲି ରାକେଶ ସ୍ପଷ୍ଟ କରିଛନ୍ତି। ତେଣୁ ଅଲିମ୍ପିକ୍ ପାଇଁ ଆମକୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି।

ଆସନ୍ତା ବର୍ଷ ଷ୍ଟୁଟ୍‌ଗାର୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବ ଓ ଏହା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚିତ ହେଉଛି। ତେବେ ଏହି ମାମଲା ଚାଲୁ ରହିଲେ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ ଓ ଭାରତର ଖ୍ୟାତିରେ ଆଞ୍ଚ୍ ଆସିବ।

ପାତ୍ରଙ୍କୁ ବାଦ୍ ଦେଲେ ଜିମ୍ନାଷ୍ଟିକ ଦଳରେ ସ୍ଥାନ ପାଇଥିବା ଅରୁଣା ବୁଦ୍ଧା ରେଡ୍ଡୀ ୨୦୧୮ ମେଲବୋର୍ନ ବିଶ୍ୱକପ୍ ଜିମ୍ନାଷ୍ଟିକ୍‌ରେ ମହିଳା ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ଆଶିଷ କୁମାର ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ପଦକ ହାସଲ କରିଥିଲେ। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ୍ ଜିତିଥିଲେ। ପଶ୍ଚିମବଙ୍ଗର ପ୍ରଣତି ନାୟକ ମଧ୍ୟ ପଦକ ହାସଲ କରିଥିଲେ। ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଏ ନେଇ ଆଗକୁ କ'ଣ ହେଉଛି ସେ ନେଇ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି। ସେପ୍ଟେମ୍ବର ୨୫ କଟ୍ ଅଫ୍ ଡେଟ୍ ହୋଇଥିବାରୁ ଖୁବଶୀଘ୍ର ଏ ନେଇ ଏକ ସମାଧାନ ପନ୍ଥା ବାହାରିବ ବୋଲି ରାକେଶ ଆଶା ପ୍ରକାଶ କରିଛନ୍ତି। ଏବେ ଆମେ ନିଜ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ଜାରି ରଖିଛୁ। ମୁଁ ଏବେ ମୁମ୍ବାଇରେ ଓ ଦୀପା ଏବେ ଅଗରତାଲାରେ ରହିଛନ୍ତି ବୋଲି ରାକେଶ କହିଛନ୍ତି। ତେବେ ବର୍ତ୍ତମାନର ପରିସ୍ଥିତି ଆମକୁ ନିରାଶ କରିଛି ବୋଲି ରାକେଶ କହିଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ବାସ୍କେଟବଲ

# ପୁରୁଷ, ମହିଳାରେ ନୟାପଲ୍ଲୀ ଚାମ୍ପିୟନ

ଭୁବନେଶ୍ୱର, ୧୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ମହଳା ଓ ପୁରୁଷ ବାସ୍କେଟବଲ ପ୍ରତିଯୋଗିତାରେ ଡି.ଆର. ନୟାପଲ୍ଲୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଳିଙ୍ଗ ଷ୍ଟାଡିୟମରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଜି.ସି.ପିକୁ ୨୧– ୧୯ରେ ପରାସ୍ତ କରି ଟାଇଟଲ ହାସଲ କରିଛି। ସେହିପରି ପୁରୁଷ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଟକର ରଘୁନାଥ ଜୀଉ ମହାବିଦ୍ୟାଳୟକୁ ୨୧–୧୯ରେ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୩ଟି ମହାବିଦ୍ୟାଳୟର ପୁରୁଷ ଦଳ ଓ ୭ଟି ମହାବିଦ୍ୟାଳୟର ମହିଳା ଦଳ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ପ୍ରବୀର କୁମାର ମହାନ୍ତି, ପ୍ରଦୀପ କୁମାର ସାମନ୍ତସିଂହାର, ଦକ୍ଷ ବ୍ରହ୍ମା ରାଉତରାୟ, ବେଣୁଧର ଦାସ, ଚତୁର୍ଭୁଜ ଜେନା, ରାଜେନ୍ଦ୍ର କୁମାର ପାଣି, ସ୍ମରିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ଦେବପ୍ରସାଦ ସାହୁ, ମହମ୍ମଦ ସଇଦ, ଚିରଞ୍ଜିତ କରଣ ପରିଚାଳନା କରିଥିଲେ।





ଆନ୍ତଃ ମହାବିଦ୍ୟାଳୟ ମହଳା ଓ ପୁରୁଷ ବାସ୍କେଟବଲ ପ୍ରତିଯୋଗିତାରେ ଚାମ୍ପିୟନ ଡି.ଆର. ନୟାପଲ୍ଲୀ ମହାବିଦ୍ୟାଳୟ ଦଳ।



ଭୁବନେଶ୍ୱରରେ ପ୍ରଶିକ୍ଷଣ ପରିସ୍ଥିତି ସହ ଖାପଖୁଆଇବା ପାଇଁ ଅନୁକୂଳ। କଳିଙ୍ଗ ଷ୍ଟାଡିୟମରେ ନବନିର୍ମିତ ଟର୍ଫରେ ଖେଳିବା ପାଇଁ ମଧ ଆମେ ଅପେକ୍ଷାରତ।
–ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ପ୍ରଶିକ୍ଷକ



ଦୋହାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ଟୋକିଓ ଅଲିମ୍ପିକ୍ସ ପାଇଁ ଦେଶର ପ୍ରସ୍ତୁତିରେ ବାଧକ ସାଜିବ।
–ରାକେଶ ପାତ୍ର, ଶ୍ରେଷ୍ଠ ଭାରତୀୟ ଜିମ୍ନାଷ୍ଟ

## ସଂକ୍ଷେପରେ

### ଖେଳରତ୍ନ ଲାଗି ନୀରଜ, ଚାନୁଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୧୨।୯- ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ବିଶ୍ୱ ଚାମ୍ପିୟନଶିପ୍ ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୀରାବାଇ ଚାନୁଙ୍କ ନାମକୁ ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ ଲାଗି ସୁପାରିସ କରାଯାଇଛି। ନୀରଜ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଲାଗି ଆଥ୍‌ଲେଟଙ୍କ ନାମ ସୁପାରିସ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ସେହିଭଳି କୋଚ୍‌ଙ୍କ ନିମନ୍ତେ ଉଦ୍ଦିଷ୍ଟ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ସମ୍ମାନ ପାଇଁ ମଧ କମିଟି ଗଠନ ହୋଇଛି। ଏଥିସହ ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ସମ୍ମାନ ସୁପାରିସ ନିୟମରେ ପରିବର୍ତ୍ତନ କରାଯାଇଛି। ଯାହାଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ଜିତିଥିବା ଆଥ୍‌ଲେଟ୍‌ଙ୍କ ନାମ ଉଭୟ ସମ୍ମାନ ନିମନ୍ତେ ସୁପାରିସ କରାଯାଇପାରିବ। ଦିଲ୍ଲୀ ହାଇକୋର୍ଟ ବିଚାରପତି ଇନ୍ଦରମିତ କାଉଲ କୋଚାରଙ୍କ ଅଧକ୍ଷତାରେ ଖେଳରତ୍ନ ପାଇଁ କମିଟି ଗଠନ ହୋଇଥିବାବେଳେ ଅଶ୍ୱିନୀ ନାଚାପ୍ପା, କମଲେଶ ମେହେଟା, ସମରେଶ ଜୁଙ୍ଗ ଓ ବିମଲ କୁମାର ସଦସ୍ୟ ରହିଛନ୍ତି। ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଗଠିତ କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଜଷ୍ଟିସ୍ ମୁକୁଲ ମୁଦଗଲଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି।

### ଅଲିମ୍ପିକ୍ ପଦକଧାରୀ ଯୋଡ଼ିକୁ ହରାଇଲେ ମନୁ-ସୁମିତ

ଟୋକିଓ,୧୨।୯(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ମନୁ ଅତ୍ରି ଓ ବି. ସାଇ ପ୍ରଣୀଥ ଏଠାରେ ଚାଲିଥିବା ୭ ଲକ୍ଷ ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନରେ ବୁଧବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଭାରତୀୟ ଯୋଡ଼ି ଅଲିମ୍ପିକ୍ ପଦକ ବିଜେତା ଗୋହ ଭି ଶେମ ଓ ତାମ ଓ୍ୱି କିଓଙ୍ଗଙ୍କ ଯୋଡ଼ିକୁ ପରାସ୍ତ କରି ଦେଇଛନ୍ତି। ପ୍ରି-କ୍ୱାର୍ଟର ମୁକାବିଲାକୁ ଜାତୀୟ ଚାମ୍ପିୟନ ମନୁ ଓ ସୁମିତ ୧୫-୨୧, ୨୩-୨୧, ୨୧-୧୯ ଗେମ୍‌ରେ ଜିତି ନେଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଭାରତୀୟ ଖେଳାଳି ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ୨ୟ ଗେମ୍‌ରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଅନ୍ତିମ ଗେମ୍‌କୁ ୨୧-୧୯ ବ୍ୟବଧାନରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟ ଲାଗି ୫୪ ମିନିଟ୍ ଲାଗିଥିଲା। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଚାଇନାର ହେ ଜିଟିଙ୍ଗ ଓ ଟାମ କିଆଙ୍ଗଙ୍କୁ ହରାଇବାକୁ ପଡ଼ିବ। ଅନ୍ୟପକ୍ଷରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଠୀଙ୍କ ପୁରୁଷ ଡବଲ୍ସ ଏବଂ ଅଶ୍ୱିନ ପୁନପ୍ପା ଓ ଏନ୍. ସିକି ରେଡ୍ଡୀଙ୍କ ମହିଳା ଡବଲ୍ସ ଯୋଡ଼ି ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଉଲ୍ଲେଖଥାଉ କି, ମାଲେସିଆର ଭି ଶେମ ଓ ତାମ ଓ୍ୱିଙ୍କ ଯୋଡ଼ି ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ।

### ବାହାରେ ହୋଇପାରେ ଆଗାମୀ ଆଇପିଏଲ୍

ନୂଆଦିଲ୍ଲୀ,୧୨।୯- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ବିଦେଶରେ ଆୟୋଜିତ ହେବାର ବିଶେଷ ସମ୍ଭାବନା ରହିଛି। କାରଣ ୨୦୧୯ରେ ସାଧାରଣ ନିର୍ବାଚନ ହେବାର ଅଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଲିଗ୍ ୨୦୦୯ରେ ଦକ୍ଷିଣ ଆଫ୍ରିକା ଓ ୨୦୧୪ରେ ୟୁଏଇଠାରେ ଖେଳାଯାଇଥିଲା। ଦୁଇ ଥର ଯାକ ସାଧାରଣ ନିର୍ବାଚନ ଯୋଗୁ ହିଁ ଲିଗ୍ ବାହାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସାଧାରଣ ନିର୍ବାଚନ ତାରିଖ ସମ୍ପର୍କରେ ଘୋଷଣାକୁ ଅପେକ୍ଷା କରାଯାଇଛି। ''ଯଦି ନିର୍ବାଚନ ତାରିଖ ଆଇପିଏଲ କାର୍ଯ୍ୟସୂଚୀ ମେଳ ଖାଏ, ତେବେ ଲିଗ୍‌କୁ ନିଶ୍ଚିତ ବିଦେଶରେ ଆୟୋଜନ କରାଯିବ। କିନ୍ତୁ ଏବେ ଆମେ ନିର୍ବାଚନ କମିଶନଙ୍କ ଘୋଷଣାକୁ ଅପେକ୍ଷା କରିଛୁ'' ବୋଲି ଆଇପିଏଲ ଅଧକ୍ଷ ରାଜିବ ଶୁକ୍ଳା କହିଛନ୍ତି। ବିଶ୍ୱର ସବୁଠୁ ବିତ୍ତଶାଳୀ ଲିଗ୍‌ର ପ୍ରସାରଣ ଅଧିକାର ଷ୍ଟାର ସ୍ପୋର୍ଟ୍ସ ୧୬,୩୪୭.୫୦ କୋଟି ଟଙ୍କାରେ ଖରିଦ କରିଛି।

# ସର୍ଦ୍ଦାର ସିଂଙ୍କ ଅବସର

ନୂଆଦିଲ୍ଲୀ, ୧୨।୯(ପି.ଟି.)



- ନାମ: ସର୍ଦ୍ଦାର ପୁରସ୍କାର ସିଂ
- ବୟସ: ୩୨
- ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍
- ପ୍ଲେଇଂ ପୋଜିଶନ: ହାଫ୍‌ବ୍ୟାକ୍
- ଆନ୍ତର୍ଜାତିକ ମ୍ୟାଚ: ୩୫୦

ଭାରତୀୟ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂ ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କର ୧୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ଘଟିଛି। ବୁଧବାର ଏ ସଂକ୍ରାନ୍ତରେ ସେ ଅବସର ଘୋଷଣା କରିଛନ୍ତି। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ଗ୍ରହଣ କରିବାକୁ ନିଷ୍ପତ୍ତି ନେଉଛି ବୋଲି ସେ କହିଛନ୍ତି। ଗତ ଏସିଆନ ଗେମ୍ସରେ ଭାରତ ଟାଇଟଲ ବଜାୟ ରଖିବାକୁ ବିଫଳ ହୋଇଥିଲା ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ଏହି ଫଳାଫଳ ମୋତେ ନିରାଶ କରିଥିଲା। ଏହା ପରେ ମୁଁ ଅବସର ନେବାକୁ ମନସ୍ଥ କରିଥିଲି ବୋଲି ସର୍ଦ୍ଦାର କହିଛନ୍ତି। ବୟସ ବଢିବା ସାଙ୍ଗକୁ ଦ୍ରୁତ ଗତିରେ ଦୌଡିବା ତାଙ୍କ ପାଇଁ ସମ୍ଭବ ନ ଥିଲା। ଫଳରେ ଦଳରେ ତାଙ୍କର ସ୍ଥାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଗତ ୧୨ ବର୍ଷ ମଧ୍ୟରେ ମୁଁ ବହୁତ ହକି ଖେଳିଛି। ଏବେ ଅବସର ନେବାର ସମୟ ଉପନୀତ ହୋଇଛି। ଏବେ ଯୁବ ଖେଳାଳିମାନେ ଆଗକୁ ଆସିବା ଉଚିତ ଓ ସେମାନଙ୍କୁ ବାଟ ଛାଡିବା ଉଚିତ। ଚଣ୍ଡିଗଡ଼ରେ ମୋ ପରିବାର, ହକି ଇଣ୍ଡିଆ ଓ ବନ୍ଧୁମାନଙ୍କ ସହ ଆଲୋଚନ କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି ବୋଲି ସର୍ଦ୍ଦାର କହିଛନ୍ତି। ଗତ ଏସିଆନ ଗେମ୍ସ ଅବସରରେ ସର୍ଦ୍ଦାର ସେତେବେଳେ ଭିନ୍ନ ମତ ପୋଷଣ କରିଥିଲେ। ଏବେ ମୋ ପାଖରେ ବହୁତ ହକି ବାକି ଅଛି ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଚହେଁ ବୋଲି ସେ କହିଥିଲେ। ତେବେ ଜାତୀୟ ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଦ୍ୱାରା ବୁଧବାର ଘୋଷିତ ହୋଇଥିବା ୨୫ ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଏହା ପରେ ତାଙ୍କର ହୃଦୟ ପରିବର୍ତ୍ତନ ହୋଇଥିଲା।

୨୦୦୬ରେ ପାକିସ୍ତାନ ବିପକ୍ଷରେ ସେ ସିନିୟର ହକିରେ ପଦାର୍ପଣ କରିଥିଲେ। ସେବେଠାରୁ ସେ ଭାରତୀୟ ମିଡଫିଲ୍ଡର ମେରୁଦଣ୍ଡ ହୋଇ ରହିଥିଲେ। ୩୨ ବର୍ଷୀୟ ସର୍ଦ୍ଦାର ଭାରତ ପାଇଁ ମୋଟ ଉପରେ ୩୫୦ଟି ଆନ୍ତର୍ଜାତିକ ମ୍ୟାଚ ଖେଳିଛନ୍ତି ଓ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ସେ ଭାରତୀୟ ଦଳର ଅଧିନାୟକ ହିସାବରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ପରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା।

୨୦୦୮ରେ ସୁଲତାନ ଆଜଲାନ ଶାହ କପ୍‌ରେ ସେ ସର୍ବକନିଷ୍ଠ ଭାରତୀୟ ଖେଳାଳିଭାବେ ଭାରତର ନେତୃତ୍ୱ ନେଇଥିଲେ। ସେ ୨୦୧୨ରେ ଅର୍ଜୁନ ଓ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ। ସେ ଦୁଇଥର ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ଜଣେ ଲଢୁଆ ଖେଳାଳିଭାବେ ସର୍ଦ୍ଦାର ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦଳରୁ ବାଦ୍ ପଡିବା ପରେ ସେ କଠିନ ପରିଶ୍ରମ କରି ଫିଟନେସ ଫେରିପାଇବା ସହିତ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଚାମ୍ପିୟନ୍ସ ଟ୍ରଫି ଦଳରେ ସ୍ଥାନ ପାଇ ଓ ରୌପ୍ୟ ପଦକ ହାସଲ କରିଥିଲେ। ବୟସାଧିକ ସତ୍ତ୍ୱେ ସେ ଦଳରେ ସବୁଠାରୁ ଫିଟ୍ ଖେଳାଳି ବିବେଚିତ ହେଉଥିଲେ। ତେବେ ଫିଟ୍‌ନେସ କାରଣରୁ ନୁହଁ, ବରଂ ପ୍ରକୃତ ସମୟ ଉପନୀତ ହୋଇଥିବାରୁ ମୁଁ ଅବସର ନେଉଛି ବୋଲି ସର୍ଦ୍ଦାର କହିଛନ୍ତି। ଏ ନେଇ ସେ କୋଚ୍ ହରେନ୍ଦ୍ର ସିଂଙ୍କୁ ଅବଗତ କରାଇଥିଲେ।

ହରିୟାଣାର ସିର୍ସାରୁ ଆସିଥିବା ସର୍ଦ୍ଦାରଙ୍କ କ୍ୟାରିୟର ବେଶ୍ ବିବାଦୀୟ ଥିଲା। ଜଣେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ମହିଳା ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ତେବେ ଏ ନେଇ ଲୁଧିଆନା ପୋଲିସ ତାଙ୍କୁ କ୍ଲିନ୍ ଚିଟ୍ ପ୍ରଦାନ କରିଥିଲା। ୫ ଫୁଟ ୯ ଇଞ୍ଚ୍ ବିଶିଷ୍ଟ ସର୍ଦ୍ଦାର ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ୨୦୦୭ ଓ ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୩ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ, ୨୦୧୦ ଓ ୨୦୧୮ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୫ ଓ୍ୱାର୍ଲ୍ଡ ଲିଗ୍‌ରେ ସେ ସ୍ୱର୍ଣ୍ଣ ଜିତିଥିବା ବେଳେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟୁର୍ନାମେଣ୍ଟରେ ସେ ୨୦୧୧ରେ ରୌପ୍ୟ, ୨୦୦୭ ଓ ୨୦୦୯ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

■ ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍

# ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ମାଲେସିଆର ପେନାଙ୍ଗଠାରେ ଚାଲିଥିବା ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ୪୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଡିସ୍‌ସକ୍ ଥ୍ରୋରେ ଓଡ଼ିଶାର ପାର୍ବତୀ ସେଠୀ ସ୍ୱର୍ଣ୍ଣ ଓ ନମିତା ପଟେଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଏହି ପ୍ରତିଯୋଗିତାରେ ପାର୍ବତୀଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ସେ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ ଜିତିଥିବା ନମିତା ପୂର୍ବରୁ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ତାଙ୍କୁ ମଧ ଡବଲ ସଫଳତା ମିଳିଛି। ଅନ୍ୟତମ ପ୍ରତିଯୋଗୀ ରେଖା ଦେ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ତିନିଜଣଯାକ ପ୍ରତିଯୋଗୀ ଏତିହାସିକ ସଫଳତା ଅର୍ଜନ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ପାର୍ବତୀଙ୍କ କୋଚ୍ ଅରୁଣ ଦାଶ, ରେଖାଙ୍କ କୋଚ୍ ସୁସ୍ମିତା ଦତ୍ତ, ଜୁଗଲ ସିଂ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ କେଶବ ମିଶ୍ର(ସଭାପତି–ଏମଜିଏଫଓ), ସୁନ୍ଦରମଣୀ ବାରିକ, ମାଷ୍ଟର୍ସ ଗେମ୍ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଏବଂ ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ଅଫ୍ ଓଡ଼ିଶାର କର୍ମକର୍ତ୍ତାମାନେ ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ମହିଳା ଡିସ୍‌ସକ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଓଡ଼ିଶାର ପାର୍ବତୀ ସେଠୀ।



ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନକୁକୁ ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ଭିଭି କରାଟେ ସ୍କୁଲର ପ୍ରତିଯୋଗୀମାନେ।

# ଭିଭି କରାଟେ ସ୍କୁଲକୁ ୨୮ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ବିଶାଖାପଟନମ୍‌ର ସ୍ୱର୍ଣ୍ଣଭାରତୀ ଏସି ଇନ୍‌ଡୋର ଷ୍ଟାଡିୟମରେ ଚଳିତମାସ ୭ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନକୁକୁ ଜାତୀୟ ପ୍ରତିଯୋଗିତାରେ ଭାଲେନା ଭାଲେଣ୍ଟିନାଙ୍କଦ୍ୱାରା ପରିଚାଳିତ ଭିଭି କରାଟେ ସ୍କୁଲକୁ ସଫଳତା ମିଳିଛି। ପ୍ରତିଯୋଗିତାରେ ଏହି ସ୍କୁଲର ମୋଟ ୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲିସା ସୁବୁଦ୍ଧି ଏକାକୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ବିଜେତା ଅନ୍ୟ ପ୍ରତିଯୋଗୀମାନେ ହେଲେ ଭାଲେଣ୍ଟିନା, ଚିନ୍ମୟ ସୁବୁଦ୍ଧି, ବେଦାନ୍ତ ଦାସ, ବିଦ୍ୟା କିରଣ, ସୁରୋମିତା ସିହ୍ନା, ଦିବ୍ୟାକ ନାୟକ, ରୁଦ୍ର ପ୍ରସାଦ, ଜସ୍ମିନ ପି. ମିଶ୍ର, ଶ୍ରୀଲେଖା ସ୍ୱାଇଁ, ଅଙ୍କିତ ସିଂ, ସାଇସିମରନ ପଟ୍ଟନାୟକ, ସମ୍ପ୍ରିତା ପ୍ରଧାନ, ସମ୍ଭାବୀ ପଣ୍ଡା, ସାଇ ଜ୍ୟୋତି ମହାନ୍ତି। ସେହିପରି ଦତ୍ତାତ୍ରେୟ ସାମଲ ୨ଟି ରୌପ୍ୟ ପଦକ ପାଇଥିବାବେଳେ ଅଂଶିକା ମହାପାତ୍ର, ଅଲିଶା ଦାସ, ସାଇଶିବ ନାରାୟଣ, ଆର୍ଯ୍ୟମାନ ମିଶ୍ର ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ବିଜେତାମାନେ ହେଲେ ସୋନାକ୍ଷୀ ସାମନ୍ତରାୟ, ଶ୍ୟାମଳୀ ବୋଷ, ହୃତିକ୍ କୁମାର ମିଶ୍ର, ଆର୍ଯ୍ୟମାନ ମିଶ୍ର ଓ ଅମରେଶ୍ ଦେ।

### ବିଶ୍ୱକପ୍ ଚାମ୍ପିୟନ ଲୋରିସ୍‌ଙ୍କୁ ଜରିମାନା

ଲଣ୍ଡନ,୧୨।୯(ଏପି)

ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ଗୋଲକିପର ହ୍ୟୁଗୋ ଲୋରିସଙ୍କୁ ୫୦ ହଜାର ପାଉଣ୍ଡ ଜରିମାନା ଦେବାକୁ ପଡ଼ିଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୪୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ। ଆର୍ଥିକ ଦଣ୍ଡାଦେଶ ସହ ତାଙ୍କ ଗାଡ଼ି ଚଳାଇବା ଉପରେ ୨୦ ମାସ ଲାଗି ପ୍ରତିବନ୍ଧକ ଲଗାଯାଇଛି। ସେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଗତ ମାସରେ ଟୋଟେନହାମ କ୍ଲବର ଗୋଲକିପର ସେଣ୍ଟ୍ରାଲ ଲଣ୍ଡନଠାରେ ଟ୍ରାଫିକ ନିୟମ ଭଙ୍ଗ କରିଥିଲେ। ପୋଲିସ ତାଙ୍କ ପୋର୍ଶକୁ ଠାବ କରିବା ବେଳକୁ ଲୋରିସ ଗାଡ଼ିରେ ଚେତା ହରାଇ ବସିଥିଲେ। ପୋଲିସ କର୍ମୀମାନେ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ମେଡିକାଲ ନେଇଥିଲେ। ଏ ସମ୍ପର୍କରେ ଲଣ୍ଡନର ଏକ କୋର୍ଟରେ ବୁଧବାର ଅନୁଷ୍ଠିତ ଶୁଣାଣିରେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି।

# ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ତୃତୀୟ ଚରଣପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନ(ଟିଏସଏଏଫ)ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୦୧୬ରେ ବିଜୁ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ କ୍ରୀଡ଼ା ବିଭାଗର ବାର୍ଷିକ କାର୍ଯ୍ୟସୂଚୀରେ ସାମିଲ ହୋଇ ଯାଇଛି। ଯୁବକଙ୍କ ମଧ୍ୟରେ ଦୁଃସାହସିକତା, ଶୃଙ୍ଖଳା, ଟିମ୍‌ସ୍ପିରିଟ୍ ଏବଂ ନେତୃତ୍ୱ ନେବାର ମନୋଭାବ ଭରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।

ଏଥରର ହିମାଳୟାନ ଅଭିଯାନ ଚଳିତମାସ ୧୬ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବାର ଯୋଜନା ରହିଛି। ଅଭିଯାତ୍ରୀମାନେ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀ ତୁଷାର ପରିବେଷ୍ଟିତ ୧୯,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ରୁଦୁଗାଇରା ଆରୋହଣ କରିବେ। ଟିଏସଏଏଫର ବୈଷୟିକ ସହାୟତା କ୍ରମେ ଏହି ଆରୋହଣ ହେବ। ଅଭିଯାତ୍ରୀ ଦଳ ମନୋନୟନ ପାଇଁ ୨ଟି ପର୍ଯ୍ୟାୟରେ ଚୟନ ଏବଂ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ଶେଷରେ ୫ ବାଳିକା ଓ ୧୦ ବାଳକ ରୁଦୁଗଇରା ଆରୋହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଅଭିଯାନ ପ୍ରଥମ ଭାରତୀୟ ମହିଳା ଭାବେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ଏବଂ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ନିର୍ଦ୍ଦେଶକଥିବା ପଦ୍ମଶ୍ରୀ ବଚ୍ଛେନ୍ଦ୍ରୀ ପାଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ତାଙ୍କ ସହିତ ପ୍ରଥମ ଭାରତୀୟ ମହିଳା ଭାବେ ସମସ୍ତ ୭ଟି ମହାଦେଶୀୟ ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିବା ପଦ୍ମଶ୍ରୀ ପ୍ରେମଲତା ଅଗ୍ରୱାଲ, ଏଭରେଷ୍ଟ ଆରୋହଣକାରୀ ରାଜେନ୍ଦ୍ର ସିଂ ପାଲ୍ ଓ ଗଣେଶଚନ୍ଦ୍ର ଜେନା ଏହି ଅଭିଯାନର ଟିମ୍ କୋଅର୍ଡିନେଟର ରହିବେ।

ଏହି ଅଭିଯାନରେ ସାମିଲ ହେବାପାଇଁ ଗତ ଫେବୃୟାରୀରେ ବିଜ୍ଞାପନ ଦିଆ ଯାଇଥିଲା। ଏଥିପାଇଁ ମୋଟ ୧୪୪ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୯୯ ଜଣ ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ୧୦ ବାଳିକା ଓ ୨୦ ବାଳକ ଟିଏସଏଏଫରେ କଣ୍ଡିଶନିଂ କ୍ୟାମ୍ପ ପାଇଁ ମନୋନୀତ ହୋଇଥିଲେ। ଜାମସେଦପୁରରେ ଏହି କ୍ୟାମ୍ପ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ଚାଲିଥିଲା। ଟିଏସଏଏଫର ବୈଷୟିକ ସହାୟତାକ୍ରମେ ପ୍ରି–ସିଲେକ୍ସନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ୩୦ ଜଣଙ୍କ ମଧ୍ୟରୁ ୧୫ (୫ ବାଳିକା, ୧୦ ବାଳକ) ରୁଦୁଗାଇରା ଆରୋହଣ ପାଇଁ ମନୋନୀତ ହୋଇଥିଲେ।

**ଅଭିଯାତ୍ରୀ ଦଳ**

ମୋନିକା ବେକ୍(ସମ୍ବଲପୁର), ସସ୍ମିତା ସାହୁ(ଜଗତସିଂହପୁର), ସଂଘମିତ୍ରା ଦଳାଇ(ଯାଜପୁର), ଲିପ୍ସାମୟୀ ଦୁବେ(କଳାହାଣ୍ଡି), କ୍ଷୀରୋଦିନୀ ବେହେରା (ଦେବଗଡ଼), ଚିନ୍ମୟ ମହାରଣା (ଖୋର୍ଦ୍ଧା), ଦେବଦତ୍ତ ସାମନ୍ତରାୟ (ଖୋର୍ଦ୍ଧା), ଧନପତି ବାଗ୍(କଳାହାଣ୍ଡି), ସୋମନାଥ ମୁଣ୍ଡାରୀ(ସୁନ୍ଦରଗଡ଼), ରାହୁଲ ପଧାନ(କଳାହାଣ୍ଡି), ରାଜେନ୍ଦ୍ର ମାଝି(କଳାହାଣ୍ଡି), ଜୟନାରାୟଣ ମହାକୁଡ଼ (ସମ୍ବଲପୁର), ସାନ୍ତା ସରଣ ପ୍ରଧାନ(ଗଞ୍ଜାମ), ଅନିମେଶ ସାହୁ(ଖୋର୍ଦ୍ଧା), ଚନ୍ଦନ କୁମାର ପ୍ରଧାନ(ବୌଦ୍ଧ)। ଟିମ୍ ଲିଡର: ଗଣେଶ ଚନ୍ଦ୍ର ଜେନା।




କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮ Sambalpur, Thursday, September 13/ 2018

# ଅନଶନରେ ବସିଲେ ଆଇଆଇପିଏମ୍ ଛାତ୍ରୀଛାତ୍ର

## ଆଲୋଚନା ପାଇଁ ଜୁଏଲ ଦେଲେ ପ୍ରତିଶ୍ରୁତି

**ରାଜଗାଙ୍ଗପୁର,୧୨ା୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କାଂସବାହାଲଠାରେ ଥିବା ଆଇଆଇପିଏମରେ ଛାତ୍ରୀଛାତ୍ରମାନେ ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଦ୍ୱିତୀୟ ଦିନରେ ଆମରଣ ଅନଶନରେ ବସିଛନ୍ତି। ବୁଧବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଛାତ୍ରୀଛାତ୍ରଙ୍କୁ ସାକ୍ଷାତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରୀଛାତ୍ର ଏବଂ ଡାଇରେକ୍ଟର ଉଭୟ ପକ୍ଷରେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । କାଂସବାହାଲଠାରେ ଥିବା ଇନଷ୍ଟିଚ୍ୟୁଟ ଅଫ ପ୍ରଡକସନ୍ ମ୍ୟାନେଜମେଣ୍ଟର ଡାଇରେକ୍ଟର ନିରଞ୍ଜନ ନାଏକଙ୍କ ବିରୋଧରେ ଛାତ୍ରୀଛାତ୍ରମାନେ ଧମକ ଚମକ ଦେବା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ କରିବା, ସଂସ୍ଥାର ଅର୍ଥ ହେରଫେର କରିବା ଅଭିଯୋଗ କରି ଡାଇରେକ୍ଟରଙ୍କୁ ବହିଷ୍କାର ଦାବି ନେଇ ମଙ୍ଗଳବାରଠାରୁ ଆଇଆଇପିଏମ ଗେଟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଅପରାହ୍ନରେ ଛାତ୍ରୀଛାତ୍ରମାନେ ରାଜ୍ୟ ରାଜପଥ-୧୦କୁ ଦୀର୍ଘ ୪ଘଣ୍ଟା ପାଇଁ ଅବରୋଧ କରିଥିବା ବେଳେ ସୁନ୍ଦରଗଡ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ତିନି ଦିନ ଭିତରେ ଏହି ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଛାତ୍ରୀଛାତ୍ରମାନେ ରାସ୍ତା ଅବରୋଧକୁ ବନ୍ଦ କରିଦେଇଥିଲେ । ଘଟଣାର ସମାଧାନ ନ ହେବା ଯାଏ ଆମରଣ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନେଇ ବୁଧବାର ଠାରୁ ଆମରଣ ଅନଶନରେ ବସିଛନ୍ତି ଛାତ୍ରୀଛାତ୍ର । କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଘଟଣା ସମ୍ବନ୍ଧରେ ଖବରପାଇ ଆଇଆଇପିଏମର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପାଇଁ ଆସୁଥିବା ଜାଣିବାକୁ ମିଳିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ ।

# ମୋଦିଙ୍କ ଗସ୍ତ ପରିଚାଳନା ପାଇଁ ଖୋଲିଲା ଦଳୀୟ କଣ୍ଟ୍ରୋଲ ରୁମ୍

**ଝାରସୁଗୁଡ଼ା ଅଫିସ,୧୨ା୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ସଫଳ କରିବା ପାଇଁ ଲାଗି ପଡ଼ିଛନ୍ତି ପଶ୍ଚିମ ଓଡ଼ିଶାର ଭାଜପା ନେତା। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଗସ୍ତରେ ଆସୁଥିବାବେଳେ ଭାଜପା କାର୍ଯ୍ୟକର୍ତ୍ତା ପୂରା ଦମ୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଅନୁଧାନ, ତଦାରଖ ଏବଂ ସଫଳ ପରିଚାଳନା ପାଇଁ ବୁଧବାର ଝାରସୁଗୁଡ଼ା ବେହେରାମାଲଠାରେ ଉଦ୍‌ଘାଟିତ ହୋଇଛି ଦଳୀୟ କଣ୍ଟ୍ରୋଲ ରୁମ୍। ଏହା ମାଧ୍ୟମରେ ମୋଦିଙ୍କ ଗସ୍ତସୂଚୀ ନେଇ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯିବ। ସେହିପରି କାର୍ଯ୍ୟକର୍ତ୍ତା ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କାର୍ଯ୍ୟ ସମ୍ପାଦିତ ହେବ। ଏହି କଣ୍ଟ୍ରୋଲ ରୁମ୍ ଜରିଆରେ ମୋଦିଙ୍କ ଝାରସୁଗୁଡ଼ା ଗସ୍ତର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି କଣ୍ଟ୍ରୋଲ ରୁମ୍‌କୁ ଉଦ୍‌ଘାଟନ କରିଥିବା ବେଳେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ବିଧାୟିକା ରାଧାରାଣୀ ପଣ୍ଡା, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇଙ୍କ ସମେତ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଦେଶ ଛାଡ଼ିବା ପୂର୍ବରୁ ଜେଟ୍‌ଲୀଙ୍କୁ ଭେଟିଥିଲି: ମାଲ୍ୟା

**ଲଣ୍ଡନ/ନୂଆଦିଲ୍ଲୀ,୧୨ା୯**

ଭାରତ ଛାଡିବା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟିଥିଲେ ଓ ଋଣ ବିବାଦର ସମାଧାନ ଲାଗି ଅନୁରୋଧ କରିଥିଲେ ବୋଲି ମଦ ବ୍ୟବସାୟୀ ବିଜୟ ମାଲ୍ୟା ବୁଧବାର ଦାବି କରିଛନ୍ତି। ତେବେ ଏହାକୁ ଜେଟ୍‌ଲୀ ଖଣ୍ଡନ କରିଛନ୍ତି। ମାଲ୍ୟାଙ୍କ ବକ୍ତବ୍ୟ ପରେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ ମାନେ ସରକାରଙ୍କ ସହ ଷଡଯନ୍ତ୍ର କରି ପଳାଇଛନ୍ତି ବୋଲି ପ୍ରମାଣିତ ହୋଇଛି। ବୁଧବାର ସକାଳେ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ହାଜର ହେବାବେଳେ ଖବରଦାତାଙ୍କୁ ମାଲ୍ୟା କହିଥିଲେ ଯେ, ଜେନିଭାରେ ଏକ ବୈଠକରେ ଯୋଗ ଦେବା ଲାଗି ସେ ଭାରତ ଛାଡି ଥିଲେ। ତେବେ ଭାରତ ଛାଡିବା ପୂର୍ବରୁ ସେ ଜେଟ୍‌ଲୀଙ୍କୁ ଭେଟିଥିଲେ ବୋଲି କହିଛନ୍ତି। ବ୍ୟାଙ୍କ ବିବାଦ ସମାଧାନ ଲାଗି ସେ ବାରମ୍ବାର ଅଫର ଦେଇଥିଲେ ବୋଲି ମଦ ବ୍ୟବସାୟୀ କହିଛନ୍ତି। ବୈଠକରେ ହୋଇଥିବା ଆଲୋଚନାର ବିସ୍ତାରିତ ତଥ୍ୟ ଦେବାକୁ ସେ ମନା କରିଦେଇଥିଲେ। ଏଥିସହ ସେ କହିଛନ୍ତି ଯେ, ସମସ୍ତେ ଯେପରି ଅର୍ଥ ଫେରି ପାଇବେ ସେ ନେଇ କର୍ଣାଟକ ହାଇକୋର୍ଟରେ ଏକ ବିସ୍ତାରିତ ତଥା ସମନ୍ୱିତ ପ୍ରସ୍ତାବ ସେ ଦେଇଛନ୍ତି। ଅନ୍ୟପକ୍ଷରେ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ ଲେଖିଛନ୍ତି ଯେ, ମାଲ୍ୟାଙ୍କୁ ସାକ୍ଷାତ ଲାଗି ସମୟ ଦେଇ ନ ଥିବାରୁ ତାଙ୍କୁ ଭେଟିବାର ପ୍ରଶ୍ନ ହିଁ ଉଠୁନାହିଁ। ରାଜ୍ୟସଭାର ସାଂସଦ ଭାବେ ସେ ଏହାର ଫାଇଦା ଉଠାଇ ସଂସଦ ବାହାରେ ତାଙ୍କୁ ଭେଟିଥିଲେ ଏବଂ ବିବାଦର ସମାଧାନ ଲାଗି କହିଥିଲେ। ଏହାର ଉତ୍ତରରେ ସେ କହିଥିଲେ ଯେ, ମାଲ୍ୟା ବ୍ୟାଙ୍କକୁ ନିଜର ପ୍ରସ୍ତାବ ଦେବା ଉଚିତ୍। ତଥ୍ୟାତ୍ମକ ଭାବେ ଦେଖିଲେ ମାଲ୍ୟା ମିଛ କହୁଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମୋବାଇଲ ଲୁଟ୍ ଅଭିଯୋଗ, ୨ ଗିରଫ

**ପାଇକମାଳ,୧୨।୯(ଡି.ଏନ.ଏ):** ପାଇକମାଳ-ପଦ୍ମପୁର ରାସ୍ତା ଭାଙ୍ଗକୁଟି ଛକ ନିକଟରେ ଲୁଟ୍ ହୋଇଥିବା ମୋବାଇଲକୁ ପୋଲିସ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁଡେନ ଥାନା ତେଣ୍ଡାପଦର ଗ୍ରାମର ବାବୁଲାଲ ବରିହା (୨୬), ପ୍ରଶାନ୍ତ ମହାକୁଡ(୨୫) । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୩୮/୧୮) ରୁଜୁ ହୋଇଛି। ୫ ତାରିଖ ଅପରାହ୍ନରେ ପ୍ରିତମ ପାଇକମାଳ କେନ୍ଦୁପତ୍ର ବିଭାଗରେ କାମ ସାରି ଫେରୁଥିବା ବେଳେ ଭାଙ୍ଗକୁଟିଠାରେ ବାବୁଲାଲ ଓ ପ୍ରଶାନ୍ତ ପଛରୁ ତାଙ୍କୁ ଅଟକାଇ ମୋବାଇଲ ଲୁଟ୍ କରି ଫେରାର ହୋଇ ଯାଇଥିଲେ ।

### ଚୋରି ଟ୍ରକ୍ ଉଦ୍ଧାର, ଜଣେ ଗିରଫ

**ବରଗଡ଼ ଅଫିସ୍,୧୨।୯:** ବରଗଡ଼ ଟାଉନ ଥାନା ଅନ୍ତର୍ଗତ କଲାପାଣି ନିକଟରୁ ମଙ୍ଗଳବାର ଚୋରି ହୋଇଥିବା ଏକ ଟ୍ରକ୍ (ନଂ.ଓଆର୦୫ଟି ୩୩୨୯)କୁ ପୋଲିସ ଉଦ୍ଧାର କରିଛି । ଏହା ସହିତ ଚୋରି ଅଭିଯୁକ୍ତ ନୂଆପଡ଼ା ଜିଲା ଭାଗମୁଣ୍ଡା ନିବାସୀ ଭୋଲା ସାହୁଙ୍କୁ ଗିରଫ କରାଯାଇଛି । ବୁଧବାର ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ସ୍ଥାନୀୟ ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତ୍ରିରେ ଉକ୍ତ ଟ୍ରକ ଚୋରି ହୋଇଥିଲା। ଏ ନେଇ ଟ୍ରକ ମାଲିକ ରମାକାନ୍ତ ଧର ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୪୫୬/୧୮) ରୁଜୁ କରିଥିଲା

### ସାଇ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

**ପାଇକମାଳ,୧୨।୯(ଡି.ଏନ.ଏ):** ପାଇକମାଳ ବ୍ଲକ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ସାଇରାମ ବିହାର ଠାରେ ସତ୍ୟ ସାଇ ବାବାଙ୍କ ମନ୍ଦିର ନିମାର୍ଣ ପାଇଁ ବୁଧବାର ଭୂମିପୂଜନ ହୋଇଯାଇଛି। ସମାଜସେବୀ ଗୋବର୍ଦ୍ଧନ ଅଗ୍ରୱାଲ ଭୂମିଦାନ କରିଛନ୍ତି। ସାଇ ଭକ୍ତଙ୍କ ଦ୍ୱାରା ୧୬ ଶହ ଉପଚାର ପୂଜା ସହ ଭଜନ କୀର୍ତ୍ତନ ଆୟୋଜନ ହୋଇଥିଲା। ଗୋବର୍ଦ୍ଧନ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ତାରାମଣି ଦେବୀ ପୂଜା କର୍ତ୍ତା ଓ ପୂଜକ ମିତ୍ରଭାନୁ ଦେବତା ପୂଜା ସମ୍ପାଦନ କରିଥିଲେ। ପଦ୍ମପୁର ସମିତି ସଂଯୋଜକ ଦିଲୀପ ପ୍ରଧାନ, ଉପଦେଷ୍ଟା ରୀତିଶି ଆଚାର୍ଯ୍ୟ, ପାଇକମାଳ ସମିତି ସଂଯୋଜକ ନନ୍ଦ କିଶୋର ଶ୍ରୀବାସ୍ତବ, ଲକ୍ଷ୍ମଣ ସାହୁ, ଛିନ୍ଦେଇକଲୋର ସନ୍ତୋଷ ପାଢୀ, ଝାରବନ୍ଧ ବ୍ଲକର ଜାଜ୍ଞସେନୀ ରାଉତ, ଅର୍ଚ୍ଚନା ରାଉତ ପ୍ରମୁଖ ସାଇ ଭକ୍ତ ସହଯୋଗ କରିଥିଲେ ।

### ଏକତା ମଞ୍ଚର ଦସ୍ତଖତ ଅଭିଯାନ

**ବରଗଡ଼ ଅଫିସ୍,୧୨।୯:** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବରଗଡ଼ରେ କ୍ୟାନସର ହସ୍ପିଟାଲ ଦାବି ନେଇ ଜିଲାର ପଦ୍ମପୁର ଉପଖଣ୍ଡ ଦିପ୍ତୀପୁରସ୍ଥିତ ପଶ୍ଚିମ ଉତ୍କଳ କୃଷିକେନ୍ଦ୍ରରେ ଦସ୍ତଖତ ଅଭିଯାନ, ରକ୍ତଦାନ ଶିବିର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦିପ୍ତୀପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ରେଞ୍ଜର ରେବତୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ପଶ୍ଚିମାଞ୍ଚଳ ଏକତା ମଞ୍ଚର ଜିଲା ଆବାହକ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଦିପ୍ତୀପୁର ପଶ୍ଚିମ ଉତ୍କଳ କୃଷିକେନ୍ଦ୍ରରେ ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ ଦାବି ନେଇ ଦସ୍ତଖତ ଅଭିଯାନ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ଟାଲ ସରପଞ୍ଚ ସୌକିଲାଲ ସେଠ, ମେଲଛାମୁଣ୍ଡା ସରପଞ୍ଚ ସୁନିତା ବରିହା, ପଲସାପାଲି ସରପଞ୍ଚ ଜାହ୍ନବୀ ମେହେର, ମେଲଛାମୁଣ୍ଡା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆଦିତ୍ୟ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ, ସମୀର ବାବୁ, ମନସ ରଞ୍ଜନ ବକ୍ସି, ଶାଶ୍ୱତ କୁମାର ପଣ୍ଡା, ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁର ରକ୍ତଭଣ୍ଡାର ପକ୍ଷରୁ ସଂଗ୍ରାମ କେଶରୀ ମହନ୍ତଙ୍କ ସଂଯୋଜନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବ ଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମୁଛି ନୂଆଁଖାଇ ତିହାର ହାଟ

ବରଗଡ଼ ଅଫିସ୍,୧୨।୯



ବରଗଡ଼ ଥାନା ଛକରେ ନୂଆଁଧାନର ପସରା ।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ନୂଆଁଖାଇକୁ ଆଉ ଦିନଟିଏ ବାକି। ଆସନ୍ତା ୧୪ତାରିଖ ସ୍ଥାନୀୟ ଲୋକେ ଏହି ଗଣପର୍ବକୁ ପାଳନ କରିବେ । ତେବେ ନୂଆଁଖାଇ ଯେତିକି ପାଖେଇ ଆସୁଛି, ଅଞ୍ଚଳବାସୀଙ୍କ ମଧ୍ୟରେ ସେଭଳି ଉତ୍ସାହ ଉଦ୍ଦୀପନା ମଧ୍ୟ ଦେଖାଯାଉଛି । ଆଉ ଏଥିରୁ ତିହାର ହାଟ ମଧ୍ୟ ବାଦ୍ ପଡ଼ି ନାହିଁ। ବରଗଡ଼ ସହରର ଥାନା ଛକରେ ତିହାର ହାଟ ଜମିବାରେ ଲାଗିଛି । ନୂଆଁଧାନ ସାଙ୍ଗକୁ ପୂଜା ସାମଗ୍ରୀ, ରାକ୍ଷୀ ଆଦିର ପସରା ବଢ଼ିବାରେ ଲାଗିଛି । ନୂଆଁଧାନ କିଣିବାକୁ ସେହି ପସରାରେ ଗରାଖଙ୍କ ଭିଡ଼ ମଧ୍ୟ ଜମିବାରେ ଲାଗିଛି । ସେହିପରି ନୂଆଁ ପୋଷାକ କିଣିବାକୁ ଗରାଖମାନେ ଆସୁଥିବା ଯୋଗୁ ସ୍ଥାନୀୟ କପଡ଼ା ଦୋକାନରେ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଏହି ପର୍ବରେ ସମ୍ବଲପୁରୀ ବସ୍ତ୍ରର ଚାହିଦା ଥିବା ଯୋଗୁ ସମ୍ବଲପୁରୀ ବସ୍ତ୍ରାଳୟରେ ଗରାଖଙ୍କ ବେଶ ସମାଗମ ହେବାରେ ଲାଗିଛି । ଅନ୍ୟପଟେ ପ୍ରତି ଘରେ ଲିପାପୋଛା ଆରମ୍ଭ ହୋଇଯାଇ ଥିବାବେଳେ ଦୂର ଦୂରାନ୍ତରରେ ରହୁଥିବା ପରିବାର ଲୋକେ ଘରମୁହାଁ ହୋଇଛନ୍ତି । ସେହିପରି ପରିବା ବଜାରରେ ବିଭିନ୍ନ ପନିପରିବାଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

**ଜାମଟିକ୍ରା, ୧୨।୯ (ଡି.ଏନ.ଏ):** ଦିନକ ପରେ ଅର୍ଥାତ୍ ଶୁକ୍ରବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଳିତ ହେବ। ନୂଆ ଲୁଗାପଟା, ମାଟିହାଣ୍ଡି, ଭୁଗଲି, ଟୁପଲି, କୁଲା, ବାର୍ଣ୍ଣ ଓ ନୂଆ ଧାନ ଆଦି କିଣିବା ପାଇଁ ବିଭିନ୍ନ ସ୍ଥାନରେ ବସୁଥିବା ତିହାର ହାଟପାଲିରେ ଏବେ ଲୋକଙ୍କ ଭିଡ ଜମୁଛି। ଆକାଶ ଛୁଆଁ ଦରଦାମ ପରିସ୍ଥିତି ସତ୍ତ୍ୱେ ଲୋକେ ପରମ୍ପରା ରକ୍ଷା ଲାଗି ବାଧ ହୋଇ ଚଢ଼ା ଦରରେ ବିଭିନ୍ନ ପ୍ରକାରର ଜିନିଷପତ୍ର କିଣୁଥିବା ଦେଖିବାକୁ ମିଳୁଛି । ଲୋକଙ୍କ ଉପରେ ମହଙ୍ଗା ମାଡ ହେଉଛି । ଏଥର ଧାନ ଚାଷ ବିଳମ୍ବରେ ହୋଇଥିବାରୁ ନୂଆଁଖାଇ ପାଇଁ ସୁବୁଠି ନୂଆଧାନ ମିଳୁନି। ନବାନ୍ନ ଭୋଗ ଲଗାଇବା ସକାଶେ ଲୋକେ ବିଭିନ୍ନ ହାଟ ବଜାରକୁ ଯାଇ ନୂଆ ଧାନ କେଣ୍ଡା କିଣିବା ସକାଶେ ଲୋକେ ବିଭିନ୍ନ ହାଟ ବଜାରକୁ ଯାଇ ନୂଆଧାନ କେଣ୍ଡା କିଣୁଛନ୍ତି । ବିଭିନ୍ନ ହାଟରେ ଗୋଟିଏ ନୂଆଁଧାନ କେଣ୍ଡା ୧୦ ଟଙ୍କାରେ ବିକ୍ରି ହେଉଛି । କେବଳ ସେତିକି ନୁହେଁ ନବାନ୍ନ ଭୋଗ ଲଗାଇବା ଲାଗି ଶରଗିକୁରେ, କଦଳୀ ଆଦି ପତ୍ରବିଡା ମଧ୍ୟ ୧୦ ଟଙ୍କାରେ ବିକ୍ରି ହେଉଛି । ବୁଧବାର ଅତାବିରା ଠାରେ ନୂଆଁଖାଇ ହାଟ ବସିଥିଲା। ଏଠାରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ନବାନ୍ନ ଭକ୍ଷଣ ପାଇଁ ନୂଆ ଦନା, ନୂଆ ମାଟିହାଣ୍ଡି, ନୂଆ ଖାଜୁ ଓ ନୂଆ ଧାନ ବିକେତ୍ରାଙ୍କ ପାଖରେ ପ୍ରବଳ ଭିଡ ଜମିଥିଲା । ଏଥର ତିହାର ହାଟପାଲିରେ ସମସ୍ତ ପନିପରିବାର ଦାମ ୪୦ ଟଙ୍କାରୁ ଉର୍ଦ୍ଧ୍ୱ ଥିଲା । ଏହି ହାଟରେ ୫୦ଟି ଲୁଗା ଦୋକାନ, ୨୦ଟି ଫ୍ୟାନ୍ସି, ୧୦ଟି ମାଟି ହାଣ୍ଡି, ୨୦ଟି କାଠିପତ୍ର, ୩୦ଟି ମସଲା ଦୋକାନ ଓ ୨ଶହରୁ ଉର୍ଦ୍ଧ୍ୱ ପରିବା ଦୋକାନ ଥିଲା। ତେବେ ଏହି ମହଙ୍ଗା ଯୁଗରେ ଏ ପରମ୍ପରା ଏଣିକି ବଜାୟ ରଖିବା ଗରିବଙ୍କ ପକ୍ଷେ କଷ୍ଟସାଧ ହେଲାଣି ବୋଲି କାଣ୍ଡପାଲିର ଜଣେ ଗ୍ରାହକ ଦଶରଥ ପଧାନ ମତ ଦେଇଛନ୍ତି। ସେହିପରି ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ପରିବା ଫସଲ ନଷ୍ଟ ହୋଇଯାଉଛି। ତେଣୁ ଟିକେ ମହଙ୍ଗା ପଡୁଛି । ଆଉ କିଛି ଦିନ ପରେ ଦର କମିଯିବ ବୋଲି ପରିବା ବ୍ୟବସାୟୀ ନରେନ୍ଦ୍ର ମାହାର କହିଛନ୍ତି ।



ଅତାବିରା ବ୍ଲକ ଜାମଟିକ୍ରା ଅଞ୍ଚଳରେ ତିହାର ହାଟ ବସିଛି ।

# ବୃକ୍ଷରୋପଣ କରି ନୂଆଖାଇକୁ ସ୍ୱାଗତ

ଭେଡ଼େନ, ୧୨।୯(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ କୁବେଡ଼େଗା ଗ୍ରାମପଞ୍ଚାୟତର ଖଗସି ପାଲିର ଯୁବଗୋଷ୍ଠୀ ଏକ ନିଆରା ଢ଼ଙ୍ଗରେ ନୂଆଖାଇକୁ ସ୍ୱାଗତ କରିଛନ୍ତି । ପ୍ରକୃତି ଉପାସନାର ପର୍ବ ନୂଆଖାଇକୁ ସବୁଜ ସୁନ୍ଦର ପ୍ରକୃତି କରିବାକୁ ଶପଥ ନେଇ ବୃକ୍ଷରୋପଣ କରି ସ୍ୱାଗତ କରିଛନ୍ତି ଗ୍ରାମର ଯୁବକମାନେ । ସରପଞ୍ଚ ବିଷ୍ଣୁପ୍ରିୟା ଭୋଇଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସେମାନେ ଲିମଟିକ୍ରା ଠାରୁ ଖଗସିପାଲି ପର୍ଯ୍ୟନ୍ତ ଆମ୍ବ ଓ କରଞ୍ଜ ଆଦି ଚାରାରୋପଣ କରିଛନ୍ତି । ସାହିତ୍ୟିକ ତଥା ସଙ୍ଗଠକ ଉତ୍ପନ୍ନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଗ୍ରାମର ଡ଼ମ୍ବରୁଧର କଠାର, ହରିହର କଠାର, ପରମେଶ୍ୱର ସାହୁ, ପୃଥ୍ୱୀରାଜ କଠାର, ମୀନକେତନ କଠାର, ଅଧିକାରୀ ମେହେର, ମଧୁସୁଦନ ବେହେରା, ପ୍ରଶାନ୍ତ ବାଗଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ ।



ଭେଡେନ ବ୍ଲକ ଖଗସିପାଲିରେ ବୃକ୍ଷରୋପଣ କରାଯାଉଛି ।

## ଉତ୍ସାହୀ ଯୁବଗୋଷ୍ଠୀ କଲେ ରାସ୍ତା ସଫେଇ

ବିଜେପୁର,୧୨।୯(ଡି.ଏନ୍.ଏ)

ବିଜେପୁର ବ୍ଲକ ଅଧୀନ କର୍ଣ୍ଣପା ଗ୍ରାମ ରାସ୍ତା ଓ ପୋଖରୀ ଆବର୍ଜନା ହୋଇ ପଡିଥିଲା। ପ୍ରଶାସନକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ଏହାକୁ ସଫେଇ କରିବାକୁ ଅଣ୍ଟା ଭିଡିଲେ ଉତ୍ସାହୀ ଯୁବଗୋଷ୍ଠୀ। ମଙ୍ଗଳବାର ଯୁବଗୋଷ୍ଠୀ କୋଡି, କୋଦାଳ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଉଠିଥିବା ଅନାବନା ଘାସ ସହ ଅଳିଆ ଆବର୍ଜନା ସଫା କରିଥିଲେ। ଏପରି କି ମଇଳାକୁ ଗାତ ଖୋଳି ପୋତିଥିଲେ। ଏହି ଅବସରରେ ପୋଖରୀ ସଫେଇ କରିଥିଲେ । ହେମନ୍ତ ଭୁଏଙ୍କ ନେତୃତ୍ୱରେ ରବୀନ୍ଦ୍ର ଭୁଏ, ଆନନ୍ଦ ବିଶି, ଦେବେନ୍ଦ୍ର ଭୁଏ, ଭରତ ଭୁଏ, ବୃନ୍ଦାବନ ବାଦୀ, ରାଜକୁମାର ପୋଢ଼, ଚତୁର୍ଭୁଜ ବିଶି ପ୍ରମୁଖ ସଫେଇ କାମରେ ସାମିଲ ହୋଇଥିଲେ।

# ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼ ଅଫିସ୍,୧୨।୯

ବରଗଡ଼ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନରେ ଦୁଇ ସପ୍ତାହବ୍ୟାପୀ ଚାଲିଥିବା ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ୨୦ଜଣ ପୁରୁଷ ଏବଂ ୧୨ଜଣ ମହିଳା ଶିଳ୍ପୋଦ୍ୟୋଗୀ ଭାଗ ନେଇଥିଲେ । ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗରେ ସେମାନଙ୍କ ବ୍ୟବସାୟ ପରିଚାଳନା ତଥା ଅନ୍ୟମାନଙ୍କୁ ନିଯୁକ୍ତି ସୁବିଧା ସୁଯୋଗ ଦେବା ଉଦ୍ଦେଶ୍ୟରେ ଏ ବର୍ଷର ପ୍ରଥମ ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ହାସଲ, ବ୍ୟବସାୟରେ ଶଙ୍କାକୁ ପ୍ରତିରୋଧ କରିବା, ସମସ୍ୟାର ସମାଧାନ, ଶିଳ୍ପୋଦ୍ୟୋଗୀଙ୍କ ବୈଶିଷ୍ଟ୍ୟ, ଚାରିତ୍ରିକ ବିଶେଷତା, ଉତ୍ପାଦନ ସାମଗ୍ରୀର ଗୁଣାତ୍ମକ ମାନ ପରିଚାଳନା, ବ୍ୟବସାୟ ଯୋଜନା ଆକଳନ, ଲାଭକ୍ଷତି ହିସାବ, ବ୍ୟବସାୟ ପରିଚାଳନାଗତ ଜ୍ଞାନ, ବିପଣନ ଓ ବଣ୍ଟନ ଆଦି ବିଷୟରେ ସେମାନଙ୍କୁ ବିସ୍ତୃତ ତାଲିମ ଦିଆଯାଇଥିଲା। ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ କୁଳମଣି ବେହେରା, ତାଲିମ ଅଧିକାରୀ ସୁକାନ୍ତ ସ୍ୱାଇଁ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ମନୋଜ ଶତପଥୀ, ଶିଳ୍ପ ବିକାଶ ଅଧିକାରୀ ଦାମୋଦର ମିଶ୍ର, ବିବେକାନନ୍ଦ ସ୍ୱାଇଁ ଓ ରିସୋର୍ସ ପର୍ସନ ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଉଦଯାପନୀ ଦିବସରେ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ସଫଳ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରାଯାଇଥିଲା ।

## ସାଇନିଂ ଷ୍ଟାର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଦୁଇ ସାଇନିଂ ଷ୍ଟାର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପଦ୍ମପୁର, ୧୨।୯ (ଡି.ଏନ.ଏ)

ବରଗଡ ଶିକ୍ଷାଜିଲା ତରଫରୁ ଅନୁଷ୍ଠିତ ଦ୍ୱିତୀୟ ସାଇନିଂ ଷ୍ଟାର ପ୍ରବେଶିକା ପରୀକ୍ଷାରେ ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ନଫିସ ଫାତମା ଓ ଗୁଲନାଜ୍ ପରବିନ କୃତକାର୍ଯ୍ୟ ହୋଇଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ବିଦ୍ୟାଳୟ ପରିବାର ତରଫରୁ ବୁଧବାର ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଉଭୟଙ୍କ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ ।

■ ପୋଲିସ ପ୍ରଶାସନର ଶାନ୍ତି ବୈଠକରେ ନିଷ୍ପତ୍ତି

# ୨୩ରୁ ବିଜେପୁର ଅନନ୍ତବ୍ରତ ମହୋତ୍ସବ

ବିଜେପୁର, ୧୨।୯ (ଡି.ଏନ.ଏ)

ବରଗଡ ଜିଲା ବିଜେପୁରର ପ୍ରସିଦ୍ଧ ଅନନ୍ତବ୍ରତ ମହୋତ୍ସବ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇଆଇସି ରାଜେନ୍ଦ୍ର ଶିଆଳଙ୍କ ଅଧକ୍ଷତାରେ ପଦ୍ମପୁର ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ବିଡିଓ ପଦ୍ମନାଭ ସାମନ୍ତରାୟ, ତହସିଲଦାର ପ୍ରଦୀପ୍ତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଆଗାମୀ ୨୩ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ରହିଥିବା ପ୍ରସିଦ୍ଧ ଅନନ୍ତବ୍ରତ ମହୋତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବାକୁ ଆଲୋଚନା ହୋଇଥିଲା । ପୂଜା ମଣ୍ଡପ ତଥା ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ ନିଷ୍ପତ୍ତି ହୋଇଥିଲା । ପୂଜ କମିଟି ମହୋତ୍ସବ ପୂର୍ବରୁ ଅଗ୍ନିଶମ, ବିଦ୍ୟୁତ, ଶବ୍ଦ ପ୍ରଦୂଷଣ ବିଭାଗରୁ ନିର୍ଦ୍ଧାରିତ ଭାବେ ପ୍ରମାଣପତ୍ର ସଂଗ୍ରହ କରିବାକୁ ପ୍ରସ୍ତାବ ହୋଇଥିଲା । ଏଠାରେ ୮ଟି ମଣ୍ଡପରେ ମହୋତ୍ସବ ପାଳନ କରାଯାଉଥିବାରୁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥାଏ । ତେଣୁ ଏହାକୁ ଦୃଷ୍ଟି ଦେଇ ସୁରକ୍ଷା କର୍ମୀଙ୍କ ସହିତ ଏନସିସି, ସ୍କାଉଟ, ରେଡକ୍ରସ ବିଭାଗର ସ୍ୱେଚ୍ଛାସେବକଙ୍କୁ ଶାନ୍ତି ଶୃଙ୍ଖଳା ପାଇଁ ନିୟୋଜିତ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଥିଲା । ପ୍ରତିବର୍ଷ ପରି ୨ରୁ ୩ଟି ସ୍ଥାନରେ ପ୍ରାଥମିକ ଚିକିତ୍ସା ସହାୟତା କେନ୍ଦ୍ର ଖୋଲିବା, ବିଚିଂ ପାଉଡର ସିଞ୍ଚନ ଓ ହୋଟେଲ, ରେଷ୍ଟୁରାଣ୍ଟମାନଙ୍କୁ ହାଲୋଜେନ୍ ବଟିକା ଯୋଗାଣ କରାଯିବ ବୋଲି ସିଏଚସିର ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଧେଶ୍ୟାମ ଅଗ୍ରୱାଲ ସୂଚନା ଦେଇଥିଲେ। ପୂଜା ମହୋତ୍ସବ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟ ନ କରିବା, ଏନଏସି ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା, ଆକସ୍ମିକ ଦୁର୍ଘଟଣା ପ୍ରତି ଅଗ୍ନିଶମ ବିଭାଗ ସଜାଗ ରହିବାକୁ କୁହାଯାଇଥିଲା । କିଶୋର ପୁରୋହିତ, ଇଂ. ବସନ୍ତ କୁମାର ଖଣ୍ଡାଙ୍କ ସମେତ ବିଭିନ୍ନ ପୂଜା ମହୋତ୍ସବ କମିଟି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ ।

## ବହୁମୁଖୀ ପ୍ରତିଭାଧାରୀଙ୍କ ପରଲୋକ



ଶାନ୍ତନୁ ବିଶ୍ୱାଳ। (ଫାଇଲ ଫଟୋ)

ବରଗଡ଼ ଅଫିସ୍,୧୨।୯

ବରଗଡ଼ର ବହୁମୁଖୀ ପ୍ରତିଭା ଶାନ୍ତନୁ ବିଶ୍ୱାଳ ଆଉ ନାହାନ୍ତି । ସ୍ଥାନୀୟ ବିକାଶ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ବୁଧବାର ଭୋର୍ ୪ଟାରେ ତାଙ୍କ ପରଲୋକ ଘଟିଛି । ତାଙ୍କ ପରଲୋକରେ ସାରା ଜିଲାରେ ଗଭୀର ଶୋକପ୍ରକାଶ ପାଇଛି । ସ୍ୱର୍ଗତ ବିଶ୍ୱାଳ ଜଣେ କଳା, ସଂସ୍କୃତିପ୍ରେମୀ, ବରିଷ୍ଠ ଖବରଦାତା ଭାବେ ସମଗ୍ର ପଶ୍ଚିମ ଓଡ଼ିଶାରେ ପରିଚିତ ଥିଲେ। ବରଗଡ଼ ପଞ୍ଚାୟତ କଲେଜ ଛାତ୍ର ସଂସଦ ସଭାପତି, ଫୁଟବଲ ଖେଳାଳି ଭାବେ ତାଙ୍କ ଖ୍ୟାତି ଥିଲା । ବରଗଡ଼ ଧନୁଯାତ୍ରା ମହୋତ୍ସବ, କୁଚିପାଲି ଜୁଗାର ଯାତ୍ରା, ଭଟଲି ରଥଯାତ୍ରା, ବୁଦେଲପାଲିର ନାଗବାଚା ଉତ୍ସବର ପ୍ରଚାର ପ୍ରସାରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ବରଗଡ଼ ସାମ୍ବାଦିକ ସଂଘ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ ବରଗଡ଼(ଜାବ୍)ର ସଭାପତି ଥିଲେ ଓ ଅନେକ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ଚାଷୀନେତା ଲିଙ୍ଗରାଜ, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ଅନ୍ତିମ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏମ୍‌ପି ଡଃ ପ୍ରଭାସ ସିଂ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ପ୍ରଦୀପ ପୁରୋହିତ ଗଭୀର ଶୋକପ୍ରକାଶ କରିଛନ୍ତି ।

■ ପରୀକ୍ଷା ଘୁଞ୍ଚାଇବାକୁ ଦାବି

## କୁଳପତିଙ୍କୁ ଲେଖିଲେ, ବିଧାୟକଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୧୨।୯

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ହେବାକୁ ଥିବା ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଆଗକୁ ଘୁଞ୍ଚାଇବା ପାଇଁ ବିଜୁ ଛାତ୍ର ଜନତା ଦାବି କରିଛି। ଏହି କ୍ରମରେ ବିଜୁ ଛାତ୍ର ଜନତାର ବରଗଡ଼ ଜିଲା ସଭାପତି କରନ ସିକନ୍ଦର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରସ୍ତୁତି ପାଇଁ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ବପର୍ବାଣୀ ପଡୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ୧୩ତାରିଖରେ ଗଣେଶ ପୂଜା, ୧୪ତାରିଖ ନୂଆଁଖାଇ ଏବଂ ୧୭ତାରିଖ ବିଶ୍ୱକର୍ମା ପୂଜା ରହିଛି। ଏହା ସହିତ ଆସନ୍ତା ୨୨ତାରିଖରେ ରେଲୱେ ବୋର୍ଡ଼ର ଗ୍ରୁପ-ଡି ପରୀକ୍ଷା ରହିଛି । ସେହିପରି ଅକ୍ଟୋବର ୧୨ତାରିଖ ଛାତ୍ରସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଏହି ସମୟ ଅବଧି ମଧ୍ୟରେ ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା କରା ନ ଯାଇ ତାହା ଆଗକୁ ଘୁଞ୍ଚାଇବା ପାଇଁ ବିଜୁ ଛାତ୍ର ଜନତା ଦାବି କରିଛି । ଏହି ଦାବି ନେଇ ବିଜୁ ଛାତ୍ର ଜନତାର କର୍ମକର୍ତ୍ତା ଓ ସଭ୍ୟମାନେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟିଥିଲେ ଏବଂ ପରୀକ୍ଷା ଘୁଞ୍ଚାଇବା ଉପରେ ଆଲୋଚନା କରିଥିଲେ । ସେ ନେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ । ବିଜୁ ଛାତ୍ର ଜନତା ଜିଲା ସଭାପତି ସିକନ୍ଦରଙ୍କ ସମେତ ଉପସଭାପତି କାହ୍ନୁ କରୁଆଁ, ଅତାବିରା କଲେଜର ମୋହିତ କୁମାର ଭୋଇ, ପଞ୍ଚାୟତ କଲେଜର ଭୂମୟ ରଞ୍ଜନ ଛତ୍ରିଆ, ଉମାଚରଣ ସେଠ, ଅବିନାଶ ଦାଶ, ଜୋନାଲ ସମ୍ପାଦକ ଚନ୍ଦନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଚାଷୀ ଆନ୍ଦୋଳନ ସାମୟିକ ସ୍ଥଗିତ

ଭେଡ଼େନ,୧୨।୯(ଡ଼ି.ଏନ.ଏ)

ବୀମା ବିଭ୍ରାଟକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଦ୍ୱାଦଶ ଦିନରେ ପହଞ୍ଚିଥିବା ଚାଷୀ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ମଙ୍ଗଳବାର ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀମାନେ ସ୍ଥାନୀୟ ସମବାୟ ବ୍ୟାଙ୍କ ଶାଖା ଓ କୃଷି ସମବାୟ ସମିତିରେ ତାଲା ପକାଇ ଗେଟ୍ ଆଗରେ ଧାରଣାରେ ବସିଥିଲେ। ବରଗଡ଼ରୁ ଏଆରସିଏସ ଦିବାକର ଭୋଇ, ଭେଡ଼େନ ବ୍ୟାଙ୍କ ଶାଖା ପରିଚାଳକ ଶୁକମୁନି ଭୋଇ ପ୍ରମୁଖ ଧାରଣା ସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ସମ୍ପୂର୍ଣ୍ଣ ଫସଲ ବୀମା ରାଶି ନ ପାଇବା ପର୍ଯ୍ୟନ୍ତ ଏହି ଆନ୍ଦାଳନ ଚାଲୁ ରହିବ ବୋଲି ଚାଷୀମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ଜଣାଇଥିଲେ । ତେବେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସହ ଗଣେଷ ପୂଜା ଓ ବିଶ୍ୱକର୍ମା ପୂଜା ଆଦିକୁ ଦୃଷ୍ଟିରେ ରଖି ସାମୟିକ ଭାବେ ଏହି ଧାରଣାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଗତ ୮ ତାରିଖରେ ରାଜ୍ୟ ସରକାର ତଥା ବୀମା କମ୍ପାନୀର ଅଧିକାରୀମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଉପରେ ଚାଷୀମାନଙ୍କ ଭରସା ପାଉନାହିଁ । ଏହି ଏହି ବୈଠକରେ ହୋଇଥିବା ନିଷ୍ପତ୍ତି କେତେ ଦୂର ଚାଷୀଙ୍କ ହିତରେ ଆସିବ ସେଥିପ୍ରତି ଦୃଷ୍ଟି ରଖାଯାଇଛି । ଚାଷୀମାନେ ପ୍ରଶାସନକୁ ୧୫ ଦିନର ମହଲତ ପ୍ରଦାନ କରିବା ସହ ଆସନ୍ତା ୨୫ ତାରିଖରେ ସେମାନେ ସାମୂହିକ ଭାବେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଭେଡ଼େନ ବ୍ୟାଙ୍କ ଆଗରେ ଚାଷୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮



❝ ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଆରୋହୀ ମୃତ

**ସିଂଘିଯୁବା,୧୨।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ବାବୁପାଲି-ସିଂଘିଯୁବା ମଧବର୍ତ୍ତୀ ଆନନ୍ଦ ଆଶ୍ରମ ନିକଟରେ ବୁଧବାର ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ବାଇକ ଆରୋହୀ ଜଣକ ହେଲେ ବାଙ୍କିଘିର୍ଡି ଗ୍ରାମର ମନୋଜ ପୁଟେଲ। ସକାଳେ ମନୋଜ ପୁଟେଲ ବିନିକାରୁ ନୂଆଁଖାଇ ପାଇଁ ବଜାର ସାରି ଘରକୁ ଫେରୁଥିଲେ। ସେ ଦେଣ୍ଡୁପଦର ଦେଇ ବାବୁପାଲିକୁ ବାଇକ ନଂଓଡି୩୧ଏ୧୪୮୭ରେ ଆସୁଥିଲେ। ଏହି ସମୟରେ ଦେଣ୍ଡୁପଦର ଗ୍ରାମର କର୍ମପଦ ସୁନା(୩୫)ବାବୁପାଲି ପଟରୁ ଓଆର୍୧୭ଜେ୪୭୨୬ ବାଇକରେ ଆସୁଥିଲେ । ଆନନ୍ଦ ଆଶ୍ରମ ନିକଟରେ ଉଭୟଙ୍କ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମନୋଜ ଓ କର୍ମପଦ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାକୁ ନେଇଥିଲେ । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ମନୋଜଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଅପରପକ୍ଷରେ କର୍ମପଦ ଏବେ ବୁର୍ଲାରେ ଭର୍ତ୍ତି ହୋଇଛନ୍ତି।

### ଗୋଛାପଡ଼ା ପଞ୍ଚାୟତରେ ସାକ୍ଷରତା ଦିବସ

**ବୌଦ୍ଧ/ବାଉଁଶୁଣୀ,୧୨।୯(ଡି.ଏନ୍.ଏ):** ବୌଦ୍ଧ ବ୍ଲକ ୱାଇସିଡିଏ ସଂସ୍ଥା ପକ୍ଷରୁ ଗୋଛାପଡା ପଞ୍ଚାୟତରେ ବୁଧବାର ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଇଓ ଅଚ୍ୟୁତାନନ୍ଦ ସାହୁ, କମଳାକାନ୍ତ ଦଳ ବେହେରା, ପଞ୍ଚାୟତ ସମିତି ଅଧକ୍ଷା ରେବତୀ ମହାଲିକ, ସରପଞ୍ଚ ଇନ୍ଦ୍ରଜିତ ବାଦୀ, ଗୋଦଣ୍ଡଧର ମେହେର, ଚିତରନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିବାଭକ, ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ୨୫୦ଜଣ ଅଂଶଗ୍ରହଣ କରିଥିଲେ । ପ୍ରକାଶ ପାଣ୍ଡେ ଅତିଥି ପରିଚୟ ଦେଇଥିଲେ । ପ୍ରକାଶ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକସ୍ତରୀୟ ଫୁଟବଲ, କବାଡି ପ୍ରତିଯୋଗିତା

**ବୌଦ୍ଧ/ବାଉଁଶୁଣୀ,୧୨।୯(ଡି.ଏନ୍.ଏ):** ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ନୋଡାଲ ଉଚ୍ଚ ପ୍ରାଥମିକ ବିଦାଳୟର ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଫୁଟବଲ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାଖା ପରିଚାଳକ ଜଗନ୍ନାଥ ପ୍ରସାର ହର ମୁଖ୍ୟଅତିଥି, ସହକାରୀ ଗୋଷ୍ଠୀ ଅଧିକାରୀ ଅଚ୍ୟୁତାନନ୍ଦ ସାହୁ ସମ୍ମାନୀତ ଅତିଥି ଭାବେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ୧୧ଟି ବିଦ୍ୟାଳୟର ୬୪ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃଷ୍ଣଚନ୍ଦ୍ର ସାହୁ, ମନେକ୍ସ ଗାଇଗୌରିଆ, ଧୃରେନ ପ୍ରଧାନ, ବନ୍ଦିତା ବିଶ୍ୱାଳ, ଗାୟତ୍ରୀ ବେହେରାଙ୍କ ସମେତ ୧୧ଜଣ ଖେଳ ଶିକ୍ଷକ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ଶାରିରୀକ ଶିକ୍ଷା ନିରୀକ୍ଷକ ନିରନ ବେହେରା ଉପସ୍ଥିତ ଥିଲେ । ଶେଷରେ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବୀରମହାରାଜପୁରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

# ମାମି ପ୍ରଥମ, ଲିଜା ଦ୍ୱିତୀୟ

**ବୀରମହାରାଜପୁର, ୧୨।୯ (ଡି.ଏନ.ଏ)**




ବିଜ୍ଞାନ ସେମିନାରରେ ଜଣେ ପ୍ରତିଯୋଗୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧିନ ବିଭିନ୍ନ ସ୍କୁଲରୁ ପ୍ରତିନିଧିତ୍ୱ କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଲୁଣ୍ଡା ବ୍ଲକର ୨ଜଣ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକ ରାଧେଶ୍ୟାମ ପୁରୋହିତ ଏବଂ ଚକାନୟନ ମେହେର ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଘୋଷିତ ଫଳାଫଳ ଅନୁଯାୟୀ କେନଝରିଆପାଲି ହାଇସ୍କୁଲ ଛାତ୍ରୀ ମାମି ପୋଢ଼ ପ୍ରଥମ ଏବଂ ଖଣ୍ଡହତା ଇନ୍ଦିରାଗାନ୍ଧୀ ହାଇସ୍କୁଲର ଛାତ୍ରୀ ଲିଜା ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ତଥା ଉଦଯାପନୀ ପର୍ବରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ସୁବର୍ଣ୍ଣପୁର ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନୀତ ଅତିଥିଭାବେ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେବା ସହ ଦୁଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ଛାତ୍ରୀଦ୍ୱୟ ସୋନପୁରଠାରେ ଆସନ୍ତା ୨୦ତାରିଖ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି ।

## ଦ୍ୱିତୀୟ ଦିନରେ ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ବୀରମହାରାଜପୁର, ୧୨।୯ (ଡି.ଏନ.ଏ)**

ବ୍ଲକଗ୍ରାଣ୍ଟ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଆରମ୍ଭ ହୋଇଥିବା ଗଣଧାରଣା ବୁଧବାର ଦ୍ୱିତୀୟ ଦିନରେ ଜାରି ରହିଛି। ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହ ସମ୍ମୁଖରେ ବହୁ ସଂଖ୍ୟକ କଲେଜ ତଥା ସ୍କୁଲ ଶିକ୍ଷକ ଓ କର୍ମଚାରୀ ଧାରଣାରେ ବସିଥିଲେ। ବ୍ଲକଗ୍ରାଣ୍ଟ ଉଚ୍ଛେଦ ସହ ପୂର୍ଣ୍ଣ ଅନୁଦାନ ଦାବିରେ ଗତ ୩ ସପ୍ତାହ ଧରି ଚାଲିଥିବା ଆନ୍ଦୋଳନ ଯୋଗୁଁ ଏହି ବ୍ଲକର ୭ଟି ହାଇସ୍କୁଲରେ ତାଲା ଝୁଲୁଛି। ସେହିପରି ବ୍ଲକଗ୍ରାଣ୍ଟ ପରିସରଭୁକ୍ତ ଭୁତିଆପାଲି କଲେଜ ସମେତ ବିଭିନ୍ନ କଲେଜର ଅଧାପିକା, ଅଧାପକ ଶିକ୍ଷାଦାନରୁ ନିଜକୁ ବିରତି ରଖିଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି । ବୁଧବାର ଧାରଣାସ୍ଥଳୀରେ ଶିକ୍ଷାବିତ୍ ଭଗବାନ ବାଘ, କମ୍ବୁଧର ବିଶ୍ୱାଳ ଓ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା ଏବଂ ବୀରମହାରାଜପୁର ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଯୁଗଳ କିଶୋର ମିଶ୍ର ପହଞ୍ଚି ସେମାନଙ୍କର ସମର୍ଥନ ଜ୍ଞାପନ କରିଥିଲେ ।

## ସମୂହ ଛୁଟିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

**ସୋନପୁର,୧୨।୯(ନି.ପ୍ର.)**

ସେପ୍ଟେମ୍ବର ୧୦ତାରିଖରୁ ସମୂହ ଛୁଟିରେ ଅଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) କର୍ମଚାରୀ। ସୁବର୍ଣ୍ଣପୁର ଜିଲାର ପ୍ରାୟ ୮୦କର୍ମଚାରୀ ଛୁଟିରେ ରହି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୬ ଦଫା ଦାବି ନେଇ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି। ଏଥିଯୋଗୁଁ ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡିବାକୁ ବସିଲାଣି। ଗୋଟିଏ ପଟେ ଜିଲାରେ ୫୩ଟି ଡାକ୍ତର ଓ ଶତାଧିକ ପାରା ମେଡିକାଲ କର୍ମଚାରୀ ପଦବୀ ଖାଲି ପଡିଛି। ଅନ୍ୟପକ୍ଷେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଅନୁପସ୍ଥିତି ବିଷମ ପରିସ୍ଥିତି ସୃଷ୍ଟି କରିଛି। ପ୍ରତ୍ୟେକ ମାସର ୯ତାରିଖରେ ପ୍ରଧାନମନ୍ତ୍ରୀ ମାତୃତ୍ୱ ସୁରକ୍ଷିତ ଯୋଜନାରେ ଗର୍ଭବତୀ ମା'ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥାଏ। ଏଥିରେ ଗର୍ଭବତୀଙ୍କ ପାଇଁ ଶୃଙ୍ଖଳା ଖାଦ୍ୟର ବ୍ୟବସ୍ଥା ଥିଲେ ହେଁ ଆନ୍ଦୋଳନ କାରଣରୁ ଚଳିତ ଥର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ଦିଆଯାଇପାରିନି। ସରକାରଙ୍କ ନିଦାନ ଯୋଜନାରେ ହେଉଥିବା ବିଭିନ୍ନ ପରୀକ୍ଷା ମଧ ବନ୍ଦ ରହିଥିବା ଅଭିଯୋଗ ହେଉଛି। ଜନନୀ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ସହାୟତା ରାଶି ମିଳି ପାରୁନି। ଏପରିକି ଆଶାକର୍ମୀଙ୍କ ପାରିତୋଷିକ ପ୍ରତି ମାସର ୧୦ତାରିଖ ସୁଦ୍ଧା ଦେବାକୁ ସରକାରଙ୍କ ନିୟମ ରହିଛି । ମାତ୍ର ଆଶକର୍ମୀଙ୍କୁ ପାରିତୋଷିକ ମିଳିନି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ କିପରିଭାବେ ପାଳନ କରିବେ ତାକୁ ନେଇ ଚିନ୍ତାରେ ଅଛନ୍ତି ଆଶାକର୍ମୀ ଓ ସେମାନଙ୍କ ପରିବାର। ଆନ୍ଦୋଳନ ପ୍ରତ୍ୟାହାର ନ ହେଲେ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନଏଚଏମ୍ କର୍ମଚାରୀଙ୍କ ଦରମା ଅସଙ୍ଗତି ଦୂର କରିବା, ବାର୍ଷିକ ପଦୋନ୍ନତି, ଭତ୍ତା, ନନ୍ ମେଡିକୋ ପବ୍ଲିକ୍ ମ୍ୟାନେଜମେଣ୍ଟ କ୍ୟାଡର ଗଠନ, ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ଉଚ୍ଛେଦ, କର୍ମଚାରୀଙ୍କ କ୍ଷେତ୍ରରେ ଇଏସଆଇ, ଇପିଏଫ ଓ କ୍ୟାସଲେସ୍ ସ୍ୱାସ୍ଥ୍ୟବୀମା ପଲିସି ଲାଗୁ କରିବା ପାଇଁ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଛି। ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି କର୍ମଚାରୀମାନେ ଛୁଟିରେ ରହି ଆନ୍ଦୋଳନ ଜାରି ରଖିଛନ୍ତି।

ରାତି ପାହିଲେ ଗଣେଶ ପୂଜା

# ଶେଷ ସ୍ପର୍ଶ ଦେବାରେ ନିମଗ୍ନ ମୂର୍ତ୍ତି କାରିଗର

**ବୀରମହାରାଜପୁର, ୧୨।୯ (ଡି.ଏନ.ଏ)**



ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ ।

ଗୁରୁବାର ଗଣେଷ ପୂଜା ଥିବାରୁ ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜନୋତ୍ସବ ପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ପୁରପଲ୍ଲୀ ଚଳଚଞ୍ଚଳ। ବିଦ୍ୟାଦାତା ଗଣେଷଙ୍କ ପୂଜା ନିମନ୍ତେ କେବଳ ବିଦ୍ୟାର୍ଥୀ ନୁହନ୍ତି, ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଖୁବ୍ ପ୍ରସ୍ତୁତି ଚଳାଇଛନ୍ତି। ଗାଁଗାଁରେ ଦେଖିବାକୁ ମିଳୁଛି ଛୋଟ ବଡ ପୂଜାମଣ୍ଡପ ଓ ତୋରଣର ସାଜସଜ୍ଜା। ବୀରମହାରାଜପୁର ଉପଖଣ୍ଡର ପ୍ରାୟ ସମସ୍ତ ଗ୍ରାମମାନଙ୍କରେ ପୂଜନୋତ୍ସବର ସଜବାଜ ଦୃଶ୍ୟ ସାମନାକୁ ଆସୁଛି। ଏଭଳି ସ୍ଥିତିରେ ଶ୍ରୀ ଗଣେଷଙ୍କ ମୂର୍ତ୍ତିର ବିଶେଷ ଚାହିଦା ଥିବାରୁ ସ୍ଥାନୀୟ ଶିଳ୍ପୀମାନେ ଯଥା ସମୟରେ କାମ ସାରିବାକୁ ଦିନରାତି ଏକ କରି ଦେଇଛନ୍ତି। ବୀରମହାରାଜପୁର ବସ୍ତିରେ ସର୍ବାଧିକ ମୂର୍ତ୍ତି ଗଢ଼ିଥିବା ଗିରିଧାରୀ ଗୁରୁ ନାମକ ଶିଳ୍ପୀ କୁହନ୍ତି, ଚାହିଦା ମୁତାବକ ଏବଂ ଗ୍ରାହକଙ୍କ ସହ ଆଗତୁରା ହୋଇଥିବା ଯୋଗାଯୋଗ ଅନୁଯାୟୀ ସେ ବିବିଧ ଡିଜାଇନର ମୂର୍ତ୍ତି ତିଆରି କରିଛନ୍ତି। ଏହି ଶିଳ୍ପୀଙ୍କ ପାଖରେ ୨ହଜାର ଟଙ୍କାଠାରୁ ୮ହଜାର ଟଙ୍କା ମୂଲ୍ୟର ମୂର୍ତ୍ତି ଉପଲବ୍ଧ ଥିବାର ଜଣାଯାଇଛି। ତେବେ ରାତି ପାହିଲେ ପର୍ବ ଆସୁଥିବାରୁ ଗଣନାଥଙ୍କ ମୂର୍ତ୍ତିରେ ତୂଳୀର ଶେଷସ୍ପର୍ଶ ଦେବାକୁ ଶିଳ୍ପୀମାନେ ତତ୍ପର ଅଛନ୍ତି। ବସ୍ତିର ପ୍ରମୁଖ ଛକମାନଙ୍କରେ ମଧ ବୁଧବାର ଛୋଟଛୋଟ ମୂର୍ତ୍ତିର ପସରା ମେଲିଥିବା ଦେଖାଯାଇଛି ।

# ସ୍ୱଚ୍ଛତା ପକ୍ଷ ପାଳନ ପ୍ରତିଯୋଗିତା

**ସୋନପୁର,୧୨।୯(ନି.ପ୍ର.)**

ସୋନପୁର ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ ପ୍ରତିଯୋଗିତା ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଆୟୋଜିତ ହୋଇଯାଇଛି। ମନୋନୀତ ହୋଇଥିବା ୯୮ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେପ୍ଟେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଏଭଳି ପ୍ରତିଯୋଗିତା ପ୍ରତି କ୍ଲଷ୍ଟରସ୍ତରରେ ଆୟୋଜିତ ହୋଇଥିଲା। ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଶ୍ରୀମୟୀ ଶ୍ୱେତସ୍ମିଗ୍ଧା ମିଶ୍ର ପ୍ରଥମ, ପୂଜା ତିୱାରୀ ଦ୍ୱିତୀୟ ଓ ସ୍ମିତା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରକଳ୍ପ ପ୍ରଦର୍ଶନୀରେ ପୂଣ୍ୟତୋୟା ବିଶି, ପ୍ରଶାନ୍ତ ପ୍ରଧାନ ଓ ବର୍ଷା ପ୍ରଧାନ, ତର୍କରେ ଶ୍ୱେତ ପୁଷ୍ପିତା ସାହୁ, ସ୍ୱାଗତିକା ପ୍ରଧାନ ଓ ସୁମନ ମିଶ୍ର, ଚିତ୍ରାଙ୍କନରେ ଅନୁସୟା ପ୍ରଧାନ, କ୍ରିଷ୍ଟା ମେହେର ଓ ସାଜନ ମହାନନ୍ଦ, ସଙ୍ଗୀତରେ ଇତିଶ୍ରୀ ସେଠ୍, ଶ୍ରୀମନ୍ତ ମିଶ୍ର ଓ ରଜତ ମହାଲିଙ୍ଗ, ପ୍ରବନ୍ଧ ଲିଖନରେ ତୁଳସୀ ମହାପାତ୍ର, ଅଭିମନ୍ୟୁ ନାୟକ ଓ ରାଜେଶ ସା, ବାର୍ତ୍ତା ଲିଖନରେ ଗାୟତ୍ରୀ ପଣ୍ଡା, ସ୍ୱାତି ଚିନ୍ମୟ ବେହେରା ଓ ଜ୍ୟୋତିରାଣୀ ବହିଦାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇଥିଲେ। ପୂର୍ବାହ୍ନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୧୨।୯(ସ୍ୱ.ପ୍ର)**



ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ମୋର୍ଚ୍ଚା ସଭାପତି କାଳିନ୍ଦୀ ଚରଣ କ୍ଷେତୀଙ୍କ ଅଧକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଭାରୀ ଡ. ରାକେଶ ଶର୍ମା ଯୋଗଦେଇ ଓଡିଶା କୃଷି ପ୍ରଧାନ ରାଜ୍ୟ । ଏଠାରେ ଜଳସେଚନ ପାଇଁ ଜଳର ଅଭାବ ନ ଥିବାବେଳେ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟା ପ୍ରତି ଚରମ ଅବହେଳା କରୁଥିବାରୁ ଚାଷୀମାନେ ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି । ଚାଷୀମାନଙ୍କୁ ସଙ୍ଗଠିତ କରି ବିଭିନ୍ନ ଯୋଜନା ପ୍ରସ୍ତୁତ କରି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଗଲେ ଏହାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରାହୀ ବୌଦ୍ଧ ଜିଲାରେ କୃଷିକ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ରାଜ୍ୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଏକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରି ଏକ ୭ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ । କେନ୍ଦ୍ର ସରକାର ଧାନର ସର୍ବନିମ୍ନ ମୂଲ୍ୟ ୧୫୫୦ଟଙ୍କାରୁ ୧୭୫୦ଟଙ୍କାକୁ ବୃଦ୍ଧି କରିଥିବା ବେଳେ ରାଜ୍ୟ ସରକାର ମରୁଡି ଓ ବନ୍ୟାଦାଉରୁ ରକ୍ଷା ପାଇବା ପାଇଁ କୌଣସି ଯୋଜନା ହାତକୁ ନେଉ ନ ଥିବା ପ୍ରକାଶ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ସମୀର ପାତ୍ର ଓ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ଜିଲା ପ୍ରଭାରୀ କିଶୋର ହୋତା ପ୍ରମୁଖ ଯୋଗଦେଇ କୃଷକମାନଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରିଥିଲେ । ରାଜ୍ୟ ସରକାର ରାସାୟନିକ ସାର ଭରପୁର ରହିଥିବା ଡିଣ୍ଡିମ ପିଟୁଥିବା ବେଳେ ବୌଦ୍ଧ ଜିଲାରେ ସାର ଅଭାବ ଦେଖାଦେଇଥିବା ଜଣାପଡିଛି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଦାଧର ମହାକୁଡ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ଜିଲା ସଦସ୍ୟ ଆରତ ଧଳ, ସୁଦର୍ଶନ ବଘାର, ଶେଷଦେବ ଯେନା, ପ୍ରମୋଦ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, ସୁକାନ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ଯୋଗଦାନ କରିଥିଲେ। ବରିଷ୍ଠ ନେତା ମାଗୁଣି ଗାଇଗୋରିଆ, ମନରନ ଦାଶ, ନମିତାରାଣୀ ଦାଶ, ସୁଧାଂଶୁ ଡାଙ୍ଗ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ପ୍ରଫୁଲ୍ଲ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ, ଢ଼େଙ୍କାନାଳ,
ସା/ପୋ/ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।**

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡେଲ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଡ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୫ / ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୩ / କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୧୩ / ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା / ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/ ୦୫୫୪୦୩୧୭୧୨୦୦୦୧୧ / ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣ୍ଡାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୧୦୦୦୧୮ / ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୪୯ / ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୫୨ / ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୧୧୭୧୨୦୦୦୪ / ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୧୫ / ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୩୦ / ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୨୬ / କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **୭ ଦିନ** ମଧରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ** ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢ଼େଙ୍କାନାଳ
ତାରିଖ: ୧୨.୦୯.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢ଼େଙ୍କାନାଳ



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ



### ଅବକାରୀ ବିଭାଗର ଚଢ଼ାଉ
### ରନ୍ଧାମଦ ଜବତ, ଜଣେ ଗିରଫ

ଜୁନାଗଡ,୧୨ା୯(ଡି.ଏନ୍.ଏ)- ଜୁନାଗଡ଼ ବ୍ଲକ ସୁରୁଗୁଡ଼ଗ୍ରାମରେ ଭବାନୀପାଟଣା ଅବକାରୀ ବିଭାଗର ମୋବାଇଲ ଟିମ୍ ବୁଧବାର ଚଢାଉ କରି ଗ୍ରାମର ହରିହର ପରାଭୋଇଙ୍କ ଘରୁ ୧୦ଲିଟର ରନ୍ଧା ମଦ ଜବତ କରିଥିଲା। ବେଆଇନ୍ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ହରିହରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉରେ ଇନ୍‌ସ୍ପେକ୍ଟର କୁବେର ସେଠି, ସବ୍ ଇନ୍‌ସ୍ପେକ୍ଟର ଦିଲୀପ କୁମାର ରଥ, ଏଏସ୍ଆଇ ମାନସ ମୁଣ୍ଡାଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଆଜି ଗଣନାଥଙ୍କ ପୂଜା
# ମଣ୍ଡପରେ ଶୋଭାପାଉଛି ଗ୍ରାମ୍ୟ ପରିବେଶ

ମ.ରାମପୁର,୧୨ା୯ (ଡି.ଏନ୍.ଏ.)

ଆଜି ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା। ଏନେଇ ଗାଁଠୁ ସହର ଚଳଚଞ୍ଚଳ। ଏହି ଅବସରରେ କଳାହାଣ୍ଡି ଜିଲା ମ.ରାମପୁର ସହରରେ ୨୦ରୁ ଅଧିକ ସ୍ଥାନରେ ପୂଜା ପାଇବେ ଗଣନାଥ। ତନ୍ମଧ୍ୟରୁ ୨ଟି ମଣ୍ଡପରେ ସପ୍ତାହ ଧରି ଗଣନାଥଙ୍କୁ ଧୂମଧାମରେ ପୂଜା କରାଯିବ। ଏନେଇ ୧ମାସ ହେଲା ମଣ୍ଡପ, ମେଢ଼, ସାଜସଜ୍ଜା ପ୍ରସ୍ତୁତି ଆରମ୍ଭ ହୋଇଥିଲା । କଳାମନ୍ଦିର ଛକଠାରେ ୬୦ ଫୁଟ ଉଚ୍ଚତା, ୧୫୦ ଫୁଟ ବ୍ୟାସର୍ଦ୍ଧ ବିଶିଷ୍ଟ ମଣ୍ଡରେ ଗ୍ରାମ୍ୟ ସଭ୍ୟତା ଶୋଭା ପାଉଛି। ଆନ୍ଧ୍ରପ୍ରଦେଶରୁ ଅଣାଯାଇଥିବା ୧୧ଫୁଟ ଉଚ୍ଚତା ବିଶିଷ୍ଟ ଗଣେଷ ମୂର୍ତ୍ତି ଶଗଡ଼ ଗାଡିରେ ମୁସିକ୍ ବାହାନରେ ପୂଜା ପାଇବେ। ମଣ୍ଡପକୁ ପ୍ରାକୃତିକ ପର୍ବତ, ନଦୀ, ଝରଣା, ଜଙ୍ଗଲ, ଗ୍ରାମ୍ୟ ସାମାଜିକ ଶୋଭାରାଜିରେ ସଜ୍ଜିତ କରାଯାଇଛି। ମଣ୍ଡପ ପାର୍ଶ୍ୱରେ ମୀନା ବଜାର ସହ ଚିତ୍ତବିନୋଦନ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ। ବିଭୁ ସାହୁ କର୍ତ୍ତା ଓ ରାମେଶ୍ୱର ପାଢ଼ୀଙ୍କ



କଳାହାଣ୍ଡି ଜିଲା ମ.ରାମପୁର ସହରରେ ନିର୍ମାଣ ହୋଇଥିବା ମଣ୍ଡପ।

ପୁରୋହିତ୍ୱରେ ପୂଜା ହେବାକୁ ଥିବାବେଳେ ପ୍ରକାଶ ସାହୁ, ଗୋବିନ୍ଦ ସେଠି, ଧୁର୍ମ୍ମ ସାହୁ, ଦିଲୀପ ସାହୁ, ପବନ ଦୁବେ, ମୁକେଶ ସିଂହ ପ୍ରମୁଖଙ୍କ ସହଯୋଗରେ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟରେ ପୂଜା କରାଯାଉଛି । ଏପରି କି ଭଜନ ସନ୍ଧ୍ୟା ଏବଂ ସ୍ଥାନୀୟ ଯୁବକ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ କରାଯିବ। ମଣ୍ଡପରେ ବିଲୁପ୍ତ ପ୍ରାୟ ଗ୍ରାମ୍ୟ ସତ୍ୟତାକୁ ସ୍ଥାନିତ କରାଯାଇଛି। ଗୌଡପଡାଠାରେ ସୁଉଚ୍ଚ ତୋରଣ, ପୋଷ୍ଟ ଅଫିସ ପାର୍ଶ୍ୱରେ ନିର୍ମିତ ମଣ୍ଡପରେ ବିଲୁପ୍ତ ଡାଇନୋସର ଶୋଭା ପାଉଛି। ଏଥିରେ ପ୍ରଶାନ୍ତ ସାନ୍ତରା କର୍ତ୍ତା, ତ୍ରିଲୋଚନ ବାସ ପୁରୋହିତ, ଅନୀଲ ସୀମନ୍ତରା ସଭାପତି, ବନମାଳୀ ଗହୀର ସମ୍ପାଦକଙ୍କ ତତ୍ତ୍ୱାବଧାନରେ ୨୩ ତାରିଖ ପର୍ଯ୍ୟନ୍ତ ଗଣପତିଙ୍କ ପୂଜନୋତ୍ସବ ଅନୁଷ୍ଠିତ ହେବ। ମନୋରଞ୍ଜନ ପାଇଁ ଡ୍ୟାନ୍ସ ପ୍ରତିଯୋଗୀତା, ମେଲୋଡି ଆଦି କାର୍ଯ୍ୟକ୍ରମ କରାଯିବ। ପୂଜା ପାଇଁ ୩ରୁ ୪ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଯୋଜନା କରାଯାଇଛି । ଗୌଡପଡ଼ା ମୂର୍ତ୍ତି କାରିଗର ରାମସିଂ ପୋଢ଼ ଗଣପତିଙ୍କ ମୂର୍ତ୍ତି ତିଆରି କରିଛନ୍ତି। ଆଧୁନିକ ସହରି ସଭ୍ୟତା ବୃଦ୍ଧି ପାଉଥିବା ବେଳେ ଗ୍ରାମ୍ୟ ସଂସ୍କୃତିର ଗୁଦ୍ଧିମନ୍ତ ପ୍ରତିକାତ୍ମକ ସାଜସଜ୍ଜା ଦର୍ଶାନାର୍ଥି ଓ ଶ୍ରଦ୍ଧାଳୁଙ୍କୁ ବିଶେଷ ଆକୃଷ୍ଟ କରିବ ବୋଲି ପୂଜାକର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ତାରିଗୁଡ଼ାରେ ଝାଡ଼ାବାନ୍ତି, ଦମ୍ପତି ମୃତ

ଭବାନୀପାଟଣା,୧୨ା୯ (ଡି.ଏନ୍.ଏ.)

ଥୁ.ରାମପୁର ବ୍ଲକ ତାରିଗୁଡ଼ା ଗ୍ରାମରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗତ ୯ ତାରିଖରେ ପାଟେଡି ମାଝି(୬୦)ଙ୍କ ଥୁ.ରାମପୁର ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ବେଳେ ୧୧ ତାରିଖରେ ସ୍ତ୍ରୀ ଲଚ୍ଛିମ ମାଝିଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ ଥୁ.ରାମପୁର ମୋବାଇଲ ହେଲ୍‌ଥ ଟିମ୍ ସହ ତୁରିଗୁଡ଼ା ଗ୍ରାମରେ ପହଞ୍ଚି ଆକ୍ରାନ୍ତମାନଙ୍କୁ ଚିକିତ୍ସା କରିବା ସହ ଔଷଧ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଝାଡାବାନ୍ତିରେ ଆକ୍ରାନ୍ତ ଜଣେ ଗୁରୁତରଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ, କଳାହାଣ୍ଡି ଜିଲାରେ ଗତ ମାସରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଦେଖା ଦେଇଥିବା ବନ୍ୟା ଫଳରେ ବିଭିନ୍ନ ଗ୍ରାମରେ ଜଳ ଉତ୍ସଗୁଡିକ ସଂକ୍ରମିତ ହୋଇଛି। ଫଳରେ ଦୂଷିତ ପାଣି ପିଇ ଥୁ.ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ହେଲା ଝାଡାବାନ୍ତି ଦେଖା ଦେଇଛି।

### ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚର ଧାରଣା
## ସମର୍ଥନ ଜଣାଇ ଧାରଣାରେ ବସିଲେ ବ୍ଲକ ଅଧକ୍ଷା, ଉପାଧକ୍ଷ

ଜୁନାଗଡ,୧୨ା୯ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୭ଦଫା ଦାବି ନେଇ ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ଦାବିକୁ ସମର୍ଥନ ଜଣାଇ ବୁଧବାର ଜୁନାଗଡ଼ ବ୍ଲକ ଅଧକ୍ଷା ନୁର୍ଯ୍ୟା ମାଝି ଏବଂ ଉପାଧକ୍ଷ ଟଙ୍କଧର ନାଏକ ଧାରଣାରେ ବସିଥିଲେ। ସରକାର ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚର ଦାବିଗୁଡିକୁ ମାନିନେବାକୁ ଅଧକ୍ଷା ମାଝି ଏବଂ ଉପାଧକ୍ଷ ନାଏକ ଦାବି କରିଛନ୍ତି।



ବ୍ଲକ ଅଧକ୍ଷା ଓ ଉପାଧକ୍ଷ ଧାରଣାରେ ବସିଛନ୍ତି।

## ରେଢ଼ାଖୋଲରେ ଭାଜପାର ବୈଠକ

ରେଢ଼ାଖୋଲ,୧୨ା୯(ଡି.ଏନ.ଏ.)

ରେଢ଼ାଖୋଲ ଭାଜପା ସନ୍ଥକବି ମଣ୍ଡଳ ଓ ଚାରମାଳ ମଣ୍ଡଳ ପକ୍ଷରୁ ବୁଧବାର କର୍ମକର୍ତ୍ତାମାନଙ୍କ ପୃଥକ ପୃଥକ ୨ଟି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତାପ କୁମାର ପ୍ରଦାନ, ବିଚିତ୍ରାନନ୍ଦ ସାହୁ, ସମର ପ୍ରଧାନ, ଜୟରାମ ପୋଢ, ସୂର୍ଯ୍ୟନାରାୟଣ ଜେନା, ସରୋଜ ପ୍ରଦାନ, ସଞ୍ଜୀବ ପ୍ରଧାନ, ବଟକିଶୋର ବେହେରା, ସାନ୍ତନୁ ବାରିକ, ସଂସାର ସାହୁଙ୍କ ସମେତ ଉଭୟ ମଣ୍ଡଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ବୁଥ୍‌ସ୍ତରରୁ ସଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୨ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ଗସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ମଧ ଆଲୋଚନା ହୋଇଥିଲା।

## ହିନ୍ଦୀ କବିତା ପୁସ୍ତକ 'ପଗ୍‌ଲୀ ଲଡ୍‌କୀ'ର ଲୋକାର୍ପଣ

ଭବାନୀପାଟଣା,୧୨ା୯ (ଡି.ଏନ୍.ଏ.)

ଭବାନୀପାଟଣାର ଯୁବ କବି ସିଦ୍ଧାନ୍ତ କୁମାର ନନ୍ଦଙ୍କ ହିନ୍ଦୀ କବିତା ପୁସ୍ତକ 'ପଗ୍‌ଲୀ ଲଡ୍‌କୀ'ର ଲୋକାର୍ପଣ ଉତ୍ସବ ଓ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ତଥା ରାଜନେତା ରାସବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନବଦୋୟ ବିଦ୍ୟାଳୟ ଶିକ୍ଷକ ଦିଲୀପ କୁମାର ବାଡତ୍ୟା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ଡ. ପଲ୍ଲିଶ୍ରୀ ପଟ୍ଟନାୟକ, କବି ଲଳିତ କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଯୁଗ୍ମସମ୍ପାଦକ ସଞ୍ଜୀବ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ବାଡତ୍ୟା କବିଙ୍କ



ଅତିଥିମାନେ ହିନ୍ଦୀ କବିତା ପୁସ୍ତକ 'ପଗ୍‌ଲୀ ଲଡ୍‌କୀ'ର ଲୋକାର୍ପଣ କରୁଛନ୍ତି।

'ପଗ୍‌ଲୀ ଲଡ୍‌କୀ' ପୁସ୍ତକରେ ଥିବା ୩୬ଟି କବିତାର ସମୀକ୍ଷା କରିବା ସହ କବିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନୀତ ଅତିଥି ଦ୍ୱୟ ପୁସ୍ତକରେ ସ୍ଥାନିତ କବିତାଗୁଡିକ ଉଚ୍ଚ କୋଟିର ବୋଲି ପ୍ରକାଶ କରିଥିଲେ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁସ୍ତକର କବିତା ଗୁଡିକୁ ରୁପେଶ କୁମାର ମୁଣ୍ଡ, ସିଦ୍ଧାର୍ଥ ପଣ୍ଡା, ଦୀପକ ଶର୍ମା ଓ ଗୌରବ ବାଗ ପ୍ରମୁଖ ଆବୃତି କରିଥିଲେ। କଳାହାଣ୍ଡି ଜିଲା ଜଣେ ଯୁବକବି ହିନ୍ଦୀ ସାହିତ୍ୟକୁ ଏକ କବିତା ପୁସ୍ତକ ଉପହାର ଦେଇଥିବାରୁ ଜିଲାବାସୀ ଗର୍ବିତ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବକୁ ଯୁବକବି ପ୍ରଶାନ୍ତ ଦାଶ ଓ ସୁଧୀର ଧଙ୍ଗଡାମାଝି ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଧାରଣା

ସିନାପାଲି,୧୨ା୯ (ଡି.ଏନ୍.ଏ.)

ବିଭିନ୍ନ ଦାବି ପୂରଣ ନେଇ ବୁଧବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସିନାପାଲି ବ୍ଲକ ଶାଖା ପକ୍ଷରୁ ସ୍ଥାନୀୟ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ସମୟରେ ଶତାଧିକ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ମିଳିତ ହୋଇ ବ୍ଲକ କାର୍ଯ୍ୟାଳୟ ଆଗରେ ସମବେତ ହୋଇ ଧରଣା ଦେଇଥିଲେ। ପରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସର ଭୁକ୍ତ କରାଯାଇ ଚାକିରୀ ସର୍ତ୍ତାବଳୀ ଓ ଅବସର କାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ କରିବା, ଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ୨୦୧୮ ଅନୁଦାନ ଆଇନରେ ୪୦.୬୦ ଓ ୭୫ ପ୍ରତିଶତ ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶ ପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରିବା, ସପ୍ତମ ବେତନ କମିଶନଲାଗୁକରିବା, ସତ୍ୟ ପାଠ ପ୍ରତ୍ୟାହାର କରିବା ଆଦି ୭ ଦଫା ଦାବି ରହିଛି। ଶିକ୍ଷକ ନେତା ରବୀନ୍ଦ୍ରନାଥ ଯୋଷୀ, ସୁବାଷ ସାହୁଙ୍କ ସମେତ ରୁଦ୍ର ମାଧବ ସା, ନିରାକାର ସାହୁ, ପିତାମ୍ବର ବାଗ, ଦାମୋଦର ମେହେର, ତୁଷାରକାନ୍ତ ରାଉତ, ସଂଗ୍ରାମ କେଶରୀ ପ୍ରଧାନ, ଡିଗ୍ରେ ସୁନାନୀ, ବିବେକାନନ୍ଦ ଭୋଇ, ବସନ୍ତ ଦାସ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସିନାପାଲି ବ୍ଲକ ଶାଖା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଧାନ ନେଇ ପାର୍
## ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

ଭୁବନେଶ୍ୱର,୧୨ା୯(ବ୍ୟୁରୋ)

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବାକି ପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି , ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍ ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଚାଉଳ ପାଇଁ ସେମାନେ ୧,୩୫,୬୭୫ ମେଟ୍ରିକ୍ ଟନ୍ ଧାନ ନେଇଥିଲେ, ଯାହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ଟଙ୍କାରୁ ଅଧିକ। ଖିଲାପି ମିଲର୍‌ମାନଙ୍କଠାରୁ ସେମାନଙ୍କ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି। ୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲର୍‌ଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଲଡୁଗାଁ,୧୨ା୯ (ଡି.ଏନ୍.ଏ.)

୨୬ ନଂ. ଜାତୀୟ ରାଜପଥ କଳାହାଣ୍ଡି ଜିଲା ଆମପାଣି ଥାନା ଅଧୀନ କାଉଡୋଲାଠାରେ ନବରଙ୍ଗପୁର-ବଲାଙ୍ଗୀର ଯାଉଥିବା ଓଏସ୍ଆର୍‌ଟିସି ଚଳନ୍ତା ବସରୁ ପଡି ଜଣେ ଯାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ କାଉଡୋଲା ଗ୍ରାମର ପ୍ରେମଲାଲ ନାଏକ (୪୭)। ମିଳିଥିବା ସୂଚନା ମୁତାବକ, ପ୍ରେମଲାଲ କୌଣସି କାମରେ ଆମପାଣି ଯାଇଥିଲେ। କାମ ସାରି ସେ ନବରଙ୍ଗପୁରରୁ ବଲାଙ୍ଗୀର ଆସୁଥିବା ଓଏସ୍ଆର୍‌ଟିସି ବସ୍‌ରେ ଗାଁକୁ ଆସୁଥିଲେ। ହେଲେ କାଉଡୋଲା ସ୍କୁଲ ନିକଟରେ ଚଳନ୍ତା ବସରୁ କୌଣସି କାରଣରୁ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ପ୍ରେମଲାଲ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ଆମପାଣି ପୋଲିସ ଓ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀମାନେ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟିବ ନାହିଁ ବୋଲି ଜିଦ୍‌ଧରି ବସିଥିଲେ। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ କୋକସରା ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ସନ୍ଧ୍ୟା ପ୍ରାୟ ୭ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ବସ୍ ଡ୍ରାଇଭର ମୃତକଙ୍କ ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଦେବା ସହ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଏବଂ ସରକାରୀ ଯୋଜନାରୁ ଆବଶ୍ୟକ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

# ସ୍କୁଲ କଲେଜ ମିଳିତ ମଞ୍ଚର ବ୍ଲକ ଅଫିସ ଘେରାଉ

ଦେଓଗାଁ,୧୨ା୯(ଡି.ଏନ.ଏ.)

ଦେଓଗାଁ ବ୍ଲକରେ ଜିଲା ସ୍କୁଲ କଲେଜ ମିଳିତ ମଞ୍ଚର ବ୍ଲକ ଘେରାଉ ଆନ୍ଦେଳନ ତଥା ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଜକୁ ୨୭ ଦିନ ହେଲା ବ୍ଲକଗ୍ରାଣ୍ଟ ସ୍କୁଲ କଲେଜର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଧାରଣା ଅବ୍ୟାହତ ରହିଛି। ଆଲୋଚନା ହେଉଥିଲେ ବି ସରକାର ଏମାନଙ୍କ ଦାବି ଉପରେ କର୍ଣ୍ଣପାତ କରୁ ନାହାନ୍ତି। ଏଥିପାଇଁ ୧୧ ଓ ୧୨ ତାରିଖ ଦୁଇଦିନଧରି ଜିଲାର ୧୪ ବ୍ଲକରେ ବ୍ଲକଗ୍ରାଣ୍ଟ ଶିକ୍ଷୟିତ୍ରୀ ଶିକ୍ଷକ ଅଧ୍ୟାପକ ତଥା କର୍ମଚାରୀ ଧାରଣା ଦେଇଛନ୍ତି। ଦେଓଗାଁରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଛବିଳ ବରର୍ତ୍ତି, ଅଲଇଣ୍ଡିଆ



ଦେଓଗାଁ ବ୍ଲକରେ ସ୍କୁଲକଲେଜ ମିଳିତ ମଞ୍ଚ ତରଫରୁ ଧାରଣା ଦିଆଯାଇଛି।

ଡିଏସଓ ଜିଲା ସଭାପତି ସୁନୀଲ ଭୋଇ ପ୍ରମୁଖ ଯୋଗଦେଇ ସରକାରଙ୍କ ଅଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ୟାର ସମାଧାନ ଉପରେ ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି କରିଥିଲେ। ପରେ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ଧାରଣାରତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଧ୍ୟାପକମାନେ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରତିବାଦ ସଭା

ବଙ୍ଗୋମୁଣ୍ଡା,୧୨ା୯(ଡି.ଏନ.ଏ.)

ବଙ୍ଗୋମୁଣ୍ଡା ବ୍ଲକର ସ୍କୁଲକେଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ତରଫରୁ ବଙ୍ଗୋମୁଣ୍ଡା ବ୍ଲକ ସମ୍ମୁଖରେ ସଭାପତି ଅରୁଣ ବାରିକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତ, କଳଙ୍କିତ ବ୍ଲକଗ୍ରାଣ୍ଟ ପ୍ରଥାର ମୂଳୋତ୍ପାଟନ ଏବଂ ଚାକିରି ସର୍ତ୍ତାବଳୀ ସହ ପ୍ରତ୍ୟକ୍ଷ ଅନୁଦାନ ଦାବିରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ଅରୁଣ ବାରିକ, ସୁଧାଂଶୁ କୁମାର ରାଉତରାୟ, ବୃନ୍ଦବନ ସ୍ୱାଇଁ, ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, କିଶୋର ସାହୁ, ଲୋକପାଲ ମେହେର, ପଙ୍କଜ ମେହେର, ରସାନନ୍ଦ ମହାପାତ୍ର ପ୍ରମୁଖ ସହଯୋଗ ଗରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରାଥମିକତା

ଖପ୍ରାଖୋଲ, ୧୨।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ କିଛିଦିନ ହେଲା ଖାଲି ପଡିଥିବା ବିଡିଓ ପଦବୀ ପୂରଣ ହୋଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାନନ ଖମାରୀ କାର୍ଯ୍ୟ ତୁଲାଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ନୂତନ ବିଡିଓ ଭାବେ ତରଣୀ ସୁନା ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ବିଡିଓଙ୍କୁ ବ୍ଲକ କର୍ମଚାରୀଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିବାବେଳେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନେକ ସମସ୍ୟା ବହୁଳ ଖପ୍ରାଖୋଲ ବ୍ଲକରେ ଯୋଗଦାନ କରିଥିବାରୁ କିଭଳି ତାର ମୁକାବିଲା କରିବେ ଏ ନେଇ ଗଣ ମାଧ୍ୟମଙ୍କ ପ୍ରତିନିଧିଙ୍କ ପ୍ରଶ୍ନ ଉତ୍ତରରେ ସରକାରୀ ଯୋଜନା ଗରୀବ ଲୋକଙ୍କ ପାଖରେ ପହଞ୍ଚାଇବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି କହିଛନ୍ତି। ଏଥିସହ ଲୋକାଭିମୁଖୀ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ୱାଗତ ଅବସରରେ ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଜିପିଇଓ ସୁଶାନ୍ତ ପାଣି, ବରିଷ୍ଠ ଅମଲା ବ୍ରଜବନ୍ଧୁ ଠାକୁର, ଦିଲ୍ଲିପ ସାହୁ, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍‌ଙ୍କ ସହିତ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବର୍ଷା ନାହିଁ, ଆଗେଇପାରୁନି ଚାଷ

# ପଡ଼ିଆ ପଡ଼ିଛି ଚାଷଜମି

ବେଲପଡା, ୧୨।୯(ଡି.ଏନ.ଏ.)



**ବେଲପଡ଼ା ବ୍ଲକ**

- କ୍ରମାଗତ ୪ର୍ଥ ବର୍ଷ ପାଇଁ ମରୁଡିର ସମ୍ମୁଖୀନ ହେବେ ଚାଷୀ
- କିଆରିରେ ପହ୍ଳା ହଳଦିଆ ପଡି ଗଲାଣି
- ପାଣି ନ ଥିବାରୁ ବେଉଷଣ କିଆରିରୁ ଘାସ ବଛା ଯାଇ ପାରୁନି
- ଗତବର୍ଷର ବୀମା ଟଙ୍କା ପାଇ ନାହାନ୍ତି ଚାଷୀ
- ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଚାଷୀଙ୍କ ଦାବି

ମରୁଡି ବଲାଙ୍ଗୀର ଜିଲା ବେଲପଡା ବ୍ଲକ ପିଛା ଛାଡୁନାହିଁ। ୨୦୧୫ରୁ ଲଗାତର ମରୁଡି ଦେଖି ଆସିଥିବା ବ୍ଲକ ଅଞ୍ଚଳର ଚାଷୀ ଚଳିତ ବର୍ଷ ମଧ ଆଉ ଏକ ମରୁଡିର ସମ୍ମୁଖୀନ ହେବାକୁ ଯାଉଛି। ଭରୁଆପାଲି, ବାହାବଲ, କାନୁଟ ପଞ୍ଚାୟତରେ ଅବସ୍ଥା ଏକଦମ ସଙ୍ଗୀନ ହୋଇଛି। ବର୍ଷାଭାବ ଯୋଗୁଁ ଚାଷଜମି ସବୁ ପଡିଆ ପଡଛି। ଏହି ସବୁ ପଞ୍ଚାୟତ ଅଧୀନ ସାଗୁନଭାଡି, ସୁଆଁବାହାଲ, ମୁରିବାହାଲ, ଭରୁଆପାଲି ଆଦି ଗ୍ରାମ ମାନଙ୍କର ବାହାଲି ଜମି. ବେର୍ଣ୍ଣାରେ କରାଯାଇଥିବା ଧାନଚାଷକୁ ଅନାବାନ ଘାସ ମାଡି ବସିଲାଣି। ପାଣି ଅଭାବରୁ ଘାସ ବଛାଯାଇ ପାରୁନାହିଁ। ବାହାଲି ଜମିମାନଙ୍କରେ ପହ୍ଳା କିଆରିରେ ବୁଡାହୋଇ ହଳିଦିଆ ପଡିଗଲାଣି। କାଁଭାଁ କିଛି ଖାଲୁଆ ଜମିରେ ରୁଆ ହୋଇଥିବା ଧାନଗଛ ବର୍ଷା ଅଭାବରୁ ଉଠି ପାରୁନାହିଁ। ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଗଭୀର ନଳକୂପର ପାଣି ମଧ୍ୟ ସମୁଦ୍ରକୁ ଶଙ୍ଖେ ଭଳି ହେଉଛି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପରିସ୍ଥିତି ଏପରି ଥିବା ବେଳେ ଗତବର୍ଷର ଚାଷବୀମା ଟଙ୍କା ବର୍ତ୍ତମାନ ସୁଦ୍ଧା ଚାଷୀମାନେ ପାଇ ନାହାନ୍ତି। ଏହି ସମସ୍ତ ବିଷୟକୁ ନେଇ ଗତ ରବିବାର କାନୁଟଠାରେ ଉପରୋକ୍ତ ୩ ପଞ୍ଚାୟତର ଚାଷୀ ଏକାଠି ହୋଇଥିଲେ। କ୍ରମାଗତ ମରୁଡିକୁ ନେଇ ସେମାନେ ଚିନ୍ତା ପ୍ରକଟ କରିଥିଲେ। ପରିସ୍ଥିତି ଅନୁଧ୍ୟାନ କରି ସରକାରୀ ସୁବିଧା ସୁଯୋଗ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩୫୦ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଡାକଯୋଗେ ପଠାଇଥିଲେ । ଆସନ୍ତା ୧୫ଦିନ ମଧ୍ୟରେ ପ୍ରଶାସନ ମରୁଡି ସ୍ଥିତି ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ନଦେଲେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ଏହି ଅବସରରେ ସେମାନେ ଚେତାବନୀ ଦେଇଥିଲେ। ବୈଠକରେ ଚାଷୀ ଯୁଗଳ କିଶୋର ମେହେର, ପ୍ରଶାନ୍ତ ସାହୁ, ଜିତେନ୍ଦ୍ର କୁମାର ଦାସ, ଗୋବର୍ଦ୍ଧନ ବେହେରା, ମହେନ୍ଦ୍ର ସେଠ, ଅମୀର ପଧାନ, ନବଘନ ଷାଣ୍ଡ, ସରୋଜ ସାହୁ, ଦୟାମୟ ପଧାନ, ବିଭୀଷଣ ପୂଝାରୀ, ଲିଙ୍ଗରାଜ ସାହୁ, ସଭ୍ୟ ବେହେରା, କୁଞ୍ଜବନ ମେହେରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ବିଏଏମ୍‌ଏସ୍ ପରୀକ୍ଷାରେ ବଲାଙ୍ଗୀର ଆୟୁର୍ବେଦ କଲେଜ ଛାତ୍ରୀ ପ୍ରଥମ

ବଲାଙ୍ଗୀର ଅଫିସ, ୧୨।୯



କୃତୀ ଛାତ୍ରୀ ସୁଶ୍ରୀ ପ୍ରିୟାଞ୍ଜୁ ତ୍ରିପାଠୀ ।

ବିଏଏମ୍‌ଏସ୍ ପରୀକ୍ଷାରେ ବଲାଙ୍ଗୀର ଆୟୁର୍ବେଦ କଲେଜ ଛାତ୍ରୀ ସୁଶ୍ରୀ ପ୍ରିୟାଞ୍ଜୁ ତ୍ରିପାଠୀ ୮୪୪ ମାର୍କ ରଖି କୃତିତ୍ୱର ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛନ୍ତି । ୨୦୧୭–୧୮ ଶିକ୍ଷାବର୍ଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିଚାଳନା କରିଥିବା ଅନ୍ତିମ ବିଏଏମ୍‌ଏସ୍ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ବରଗଡ ଜିଲା ପାଇକମାଲସ୍ଥିତ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ସର୍ବମୋଟ ୫୮ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୫୨ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ପରୀକ୍ଷାରେ ବଲାଙ୍ଗୀର ଆୟୁର୍ବେଦ କଲେଜ ଛାତ୍ରୀ ତ୍ରିପାଠୀ ୮୪୪ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିବା ପରେ ବଲାଙ୍ଗୀରରେ ଖୁସିର ଲହରି ଖେଳିଯାଇଛି । କୃତୀ ଛାତ୍ରୀ ତ୍ରିପାଠୀ ବଲାଙ୍ଗୀର ରାମେଶ୍ୱରନଗର ନିବାସୀ ବିଭୁମାନସ ପ୍ରସାଦ ତ୍ରିପାଠୀ ଏବଂ ଝରଣା ପାଢ଼ୀଙ୍କ ସୁପୁତ୍ରୀ ଅଟନ୍ତି। ଏହି କୃତିତ୍ୱ ପାଇଁ ସୁଶ୍ରୀ ତ୍ରିପାଠୀଙ୍କୁ ଆୟୁର୍ବେଦ କଲେଜ ଅଧକ୍ଷ ଡା. ସୁରେନ୍ଦ୍ର କୁମାରେ ପଟେଲ, ଏକାଡେମିକ୍ ଇନ୍ଚାର୍ଜ ଡା ସୁଶୀଳ କୁମାର ମେହେର ଶୁଭେଚ୍ଛା ଜଣାଇଛନ୍ତି।

# କୋଶଲୀ ଦଶାବତାର ମଞ୍ଚସ୍ଥ

## ମାଟି ସଂସ୍କୃତିର ଅଭିବୃଦ୍ଧି ପ୍ରୟାସ ସ୍ୱାଗତଯୋଗ୍ୟ

ବଲାଙ୍ଗୀର ଅଫିସ, ୧୨।୯



କୋଶଲୀ ଦଶାବତାର କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ସମଗ୍ର କୋଶଲାଞ୍ଚଳରେ ବସବାସ କରୁଥିବା ଭାରତର ମୂଳ ଆଦିବାସୀମାନଙ୍କ କଳା, ସଂସ୍କୃତି, ଲୋକନୃତ୍ୟ, ଲୋକଗୀତ ଓ ଲୋକଚେନତାର ମହାନ ପରମ୍ପରାକୁ ଏକ ଭିନ୍ନ କଳାତ୍ମକ କୌଶଳରେ କୋଶଲୀ ଦଶବତାର ନାମରେ ବୁଧବାର ସ୍ଥାନୀୟ ଟାଉନ୍ ହଲରେ ପରିବେଷଣ କରାଯାଇଥିଲା । ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କୋଶଲୀ ଦଶାବତାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା, ସମଧ୍ୱନିର ସମ୍ପାଦିକା ସ୍ୱୟଂପ୍ରଭା ପାଢ଼ୀ ଓ ନାଟ୍ୟକାର ଗଦାଧର ବାରିକ ଯୋଗଦାନ କରିଥିଲେ । ରାଜୀବ ଲୋଚନ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ଅନୁଷ୍ଠିତ କୋଶଲୀ ଦଶାବତାର କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ଜିଲାପାଳ ଡାକୁଆ ତାଙ୍କ ବକ୍ତବ୍ୟରେ ମାଟି, ଲୋକ ସଂସ୍କୃତିର ଅଭିବୃଦ୍ଧି ପାଇଁ ଯେଉଁ ପଦକ୍ଷେପ ନିଆଯାଉଛି ତାହା ସ୍ୱାଗତଯୋଗ୍ୟ ଓ ଏହା ଦ୍ୱାରା କଳାସଂସ୍କୃତିର ବିକାଶ ହେବା ସହ ସମାଜରେ ସାଂସ୍କୃତିକ ଜାଗରଣ ସୃଷ୍ଟି ହେବ ବୋଲି କହିଥିଲେ । ପଦ୍ମଶ୍ରୀ ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ କୋଶଲାଞ୍ଚଳର ଗୀତ, ନୃତ୍ୟ ଓ ସଙ୍ଗୀତର ସ୍ୱାତନ୍ତ୍ର ବିଶ୍ୱବିଦିତ କହି କୋଶଲୀ ଦଶାବତାରର ଯେଉଁ ଅଭିନବ ପରିକଳ୍ପନା କରାଯାଇଛି ତାହା ବାସ୍ତବିକ ପ୍ରଶଂସାଯୋଗ୍ୟ ବୋଲି କହିଥିଲେ । ଅନ୍ୟତମ ଅତିଥି ପାଢ଼ୀ ଯେକୌଣସି ଅଞ୍ଚଳର କଳା ଓ ସଂସ୍କୃତି ମହାନ ଓ ଏହାର ଉନ୍ନତି ଘଟିଲେ ସମଗ୍ର ଓଡିଶାର ସାଂସ୍କୃତିକ ଅଭିବୃଦ୍ଧି ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ବାରିକ ଲୋକକଳା ଓ ଲୋକସଂସ୍କୃତିର ଶାସ୍ତ୍ରୀୟତା ପାଇଁ ଯେଉଁ ଉଦ୍ୟମ କରାଯାଇଛି ତାହା ସ୍ୱାଗତଯୋଗ୍ୟ ବୋଲି କହିଥିଲେ । କଳା ସଂଗଠନ ବାସୁଦେବ ସା କାର୍ଯ୍ୟକ୍ରମ ଆୟୋଜନ ଓ ପରିବେଷଣରେ ବିଶେଷ ଭୂମିକା ନିର୍ବାହ କରିଥିଲେ । ଦଶାବତାର କଥାବସ୍ତୁ ସହ ଲୋକକଥା ଓ ସଂସ୍କୃତିର ସମନ୍ୱୟ ରକ୍ଷା କରି ଏହାକୁ ଶାସ୍ତ୍ରୀୟ ଶୈଳୀରେ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । କୋଶଲୀ ଦଶାବତାରର ପରିକଳ୍ପନା, ରଚନା, ସଙ୍ଗୀତ, ନୃତ୍ୟ ସଂଯୋଜନା, ନିର୍ଦ୍ଦେଶନା ପଣ୍ଡିତ ଗୁରୁଶ୍ରୀ ଡ. ମିଶ୍ର ଦେଇଥିବାବେଳେ ସହ ନିର୍ଦ୍ଦେଶନା ବିଦ୍ୟାବାଗେଶ୍ରୀ ମିଶ୍ର, ସଞ୍ଚାଳନ ଶତାବ୍ଦୀ ନିର୍ଣ୍ଣୟା ନନ୍ଦ କରିଛନ୍ତି । ବାଦ୍ୟଯନ୍ତ୍ରରେ ମୁରଲୀ ମହାମଲ୍ଲିକ (ଟଙ୍କ) ଓ ହୃଷିକେଶ କୁମ୍ଭାର ସହଯୋଗ କରିଥିଲେ । ନୃତ୍ୟାଂଶରେ ବିଦ୍ୟାବାଗେଶ୍ରୀ ମିଶ୍ର, ଶତାବ୍ଦୀ ନିର୍ଣ୍ଣୟା ନନ୍ଦ, ସ୍ନେହା ପ୍ରତ୍ୟାଶା ନନ୍ଦ, ଉର୍ମି ସାହୁ, ଗାୟତ୍ରୀ ସାହୁ ଓ ରୂପାଲି ଭ୍ୟାସ ତଥା ଶିଶୁ କଳାକାର ରାଧାରାଣୀ ମିଶ୍ର, ଆଦ୍ରିଜା ମିଶ୍ର, ସ୍ୱର୍ଣ୍ଣିକା ମିଶ୍ର, ଶ୍ରୁତି ପିପାଶା ନନ୍ଦ, ପରିଧି ଅଗ୍ରୱାଲ, ଶ୍ରିଷ୍ଟି ସାହୁ ଭାଗନେଇଥିଲେ । ବିସମିଲ୍ଲା ଖାଁ ପୁରସ୍କାରପ୍ରାପ୍ତ ତଥା ପ୍ରଚ୍ଛଦପଟ୍ଟ ଗାୟକ ସର୍ବେଶ୍ୱର ଭୋଇ, ସୋନୁ ଭୋଇ ଓ ସୁଦାମ ବିଶି, ଅଧାପିକା ରେଶ୍ମାରାଣୀ ଦାସ, ଜ୍ୟୋତି ମିଶ୍ର ଓ ଶିଶୁ କଣ୍ଠଶିଳ୍ପୀ ଶ୍ରୀୟା ପଟେଲ ଏଥିରେ କଣ୍ଠ ଦାନ କରିଥିଲେ । ଶେଷରେ ଡା. ଲଳିତ ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶତାଧିକ ଦର୍ଶକ, ବୁଦ୍ଧିଜୀବୀ ଓ କଳାପ୍ରେମୀ ଉପଭୋଗ କରିଥିଲେ ।

### ଦିନକ ପରେ ଗଣପର୍ବ ନୂଆଁଖାଇ

# ଦାଦନ ବଇନା ଦେବାକୁ ଦଲାଲ ସକ୍ରିୟ

ଖପ୍ରାଖୋଲ,୧୨।୯(ଡି.ଏନ.ଏ.)



ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୁଆଁଖାଇ। ଗାଁରୁ ସହର ସବୁଠି ନୁଆଁଖାଇ ପାଳିବା ପାଇଁ ପ୍ରାକ୍ ପ୍ରସ୍ତୁତି। ଦେଶ ଦେଶାନ୍ତରରୁ ନୂଆଁଖାଇବାକୁ ଆସୁଥିବା ପ୍ରବାସୀମାନଙ୍କର ଘର ଲେଉଟାଣି ବେଳା। ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଦୋକାନ ବଜାର ଭିଡ। ଚଳଚଞ୍ଚଳ ପଶ୍ଚିମଓଡିଶା, ସବୁଠି ଚାଲିଛି କିଣାବିକାର ହାଟ। ହେଲେ ଏହା ଭିତରେ ଦାଦନ ଯିବା ପାଇଁ ଶ୍ରମିକମାନେ ମଧ୍ୟ ଦଲାଲମାନଙ୍କ ପାଖରେ ବଏନା ନେବାକୁ ଭିଡ ଜମାଉଛନ୍ତି। ଦଲାଲମାନେ ମଧ୍ୟ ଇଟା କାମ ପାଇଁ ବାହାର ରାଜ୍ୟକୁ ନେବା ପାଇଁ ଗାଁଗାଁ ବୁଲି ଯୋଗାଡ କରୁଛନ୍ତି ଶ୍ରମିକ ତ ପୁଣି ଦେଉଛନ୍ତି ଅଗ୍ରିମ ବା ବଇନା । ଏହି ଅଗ୍ରିମ ଟଙ୍କା ଶ୍ରମିକମାନେ ନେଲା ପରେ ଏକ ପ୍ରକାରର ନିର୍ଦ୍ଦିଷ୍ଟ ଦଲାଲ ପାଖରେ ଦାଦନ ଯିବାକୁ ବାଧ୍ୟ । ନିଜ ଭିଟା ମାଟିରେ ଆବଶ୍ୟକ ମୁତାବକ କାମ ମିଳୁ ନ ଥିବାବେଳେ ପ୍ରତିବର୍ଷ ହଜାର ହଜାର ପରିବାର ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରୁ ଇଟା କାମ ପାଇଁ ସୁଦୂର ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ ପ୍ରମୁଖ ରାଜ୍ୟକୁ ଯାଇଥାନ୍ତି। ସେଠାରେ ଅସ୍ୱାସ୍ଥ୍ୟକର ପରିବେଶରେ ପରିବାରର ସ୍ତ୍ରୀ ପିଲାଙ୍କ ସହ ରହିବା ସହ ରାତିଦିନ କାମ କରିଥାନ୍ତି। ସରକାର ତରଫରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପରି ଦରିଦ୍ର୍ୟଦୂରୀକରଣ କାର୍ଯ୍ୟକ୍ରମ ଦାଦନ ରୋକିବାକୁ କାର୍ଯ୍ୟକାରୀ ହେଉଛି । ହେଲେ ଠିକ୍ ସମୟରେ କାମ ନ ମିଳିବା, କାମ କଲେ ମଧ୍ୟ ଠିକ୍ ସମୟରେ ମଜୁରି ନ ମିଳିବା ଭଳି ସମସ୍ୟା ଦେଖାଦେଉଥିବାରୁ ଏହି ଯୋଜନାଠାରୁ ମୁହଁ ବୁଲାଉଛନ୍ତି ଶ୍ରମିକ । ସମସ୍ୟା ଭିତରେ ଶୋଷଣର ଶିକାର ହେଲେ ବି ଅଗ୍ରିମ ଟଙ୍କା ମିଳୁଥିବାରୁ ଶ୍ରମିକ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଦାଦନ ଯିବା ପାଇଁ ଶ୍ରମ ବିଭାଗ ତରଫରୁ ସ୍ୱତନ୍ତ୍ର ନିୟମ ରହିଛି। ଶ୍ରମିକମାନେ ପଞ୍ଜୀକୃତ ଦଲାଲ ବା ମଧ୍ୟସ୍ତି ମାଧ୍ୟମରେ କାମ କରିବାକୁ ଯିବାକୁ ଶ୍ରମ ବିଭାଗ ନିୟମ କରିଥିଲେ ବି ବେଆଇନ ଦାଦନ ଚାଲାଣ ପାଟଣାଗଡ, ଖପ୍ରାଖୋଲ, ବେଲପଡା, ତୁରେକେଲା, ମୁରିବାହାଲ ବ୍ଲକ ଭଳି ମରୁଡି ପ୍ରବଣ ଅବହେଳିତ ଅଞ୍ଚଳରେ ପ୍ରତି ବର୍ଷ ଦେଖିବାକୁ ମିଳିଛି । ଶ୍ରମିକଙ୍କୁ ସଚେତନତା ଏବଂ ଭିଟା ମାଟିରେ ଆତ୍ମ ନିଯୁକ୍ତି ଦେବା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଅନେକ ବେସରକାରୀ ଅନୁଷ୍ଠାନ ମଧ୍ୟ ଶ୍ରମିକଙ୍କ ପାଇଁ ଏହି ଅଞ୍ଚଳରେ କାମ କରୁଛନ୍ତି। ହେଲେ ଅସୁରକ୍ଷିତ ଦାଦନ ପାଇଁ ନାଁ ହୋଇପାରୁଛି ଉପଯୁକ୍ତ ସଚେତନତା, ନାଁ ବନ୍ଦ ହେଉଛି ଦାଦନ ସମସ୍ୟା । ସୂଚନା ଅନୁସାରେ ଗତବର୍ଷ ଶ୍ରମ ବିଭାଗ ଏବଂ ପ୍ରଶାସନ ତରଫରୁ ଗାଁ ଗାଁରେ ବୁଲି ଦାଦନ ପଞ୍ଜୀକରଣ ପାଇଁ କାମ କରାଯାଇଥିଲେ ବି ଶ୍ରମିକ ମାନଙ୍କୁ କାର୍ଡ ଦିଆଯାଇ ନ ଥିବା ଅଭିଯୋଗ ହେଉଛି । ଏ ନେଇ ଜିଲା ଶ୍ରମ ଅଧିକାରୀ ଫୋନରେ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇପାରି ନ ଥିଲା । ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲାଙ୍କୁ ପଚାରିବାରୁ ଶ୍ରମିକ ଯଦି ପଞ୍ଜୀକରଣ କରି ପ୍ରମାଣପତ୍ର ପାଇ ନାହିଁ ତେବେ ଶ୍ରମ ବିଭାଗ ସହ ଯୋଗାଯୋଗ କଲେ ପ୍ରମାଣପତ୍ର ଦେବା ବ୍ୟବସ୍ଥା କରାଯିବ । ସେହିପରି ଭିଟାମାଟିରେ ଶ୍ରମିକମାନଙ୍କୁ କାମ ଯୋଗାଯିବା ସହ ବେଆଇନ ଦାଦନ ଚାଲାଣ ନିୟନ୍ତ୍ରଣ ପାଇଁ ପ୍ରଶାସନ ପଦକ୍ଷେପ ନେବ ବୋଲି କହିଛନ୍ତି।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ଼େଲ / ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଡ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୫ / ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୩ / କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୧୩ / ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା / ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/ ୦୫୫୪୦୩୧୭୧୨୦୦୦୧୧ / ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣ୍ଡାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଚ୍ଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୧୦୦୦୧୮ / ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଚ୍ଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଚ୍ଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଚ୍ଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୪୯ / ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଚ୍ଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଚ୍ଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଚ୍ଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୫୨ / ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଚ୍ଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଚ୍ଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୧୧୭୧୨୦୦୦୪ / ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୧୫ / ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୩୦ / ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୨୬ / କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ** ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୧୨.୦୯.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### କବରସ୍ଥାନ ଜମିରେ ଜବରଦଖଲକୁ ନେଇ ଉତ୍ତେଜନା

**ସୁନ୍ଦରଗଡ,୧୨।୯(ଡି.ଏନ୍.ଏ.)**-ସୁନ୍ଦରଗଡ ସହରର ମିଶନ ରୋଡ୍ ନିକଟରେ ଥିବା କବରସ୍ଥାନ ଜମିରେ କେତେକ ଲୋକ ଜବରଦଖଲ କରି ରହିଆସୁଛନ୍ତି। ଏଥିରୁ ୪ଟି ପରିବାରର ଘରକୁ ମଙ୍ଗଳବାର ସନ୍ଧ୍ୟାରେ କେତେକ ବ୍ୟକ୍ତି ନିଆଁ ଲଗାଇ ଦେଇଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଟାଉନ ଥାନା ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ପୋଲିସ ଏହି ଘଟଣାରେ ୮ଜଣଙ୍କୁ ଟାଉନ ଥାନାରେ ଅଟକ ରଖିଥିଲା, ହେଲେ ବୁଧବାର ଛାଡି ଦେଇଛି। ପୋଲିସର କହିବା ଅନୁସାରେ ଏହି ୮ ଜଣ ବ୍ୟକ୍ତି ନିଆଁ ଲଗାଇଥିବା ପ୍ରମାଣ ମିଳୁ ନାହିଁ। ଏଣୁ ସେମାନଙ୍କୁ ଛାଡି ଦିଆଯାଇଛି। ତେବେ ଉଭୟପକ୍ଷର ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।

### ଅବକାରୀ ଚଢ଼ାଉ

**ବଡଗାଁ,୧୨।୯(ଡି.ଏନ.ଏ)**-ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଆଲୁଡେଗା, ଭୋଇପାଲି, ଚଳନାମୁଣ୍ଡା, ସିଆଁମାଲ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଘରୁ ଦେଶୀ ମଦ ଓ ନଦୀତଟରେ ମଦ ତିଆରି ପାଇଁ ରଖାଯାଇଥିବା ୪ଶହ କେଜି ପୋଚ ବଡଗାଁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଛି । ସୂଚନାଯୋଗ୍ୟ, ଜିଲା ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶକ୍ରମେ ବଡଗାଁ ଅବକାରୀ ଅଧିକାରୀ ଦୋଳଗୋବିନ୍ଦ ପଣ୍ଡା ସଦଳବଳ ଚଢ଼ାଉ କରିଥିଲେ । ସିଆଁମାଲ ଗ୍ରାମ ନିକଟ ନାଳ ପାର୍ଶ୍ୱରେ ମଦ ରନ୍ଧା ପାଇଁ ରଖାଯାଇଥିବା ୪ଶହ କେଜି ମହୁଲ ପୋଚ ନଷ୍ଟ କରିଦେଇଛନ୍ତି। ଏହାପରେ ଚଳନାମୁଣ୍ଡା ଗ୍ରାମର ଗୌତମ ଡନସନା, ଆଲୁଡେଗା ଗ୍ରାମର ଟିକେଶ୍ୱର ସୁନ୍ୟାନୀଙ୍କ ଘରୁ ଓ ସିଆଁମାଲ ଗ୍ରାମ ନାଳ ପାର୍ଶ୍ୱରେ ମୋଟ ୨୦ ଲିଟର ଦେଶୀ ମଦ ଜବତ କରି ମାମଲା ରୁଜୁ କରାଯାଇଛି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ଟେନସା,୧୨।୯(ଡି.ଏନ.ଏ.)**-ସୁନ୍ଦରଗଡ ଜିଲା କୋଇଡା ୨୧୫ନମ୍ବର ଜାତୀୟ ରାଜପଥର ଏରିୟନ୍ ଗେଟ ନିକଟରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଶିବାଜୀ ଚରଣ ପାତ୍ର(୩୫) ବୋଲି ଜଣାପଡ଼ିଛି। ଶିବାଜୀ କୋଇଡାରେ ରହି ଏରିୟନ ମାଇନିଂ ଆଣ୍ଡ ଟ୍ରେଡିଂ ଖଣିରେ ଠିକାଦାର ତ୍ରିବେଣୀ ଆର୍ଥ ମୁଭର୍ସ ପାଖରେ କାମ କରୁଥିଲେ । ଗତ ଶନିବାର ସନ୍ଧ୍ୟାରେ କାମ କରି ଘରକୁ ଫେରୁଥିବାବେଳେ (ଓଆର୍ ୧୪ ଏମ- ୭୭୧୮) ନମ୍ବର ଥିବା ଏକ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ । ଖବରପାଇ ତ୍ରିବେଣୀ କର୍ତ୍ତୃପକ୍ଷ ତୁରନ୍ତ ନିକଟସ୍ଥ ନିଜର ଗୁଆଲିରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ । କାଲଟା- ବଡବିଲ ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ପହଞ୍ଚିବା ବିଳମ୍ବ ହୋଇଥିଲା। ଶିବାଜୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାରୁ ଗୁଆଲି ଡାକ୍ତର ଯୋଡାସ୍ଥିତ ଟାଟା ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଚିକିତ୍ସା ଚାଲିଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାଶ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ତ୍ରିବେଣୀ ଆର୍ଥ ମୁଭର୍ସରେ ଶିବାଜୀ କାମ କରୁଥିବାରୁ ତ୍ରିବେଣୀ କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦରେ ୧୫ ଲକ୍ଷ ଟଙ୍କା ଦେବା ସହ ଶବ ସତ୍କାର ପାଇଁ ୨୫ହଜାର ଟଙ୍କା ଦେଇଛି ।

# ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

**ନୂଆଗାଁ,୧୨।୯(ଡି.ଏନ୍.ଏ.)**



ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତ, କଫ ପରୀକ୍ଷା କେନ୍ଦ୍ରରେ ତାଲା ଝୁଲୁଛି।

- ୨ମାସ ହେବ ରକ୍ତ ପରୀକ୍ଷା ଓ ଯକ୍ଷ୍ମା ବିଭାଗ ବନ୍ଦ
- ଟେକ୍ନିସିଆନଙ୍କୁ ବେଆଇନ ବଦଳି
- ତଦନ୍ତ ଦାବି କଲେ ବିଜେଡି ନେତା
- ସିଡିଏମ୍ଓ କହିଲେ ନିଯୁକ୍ତି ଖୁବଶୀଘ୍ର, ତଦନ୍ତ ହେବ

ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ହେବ ଲ୍ୟାବ୍ ଟେକ୍ନିସିଆନ ନାହାନ୍ତି। ଫଳରେ ଲୋକେ ରକ୍ତ ଓ କଫ ପରୀକ୍ଷା କରି ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ସୁନ୍ଦରଗଡ଼ ଜିଲା ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଅବ୍ୟବସ୍ଥା ଲାଗି ରହିଛି। ନୂଆଗାଁ ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ଏହି ଏକମାତ୍ର ମେଡିକାଲରେ ରକ୍ତ ଓ କଫ ପରୀକ୍ଷା ସୁବିଧା ରହିଛି। ଏପରିସ୍ଥଳେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଉକ୍ତ ବିଭାଗ ବନ୍ଦ ରହିଛି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଜିଲାପାଳଙ୍କ ଜନଶୁଣାଣି ଶିବିରଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଛି। ହେଲେ ପଦକ୍ଷେପ ଶୂନ। ଡାକ୍ତରଖାନା ରକ୍ତ ଓ କଫ ପରୀକ୍ଷାଗାରରେ କାର୍ଯ୍ୟରତ ଏକମାତ୍ର ଟେକ୍ନିସିଆନ ଗୋବିନ୍ଦ ଚନ୍ଦ୍ର ଗାହାଣଙ୍କୁ ରିଲିଭ୍ କରି ଦିଆଯାଇ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗାହାଣଙ୍କ ରିଲିଭ୍ ବେଆଇନ ବୋଲି ଅଭିଯୋଗ ହୋଇଛି। ତାଙ୍କ ବଦଳି ୨୦୧୭ ଜୁନ ୧୨ରେ ହୋଇଥିଲା। ହେଲେ ନୂଆଗାଁ ଏକ ଯକ୍ଷ୍ମା ଓ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ତଥା ଗ୍ରାମବାସୀଙ୍କ ଅନୁରୋଧ ରକ୍ଷାକରି ତତ୍କାଳୀନ ଜିଲାପାଳ ଗାହାଣଙ୍କୁ ରିଲିଭ୍ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ଷକ ପରେ ଗତ ଜୁନ ୩୦ରେ ହଠାତ୍ ହାତୀବାରି ମେଡିକାଲ ଅଫିସରଙ୍କ ଚିଠି ନଂ. ୩୦୫/୩୦।୬।୨୦୧୮ ଅନୁଯାୟୀ ତାଙ୍କୁ ରିଲିଭ୍ କରି ଦିଆଗଲା। ଯାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ ହୋଇଛି। ସିଡିଏମ୍ଓ ଡା. ଦିଲୀପ କୁମାର ଷଡ଼ଙ୍ଗୀଙ୍କ କହିବାନୁଯାୟୀ କୌଣସି ସରକାରୀ ବଦଳି ନିର୍ଦ୍ଦେଶନାମାର ବୈଧତା ୬ମାସ। ଏପରିସ୍ଥଳେ ବଦଳିର ବର୍ଷକ ପରେ ଗାହାଣଙ୍କୁ କିପରି ହାତୀବାରି ମେଡିକାଲ ଅଫିସର ରିଲିଭ୍ କଲେ ତାହାର ବିଧିବଦ୍ଧ ତଦନ୍ତ କରାଯିବାକୁ ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗମ୍ବର ଦାସ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ମେଡିକାଲରେ ତୁରନ୍ତ ଟେକ୍ନିସିଆନ ନିଯୁକ୍ତି ସାଙ୍ଗକୁ ଆବଶ୍ୟକ ଡାକ୍ତର ଯୋଗାଇ ଦେବାକୁ ମଧ୍ୟ ସେ ଦାବି କରିଛନ୍ତି। ଏ ବିଷୟରେ ସିଡିଏମ୍ଓ କହିଲେ, ଟେକ୍ନିସିଆନ ନିଯୁକ୍ତି ଦିଆଯିବା ଉପରେ ବିଚାର କରାଯାଉଛି। ବେଆଇନ ରିଲିଭ୍ ଅଭିଯୋଗର ତଦନ୍ତ କରାଯିବ ବୋଲି ଡା. ଷଡ଼ଙ୍ଗୀ କହିଛନ୍ତି।

## ସବ୍‌ଡେଗା ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା

**ସବଡେଗା,୧୨।୯ (ଡି.ଏନ.ଏ)**

ସବଡେଗା ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାରିବିରା ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି । ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଏହି କ୍ରୀଡା ପ୍ରତିଯୋଗୀତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଉଭୟ ଛାତ୍ରୀ ମଏବଂ ଛାତ୍ରମାନଙ୍କର କବାଡି, ଖୋଖୋ, ଫୁଟବଲ, ହକି ଏବଂ ଧନୁତୀର ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ବ୍ଲକର ୧୦ଟି କ୍ଲଷ୍ଟରରୁ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୩୫୦ ଜଣ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଖେଳ ଶିକ୍ଷକ ତାରାଚାନ୍ଦ ପଟେଲ, ମମତା ପଟେଲ, ସୋମନାଥ ଖଣ୍ଡା, ଅଶ୍ୱିନୀ ପ୍ରଧାନ, ଫୁଲଜେନସିଆ ଲାକ୍ରା, ସୁଚିତା ଏକ୍କା, ପ୍ରଭାକର ବରିକ, ଦାମୋଦର ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ସିଆରସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତି, ସୁଜାମା ମାଝୀ, ସୁରେଶ ପୃଷେଟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ବ୍ଲକଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ଯୋଗଦେଇ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଅନ୍ୟ ସମସ୍ତ ଅଂଶ ଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କୁ ସଫଳତା ପାଇବା ପାଇଁ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲେ । ବ୍ଲକସ୍ତରରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ଏଣୁ ସେଥିପାଇଁ ପ୍ରସ୍ତୁତ ହେବାକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା ସୂଚନା ଦେଇଥିଲେ । ଜିଲାସ୍ତରୀୟ କବାଡି ପ୍ରତିଯୋଗୀତା ସେପ୍ଟେମ୍ବର ୧୭ ତରିଖ ଦିନ ଟିପିଏସ ହାଇସ୍କୁଲ ବନ୍ଧପାଲିଠାରେ ଅନୁଷ୍ଠିତ ହେବ ଏବଂ ଏଥିରେ ଏହି କୃତୀ ପ୍ରତିଯୋଗୀମାନେ ଅଂଶ କରିବେ ବୋଲି ଜଣାପଡିଛି । ପରିଶେଷରେ ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣିପଡା,୧୨।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣିପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣିପଡା ବ୍ଲକ ଅଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ନରହରି କିଶାନ, ଖୁଣ୍ଟଗାଁ ସରପଞ୍ଚ ଅଜୟ ନାଏକ ଏବଂ ମୁଖ୍ୟବକ୍ତାଭାବେ ଜିଲା କ୍ରୀଡା ଅଧିକରୀ ବିଦ୍ୟାଧର ପ୍ରଧାନ ଯୋଗଦେଇଥିଲେ। ଏଥିରେ ବିଇଓ ଆହ୍ଲାଦିନ ନାଏକ ଅଧକ୍ଷତା କରିଥିଲେ । ପ୍ରାରମ୍ଭରେ ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ନେତ୍ରାନନ୍ଦ ମାହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବାଡି ଖୋଖୋ, ଫୁଟବଲ ପ୍ରତିଯୋଗତିତା ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଉଦ୍‌ଘାଟନୀ ଉତ୍ସବରେ ମୋଟ ୩୬ଟି ବିଦ୍ୟାଳୟରୁ ଶହେରୁ ଊର୍ଦ୍ଧ୍ୱଛାତ୍ରୀଛାତ୍ର ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ମିଶ୍ର, ଜୀବନ ମାହାନ୍ତ, ନିରଞ୍ଜନ ସାହୁ ପ୍ରମୁଖ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଞ୍ଚାସୀନ ଥିବାବେଳେ ସିଆରସିସି ଛନ୍ଦାଚରଣ ସାହୁ, ଜୟଦେବ ମାହାନ୍ତ, ସରୋଜ ସେଠ, ରମେଶଚନ୍ଦ୍ର ମାହାନ୍ତ, ଦୁର୍ପେଶ୍ୱର କିଷାନ, ଅକ୍ଷୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାକୁଳ ସମେତସମସ୍ତ ସିଆରସିସି ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସହକାରୀ ଶିକ୍ଷକମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ଏବଂ ଖେଳଶିକ୍ଷକମାନେ କ୍ରୀଡା ପରିଚାଳନା କରିଥିଲେ ।

# ରାସ୍ତାକଡ଼ ଅସହାୟଙ୍କୁ ସାହା ହେଉ ଆର୍‌ଏମ୍‌ସି

**ରାଉରକେଲା ଅଫିସ,୧୨। ୯**

ଷ୍ଟିଲସିଟିକୁ ସରକାର ମହାନଗର ଓ ସ୍ମାର୍ଟ ସିଟି ମାନ୍ୟତା ପ୍ରଦାନ କରିଛନ୍ତି। ଏଭଳି ଏକ ସହରର ରାସ୍ତା ପାର୍ଶ୍ୱରେ ଦୈନ୍ୟଦିନ ଘୁରି ବୁଲୁଥିବା ଅସହାୟ ତଥା ମାନସିକ ବାଧିତଙ୍କ ସୁରକ୍ଷା ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ନାହିଁ ବୋଲି ଶାନ୍ତନୁ କୁସୁମ ଅଭିଯୋଗ କରିଛନ୍ତି। ଏହି ମର୍ମରେ ସେ ଏକ ଦାବି ପତ୍ର ମଙ୍ଗଳବାର ଆରଏମସି କମିଶନରଙ୍କୁ ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ସହରର ଅନେକ ଗଳି କନ୍ଦି ସମେତ ମୁଖ୍ୟ ରାସ୍ତାରେ ଅସହାୟ ବୃଦ୍ଧାବୃଦ୍ଧ ଘୁରି ବୁଲିବା ନଜରକୁ ଆସୁଛି। ମାନସିକ ବାଧିତ ଏହି ମହିଳା ବା ପୁରୁଷଙ୍କ ଦୟନୀୟ ପରିସ୍ଥିତି ପ୍ରତି ଦୃଷ୍ଟ ଦିଆଯାଉନି। ଏମାନେ ମାଗିଯାଚି ମିଳିଲେ ଖାଉଛନ୍ତି ନତୁବା କିଏ ଗଛ ମୂଳରେ ତ ଆଉ କିଏ ଫୁଟ ପାଥରେ ପଡି ରହୁଛନ୍ତି। ଖୋଲା ଆକାଶ ତଳେ ଏମାନଙ୍କ ଜୀବନ ବିତୁଛି। ଯାହା ଅତ୍ୟନ୍ତ ଅମାନବୀୟ ଘଟଣା। ଏମିତି କିଛି ହୃଦୟ ବିଦାରକ ଦୃଶ୍ୟ ସମସ୍ତଙ୍କୁ ଆନ୍ଦୋଳିତ କଲେ ମଧ୍ୟ ଏହାର ସମାଧାନ ନେଇ ବ୍ୟବସ୍ଥା କରାଯାଉନି। ଖରା, ବର୍ଷା ଓ ଶୀତ କାକରରେ ଏମିତି ଅନେକ ଜୀବନ ରାସ୍ତା କଡରେ ଝଡି ପଡୁଥିବା ବେଳେ କର୍ତ୍ତୃପକ୍ଷ ଏମାନଙ୍କ ପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି କୁସୁମ ବିବୃତ୍ତିରେ କହିଛନ୍ତି। ପ୍ରଗତି କ୍ଷେତ୍ରରେ ଆଗକୁ ବଢୁଥିବା ରାଉରକେଲା ସହରରେ ଏଭଳି ଅସହାୟଙ୍କ ସୁରକ୍ଷା ନେଇ ସରକାର କିମ୍ବା ଆରଏମସି ଯୋଜନା କରୁ। ସାମାଜିକ ପରିସ୍ଥିତି ଓ ପରିବେଶ ଏମାନଙ୍କ ପାଇଁ ପ୍ରତିକୂଳ ସାଜିଥିବା ଯୋଜନା ବି ଅପହଞ୍ଚ ପାଲଟିଛି। ଫଳରେ ଏମିତି ଲୋକଙ୍କ ସଂଖ୍ୟା ସହରରେ ଦିନକୁ ଦିନ ବଢିବାରେ ଲାଗିଛି। ଏ ନେଇ ରାଉରକେଲା ମହାନଗର ନିଗମ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଉ ବୋଲି କୁସୁମ ଦାବି କରିଛନ୍ତି।

# ରାସ୍ତାରେ ଧୂଳି: ପ୍ରତିବାଦରେ ରାସ୍ତାରୋକୋ

**ଲହୁଣିପଡା, ୧୨।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣିପଡା ବ୍ଲକ ଅନ୍ତର୍ଗତ ଗୁଡ଼ିଆଲିଠାରେ ବୁଧବାର ସନ୍ଧ୍ୟାରେ ଧୂଳି ଉଡିବା ପ୍ରତିବାଦରେ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଥିବା ବେଳେ ପାଣି ପକାଇବା ପ୍ରତିଶ୍ରୁତି ପାଇଲା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି । ରାଜାମୁଣ୍ଡା ବାଇପାସଠାରୁ ଲହୁଣିପଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଖାଲ ଖମାରେ ପରିପୂର୍ଣ୍ଣ ହୋଇ ବଡ ବଡ ଗାତ ସୃଷ୍ଟି ହୋଇଛି। ଯାହାକି ବର୍ଷା ସମୟରେ କାଦୁଅ ପାଣି ଜମି ଯିବା ସହ ପାଣି ଶୁଖିବାରେ ପ୍ରବଳ ଧୂଳି ଉଡି ଜନଜୀବନ ଅସ୍ତବ୍ୟସ୍ତ କରୁଛି। ପ୍ରବଳ ଧୂଳି ଉଡିବା ଯୋଗୁ ଘର ଭିତରକୁ ଧୂଳି ପଶି ସାଧାରଣରେ ନାହିଁ ନ ଥିବା ଅସୁବିଧା ହେଉଛି । ଧୂଳିରେ କିଛି ଦେଖା ନ ଯିବାରୁ ଅନେକ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି । ସେହିପରି ଏହି ରାସ୍ତା ପାର୍ଶ୍ୱରେ ବିଦ୍ୟାଳୟ ଥିବାରୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଗୁଡ଼ିଆଲି, ରାଜାମୁଣ୍ଡା, ମିଶ୍ରପାଲି ପ୍ରଭୃତିର ଲୋକମାନେ ଏକ ଲିଖିତ ଅଭିଯୋଗ ଉପଜିଲାପାଳଙ୍କୁ ପ୍ରଦାନ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସ୍ଥାନୀୟ ବାସୀନ୍ଦା ଗୁଡ଼ିଆଲି ଉଚ୍ଚ ବିଦ୍ୟାଳୟ ନିକଟରେ ସନ୍ଧ୍ୟାରେ ରାସ୍ତାରୋକୋ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା। ଖବରପାଇ ଲହୁଣିପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିବା ସହ ଆଲୋଚନା କରିଥିଲେ । ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଧୂଳି ନ ଉଡିବା ପାଇଁ ରାସ୍ତାରେ ପାଣି ସିଞ୍ଚନ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।


ଗୁଡ଼ିଆଲିଠାରେ ଗ୍ରାମବାସୀମାନେ ରାସ୍ତାରୋକୋ କରିଛନ୍ତି।

# ନୂଆଖାଇ ପାଇଁ ପ୍ରସ୍ତୁତି ବୈଠକ

**ସବଡେଗା,୧୨।୯(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗୋଟିଏ ଦିନ ପରେ ଆସୁଛି ନୂଆଖାଇ । ସେଥିପାଇଁ ସୁନ୍ଦରଗଡ ଜିଲା ସବଡେଗା ଗ୍ରାମରେ ୧୪ଟି ପଞ୍ଚାୟତର ସର୍ବଧର୍ମର ଲୋକଙ୍କୁ ନେଇ ସବଡେଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଥାଏ ନୂଆଖାଇ । ସେଥିପାଇଁ ସବଡେଗା ମଣ୍ଡପଠାରେ ଆୟୋଜିତ କରୁଥିବା ଯୁବକ ଓ କିଛି ବୟୋଜ୍ୟେଷ୍ଠଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଏକତ୍ରିତ ହୋଇ ନୂଆଖାଇବା ଓ ଗ୍ରାମର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ଗାମୁଛା ଖଣ୍ଡେ ଖଣ୍ଡେ କାନ୍ଧରେ ଦେଇ ତାଙ୍କୁ ସମ୍ମାନ କରିବା ସହ ଆର୍ଶୀବାଦ ନେବା ସାଙ୍ଗକୁ କିଛି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଗତବର୍ଷରୁ ପୁରା ଗ୍ରାମକୁ ଏକତ୍ରିତ କରି ଚଳାଇ ଆସୁଥିବା ଏହି ନୂଆଖାଇ କାର୍ଯ୍ୟକ୍ରମର ଆୟୋଜକ ଯୁବଗୋଷ୍ଠୀ ଅଞ୍ଚଳର ଅତି ପ୍ରଶଂସିତ ହୋଇଛନ୍ତି ।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ୭ଦଫା ଦାବିପତ୍ର



ଭାରପ୍ରାପ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ ଅବସରରେ।

**ଲେଫ୍ରିପଡା,୧୨।୯(ଡି.ଏନ.ଏ.)**

ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲେଫ୍ରିପଡା ଭାରପ୍ରାପ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାସଙ୍କ ଜରିଆରେ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଦାବି ଗୁଡ଼ିକ ମଧ୍ୟରେ ହେଲା ଯୋଗ୍ୟ ବିବେଚିତ ଦିନଠାରୁ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସର କାଳୀନ ସୁବିଧା ପ୍ରଦାନ କରାଯିବା, ଅନୁଦାନଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ କରାଯାଇ୨୦୧୮ଅନୁଦାନ ଆଇନରେ ୪୦,୬୦ ଓ ୭୫ଶତକଡା ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରାଯିବା, ଏବଂ ଶିକ୍ଷା କର୍ମଚାରୀଙ୍କର ବକେୟା ଦରମା ତୁରନ୍ତ ପ୍ରଦାନ କରାଯାଇ ଚାକିରି ସମୟକୁ ୬୨ବର୍ଷକୁ ବୃଦ୍ଧି କରାଯିବା ଭଳି ଦାବି ଅନ୍ତର୍ଭୁକ୍ତ ରହିଛି। ଏଥିରେ ଦେବେନ୍ଦ୍ର ଚୌଧୁରୀ, ଡ. ସୁରେଶ ଚନ୍ଦ୍ର ପାଣ୍ଡେ, ଅନୀଲ ପାଣିଗ୍ରାହୀ, ରାଜେଶ ପଟେଲ, ବିନାୟକ ଶେଖର ଦେଓ, ରାଧାକାନ୍ତ ନାଏକ, ଶ୍ୟାମସୁନ୍ଦର ପଟେଲ, ପ୍ରମୁଖ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଶିକ୍ଷୟିତ୍ରୀ ଶିକ୍ଷକ ଗଣ ଉପସ୍ଥିତ ରହିଥିଲେ।

# ବଡ଼ଗାଁ, କୁତ୍ରାରେ ମୁଁ ହିରୋ ମୁଁ ଓଡ଼ିଶା

**ବଡଗାଁ,୧୨।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁରେ ବୁଧବାର ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ମୁଁ ହିରୋ ମୁଁ ଓଡିଶା ରଥକୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଚୋକା ଓରାମ ଶୁଭାରମ୍ଭ କରିଥିଲେ। ବ୍ଲକର ୧୫ଟି ପଞ୍ଚାୟତରୁ ଆସିଥିବା ବିଜୁ ଯୁବ ବାହିନୀର ଶତାଧିକ କର୍ମୀ ରାଲିରେ ପଞ୍ଚାୟତ ସମିତି କଲେଜରେ ପହଞ୍ଚିଥିଲେ । ସେଠାରେ ଏବିଡିଓ ଓରାମ, କଲେଜ ଅଧକ୍ଷ ସୁଶାନ୍ତ ଚୌଧୁରୀ, ଥାନା ଏଏସଆଇ ହେମନ୍ତ ବେହେରା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କଲେଜ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା କଳାକାର ସନ୍ତୋଷ ରାଉତ, ଶିବ ପରିଡା, ଉଦୀପ୍ତ ପ୍ରତାପ ଦାସ, ଲିପୁ ଦାସ, ଫିଲୁ ପ୍ରତାପ ଭୋଇ, ବିଜୟ ନାଥ, ସନ୍ତୋଷ ରାଉତ, ସୌଭାଗ୍ୟ ଦାସ, ମହେନ୍ଦ୍ର ମହାନ୍ତି ପ୍ରମୁଖ କଳାକାରମାନେ ଶିକ୍ଷା ଓ ଯୌତୁକ, ହକି, ଆତ୍ମରକ୍ଷା, ସେବା ଉପରେ ନାଟକ ମଞ୍ଚସ୍ଥ କରିଥିଲାବେଳେ ପ୍ରୋଜେକ୍ଟର ଦ୍ୱାରା ଯୁବବର୍ଗଙ୍କ ପାଇଁ ପ୍ରେରଣାଦାୟୀ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଏହାକୁ ଭୁବନେଶ୍ୱରରୁ ଆସିଥିବା କାର୍ଯ୍ୟକ୍ରମ ଆୟୋଜନର ସୁପରଭାଇଜର ପିଉଷ ବାରିକ ସଞ୍ଚାଳନ କରିଥିଲେ । ବିଜୁ ଯୁବ ବାହିନୀର ଜିଲା ସଂଯୋଜିକା ସୋନିଆ ଡୁଙ୍ଗଡୁଙ୍ଗ, ବଡଗାଁ ବ୍ଲକ ସଂଯୋଜକ ଅମିତ ଜେନା, କୁତ୍ରା ବ୍ଲକ ସଂଯୋଜିକା ଲିମା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସେହିପରି ମଙ୍ଗଳବାର କୁତ୍ରା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁତ୍ରା ବ୍ଲକ ବିଡିଓ ମାନସ ରଞ୍ଜନ ରାୟ, କୁତ୍ରା ବ୍ଲକ ଅଧ୍ୟକ୍ଷା ପରାଗଲତା ମାଝି ଅତିଥି ଭାବେ ଯୋଗଦେଇ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମକୁଉଦ୍‌ଘାଟନ କଲାପରେ ଶିକ୍ଷା, କ୍ରୀଡା, ଆତ୍ମରକ୍ଷା ସେବା ଆଦି ଉପରେ ନାଟକ ପରିବେଷଣ କରାଯାଇଥିଲା ।





ବଡଗାଁଠାରେ ଅନୁଷ୍ଠିତ କାର୍ଯ୍ୟୟକ୍ରମରେ ଯୋଗଦେଇଥିବା ବିଜୁ ଯୁବ ବାହିନୀର କର୍ମୀ (ବାମ)। କୁତ୍ରାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମୀ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ। - ଜନ୍ ରସ୍କିନ୍



## ସଂକ୍ଷେପରେ

### ବେଦାନ୍ତରୁ ଚୋରି: ଜଣେ ଗିରଫ

**ଝାରସୁଗୁଡ଼ା ଅଫିସ,୧୨।୯-** ଝାରସୁଗୁଡ଼ା ବେଦାନ୍ତରୁ ଚୋରି କରିଥିବା ଅଭିଯୋଗରେ ବୁଧବାର ବଡ଼ମାଲ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁରୋମାଲର ମନୋଜ ବେସନ। ମନୋଜ ଏକ ଠିକାସଂସ୍ଥାର ଡ୍ରାଇଭର ଭାବେ ନିୟୋଜିତ ଥିଲେ। ନିୟମିତ ଭାବେ କର୍ମଚାରୀଙ୍କୁ ନେଇ ବେଦାନ୍ତ ପରିସରକୁ ଯାଉଥିବା ବେଳେ ଚୋରି କରୁଥିବା ଅଭିଯୋଗ ହୋଇଥିଲା। ବୁଧବାର କାରଖାନା ଭିତରୁ ତମ୍ବା ଚୋରିକରି ଆଣୁଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଜାତୀୟ ପୁଷ୍ଟି ସପ୍ତାହ ପାଳିତ

**ଝାରସୁଗୁଡ଼ା ଅଫିସ,୧୨।୯-** ଜିଲା ସଂସ୍କୃତି ଭବନଠାରେ ଜାତୀୟ ପୁଷ୍ଟି ସପ୍ତାହ ପାଳନ ହୋଇଛି। ସଭାରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରଭା ସେଠ୍, ଏଡିଏମ୍ଓ ସୁପ୍ରଭା ବାରିକ, ବେଦାନ୍ତ ଅଧିକାରୀ ଅମୀୟ କୁମାର ସାହୁ ଯୋଗଦେଇଥିଲେ। ଅତିଥିମାନେ ଚଳିତବର୍ଷର ବାର୍ତ୍ତା ଏବଂ ୧୦୦୦ ଦିନ (ଗର୍ଭାବସ୍ଥାରୁ ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ)ର ଗୁରୁତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଗର୍ଭାବସ୍ଥାରେ ଖାଦ୍ୟ ଅନୁପାତ, ବିଶ୍ରାମ, ଆଇରନ ବଟିକା ସେବନ, ଆୟୋଡିନ ଲୁଣ ବ୍ୟବହାରର ଉପାଦେୟତା ବିଷୟରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରକଳ୍ପରୁ ଆସିଥିବା କିଶୋରୀ, ମାଆଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

### ସାପ କାମୁଡ଼ାରେ ଆଖି ବୁଜିଲେ ରାଜମିସ୍ତ୍ରି: ଚିକିତ୍ସାରେ ଅବହେଳା ଅଭିଯୋଗ

**ରାଉରକେଲା ଅଫିସ,୧୨।୯-**ଆରଏମସି ୱାର୍ଡ ୧ ନଂ ଅନ୍ତର୍ଗତ ଛେଣ୍ଡ ବନ୍ଧପୋଷ ଅଞ୍ଚଳ ବାସିନ୍ଦା ରାଜମିସ୍ତ୍ରି ଜଳେଶ୍ୱର କଚ୍ଛପ(୩୭)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ରାଜମିସ୍ତ୍ରି କାମ କରି ସେ ଗୁଜୁରାଣ ମେଣ୍ଟାଉ ଥିଲେ। ତାଙ୍କ ମୃତ୍ୟୁ ପରେ ପାରିବାରିକ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅକୁ ନେଇ ସଂସାର କେମିତି ଚଳିବ ସେ ନେଇ ସମ୍ପର୍କୀୟ ପ୍ରଶ୍ନ କରିଛନ୍ତି। ଗତ ୧୦ ବିଳମ୍ବିତ ରାତିରେ ଏକ ଚିତି ସାପ ଜଳେଶ୍ୱରଙ୍କୁ କାମୁଡ଼ି ଦେବା ପରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପୂର୍ବତନ କାଉନସିଲର ରମେଶ ମୁଣ୍ଡାରୀ ଡାକ୍ତରଖାନା ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆରଜିଏଚରେ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ପରଦିନ ତାଙ୍କର ଦେହାନ୍ତ ହୋଇଯାଇଛି। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବତନ କାଉନସିଲର ନିରଞ୍ଜନ ରାଉତ, ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପରେ ଉଭୟ ନେତା ବିଭାଗୀୟ ଅଧିକାରୀ ତଥା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ନିବେଦନ କରିଥିଲେ। ଏହା ସତ୍ତ୍ୱେ ଆମ୍ବୁଲାନ୍ସଟିଏ ମିଳି ନ ଥିଲା।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଝାରସୁଗୁଡ଼ାରେ ନୂଆ ରେଳ ଡିଭିଜନ୍ ଖୋଲାଯାଉ

**ଝାରସୁଗୁଡ଼ା ଅଫିସ,୧୨।୯**

ଝାରସୁଗୁଡା ଠାରେ ରେଲୱେ ଡିଭିଜନ ସ୍ଥାପନ କରିବାକୁ ବୁଧବାର ଝାରସୁଗୁଡ଼ା ଜିଲାପାଳଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ରେଳ ଷ୍ଟେଶନ ରାଜ୍ୟର ଅନ୍ୟତମ ସର୍ବପୁରାତନ ଷ୍ଟେଶନ ହୋଇଥିବା ବେଳେ ଏହି ରାସ୍ତାଦେଇ ନେହେରୁ, ଗାନ୍ଧୀ, ସର୍ଦ୍ଦାର ପଟେଲଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଏବଂ ନେତା ଯାଇଛନ୍ତି। ବର୍ତ୍ତମାନ ଏହି ଷ୍ଟେଶନ ଉପରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଜିଲାବାସୀ ନିର୍ଭରଶୀଳ। ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ଲୋକଙ୍କୁ ତ୍ୱରିତ ସେବା ଆବଶ୍ୟକ। କିନ୍ତୁ ଝାରସୁଗୁଡ଼ା ଜିଲାକୁ ୩ଟି ରେଳ ଡିଭିଜନ ଅଧୀନରେ ରଖାଯାଇଥିବାରୁ ଏହା ଯାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଝାରସୁଗୁଡ଼ାରେ ନୂତନ ଡିଭିଜନ ସ୍ଥାପନ କରିବାକୁ ଝାରସୁଗୁଡ଼ା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଦାବି କରାଯାଇଛି। ଏହାସହ ଏହି ଷ୍ଟେଶନରେ ଉନ୍ନତ ସେବା ଓ ସୁବିଧା ଉପଲବ୍ଧ କରାଇବାକୁ ହୀରାଲାଲ ଲୋକଚନ୍ଦାନୀ, ରମେଶ ଗାନ୍ଧୀ, ରଘୁମଣି ପଟେଲ, ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋରଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ।

## ହକି ବିଶ୍ୱକପକୁ ମନେ ପକାଇ ଦେଉଛନ୍ତି ପ୍ରଶିକ୍ଷିକା ରେଶମା ଲାକ୍ରା

**ରାଉରକେଲା ଅଫିସ,୧୨।୯**

ରାଜ୍ୟରେ ପ୍ରଥମ ଥର ପାଇଁ ହକିବିଶ୍ୱ କପ୍ ଆୟୋଜନ କରାଯାଉଛି। ରାଜଧାନୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନଭେମ୍ବର ୨୮ରେ ଖେଳ ଆରମ୍ଭ ହେବ। ଏହି କ୍ରମରେ ହକିର ଗଡ କୁହାଯାଉଥିବା ସୁନ୍ଦରଗଡ ଜିଲାରେ ଉତ୍ସାହ ଦେଖା ଦେଇଛି। ଜିଲାର ଅନ୍ୟତମ ଖେଳାଳି ତଥା ମହିଳା ପ୍ରଶିକ୍ଷିକା ରେଶମା ଲାକ୍ରା ଏଥିପାଇଁ ଏକ ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ପାନପୋଷ କ୍ରୀଡା ସଂଗଠନ ସଦସ୍ୟା ରେଶମା ପଡିଆରେ ହକି ବିଶ୍ୱ କପକୁ ୭୫ ଦିନ ବାକି ରହିଥିବା ନେଇ ଅନ୍ୟମାନଙ୍କୁ ମନେ ପକାଇ ଦେଉଛନ୍ତି। ହକି ବାଡି ସହିତ ଖେଳରେ ବ୍ୟବହୃତ ଅନ୍ୟ ସାମଗ୍ରୀ ପ୍ରଦର୍ଶନ କରି ବିଭିନ୍ନ ପଡିଆରେ ଏପରି ସୂଚନା ଦେବାକୁ ସେ ତାଙ୍କ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରାରମ୍ଭରେ ତାଙ୍କ ଉଦ୍ୟମରେ ବରସୁଆଁ ଖେଳ ପଡିଆରେ ଏଭଳି ସାଂକେତିକ ପ୍ରଦର୍ଶନ କରାଯାଇ କ୍ରୀଡାପ୍ରେମୀଙ୍କୁ ବିଶ୍ୱ କପ୍ ପ୍ରତି ଆକୃଷ୍ଟ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଜିଲାର ଅନ୍ୟ ସ୍ଥାନରେ କାରାଯିବ ବୋଲି ସଂଗଠନ ସଂପାଦକ ସୁଶାନ୍ତ ବେହେରା ସୂଚନା ପ୍ରଦାନ କରିଛନ୍ତି।

## ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

**ଧାନ ନେଇ ପାର୍**

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବାକି ପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି , ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍ ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି। ୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲର୍‌ଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।

## ଅବକାରୀ ଚଢ଼ାଉ, ୧୪୦ ଲିଟର ମଦ ଜବତ

**ରାଉରକେଲା ଅଫିସ,୧୨।୯**

ବିଶ୍ରା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବୁଧବାର ଜଲା ଅବାକାରୀ ପୋଲିସ ଚଢାଉ କରି ୧୪୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥି ସହ ୧୭୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଛି। ବିଶ୍ରା ଉଡୁଷୁ ଅଞ୍ଚଳର ଶାନ୍ତି ମୁଣ୍ଡାଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ବାଗଡେଗା ଅଚଳର ବୁଧନୁ ମାହାଲିଙ୍କଠାରୁ ୨୧ ଲିଟର, ଉଡୁଷୁ ଗାଁର ପ୍ରମିଳା ମୁଣ୍ଡଙ୍କଠାରୁ ୨୩ ଲିଟର, ବାଗଡେଗାର ଦିଲୀପ ସାହୁଙ୍କଠାରୁ ୨୨ଲିଟର, ବାଗଡେଗା ଶିଶିରଙ୍କଠାରୁ ୨୫ଲିଟର ଓ ଉଡୁଷର ସୋମା ମୁଣ୍ଡାଙ୍କଠାରୁ ୨୮ ଲିଟର ମଦ ଜବତ କରାଯାଇଛି। ଏହି ମଦ କାରବାରରେ ବ୍ୟବହୃତ ହାଣ୍ଡି, ଡେକ୍‌ଚି ଆଦି ମଧ୍ୟ ଜବତ କରିଛି ଅବକାରୀ ପୋଲିସ।



ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପ୍ରସ୍ତୁତି ସମୀକ୍ଷା କରିବାକୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ ଯାଉଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବାଗଡିହିରେ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

**କିର୍ମିରା,୧୨।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ ପାଇଁ ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି। ଏଥିପାଇଁ ରାଜ୍ୟ ତଥା ଜିଲା ଭାଜପା ଚଳଚଞ୍ଚଳ ହୋଇ ଉଠିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କିର୍ମିରା ବ୍ଲକ ବାଗଡିହିରେ ବ୍ଲକ ଏବଂ ନିଜ ସଂସଦୀୟ କ୍ଷେତ୍ର କର୍ମୀଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହା ପୂର୍ବରୁ ଓରାମ ଏଠାରେ ଥିବା ମହାକାଳ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ମଗର, ନବଲ ଅଗ୍ରୱାଲ, ବିଜୟ ଶର୍ମା, ନିର୍ମଳ ବାଧାନ, ଗୋବିନ୍ଦ ଅଗ୍ରୱାଲଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।




ଜିଲାପାଳ ଅଫିସ ସାମ୍ନାରେ ବିକ୍ଷୋଭ କରାଯାଉଛି।

## ବରଗଡ଼ରେ କର୍କଟ ହସ୍ପିଟାଲ ସ୍ଥାପନ ଦାବି

**ଝାରସୁଗୁଡ଼ା ଅଫିସ,୧୨।୯**

ବରଗଡ଼ ଜିଲାରେ ଟାଟା ମେମୋରିଆଲ କର୍କଟ ହସ୍ପିଟାଲ ସ୍ଥାପନ କରିବାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାବି କରିଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେବଳ ଭୁବନେଶ୍ୱର କୈନ୍ଦ୍ରିକ ବିକାଶ ରାଜ୍ୟର ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ବଡ଼ ଅନ୍ତରାୟ ହେଉଛି। ତେଣୁ ରାଜ୍ୟ ସରକାର ଆଞ୍ଚଳିକ ଆବଶ୍ୟକତାକୁ ହୃଦ୍‌ବୋଧ କରି ବରଗଡ଼ରେ ଟାଟା ମେମୋରିଆଲ କର୍କଟ ହସ୍ପିଟାଲ ସ୍ଥାପନ କରନ୍ତୁ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହାସହ ବରଗଡ଼ ଜିଲାରେ ବ୍ୟାପୁଥିବା କର୍କଟ ରୋଗର କାରଣ ଏବଂ ନିରାକରଣ ଖୋଜିବାକୁ ଏକ ବିଶେଷଜ୍ଞ ଦଳ ପଠାଇବା ପାଇଁ ଦାବି କରିଛନ୍ତି। ମଞ୍ଚର କର୍ମକର୍ତ୍ତା ଅଜିତ କୁମାର ରଥ, ପ୍ରକାଶ ଚନ୍ଦ୍ର ରଣା, ମିନତୀ ପାତ୍ର, ମାନସ ରଞ୍ଜନ ବକ୍ସି, ସମୀର ହୋତା, ଶାଶ୍ୱତ କୁମାର ପଣ୍ଡା, ଯାଜ୍ଞସେନୀ ଧୁରୁଆ, ରେଶମା ପାତ୍ର, ଅଶୋକ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଏହି ସ୍ମାରକପତ୍ର ଦେଇଛନ୍ତି।


always with U

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର** ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ୍ଡେଲ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା /<br>ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/<br>୦୫୩୦୦୩୩୧୨୦୦୦୨୫ /<br>ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/<br>ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/<br>୦୫୩୦୦୩୩୧୨୦୦୦୪୩ /<br>ସଂଗ୍ରାମ କେଶରୀ ଷଣ୍ଢ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/<br>ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/<br>୦୫୩୦୦୩୩୧୨୦୦୦୦୪ /<br>ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/<br>ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/<br>୦୫୫୩୦୩୧୭୧୨୦୦୦୧୩ /<br>ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/<br>ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/<br>୦୫୫୩୦୩୧୭୧୧୦୦୦୫୬ /<br>ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/<br>ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/<br>୦୫୫୩୦୩୧୭୧୧୦୦୦୦୨ /<br>ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/<br>ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/<br>୦୫୫୩୦୩୧୭୧୨୦୦୦୨୮ /<br>ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା /<br>ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/<br>୦୫୪୨୦୩୧୭୧୨୦୦୦୦୫ /<br>ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା /<br>ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/<br>୦୫୪୨୦୩୧୭୧୨୦୦୦୦୩ /<br>କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା /<br>ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/<br>୦୫୪୨୦୩୧୭୧୨୦୦୦୧୩ /<br>ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା /<br>ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/<br>୦୫୫୪୦୩୧୭୧୨୦୦୦୧୧ /<br>ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଛୁଇଁ ଶାଖା /<br>ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/<br>୦୫୧୪୦୩୧୭୧୧୦୦୦୧୮ /<br>ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଛୁଇଁ ଶାଖା /<br>ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/<br>୦୫୧୪୦୩୧୭୧୨୦୦୦୪୯ /<br>ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଛୁଇଁ ଶାଖା /<br>ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/<br>୦୫୧୪୦୩୧୭୧୨୦୦୦୫୨ /<br>ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା /<br>ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/<br>୦୫୩୫୦୩୧୧୭୧୨୦୦୦୪ /<br>ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା /<br>ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/<br>୦୫୩୫୦୩୬୪୧୨୦୦୦୧୫ /<br>ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା /<br>ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/<br>୦୫୩୫୦୩୬୪୧୨୦୦୦୩୦ /<br>ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା /<br>ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/<br>୦୫୩୫୦୩୬୪୧୨୦୦୦୨୬ /<br>କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ** ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୧୨.୦୯.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ହକି ବିଶ୍ୱକପକୁ ମନେ ପକାଇ ଦେଉଛନ୍ତି ପ୍ରଶିକ୍ଷିକା ରେଶମା ଲାକ୍ରା

**ରାଉରକେଲା ଅଫିସ,୧୨।୯-** ରାଜ୍ୟରେ ପ୍ରଥମ ଥର ପାଇଁ ହକି ବିଶ୍ୱ କପ୍ ଆୟୋଜନ କରାଯାଉଛି। ରାଜଧାନୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନଭେମ୍ବର ୨୮ରେ ଖେଳ ଆରମ୍ଭ ହେବ। ଏହି କ୍ରମରେ ହକିର ଗଡ କୁହାଯାଉଥିବା ସୁନ୍ଦରଗଡ ଜିଲାରେ ଉତ୍ସାହ ଦେଖା ଦେଇଛି। ଜିଲାର ଅନ୍ୟତମ ଖେଳାଳି ତଥା ମହିଳା ପ୍ରଶିକ୍ଷିକା ରେଶମା ଲାକ୍ରା ଏଥିପାଇଁ ଏକ ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ପାନପୋଷ କ୍ରୀଡା ସଂଗଠନ ସଦସ୍ୟା ରେଶମା ପଡିଆରେ ହକି ବିଶ୍ୱ କପକୁ ୭୫ ଦିନ ବାକି ରହିଥିବା ନେଇ ଅନ୍ୟମାନଙ୍କୁ ମନେ ପକାଇ ଦେଉଛନ୍ତି। ହକି ବାଡି ସହିତ ଖେଳରେ ବ୍ୟବହୃତ ଅନ୍ୟ ସାମଗ୍ରୀ ପ୍ରଦର୍ଶନ କରି ବିଭିନ୍ନ ପଡିଆରେ ଏପରି ସୂଚନା ଦେବାକୁ ସେ ତାଙ୍କ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରାରମ୍ଭରେ ତାଙ୍କ ଉଦ୍ୟମରେ ବରସୁଆଁ ଖେଳ ପଡିଆରେ ଏଭଳି ସାଂକେତିକ ପ୍ରଦର୍ଶନ କରାଯାଇ କ୍ରୀଡାପ୍ରେମୀଙ୍କୁ ବିଶ୍ୱ କପ୍ ପ୍ରତି ଆକୃଷ୍ଟ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଜିଲାର ଅନ୍ୟ ସ୍ଥାନରେ କରାଯିବ ବୋଲି ସଂଗଠନ ସଂପାଦକ ସୁଶାନ୍ତ ବେହେରା ସୂଚନା ପ୍ରଦାନ କରିଛନ୍ତି।

### ସାପ କାମୁଡାରେ ଆଖି ବୁଜିଲେ ରାଜମିସ୍ତ୍ରି: ଚିକିତ୍ସାରେ ଅବହେଳା ଅଭିଯୋଗ

**ରାଉରକେଲା ଅଫିସ,୧୨।୯-** ଆରଏମସି ୱାର୍ଡ ୧ ନଂ ଅନ୍ତର୍ଗତ ଛେଣ୍ଡ ବନ୍ଧପୋଷ ଅଞ୍ଚଳ ବାସିନ୍ଦା ରାଜମିସ୍ତ୍ରି ଜଳେଶ୍ୱର କଚ୍ଛପ(୩୭)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ରାଜମିସ୍ତ୍ରି କାମ କରି ସେ ଗୁଜୁରାଣ ମେଣ୍ଟାଉ ଥିଲେ। ତାଙ୍କ ମୃତ୍ୟୁ ପରେ ପାରିବାରିକ ଜୀବନ ଦୁର୍ବିସହ ହୋଇ ପଡିଛି। ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅକୁ ନେଇ ସଂସାର କେମିତି ଚଳିବ ସେ ନେଇ ସମ୍ପର୍କୀୟ ପ୍ରଶ୍ନ କରିଛନ୍ତି। ଗତ ୧୦ ବିଳମ୍ବିତ ରାତିରେ ଏକ ଚିତି ସାପ ଜଳେଶ୍ୱରଙ୍କୁ କାମୁଡି ଦେବା ପରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପୂର୍ବତନ କାଉନସିଲର ରମେଶ ମୁଣ୍ଡାରୀ ଡାକ୍ତରଖାନା ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆରଜିଏଚରେ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ପରଦିନ ତାଙ୍କର ଦେହାନ୍ତ ହୋଇଯାଇଛି। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବତନ କାଉନସିଲର ନିରଞ୍ଜନ ରାଉତ, ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପରେ ଉଭୟ ନେତା ବିଭାଗୀୟ ଅଧିକାରୀ ତଥା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ନିବେଦନ କରିଥିଲେ। ଏହା ସତ୍ତ୍ୱେ ଆମ୍ବୁଲାନ୍ସଟିଏ ମିଳି ନ ଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }



ମଦ କାରବାରରେ ଗିରଫ ଅଭିଯୁକ୍ତ ଓ ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ।

# ଅବକାରୀ ଚଢ଼ାଉ, ୧୪୦ ଲିଟର ମଦ ଜବତ

**ରାଉରକେଲା ଅଫିସ,୧୨।୯**

ବିଶ୍ରା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବୁଧବାର ଜଲା ଅବାକାରୀ ପୋଲିସ ଚଢାଉ କରି ୧୪୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥି ସହ ୧୭୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଛି। ବିଶ୍ରା ଉତ୍ତୁଷ୍ଟ ଅଞ୍ଚଳର ଶାନ୍ତି ମୁଣ୍ଡାଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ବାଗଡେଗା ଅଚଳର ବୁଧନୁ ମାହାଲିଙ୍କଠାରୁ ୨୧ ଲିଟର, ଉତ୍ତୁଷ୍ଟ ଗାଁର ପ୍ରମିଳା ମୁଣ୍ଡଙ୍କଠାରୁ ୨୩ ଲିଟର, ବାଗଡେଗାର ଦିଲୀପ ସାହୁଙ୍କଠାରୁ ୨୨ଲିଟର, ବାଗଡେଗା ଶିଶିରଙ୍କଠାରୁ ୨୫ଲିଟର ଓ ଉତ୍ତୁଷର ସୋମା ମୁଣ୍ଡାଙ୍କଠାରୁ ୨୮ ଲିଟର ମଦ ଜବତ କରାଯାଇଛି। ଏହି ମଦ କାରବାରରେ ବ୍ୟବହୃତ ହାଣ୍ଡି, ଡେକ୍‌ଚି ଆଦି ମଧ ଜବତ କରିଛି ଅବକାରୀ ପୋଲିସ।

# ମିଲରଙ୍କ ଉପରେ ୧୮୮ କୋଟି ୮୪ ଲକ୍ଷ ଟଙ୍କା ବାକି

## ଧାନ ନେଇ ପାର୍

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଚାଷୀଙ୍କଠାରୁ ଧାନ ନେଇ ସରକାରଙ୍କୁ ଚାଉଳ ନ ଫେରାଇ ୯୫ ଜଣ ମିଲର ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ଉପରେ ଚାଉଳ ବାବଦରେ ୧୮୮ କୋଟି ୮୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବାକି ପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ ସ୍ୱୀକାର କରିଛନ୍ତି , ୨୦୦୩-୦୪ରୁ ୨୦୧୬-୧୭ ଖରିଫ୍ ପର୍ଯ୍ୟନ୍ତ ୯୫ ଜଣ ମିଲର୍‌ଙ୍କଠାରୁ ରାଜ୍ୟ ସରକାରଙ୍କ ୯୨,୦୨୨ ମେଟ୍ରିକ୍ ଟନ୍ ଚାଉଳ ପାଇବାକୁ ବାକି ଅଛି। ଅନ୍ତ୍ୟୋଦୟ ଚାଉଳ ପାଇଁ ସେମାନେ ୧,୩୫,୬୭୫ ମେଟ୍ରିକ୍ ଟନ୍ ଧାନ ନେଇଥିଲେ, ଯାହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ଟଙ୍କାରୁ ଅଧିକ। ଖିଲାପି ମିଲର୍‌ମାନଙ୍କଠାରୁ ସେମାନଙ୍କ ଅମାନତ ଜମା, ବକେୟା ଦେୟ ଆଦି ବାବଦକୁ ମାତ୍ର ୪୪ କୋଟି ୮୮ ହଜାର ଟଙ୍କା ଆଦାୟ କରାଯାଇ ଯୋଗାଣ ନିଗମ ନିକଟରେ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି। ୯୫ ଜଣ ଖିଲାପି ମିଲର୍‌ଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ଏଥିରୁ ୬୩ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ୪ଟି ଭିଜିଲାନ୍ସରେ ଓ ୩ଟି ଅର୍ଥନୈତିକ ଅପରାଧ ଶାଖାରେ ଦାୟର କରାଯାଇଛି। ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟତମ ଧାନ ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍‌ରୁ ବି ୧୫ ଜଣ ମିଲର୍ ପ୍ରାୟ ୯ କୋଟି ଟଙ୍କା ଠକି ନେଇଥିବା ଏହି ତଥ୍ୟରୁ ଜଣାପଡ଼ିଛି।

ବାଲେଶ୍ୱର ଜିଲାର ୯ ଜଣ, ବରଗଡ଼ ଜିଲାର ୯ ଜଣ, ବଲାଙ୍ଗୀରର ଜଣେ, କଟକର ୫ଜଣ, ଦେବଗଡ଼ର ୨ ଜଣ, ଢେଙ୍କାନାଳର ୨ଜଣ, ଗଞ୍ଜାମର ୧୧ ଜଣ, ଜଗତ୍‌ସିଂହପୁରର ୩ ଜଣ, ଯାଜପୁରର ଜଣେ, ଝାରସୁଗୁଡ଼ାର ୪ଜଣ, କଳାହାଣ୍ଡିର ୧୯ ଜଣ, କେନ୍ଦ୍ରାପଡ଼ାର ୨ ଜଣ, ଖୋର୍ଦ୍ଧାର ୩ଜଣ, କୋରାପୁଟର ୨ଜଣ, ମୟୂରଭଞ୍ଜର ଜଣେ, ନବରଙ୍ଗପୁରର ୪ଜଣ, ନୂଆପଡ଼ାର ୬ ଜଣ, ସମ୍ବଲପୁରର ୬ ଜଣ ଓ ସୁବର୍ଣ୍ଣପୁରର ୬ ଜଣ ଖିଲାପକାରୀ ମିଲର୍‌ଙ୍କ ତାଲିକା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଇଛନ୍ତି।


ସମ୍ବର୍ଦ୍ଧନା ସଭାରେ ଭାରତୀୟ କନିଷ୍ଠ ଫୁଟବଲ ଖେଳାଳି ଅମନ ଖାଲକୋ ଓ ଅନ୍ୟମାନେ।

# ଫୁଟବଲ ଖେଳାଳି ଅମନଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୨।୯**

ଭାରତୀୟ କନିଷ୍ଠ ଫୁଟବଲ ଖେଳାଳି ଅମନ ଖାଲକୋ(୧୪)ଙ୍କୁ ରାଉରକେଲାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୧୫ବର୍ଷରୁ କମ୍ ବୟସ ବର୍ଗରେ ୪ଜଣ ଭାରତୀୟ କନିଷ୍ଠ ଫୁଟବଲ ଖେଳାଳି ସ୍ଥାନ ପାଇଥିବା ବେଳେ ଏମାନଙ୍କ ମଧ୍ୟରେ ଅଛନ୍ତି ଅମନ। ଗତ ଅଗଷ୍ଟରେ ଚୀନର ସାଂଘାଇଠାରେ ଅନୁଷ୍ଠିତ ଜିନସାନ କପ୍ କନିଷ୍ଠ ଫୁଟବଲ ଖେଳରେ ଅମନ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅମନ ରାଉରକେଲା ଫେରିବା ପରେ ଝିରପାଣିବାସୀଙ୍କ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ଝିରପାଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବହୁ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଝିରପାଣି ସରପଞ୍ଚ ପ୍ରଭା ଖାଲକୋ ଉପସ୍ଥିତ ଥିବା ବେଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ସାଇବୁ ଲୋହାର ଓ ସୁରା ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଜେଶ ଖାଡିଆ ପରିଚାଳନା କରିଥିଲେ। ସ୍ଥାନୀୟ ବାସିନ୍ଦା ଅଜୟ ଖାଲକୋଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅମିତ ତନ୍ତି, ସବିତା ଖାଲକୋ ଓ ସୁରଜ ଖାଲକୋଙ୍କ ସମେତ ଝିରପାଣି ଅଞ୍ଚଳର ଶତାଧିକ ନାଗରିକ ଉପସ୍ଥିତ ଥିଲେ।



ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସଂଘ ଖବରଦାତାମାନଙ୍କୁ ସୂଚନା ଦେବା ଅବସରରେ।

# ସବୁଜ, ସୁନ୍ଦର ସହର ଗଠନ ପାଇଁ ୧୬ରେ ଗ୍ରୀନ୍ ମାରାଥନ

**ରାଉରକେଲା ଅଫିସ,୧୨।୯**

ସାଂପ୍ରତିକ ପରିସ୍ଥିତିରେ ସାମାଜିକ ଉତ୍ଥାନ ପାଇଁ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ। ବୃକ୍ଷ ରୋପଣଠାରୁ ନେଇ ପ୍ଲାଷ୍ଟିକ ମୁକ୍ତ ସହର ଗଠନ ପ୍ରତି ସଚେତନତା ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ସହଯୋଗ ରହିଲେ ଲକ୍ଷ୍ୟ ପୂରଣ ହୋଇ ପାରିବ। ତେବେ ଶକ୍ତି ସଂରକ୍ଷଣ ଓ ସୁସ୍ଥ ନିରାପଦ ଜୀବନ ପାଇଁ ଆଗାମି ୧୬ରେ ଗ୍ରୀନ ମାରଥନ ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମହାନଗର ନିକଟ ସୁବାସ ପାର୍କରୁ ଏହି ମାରାଥନ ବାହାରି ସହର ପରିକ୍ରମା କରିବ। ସବୁଜ ସୁନ୍ଦର ସହର ଗଠନ ପାଇଁ ଏହି ମାରାଥନ ସହରବାସୀଙ୍କୁ ବାର୍ତ୍ତା ପ୍ରଦାନ କରିବ। ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସଂଘ ଏହା କହିଛି। ବୁଧବାର ରାଉରକେଲା ଅଗ୍ରସେନ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ଏହା କହିଛନ୍ତି। ବନ୍ଦନା ଟେବ୍ରିୱାଲ, ସଞ୍ଜୁ ଅଗ୍ରୱାଲ, ସରିତା ଖୈତାନ, ମେଘା ଅଗ୍ରୱାଲ, ଚନ୍ଦ୍ରା ବଂଶାଲ, ରୀନା ଅଗ୍ରୱାଲ ଓ ସଙ୍ଗୀତା ଅଗ୍ରୱାଲ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ।

# ସ୍ମାର୍ଟ ସିଟି ପ୍ରକଳ୍ପ ନିର୍ମାଣରେ ବିଳମ୍ବ

## ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ ଦିଲୀପ ରାୟ

**ରାଉରକେଲା ଅଫିସ,୧୨।୯**

ସ୍ମାର୍ଟ ସିଟି ରାଉରକେଲାରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ବିଳମ୍ବ ନେଇ ବିଧାୟକ ଦିଲୀପ ରାୟ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ରାଜ୍ୟ ସରକାର ହସ୍ତକ୍ଷେପ କରନ୍ତୁ ବୋଲି ବିଧାନସଭାରେ ସେ ଦାବି କରିଛନ୍ତି। ଆଗାମି ବର୍ଷକ ମଧ୍ୟରେ ଯେମିତି ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ସେ କହିଛନ୍ତି। ପ୍ରାୟ ୭କୋଟି ବ୍ୟୟ ଅଟକଳରେ ରାଉରକେଲା ସିଭିଲ ଟାଉନସିପ, ଉଦିତନଗର ଓ ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ନିର୍ମିତ ହେବାକୁ ଥିବା ସିଟିଜେନ ଫ୍ରେଣ୍ଡଲି ପାର୍କ କାମ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ଏହା ସହ ୮୮କୋଟି ୫୦ଲକ୍ଷ ବ୍ୟୟରେ ହେବାକୁ ଥିବା ବିର୍ଷା ମୁଣ୍ଡା ଷ୍ଟାଡିୟମ, ୪୫ କୋଟି ୮୯ଲକ୍ଷ ବ୍ୟୟରେ ବହୁ ତଳ ବିଶିଷ୍ଟ କାର ପାର୍କିଂ ସ୍ଥଳ, ୨୭ କୋଟି ବ୍ୟୟରେ ସ୍ମାର୍ଟ ରୋଡ ଓ ୧. ୭୬ଲକ୍ଷ ବ୍ୟୟ ଅଟକଳରେ କ୍ରିମେଟୋରିୟମ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ରାୟ କହିଛନ୍ତି। ସ୍ମାର୍ଟ ସିଟି ରାଉରକେଲାରେ ଅତ୍ୟାଧୁନିକ ଅଡିଟୋରିୟମ, କନଭେନସନ ସେଣ୍ଟର, ବ୍ରାହ୍ମଣୀ ନଦୀ ପଠାର ବିକାଶ, ସ୍ମାର୍ଟ ବସ୍ ଟର୍ମିନାଲ, ଭୂତଳ ବିଦ୍ୟୁତ ଯୋଗାଣ, ପାନପୋଷ ମାର୍କେଟର ବିକାଶ, ଛାତ ଉପରେ ସୌର ବିଦ୍ୟୁତ ଉତ୍ପାଦନ ଆଦି ପ୍ରକଳ୍ପ ନେଇ ଯେଉଁ ପରିକଳ୍ପନା ରହିଛି ତାହାକୁ ସାକାର ରୂପ ଦେବେକୁ ସେ ଦାବି କରିଛନ୍ତି। ଉପରୋକ୍ତ ଯୋଜନା ନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ରାୟ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏ ନେଇ ବିଧାନସଭାରେ ରାୟ ପ୍ରଶ୍ନ ଉଠାଇ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ଜାଣିବାକୁ ଚାହିଁଥିଲେ। ବିଭାଗୀୟ ମନ୍ତ୍ରୀ ନୀରଞ୍ଜନ ପୂଜାରି କହିଥିଲେ ଯେ, ୬କୋଟି ବ୍ୟୟ ଅଟକଳରେ ରାଉରକେଲାରେ ୬ଟି ପାର୍କ ନିର୍ମାଣ ନେଇ ପଦକ୍ଷେପ ନିଆଯାଇଛି। ବିର୍ଷା ମୁଣ୍ଡା ଷ୍ଟାଡିୟମରେ ବହୁ ତଳ କାର ପାର୍କିଂ ଓ ସ୍ମାର୍ଟ ରାସ୍ତା ନିର୍ମାଣ ନେଇ ଟେଣ୍ଡର ଡକା ସରିଛି। ଆସନ୍ତା ଅକ୍ଟୋବର ନଭେମ୍ବର ସୁଦ୍ଧା ଏହା ଚୂଡାନ୍ତ ହେବ। କ୍ରିମେଟୋରିୟମ ନିର୍ମାଣ କାର୍ଯ୍ୟ ୨୦୧୭ ଡିସେମ୍ବରରୁ ଆରମ୍ଭ ହୋଇଥିଲେ ମଧ ବୈଷୟିକ କାରଣରୁ ଏହି କାର୍ଯ୍ୟ ଅଟକି ରହିଛି। ସେହିଭଳି ଅତ୍ୟାଧୁନିକ ଅଡିଟୋରିୟମ, କନଭେନସନ ସେଣ୍ଟର, ବସ ଟର୍ମିନାଲ, ପାନପୋଷ, ମାର୍କେଟ ଆଧୁନିକୀକରଣ, ବ୍ରାହ୍ମଣୀ ନଦୀ ପଠାର ବିକାଶ ଆଦି ୨୦୧୯ରେ ଆରମ୍ଭ କରାଯାଇ ଶେଷ କରାଯିବ ବୋଲି ମନ୍ତ୍ରୀ ପୂଜାରୀ ପ୍ରକଳ୍ପ ୱାରୀ ତଥ୍ୟ ପ୍ରଦାନ କରିଛନ୍ତି।


always with U

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ଼େଲ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଣ୍ଣର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଢ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଣ୍ଣର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କର୍ଣ୍ଣର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୭୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୫ / ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୩ / କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୧୩ / ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା / ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/ ୦୫୫୪୦୩୧୭୧୨୦୦୦୧୧ / ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣ୍ଡାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୧୦୦୦୧୮ / ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୪୯ / ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୫୨ / ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୧୧୭୧୨୦୦୦୪ / ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୧୫ / ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୩୦ / ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୨୬ / କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ** ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୧୨.୦୯.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଅବକାରୀ ବିଭାଗର ଚଢ଼ାଉ ରନ୍ଧାମଦ ଜବତ, ଜଣେ ଗିରଫ

ଜୁନାଗଡ,୧୨।୯(ଡି.ଏନ୍.ଏ)- ଜୁନାଗଡ଼ ବ୍ଲକ ସୁରୁଗୁଡ଼ଗ୍ରାମରେ ଭବାନୀପାଟଣା ଅବକାରୀ ବିଭାଗର ମୋବାଇଲ ଟିମ୍ ବୁଧବାର ଚଢାଉ କରି ଗ୍ରାମର ହରିହର ପରାଭୋଇଙ୍କ ଘରୁ ୧୦ଲିଟର ରନ୍ଧା ମଦ ଜବତ କରିଥିଲା। ବେଆଇନ୍ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ହରିହରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉରେ ଇନ୍ସପେକ୍ଟର କୁବେର ସେଠି, ସବ୍ ଇନ୍ସପେକ୍ଟର ଦିଲୀପ କୁମାର ରଥ, ଏଏସ୍ଆଇ ମାନସ ମୁଣ୍ଡାଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆଜି ଗଣନାଥଙ୍କ ପୂଜା
# ମଣ୍ଡପରେ ଶୋଭାପାଉଛି ଗ୍ରାମ୍ୟ ପରିବେଶ

ମ.ରାମପୁର,୧୨।୯ (ଡି.ଏନ୍.ଏ.)

ଆଜି ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା। ଏନେଇ ଗାଁଠୁ ସହର ଚଳଚଞ୍ଚଳ। ଏହି ଅବସରରେ କଳାହାଣ୍ଡି ଜିଲା ମ.ରାମପୁର ସହରରେ ୨୦ରୁ ଅଧିକ ସ୍ଥାନରେ ପୂଜା ପାଇବେ ଗଣନାଥ। ତନ୍ମଧ୍ୟରୁ ୨ଟି ମଣ୍ଡପରେ ସପ୍ତାହ ଧରି ଗଣନାଥଙ୍କୁ ଧୁମଧାମାରେ ପୂଜା କରାଯିବ। ଏନେଇ ୧ମାସ ହେଲା ମଣ୍ଡପ, ମେଢ଼, ସାଜସଜ୍ଜା ପ୍ରସ୍ତୁତି ଆରମ୍ଭ ହୋଇଥିଲା । କଳାମନ୍ଦିର ଛକଠାରେ ୬୦ ଫୁଟ ଉଚ୍ଚତା, ୧୫୦ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ମଣ୍ଡରେ ଗ୍ରାମ୍ୟ ସଭ୍ୟତା ଶୋଭା ପାଇଛି। ଆନ୍ଧ୍ରପ୍ରଦେଶରୁ ଅଣାଯାଇଥିବା ୧୧ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ଶଗଡ଼ ଗାଡିରେ ମୁସିକ୍ ବାହାନରେ ପୂଜା ପାଇବେ। ମଣ୍ଡପକୁ ପ୍ରାକୃତିକ ପର୍ବତ, ନଦୀ, ଝରଣା, ଜଙ୍ଗଲ, ଗ୍ରାମ୍ୟ ସାମାଜିକ ଶୋଭାରାଜିରେ ସଜ୍ଜିତ କରାଯାଇଛି। ମଣ୍ଡପ ପାର୍ଶ୍ୱରେ ମୀନା ବଜାର ସହ ଚିତ୍ତବିନୋଦନ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ। ବିଭୁ ସାହୁ କର୍ତ୍ତା ଓ ରାମେଶ୍ୱର ପାଢ଼ୀଙ୍କ ପୁରୋହିତ୍ୱରେ ପୂଜା ହେବାକୁ ଥିବାବେଳେ ପ୍ରକାଶ ସାହୁ, ଗୋବିନ୍ଦ ସେଠି, ଧୁର୍ମ୍ମ ସାହୁ, ଦିଲୀପ ସାହୁ, ପବନ ଦୁବେ, ମୁକେଶ ସିଂହ ପ୍ରମୁଖଙ୍କ ସହଯୋଗରେ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟରେ ପୂଜା କରାଯାଉଛି । ଏପରି କି ଭଜନ ସନ୍ଧ୍ୟା ଏବଂ ସ୍ଥାନୀୟ ଯୁବକ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ କରାଯିବ। ମଣ୍ଡପରେ ବିଲୁପ୍ତ ପ୍ରାୟ ଗ୍ରାମ୍ୟ ସତ୍ୟତାକୁ ସ୍ଥାନିତ କରାଯାଇଛି। ଗୌଡପଡାଠାରେ ସୁଉଚ୍ଚ ତୋରଣ, ପୋଷ୍ଟ ଅଫିସ ପାର୍ଶ୍ୱରେ ନିର୍ମିତ ମଣ୍ଡପରେ ବିଲୁପ୍ତ ଡାଇନୋସର ଶୋଭା ପାଉଛି। ଏଥିରେ ପ୍ରଶାନ୍ତ ସାନ୍ତରା କର୍ତ୍ତା, ତ୍ରିଲୋଚନ ବାସ ପୁରୋହିତ, ଅନିଲ ସୀମନ୍ତରା ସଭାପତି, ବନମାଳୀ ଗହୀର ସମ୍ପାଦକଙ୍କ ତତ୍ତ୍ୱାବଧାନରେ ୨୩ ତାରିଖ ପର୍ଯ୍ୟନ୍ତ ଗଣପତିଙ୍କ ପୂଜନୋତ୍ସବ ଅନୁଷ୍ଠିତ ହେବ। ମନୋରଞ୍ଜନ ପାଇଁ ଡ୍ୟାନ୍ସ ପ୍ରତିଯୋଗିତା, ମେଲୋଡି ଆଦି କାର୍ଯ୍ୟକ୍ରମ କରାଯିବ। ପୂଜା ପାଇଁ ୩ରୁ ୪ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଯୋଜନା କରାଯାଇଛି । ଗୌଡପଡ଼ା ମୂର୍ତ୍ତି କାରିଗର ରାମସିଂ ପୋଢ଼ ଗଣପତିଙ୍କ ମୂର୍ତ୍ତି ତିଆରି କରିଛନ୍ତି। ଆଧୁନିକ ସହରି ସଭ୍ୟତା ବୃଦ୍ଧି ପାଉଥିବା ବେଳେ ଗ୍ରାମ୍ୟ ସଂସ୍କୃତିର ରୁଦ୍ଧିମନ୍ତ ପ୍ରତିକାତ୍ମକ ସାଜସଜ୍ଜା ଦର୍ଶାନାର୍ଥୀ ଓ ଶ୍ରଦ୍ଧାଳୁଙ୍କୁ ବିଶେଷ ଆକୃଷ୍ଟ କରିବ ବୋଲି ପୂଜାକର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



କଳାହାଣ୍ଡି ଜିଲା ମ.ରାମପୁର ସହରରେ ନିର୍ମାଣ ହୋଇଥିବା ମଣ୍ଡପ।

## ତାରିଗୁଡ଼ାରେ ଝାଡ଼ାବାନ୍ତି, ଦମ୍ପତି ମୃତ

ଭବାନୀପାଟଣା,୧୨।୯ (ଡି.ଏନ୍.ଏ.)

ଥ.ରାମପୁର ବ୍ଲକ ତାରିଗୁଡ଼ା ଗ୍ରାମରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗତ ୯ ତାରିଖରେ ପାତେଡି ମାଝି(୬୦)ଙ୍କ ଥ.ରାମପୁର ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ବେଳେ ୧୧ ତାରିଖରେ ସ୍ତ୍ରୀ ଲଛିମ ମାଝିଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ ଥ.ରାମପୁର ମୋବାଇଲ ହେଲ୍ଥ ଟିମ୍ ସହ ତୁରିଗୁଡ଼ା ଗ୍ରାମରେ ପହଞ୍ଚି ଆକ୍ରାନ୍ତମାନଙ୍କୁ ଚିକିତ୍ସା କରିବା ସହ ଔଷଧ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଝାଡାବାନ୍ତିରେ ଆକ୍ରାନ୍ତ ଜଣେ ଗୁରୁତରଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ, କଳାହାଣ୍ଡି ଜିଲାରେ ଗତ ମାସରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଦେଖା ଦେଇଥିବା ବନ୍ୟା ଫଳରେ ବିଭିନ୍ନ ଗ୍ରାମରେ ଜଳ ଉତ୍ସଗୁଡିକ ପ୍ରଭାବିତ ହୋଇଛି। ଫଳରେ ଦୂଷିତ ପାଣି ପିଇ ଥ.ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ହେଲା ଝାଡାବାନ୍ତି ଦେଖା ଦେଇଛି।

## ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚର ଧାରଣା
# ସମର୍ଥନ ଜଣାଇ ଧାରଣାରେ ବସିଲେ ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷ

ଜୁନାଗଡ,୧୨।୯ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୭ଦଫା ଦାବି ନେଇ ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ଦାବିକୁ ସମର୍ଥନ ଜଣାଇ ବୁଧବାର ଜୁନାଗଡ଼ ବ୍ଲକ ଅଧକ୍ଷା ନୁର୍ଯ୍ୟା ମାଝି ଏବଂ ଉପାଧ୍ୟକ୍ଷ ଟଙ୍କଧର ନାଏକ ଧାରଣାରେ ବସିଥିଲେ। ସରକାର ସ୍କୁଲ, କଲେଜ କର୍ମଚାରୀ ମିଳିତ ମଞ୍ଚର ଦାବିଗୁଡିକୁ ମାନିନେବାକୁ ଅଧକ୍ଷା ମାଝି ଏବଂ ଉପାଧ୍ୟକ୍ଷ ନାଏକ ଦାବି କରିଛନ୍ତି।



ବ୍ଲକ ଅଧକ୍ଷା ଓ ଉପାଧ୍ୟକ୍ଷ ଧାରଣାରେ ବସିଛନ୍ତି।

## ରେଢ଼ାଖୋଲରେ ଭାଜପାର ବୈଠକ

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)

ରେଢ଼ାଖୋଲ ଭାଜପା ସନ୍ଥକବି ମଣ୍ଡଳ ଓ ଚାରମାଳ ମଣ୍ଡଳ ପକ୍ଷରୁ ବୁଧବାର କର୍ମକର୍ତ୍ତାମାନଙ୍କ ପୃଥକ ପୃଥକ ୨ଟି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତାପ କୁମାର ପ୍ରଦାନ, ବିଚିତ୍ରାନନ୍ଦ ସାହୁ, ସମର ପ୍ରଧାନ, ଜୟରାମ ପୋଢ, ସୂର୍ଯ୍ୟନାରାୟଣ ଜେନା, ସରୋଜ ପ୍ରଦାନ, ସଞ୍ଜୀବ ପ୍ରଧାନ, ବଟକିଶୋର ବେହେରା, ସାନ୍ତନୁ ବାରିକ, ସଂସାର ସାହୁଙ୍କ ସମେତ ଉଭୟ ମଣ୍ଡଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ବୁଥ୍ସ୍ତରରୁ ସଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୨ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ଗସ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲା।

# ହିନ୍ଦୀ କବିତା ପୁସ୍ତକ 'ପଗ୍ଲୀ ଲଡ୍କୀ' ଲୋକାର୍ପିତ

ଭବାନୀପାଟଣା,୧୨।୯ (ଡି.ଏନ୍.ଏ.)

ଭବାନୀପାଟଣାର ଯୁବ କବି ସିଦ୍ଧାନ୍ତ କୁମାର ନନ୍ଦଙ୍କ ହିନ୍ଦୀ କବିତା ପୁସ୍ତକ 'ପଗ୍ଲୀ ଲଡ୍କୀ'ର ଲୋକାର୍ପଣ ଉତ୍ସବ ଓ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ତଥା ରାଜନେତା ରାସବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନବଦୋୟ ବିଦ୍ୟାଳୟ ଶିକ୍ଷକ ଦିଲୀପ କୁମାର ବାଡତ୍ୟା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପିକା ଡ. ପଲ୍ଲିଶ୍ରୀ ପଟ୍ଟନାୟକ, କବି ଲଳିତ କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଯୁଗ୍ମସମ୍ପାଦକ ସଞ୍ଜୀବ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ବାଡତ୍ୟା କବିଙ୍କ 'ପଗ୍ଲୀ ଲଡ୍କୀ' ପୁସ୍ତକରେ ଥିବା ୩୬ଟି କବିତାର ସମୀକ୍ଷା କରିବା ସହ କବିଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଦ୍ୱୟ ପୁସ୍ତକରେ ସ୍ଥାନିତ କବିତାଗୁଡିକ ଉଚ୍ଚ କୋଟିର ବୋଲି ପ୍ରକାଶ କରିଥିଲେ। ଅଧାପକ ପରମେଶ୍ୱର ମୁଣ୍ଡ ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁସ୍ତକର କବିତା ଗୁଡିକୁ ରୂପେଶ କୁମାର ମୁଣ୍ଡ, ସିଦ୍ଧାର୍ଥ ପଣ୍ଡା, ଦୀପକ ଶର୍ମା ଓ ଗୌରବ ବାଗ ପ୍ରମୁଖ ଆବୃତ୍ତି କରିଥିଲେ। କଳାହାଣ୍ଡି ଜିଲା ଜଣେ ଯୁବକବି ହିନ୍ଦୀ ସାହିତ୍ୟକୁ ଏକ କବିତା ପୁସ୍ତକ ଉପହାର ଦେଇଥିବାରୁ ଜିଲାବାସୀ ଗର୍ବିତ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବକୁ ଯୁବକବି ପ୍ରଶାନ୍ତ ଦାଶ ଓ ସୁଧୀର ଧଙ୍ଗଡାମାଝି ସଂଯୋଜନା କରିଥିଲେ। ଶେଷରେ ଅଧାପକ ପରମେଶ୍ୱର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ହିନ୍ଦୀ କବିତା ପୁସ୍ତକ 'ପଗ୍ଲୀ ଲଡ୍କୀ'ର ଲୋକାର୍ପଣ କରୁଛନ୍ତି।

# ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଧାରଣା, ଦାବିପତ୍ର ପ୍ରଦାନ

ସିନାପାଲି,୧୨।୯ (ଡି.ଏନ୍.ଏ.)

ବିଭିନ୍ନ ଦାବି ପୂରଣ ନେଇ ବୁଧବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସିନାପାଲି ବ୍ଲକ ଶାଖା ପକ୍ଷରୁ ସ୍ଥାନୀୟ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ସମୟରେ ଶତାଧିକ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ୨ ମିଳିତ ହୋଇ ବ୍ଲକ କାର୍ଯ୍ୟାଳୟ ଆଗରେ ସମବେତ ହୋଇ ଧାରଣା ଦେଇଥିଲେ। ପରେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସର ଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସର କାଳୀନ ସୁବିଧା ସୁଯୋଗ ସହ ଅନୁଦାନ ପ୍ରଦାନ କରିବା, ଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ୨୦୧୮ ଅନୁଦାନ ଆଇନରେ ୪୦.୬୦ ଓ ୭୫ ପ୍ରତିଶତ ଦରମା ପାଉଥିବା ବିଦ୍ୟାଳୟର ଅନୁଦାନ ନିର୍ଦ୍ଦେଶ ପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରିବା, ସପ୍ତମ ବେତନ କମିଶନଲାଗୁକରିବା, ସତ୍ୟ ପାଠ ପ୍ରତ୍ୟାହାର କରିବା ଆଦି ୭ ଦଫା ଦାବି ରହିଛି। ଶିକ୍ଷକ ନେତା ରବୀନ୍ଦ୍ରନାଥ ଜୋଷୀ, ସୁବାସ ସାହୁଙ୍କ ସମେତ ରୁଦ୍ର ମାଧବ ସା, ନିରାକାର ସାହୁ, ପିତାମ୍ବର ବାଗ, ଦାମୋଦର ମେହେର, ତୁଷାରକାନ୍ତ ରାଉତ, ସଂଗ୍ରାମ କେଶରୀ ପ୍ରଧାନ, ଡିଗ୍ରେ ସୁନାନୀ, ବିବେକାନନ୍ଦ ଭୋଇ, ବସନ୍ତ ଦାସ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସିନାପାଲି ବ୍ଲକ ଶାଖା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଫେରାଦ ହେବାକୁ ଆସିଥିବା ଆଶାକର୍ମୀମାନେ।

# ଫେରାଦ ହେଲେ ଆଶାକର୍ମୀ

ଜୁନାଗଡ,୧୨।୯ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକରେ କାର୍ଯ୍ୟରତ ଆଶାକର୍ମୀମାନେ ଗତ ମାସର ପ୍ରାପ୍ୟ ଅଦ୍ୟାବଧି ପାଇନାହାନ୍ତି। ଏନେଇ ବୁଧବାର ଆଶାକର୍ମୀମାନେ ଜୁନାଗଡ଼ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭଗବାନଙ୍କ ପଣ୍ଡାଙ୍କ ନିକଟରେ ଫେରାଦ ହୋଇଥିଲେ। ଏହି ଅବସରରେ ଆଶାକର୍ମୀମାନେ ଡାକ୍ତର ପଣ୍ଡାଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଆଶାକର୍ମୀମାନେ ପ୍ରତ୍ୟେକ ମାସର ୧୦ତାରିଖ ସୁଦ୍ଧା ପ୍ରାପ୍ୟ ରାଶି ପାଉଥିବା ବେଳେ ଗତ ମାସର ପ୍ରାପ୍ୟ ବର୍ତ୍ତମାନ ସୁଦ୍ଧା ପାଇ ନାହାନ୍ତି। ଏପରି କି ଆସନ୍ତା ୧୪ ତାରିଖ ଶୁକ୍ରବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳିତ ହେବ। ହେଲେ ଆଶାକର୍ମୀଙ୍କୁ ପ୍ରାପ୍ୟ ରାଶି ଦିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୪ ତାରିଖ ସୁଦ୍ଧା ଆଶାକର୍ମୀମାନଙ୍କୁ ପ୍ରାପ୍ୟ ଦେବାକୁ ଦାବି କରିଛନ୍ତି। ସେହିପରି ଗତ କିଛି ମାସ ତଳେ ରାଜ୍ୟ ସରକାର ଘୋଷଣା କରିଥିବା ୧୦ ହଜାର ଟଙ୍କା, ଆଲମାରୀ, ସାଇକେଲ, ଛତା, ଟର୍ଚ୍ଚ ଆଦି ମଧ୍ୟ ପାଇନାହାନ୍ତି। ତେଣୁ ଏହା ଉପରେ ମଧ୍ୟ ବିଚାର କରିବା ପାଇଁ ଆଶାକର୍ମୀମାନେ ଜଣାଇଛନ୍ତି। ଦାବିପତ୍ର ଦେବା ବେଳେ ବ୍ଲକ ସଭାପତି ବାସନ୍ତୀ ନାଏକ, ସମ୍ପାଦକ ଲାବଣ୍ୟବନ୍ତୀ ପୂଝାରୀ, କ୍ଷମାଶିଳା ଛତ୍ରିଆ, କଳ୍ପନା ପାତ୍ର, ଚମ୍ପାବତୀ ମେହେର, ପଙ୍କଜିନୀ ନାଏକ, ଆରତୀ ଗୁରୁ, ବିଳାସିନୀ ହାତୀ, କୌଶଲ୍ୟା ଠାକୁର, ହାରାବତୀ ବାଗ, ପୁଷ୍ପ ମଞ୍ଜରୀ ରଣା, ଯଶୋଦା ମେହେର, ସୁନିତା ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଜୁନାଗଡ଼ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ସଂକ୍ରାନ୍ତରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

# ଦ୍ୱିତୀୟ ଦିନରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

କର୍ଲାମୁଣ୍ଡା,୧୨।୯ (ଡି.ଏନ୍.ଏ.)

ରାଜ୍ୟରେ ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ବିଭିନ୍ନ ବ୍ଲକ ସମ୍ମୁଖରେ ଚାଲିଥିବା ଶିକ୍ଷକଙ୍କ ଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ବ୍ଲକ ସମ୍ମୁଖରେ ମାଧ୍ୟମିକ ଶିକ୍ଷକ, ଅଧାପକମାନେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଥିବା ବେଳେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଗୁରୁବାର ବିଦ୍ୟାଳୟ, କଲେଜରେ ଗଣେଶ ପୂଜା ହେବା ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ବୁଧବାର ଧାରଣାରେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ ଯୋଗଦେଇ ସରକାର ଶିକ୍ଷକମାନଙ୍କ ଦାବି ପ୍ରତି ଅବହେଳା କରୁଥିବା ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଧାରଣାରେ ସୁବୋଧ ଶତପଥୀ, ଫିରୋଜ କୁମାର ଚାନ୍ଦ, ଓଷ୍ଟା ବ୍ଲକ ସଭାପତି ମାର୍କଣ୍ଡ ପାଢୀ, ସମ୍ପାଦକ ଲଳିତ ମୋହନ ସାହୁ, ଶୈଳେନ୍ଦ୍ର କୁମାର ନାଏକ, ଶ୍ରୀବତ୍ସ ରଣା, ପ୍ରାଣବନ୍ଧୁ ରଣା, ରାମଚନ୍ଦ୍ର ରଥ, ଅରବିନ୍ଦ ସାହୁ, ସଞ୍ଜୀବ କୁମାର ନାଗ, ସୁରେଶ ମିଶ୍ର, ଲଳିତ ସାହୁ, ରାଜକିଶୋର ରଣାଙ୍କ ସହ ସମସ୍ତ ବ୍ଲକ ଗ୍ରାଣ୍ଟ ସ୍କୁଲ ଶିକ୍ଷକ ଓ ଅଧାପକ ଅଂଶ ଗ୍ରହଣ କରିଥିଲେ।

**କଲମପୁର,୧୨।୯ (ଡି.ଏନ୍.ଏ.)–** କଳାହାଣ୍ଡି ଜିଲା କଲମପୁର ବ୍ଲକ ସମ୍ମୁଖରେ ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ ଶରତ ଚନ୍ଦ୍ର ମୁଣ୍ଡ, ପ୍ରଭାକର ଲହଜଲ, ମନୋଜ କୁମାର ମିଶ୍ର ଏବଂ ବିଭୂତି ପଟ୍ଟନାୟକଙ୍କ ନେତୃତ୍ୱରେ ଧାରଣା, ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ହେମସାଗର ଭୋଇ ଏବଂ ବିଇଓ ନବୀନ ଖମାରିଙ୍କୁ ପ୍ରଦାନ କରାଯାଇଥିଲା। କାଳୀକିଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶିକ୍ଷକ ଓ କର୍ମଚାରୀମାନେ ସରକାର ଶିକ୍ଷକମାରଣ ନୀତିକୁ ନିନ୍ଦା କରିବା ସହ ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ମିଳିତ ମଞ୍ଚର ଧାରଣା ଯୋଗୁ ବ୍ଲକର ୫ଟି ଉଚ୍ଚ ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାଘାତ ହୋଇଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଲଡୁଗାଁ,୧୨।୯ (ଡି.ଏନ୍.ଏ.)

**ଚଳନ୍ତା ବସ୍‌ରୁ ପଡ଼ି ଯାତ୍ରୀ ମୃତ**

୨୬ ନଂ. ଜାତୀୟ ରାଜପଥ କଳାହାଣ୍ଡି ଜିଲା ଆମପାଣି ଥାନା ଅଧୀନ କାଉଡୋଳାଠାରେ ନବରଙ୍ଗପୁର–ବଲାଙ୍ଗୀର ଯାଉଥିବା ଓଏସ୍ଆର୍‌ଟିସି ଚଳନ୍ତା ବସରୁ ପଡି ଜଣେ ଯାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ କାଉଡୋଳା ଗ୍ରାମର ପ୍ରେମଲାଲ ନାଏକ (୪୭)। ମିଳିଥିବା ସୂଚନା ମୁତାବକ, ପ୍ରେମଲାଲ କୌଣସି କାମରେ ଆମପାଣି ଯାଇଥିଲେ। କାମ ସାରି ସେ ନବରଙ୍ଗପୁରରୁ ବଲାଙ୍ଗୀର ଆସୁଥିବା ଓଏସ୍ଆର୍‌ଟିସି ବସ୍‌ରେ ଗାଁକୁ ଆସୁଥିଲେ। ହେଲେ କାଉଡୋଳା ସ୍କୁଲ ନିକଟରେ ଚଳନ୍ତା ବସରୁ କୌଣସି କାରଣରୁ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ପ୍ରେମଲାଲ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ଆମପାଣି ପୋଲିସ ଓ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀମାନେ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟିବ ନାହିଁ ବୋଲି ଜିଦ୍‌ଧରି ବସିଥିଲେ। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ କୋକସରା ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ସନ୍ଧ୍ୟା ପ୍ରାୟ ୭ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ବସ୍ ଡ୍ରାଇଭର ମୃତକଙ୍କ ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଦେବା ସହ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଏବଂ ସରକାରୀ ଯୋଜନାରୁ ଆବଶ୍ୟକ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବସ ଡ୍ରାଇଭର କୋକସରା ଥାନାରେ ଆତ୍ମ ସମର୍ପଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ଆମପାଣି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ସେପ୍ଟେମ୍ବର, ୨୦୧୮



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର



## ସଂକ୍ଷେପରେ

### ଗୌରଚନ୍ଦ୍ର ହାଇସ୍କୁଲରେ ବିଜ୍ଞାନ ସେମିନାର

**ରେଢ଼ାଖୋଲ,୧୨।୯(ଡି.ଏନ.ଏ.)-** ସ୍ଥାନୀୟ ଗୌରଚନ୍ଦ୍ର ହାଇସ୍କୁଲରେ ରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। 'ଔଦ୍ୟଗିକ କ୍ରାନ୍ତି' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଗୌରଚନ୍ଦ୍ର ହାଇସ୍କୁଲର ଶିବାନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୋଚିବାହାଲ ହାଇସ୍କୁଲର ସାଗରିକା ନାୟକ ଦ୍ୱିତୀୟ ସ୍ଥାନ ଓ ରେଙ୍ଗାଲି ହାଇସ୍କୁଲର ଶୁଭମ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରମଣି ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ନାକ୍ଟିଦେଉଳ କଲେଜର ଅଧ୍ୟାପକ ସଞ୍ଜୀବ କୁମାର ଦାସ, ରେଢ଼ାଖୋଲ ମହିଳା କଲେଜର ଭୁକେଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ଗୌରଚନ୍ଦ୍ର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜିବ ଲୋଚନ ଚାନ୍ଦ, ସୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ ଆନ୍ଦୋଳନ

**ନୂଆପଡ଼ା ଅଫିସ,୧୨।୯**

ରାଜ୍ୟର ଉପାନ୍ତ ଜିଲାମାନଙ୍କରେ ଚାଷ ଏବଂ ଚାଷୀଙ୍କ ଉନ୍ନତି କଳ୍ପେ କୃଷି ବିଜ୍ଞାନୀମାନେ ନିଜକୁ ଉତ୍ସର୍ଗୀକୃତ କରି ଦିନରାତି କାମ କରୁଛନ୍ତି। ହେଲେ ସେମାନଙ୍କର କୌଣସି ସମସ୍ୟା ହେଲେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଟି) କର୍ତ୍ତୃପକ୍ଷ

**କଳାବ୍ୟାଜ ପିନ୍ଧି ପ୍ରତିବାଦ**
- ଓୟୁଏଟିର ବୈମାତୃକ ମନୋଭାବ ଅଭିଯୋଗ
- କ୍ଷତିପୂରଣ ପାଇନାହାନ୍ତି ମୃତକଙ୍କ ପରିବାର

ଗୁରୁତ୍ୱ ଦେଉନାହାନ୍ତି। ଓୟୁଏଟିର ଏହି ବୈମାତୃକ ମନୋଭାବ ବିରୋଧରେ ରାଜ୍ୟରେ କୃଷି ବିଜ୍ଞାନୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ନୂଆପଡ଼ାରେ ଏହାର ଅନୁରୂପ ପ୍ରତିଛବି ଦେଖିବାକୁ ମିଳିଛି। ଏଠାରେ କାର୍ଯ୍ୟରତ କୃଷି ବିଜ୍ଞାନୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସମର୍ଥନ ମିଳିଛି। ପ୍ରକାଶ ଯେ, ଅଶୋକ ବରଣ ଦାସ କୃଷି ବୈଜ୍ଞାନିକ ଭାବେ ନୂଆପଡ଼ା ଜିଲାରେ ଦୀର୍ଘ ବର୍ଷ ଧରି କାମ କରିଥିଲେ। ତାଙ୍କ ସମୟରେ ଜିଲାରେ ଚାଷୀମାନଙ୍କର ଗୁଣାତ୍ମକ ବିକାଶ ହୋଇଥିଲା ବୋଲି କୁହାଯାଉଛି। ନିକଟରେ ୪୪ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା। ହେଲେ ତାଙ୍କ ପରିବାର ଲୋକଙ୍କୁ ଓୟୁଏଟି ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ଫଳରେ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଜିଲା ସଦର ମହକୁମାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ଏହାର ପ୍ରତିବାଦରେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ବରିଷ୍ଠ ବୈଜ୍ଞାନିକ କ୍ଷୀରୋଦ ବିଶ୍ୱାଳ ଏହି ପ୍ରତିବାଦର ନେତୃତ୍ୱ ନେଇଥିଲେ।



କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରୁଛନ୍ତି।

## ଚିଚୈଗୁଡ଼ା ପଞ୍ଚାୟତ
# ୭୪ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଜୁନାଗଡ,୧୨।୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡ଼ା ପଞ୍ଚାୟତରେ ବୁଧବାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ୭୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସହକାରୀ ଯନ୍ତ୍ରୀ ବିଷ୍ଣୁ ବଲ୍ଲଭ ମହାରଣା, ଚିଚୈଗୁଡ଼ା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ କୁମାର ମେହେର, ବିଏସ୍ଏସ୍ଓ କାର୍ଯ୍ୟାଳୟର ପିଏ ଚନ୍ଦ୍ରଶେଖର ମାଝିଙ୍କ ସମେତ ସ୍ଥାନୀୟ ୱାର୍ଡ ସଦସ୍ୟ ଯୋଗଦେଇ ଭର୍ତ୍ତା ବଣ୍ଟନ କରିଥିଲେ।


ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

# ପାତାଳଗଙ୍ଗାରେ ଆପ୍‌ର ୟୁଥ୍ କନ୍‌ଭେନଶନ

**ନୂଆପଡ଼ା ଅଫିସ/ବୋଡେନ,୧୨।୯**

ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତାଳଗଙ୍ଗାସ୍ଥିତ ଯାଦବ ଭବନଠାରେ ଆମ୍ ଆଦମୀ ପାର୍ଟିର ଦିନିକିଆ ୟୁଥ୍ କନଭେନଶନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ରଙ୍ଗାଧର ମାଝୀ ସଭାପତିତ୍ୱ କରିଥିଲେ। ରାଜ୍ୟ ୟୁଥ୍ ୱିଙ୍ଗ ଉପସଭାପତି ସନ୍ଦିପ ରଥ ମୁଖ୍ୟ ଅତିଥି, ସୋଶିଆଲ ମିଡିଆ ମୁଖ୍ୟ ତଥା ରାଜ୍ୟ ପ୍ରବକ୍ତା ସୁଭେନ୍ଦୁ ଜେନା ମୁଖ୍ୟ ବକ୍ତା, ମୁମତିକାମ ବକ୍ସ, ଷ୍ଟେଟ କନଭେନର ଅଂଶୁମାନ ଶତପଥୀ, ବୋଡେନ ବ୍ଲକ ସଭାପତି ହିତେଶ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ସମସ୍ତ ବ୍ଲକର ଶତାଧିକ ଯୁବ କର୍ମକର୍ତ୍ତା ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ପାର୍ଟିର ଶୃଙ୍ଖଳା, ନୀତି ନିୟମ ସମ୍ପର୍କରେ ଅବଗତ କରିଥିଲେ। ସୋଶିଆଲ ମିଡିଆ ପରିଚାଳନାରେ କିପରି ପାରଙ୍ଗମ ହୋଇପାରିବେ ସେ ଉପରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଯୁବକମାନେ ଦଳର ଏକ ବିଶେଷ ଶକ୍ତି। ଏମାନେ ସମାଜର ସବୁସ୍ତରକୁ ଯାଇ ସେବାରେ ନିଜକୁ ନିୟୋଜିତ କରିପାରିବେ ବୋଲି ଅତିଥିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ହିତେଶ ପାଣ୍ଡେ ଧନ୍ୟବାଦ ଦେଇଥିଲେ।



ଆପ୍‌ର ୟୁଥ୍ କନଭେନଶନରେ ଯୋଗ ଦେଇଥିବା ଯୁବକମାନେ।

## ଦିନକ ପରେ ନୂଆଁଖାଇ
# ପୁରପଲ୍ଲୀରେ ହର୍ଷ ଉଲ୍ଲାସ

**ନୂଆପଡ଼ା ଅଫିସ ୧୨।୯**

ପଶ୍ଚିମ ଓଡ଼ିଶାର ଗଣପର୍ବ କୁହାଯାଉଥିବା ନୂଆଁଖାଇ ପାଇଁ ଆଉ ଗୋଟିଏ ଦିନେ ବାକି ରହିଛି । ସବୁରି ମୁହଁରେ ଗୋଟିଏ କଥା ନୂଆଁଖାଇ ଆସିଛି । ଏଥିପାଇଁ ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ହର୍ଷ ଉଲ୍ଲାସର ବାତାବରଣ ଲାଗି ରହିଛି । ନୂଆଁଖାଇର

- ସବୁଘରେ ଲିପା ପୋଛା ସରିଲା
- ବିଦେଶରୁ ଫେରୁଛନ୍ତି ପରିବାର ସଦସ୍ୟ
- ଦୋକାନ ବଜାରରେ ଗହଳି

ଆଗମନରେ ଗାଁର ପରିବେଶ ବେଶ୍ ନିଆରା ହୋଇପଡ଼େ। ଘରେ ଘରେ ଘରେ ଲିପାପୋଛା ହୋଇଥାଏ। ପୁରୁଣା କପଡ଼ା, ବାସନକୁସନ ଆଦି ଧୁଆ ଯାଇଥାଏ। ବହୁ ପ୍ରାଚୀନ କାଳରୁ ଏହି ପରମ୍ପରା ଚାଲିଆସିଛି। ବର୍ଷକରେ ଥରେ ନୂଆଁଖାଇରେ ଘରକୁ ସଫାସୁତୁରା କରାଯିବାର ବିଧି ରହିଛି । ସମସ୍ତେ ନୂଆ ପୋଷାକ ପରିଧାନ କରି ନୂଆଁଖାଇ ପାଳନ କରିଥାନ୍ତି। ଏଥିପାଇଁ ଦୋକାନ ବଜାରରେ ଗହଳି ଜମିଛି। ଗାଁର ପୂଜାରୀ ନୂଆଁଖାଇ ପୂଜାପାଠ ପାଇଁ ସଜବାଜ ହେଲେଣି । ଚାଷୀମାନେ ଚାଷକାର୍ଯ୍ୟ ଶେଷ କରି ନୂଆଁ ଫସଲକୁ ଦେବୀଙ୍କୁ ଅର୍ପଣ କରି ଖାଇବେ। ସହରାଞ୍ଚଳରେ ନୂଆଁଖାଇରେ ମୁଖ୍ୟ ବ୍ୟଞ୍ଜନ ଭାବେ ବ୍ୟବହାର ହେବାକୁ ଥିବା ନୂଆଁ ଧାନ ଖୋଜା ଚାଲିଛି । ଏଥର ଟିକିଏ ବେଶ ଭଲ ବର୍ଷା ହୋଇଥିବାରୁ ଜିଲାର ବିଭିନ୍ନ ଜାଗାରେ ଚାଷ ଜମିରେ ନୂଆଁ ଧାନ ହୋଇଛି। ଛୋଟ ଚାଷୀ ଧାନ ବିକ୍ରି କରି ବେଶ୍ କିଛି ଅର୍ଣ୍ଣି ଧନ କମାଇବାକୁ ଆଶା ବାନ୍ଧିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରକୁ କାମ କରିଯାଇଥିବା ରୋଜଗାରିଆ ପୁଅମାନେ ଘରମୁହାଁ ହୋଇଛନ୍ତି। ପରିବାରର ଲୋକେ ସେମାନଙ୍କ ଆସିବା ବାଟକୁ ଚାହିଁ ରହିଛନ୍ତି। ସମସ୍ତେ ଏକାଠି ବସି ନୂଆଁ ଅନ୍ନ ଗ୍ରହଣ କରିବେ। ଏହିଦିନଠାରୁ ଆଗାମୀ ବର୍ଷକୁ ସୁଖଶାନ୍ତିରେ ଭରିଦେବାକୁ ସମସ୍ତେ ଏକସୂତ୍ରରେ ବାନ୍ଧି ହେବାକୁ ସଙ୍କଳ୍ପ ନେବେ।


ନୂଆପଡା ସହର ମୁଖ୍ୟ ରାସ୍ତାରେ ଜଣେ ଚାଷୀ ନୂଆଁଧାନ ବିକ୍ରି କରୁଛନ୍ତି।

### ଏହାକୁ ନେଇ ସେମାନେ ଯାହା କହନ୍ତି

"ପୁରୁଣା ବର୍ଷମାନଙ୍କ ଅପେକ୍ଷା ଏଥର ଭଲ ବର୍ଷା ହୋଇଛି। ନୂଆଁଖାଇ ପାଇଁ ଟିକିଏ ଉଲ୍ଲାସ ବଢ଼ିଛି।
**-ପରସୁରାମ ଅହୀର, ଚାଷୀ**

"ଏହା ଏକ ମୈତ୍ରିର ପର୍ବ। ଗାଁରେ ସମସ୍ତେ ଏକାଠି ହେବୁ। ସେଥି ସକାଶେ ଆମେ ସବୁ ଜଗି ରହିଛୁ। ଗାଁରେ ପୁରୁଣା ବନ୍ଧୁମାନଙ୍କ ସହ ଖୁସି ଗପ, ଖେଳାଖେଳି କରି ସମୟ ବିତାଇବୁ।
**-ଶରତ ହଂସ, ଲୁକୁପାଲି ଗ୍ରାମବାସୀ**

"ଆଗ ଭଳି ନୂଆଁଖାଇର ମଜା ଆଉ ନାହିଁ। ଗାଁଠୁ ସହର ସବୁଠି ପରିବାର ଭାଗବଣ୍ଟା ହୋଇଛି। ସମସ୍ତେ ଏକାଠି ବସି ନବାନ୍ନ ଖାଇବାର ମିଜାଜ୍ ଫିକା ହୋଇଛି।
**-ବିଶ୍ୱଦେବ ପଣ୍ଡା, ଶିକ୍ଷକ**

"ଏଥର ନୂଆଁଖାଇ ବଜାର ବେଶ୍ ଜମିଛି। ଆଗ ବର୍ଷ ଅପେକ୍ଷା ବେଶ୍ ବିକ୍ରିବଟା ହୋଇଛି।
**-ବିଜୟ ଚନ୍ଦ୍ରପାର, ଦୋକାନୀ**

"ବର୍ଷରେ ଯେତିକି ପର୍ବ ପାଳନ ହୋଇଥାଏ। ତନ୍ମଧ୍ୟରୁ ନୂଆଁଖାଇ ଭିନ୍ନ। ଏହାର ମଜା ନେବା ପାଇଁ ବହୁ ଦୂରରୁ ପାଠପଢ଼ା ଛାଡ଼ି ଆସିଛୁ।
**-ଦେବରାଜ ଭୋଇ, ଛାତ୍ର**


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
always with U
ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ,
ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍ ନଂ: ୦୬୭୬୨-୨୨୩୩୬୫

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ୍ଲେ /ଗାଡ଼ି ନଂ./ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ/ ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଜି.ଏନ୍. ପ୍ରସାଦ ଶାଖା / ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୨୫ / ରୋହିତ ନାଏକ | INDIGO ECS LS TDI / OR 02 BY 8914/ 03.2012 | ଟ.୯୬,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୨. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୪୩ / ସଂଗ୍ରାମ କେଶରୀ ଷଣ୍ଡ | BOLERO SLE 2WD 7 SEATER/ OR 06 K 3622 / 07.2012 | ଟ.୯୩,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୩. | ଜି.ଏନ୍. ପ୍ରସାଦ ଶାଖା/ ଫୋନ୍ ନଂ.: ୯୮୫୩୬୬୯୯୪୫ (ମୋ)/ ୦୫୩୦୦୩୩୩୧୨୦୦୦୦୪ / ଧନେଶ୍ୱର ମହାରଣା | MAHINDRA MAXIMO MINI VAN BS3 / OR 19 N 3659 / 12.2011 | ଟ.୬୧,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଜି.ଏନ୍. ପ୍ରସାଦ ଶାଖାକୁ ପୈଠ | ୨୭.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଜି.ଏନ୍. ପ୍ରସାଦ ଶାଖା | ଜି.ଏନ୍. ପ୍ରସାଦ, କାର୍ତ୍ତିକେଶ୍ୱର କଅଁର, ସା/ପୋ: ଜି.ଏନ୍. ପ୍ରସାଦ ମୋ: ୭୪୩୭୮୦୦୫୯୭ |
| ୪. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୧୩ / ବିକାଶ ସାହୁ | SCORPIO VLX/ OR 02 BX 2220 / 01.2012 | ଟ.୨,୭୨,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୫. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୫୬ / ବିକାଶ ସାହୁ | BOLERO LX / OR 19 M 6120 / 08.2011 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୬. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୦୨ / ସନ୍ତୋଷ କୁମାର ସାହୁ | TATA LPT TRUCK 2518 / OR 19 K 9877 / 2010 | ଟ.୪,୦୮,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୭. | ହାଣ୍ଡିଧୁଆ ଶାଖା/ ଫୋନ୍ ନଂ.: ୮୬୫୮୧୮୮୨୬(ମୋ)/ ୦୫୫୩୦୩୧୭୧୨୦୦୦୨୮ / ଦିନେଶ କୁମାର ରାଉତ | BOLERO XL 2WD / OR 19 P 5845 / 06.2012 | ଟ.୧,୭୦,୦୦୦/- / ଟ.୧୦,୦୦୦/- | ୨୭.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୨୭.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ହାଣ୍ଡିଧୁଆ ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୮. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୫ / ଅଲିଫ କୁମାର ସାହୁ | TATA MAGIC / OR 19 P 5130 / 2012 | ଟ.୫୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୯. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୦୩ / କାଳନ୍ଦୀ ଚରଣ ମହାରଣା | TATA ACE / OR 19 P 0767 / 2012 | ଟ.୬୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୦. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪ (ମୋ)/ ୦୫୪୨୦୩୧୭୧୨୦୦୦୧୩ / ପତି ଗଡନାୟକ | TATA ACE ZIP / OD 19 0285 / 05.2012 | ଟ.୩୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୨୮.୦୯.୨୦୧୮, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ନାଲମ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୧. | ବଜାରପଡା ଶାଖା / ଫୋନ୍ ନଂ.: ୯୪୩୯୮୬୧୧୩୪ (ମୋ)/ ୦୫୫୪୦୩୧୭୧୨୦୦୦୧୧ / ପର୍ଶୁରାମ ସାହୁ | MASSEY FERGUSON 241 DI / OD 19 A 1620 / 12.2012 | ଟ.୧,୩୬,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବଜାରପଡା ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ବଜାରପଡା ଶାଖା | ଝିରିଣ୍ଡାମାଳି (କାମାକ୍ଷନଗର), ଇନ୍ଦ୍ରମଣୀ ସାହୁ ମୋ: ୯୯୩୮୯୦୩୩୬୬ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୧୦୦୦୧୮ / ସତ୍ୟବାନ ବେହେରା | APE AUTO / OR 19 N 0054 / 11.2012 | ଟ.୩୦,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୩. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୪୯ / ଶ୍ରୀମତୀ ମୀନତି ବେହେରା | APE CARGO / OD 19 5287 / 10.2012 | ଟ.୪୮,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୪. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬ (ମୋ)/ ୦୫୧୪୦୩୧୭୧୨୦୦୦୫୨ / ପ୍ରକାଶ ନାଏକ | PIAGGIO APE XTRA LD / OD 19 5717 / 08.2012 | ଟ.୨୭,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / କଳମଛୁଇଁ ଶାଖା | ମଳୟ କୁମାର ସାହୁ, ଏନ୍.ଏଚ୍. କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ: ୯୯୩୭୨୪୧୮୫୪ |
| ୧୫. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୧୧୭୧୨୦୦୦୪ / ଛବି ରାଣୀ ସାହୁ | BOLERO XL 2WD / OR 19 N 5490 / 01.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୬. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୧୫ / ହରିହର ସାହୁ | JOHN DEERE TRACTOR WITH TRAILER / OR 19 A 7244 / 7376 / 5.2012 | ଟ.୧,୨୪,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୭. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୩୦ / ସୁମନ୍ତ ବେହେରା | JOHN DEERE TRACTOR 5103S WITH TRAILER / OD 19 3802 / 3803 / 10.2012 | ଟ.୧,୩୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |
| ୧୮. | ଖମାର ଶାଖା / ଫୋନ୍ ନଂ.: ୭୦୦୮୦୦୩୮୧୭ (ମୋ)/ ୦୫୩୫୦୩୬୪୧୨୦୦୦୨୬ / କପିଳେଶ୍ୱର ପ୍ରଧାନ | SWARAJ 834 XM TRACTOR/ OD 19 0702 / 08.2012 | ଟ.୧,୦୫,୦୦୦/- / ଟ.୧୦,୦୦୦/- | ୨୮.୦୯.୨୦୧୮, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖମାର ଶାଖାକୁ ପୈଠ | ୨୮.୦୯.୨୦୧୮/ ଅପରାହ୍ନ ୩.୦୦ ଘଟିକା / ଖମାର ଶାଖା | ତୁବେ, ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ: ୯୯୩୮୫୪୦୬୭୦ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା.୨୭.୦୯.୨୦୧୮ ଏବଂ ୨୮.୦୯.୨୦୧୮ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତରେ ଉପର ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସଂପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂ ୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମ ରାଶିର ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ତମ୍ଭରେ ଦର୍ଶିତ ପୈଠ ସ୍ଥାନକୁ** ପୈଠ ଦର୍ଶାଇ ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିଟି ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ/ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

**ସ୍ଥାନ: ଢେଙ୍କାନାଳ**
**ତାରିଖ: ୧୨.୦୯.୨୦୧୮**

**ଆଞ୍ଚଳିକ ପ୍ରବନ୍ଧକ,**
**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ**